# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୩୧/୨୦୨୨ (୧୨ ପୃଷ୍ଠା) | Bhubaneswar, Tuesday, May 31/2022 | Page 12 | ₹ 7.00 | ★★★★

୪୮ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ୱାର୍ଲ୍ଡ ରେକର୍ଡ କଲେ ନୁଶରତ**

ହିନ୍ଦୀ ଫିଲ୍ମ 'ଜନହିତ ମେ ଜାରି'ର ପ୍ରମୋଶନ ବେଳେ ୬୦୦୦ ମହିଳାଙ୍କ ସହ ନାଚି ବଲିଉଡ୍ ନାୟିକା ନୁଶରତ ଭାରୁଚା ୱାର୍ଲ୍ଡ ରେକର୍ଡ କରିଛନ୍ତି।

୦୯

୧୨

**ଗ୍ରୀସ୍‌ରେ ମୁରଲୀଙ୍କୁ ସ୍ୱର୍ଣ୍ଣ ପଦକ**

ଗ୍ରୀସ୍‌ର ଚାନିଆଠାରେ ଅନୁଷ୍ଠିତ ଭେନିଜେଲିଆ-ଚାନିଆ ଆଥ୍‌ଲେଟିକ୍ସ ମିଟ୍ ଲଙ୍ଗ୍‌ଜମ୍ପରେ ଭାରତର ମୁରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଦ୍ୱନ୍ଦ୍ୱ ସାଙ୍ଗକୁ ଶୋଷଣ ଭୟ

## ପୁରୁଣା ଗାଡ଼ି ପାଇଁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍

- ଜୁନ୍ ୧ରୁ ଏସ୍‌ଆଇଏଏମ୍ ପୋର୍ଟାଲରେ ଆବେଦନ ଆରମ୍ଭ
- ମାତ୍ର ୪ ସଂସ୍ଥା ବଦଳାଇବେ ନମ୍ବର ପ୍ଲେଟ୍
- କୌଣସି ଧାର୍ଯ୍ୟ ମୂଲ୍ୟ ନାହିଁ
- ୭ ମାସରେ ବଦଳିବ ୪୫ ଲକ୍ଷ ପୁରୁଣା ଗାଡ଼ି ନମ୍ବର
- କାଗଜପତ୍ର ଠିକ୍ ନ ଥିଲେ ବଦଳା ଯାଇପାରିବନି

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ରାଜ୍ୟରେ ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ସମସ୍ତ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଯାଇ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲାଗିବ। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ନୂଆ ନମ୍ବର ପ୍ଲେଟ ଲଗାଇବାକୁ ପଡ଼ିବ। ଏହାକୁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମେ' ୨୬ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଜୁନ୍ ମାସକୁ ଧରିଲେ ୭ ମାସ ଭିତରେ ରାଜ୍ୟରେ ଥିବା ପ୍ରାୟ ୪୫ ଲକ୍ଷ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଯିବ। ଏହି ସମୟ ଭିତରେ ନମ୍ବର ପ୍ଲେଟ୍ କିଭଳି ବଦଳାଯିବ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେବଳ ସ୍ୱୀକୃତିପ୍ରାପ୍ତ ଡିଲର ନିକଟରେ ନମ୍ବର ପ୍ଲେଟ୍ ବଦଳା ଯାଇପାରିବ। ନମ୍ବର ପ୍ଲେଟ୍ ବଦଳାଇବା ଲାଗି ସମଗ୍ର ଦେଶ ପାଇଁ ୪୫ଟି ସ୍ୱୀକୃତିପ୍ରାପ୍ତ ସଂସ୍ଥା ରହିଥିବା ବେଳେ ଓଡ଼ିଶା ନିମନ୍ତେ ୪ଟି ରହିଛି। କେବଳ ସେହି ସଂସ୍ଥା ହିଁ ନମ୍ବର ପ୍ଲେଟ୍ ବଦଳାଇବେ। ନୂଆ ନମ୍ବର ପ୍ଲେଟ୍ ପାଇଁ ଯାନବାହନ ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫ୍ୟାକ୍ଚର୍ସ (ଏସ୍‌ଆଇଏଏମ୍) ପୋର୍ଟାଲରେ ହିଁ ଆବେଦନ କରିବାକୁ ହେବ, ଯାହାକି ଜୁନ୍ ୧ରୁ ଆରମ୍ଭ ହେବ। ଆବେଦନ ପରେ ଏଚ୍‌ଏସ୍‌ଆର୍‌ପି ନମ୍ବର ପ୍ଲେଟ୍ କେଉଁ ଭେଣ୍ଡରଙ୍କ ପାଖରେ ଉପଲବ୍ଧ ହୋଇପାରିବ, କେଉଁଠି ଓ କେତେବେଳେ ବଦଳାଯିବ ଓ କେତେ




ଟଙ୍କା ଦେବାକୁ ହେବ, ତାହା ପ୍ରଦର୍ଶିତ ହେବ। ଗାଡ଼ି ମାଲିକ ସେମାନଙ୍କ ସୁବିଧା ଅନୁଯାୟୀ ଏଜେନ୍ସି ବାଛିବେ। ଭେଣ୍ଡର କିମ୍ବା ଏଜେନ୍ସି କେଉଁ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବା ବାବଦରେ କେତେ ଟଙ୍କା ନେଉଛନ୍ତି ତାହାକୁ ନିଜ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବେ। ଗାଡ଼ିର ଫିଟ୍‌ନେସ, ବୀମା, ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ପର୍ମିଟ, ପ୍ରଦୂଷଣ ସାର୍ଟିଫିକେଟ(ପିୟୁସି) ନ ଥିଲେ ଏବଂ ଟ୍ୟାକ୍ସ ଦିଆଯାଇ ନ ଥିଲେ ନୂଆ ନମ୍ବର ପ୍ଲେଟ୍ ମିଳିବ ନାହିଁ। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟର ଗାଡ଼ି ନମ୍ବର ଏଠାରେ ବଦଳା ଯାଇପାରିବ ନାହିଁ। ଅନ୍ୟ ରାଜ୍ୟର ନମ୍ବର ପ୍ଲେଟ୍ ବଦଳାଇବାକୁ ହେଲେ ସେଥିପାଇଁ ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ଆଣିବାକୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟ ପରିବହନ କମିଶନର ପୁରୁଣା ଗାଡ଼ି ନମ୍ବର ପ୍ଲେଟ୍ ବଦଳାଇବା ନେଇ ତାରିଖ ଧାର୍ଯ୍ୟ କରିବା ପରେ ମାଲିକମାନେ ଚିନ୍ତାରେ ପଡ଼ିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ପରିବହନ ବିଭାଗ ନମ୍ବର ପ୍ଲେଟ୍ ବଦଳାଇବା କାମ ଗାଡ଼ି ନିର୍ମାଣକାରୀ ସଂସ୍ଥା ହାତକୁ ଟେକିଦେଇଛି। ୪ଟି ସଂସ୍ଥା ଏବେ ରାଜ୍ୟରେ ପ୍ରତି ମାସରେ ୭ରୁ ୮ ଲକ୍ଷ ନୂଆ ଗାଡ଼ିର ନମ୍ବର ପ୍ଲେଟ୍ ଲଗାଉଛନ୍ତି। ଏଥିସହିତ ପୁରୁଣା ଗାଡ଼ିର ନମ୍ବର ପ୍ଲେଟ୍ ☞ପୃଷ୍ଠା–୪

# ମୋଦିଙ୍କୁ ଭେଟିଲେ ନବୀନ



**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ସୋମବାରଠାରୁ ୩ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ କରି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ଲାଗିରହିଥିବା ବିବାଦ ଏବଂ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପରିପ୍ରେକ୍ଷୀରେ ନବୀନଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି।

(ସବିଶେଷ ରିପୋର୍ଟ: ପୃଷ୍ଠା–୩)

# ଶ୍ରୁତି ଶର୍ମା ସର୍ବଭାରତୀୟ ଟପ୍ପର

## ସିଭିଲ ସର୍ଭିସ ପରୀକ୍ଷା ଫଳ ୨୦୨୧ ପ୍ରକାଶ

- କୃତକାର୍ଯ୍ୟ ୬୮୫ଜଣଙ୍କ ମଧ୍ୟରୁ ଓଡ଼ିଶାର ୧୫
- ପ୍ରଥମ ୪ ସ୍ଥାନରେ ଛାତ୍ରୀ
- କାର୍ତ୍ତିକ ପାଣିଗ୍ରାହୀ ଓଡ଼ିଶା ଟପ୍ପର
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୩୦।୫**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୧ ସିଭିଲ ସର୍ଭିସ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ମୋଟ ୬୮୫ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଉତ୍ତରପ୍ରଦେଶର ଶ୍ରୁତି ଶର୍ମା ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ତେବେ ପ୍ରଥମ ୪ ସ୍ଥାନରେ ଛାତ୍ରୀ ରହିଥିବାବେଳେ ଦ୍ୱିତୀୟରେ ଅଙ୍କିତା ଅଗ୍ରୱାଲ, ତୃତୀୟରେ ଗାମିନୀ ସିଙ୍ଗ୍‌ଲ ଓ ଚତୁର୍ଥରେ ଐଶ୍ୱର୍ଯ୍ୟା ବର୍ମା ରହିଛନ୍ତି।



ସେହିପରି ପଞ୍ଚମରେ ଉତ୍କର୍ଷ ଦ୍ୱିବେଦୀ, ଷଷ୍ଠରେ ୟଶ୍ ଚୌଧୁରୀ, ସପ୍ତମରେ ସମ୍ୟକ ଏସ୍. ଜୈନ, ଅଷ୍ଟମରେ ଇସିତା ରଥି, ନବମରେ ପ୍ରୀତମ କୁମାର ଓ ଦଶମରେ ହରକୀରତ ସିଂହ ରାନ୍ଧୱା ରହିଛନ୍ତି। ଅନ୍ୟପକ୍ଷରେ ଏହି ପରୀକ୍ଷାରେ ୧୫ଜଣ ଓଡ଼ିଆ କୃତକାର୍ଯ୍ୟ ହୋଇଥିବାବେଳେ ପ୍ରଥମ ଶହେଜଣଙ୍କ ମଧ୍ୟରେ ୩ଜଣ ଅଛନ୍ତି। ☞ପୃଷ୍ଠା–୪

# ମୃତ୍ୟୁ ପୂର୍ବରୁ ହୋଇଥିଲା ଛାଡ଼ପତ୍ର

- ବର୍ଷକୁ ଥରେ ସପରିବାର ବୁଲିଯିବାକୁ କହିଥିଲେ କୋର୍ଟ
- ବିମାନରେ ଏକାଠି ଯାତ୍ରାର ଦୁଃଖଦ ଅନ୍ତ

**କାଠମାଣ୍ଡୁ/ଠାଣେ, ୩୦।୫**

ବିମାନ ଯୋଗେ ନେପାଳ ବୁଲି ଯାଇଥିବା ଓଡ଼ିଆ ଦମ୍ପତି ଅଶୋକ ତ୍ରିପାଠୀ ଏବଂ ବୈଭବୀ ତ୍ରିପାଠୀଙ୍କ ଯାତ୍ରାର ଦୁଃଖଦ ଅନ୍ତ ଘଟିଛି। ସେମାନଙ୍କ ସହ ଦୁଇ ପିଲା ମଧ୍ୟ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ପୂର୍ବରୁ ଅଶୋକ ଓ ବୈଭବୀଙ୍କ ଛାଡ଼ପତ୍ର ହୋଇସାରିଥିଲା ଏବଂ ସେମାନେ ଅଲଗା ରହୁଥିଲେ। ହେଲେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସାଙ୍ଗ ହୋଇ ବୁଲିବାକୁ ଯାଇଥିବାବେଳେ ସେମାନେ ଏକାଠି ମୃତ୍ୟୁର ହାତ ଧରି ଆରପାରିକୁ ଚାଲିଯାଇଛନ୍ତି।

ଅଶୋକ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସ୍ତ୍ରୀ ବୈଭବୀ ମୁମ୍ବାଇର ବାସିନ୍ଦା। ଉଭୟ ପ୍ରେମବିବାହ କରିଥିଲେ।



ହେଲେ କିଛି ଦିନ ତଳେ ଠାଣେସ୍ଥିତ ଫ୍ୟାମିଲି କୋର୍ଟରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା। ଅଶୋକ ଭୁବନେଶ୍ୱର ଜୟଦେବ ବିହାରରେ ରହୁଥିବାବେଳେ ବୈଭବୀ ମୁମ୍ବାଇର ବିକେସି ଫାର୍ମରେ କାମ କରୁଥିଲେ। ☞ପୃଷ୍ଠା–୪

## ସମସ୍ତ ୨୨ ଯାତ୍ରୀ ମୃତ

### ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ମିଳିଲା

**କାଠମାଣ୍ଡୁ, ୩୦।୫**

ନେପାଳରେ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ଘରୋଇ ବିମାନ ତାରା ଏୟାର ଲାଇନ୍ସର ଟ୍ୱିନ୍ ଅଟର ୯ ଏନ୍‌ଏଇଟିର ଭଗ୍ନାବଶେଷ ମୁସ୍ତାଙ୍ଗରୁ ମିଳିଛି। ଏଥିରେ ଥିବା ସମସ୍ତ ୨୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଉଦ୍ଧାରକାରୀ ଟିମ୍ ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୨୧ ଜଣଙ୍କ ମୃତଦେହ ଜବତ କରିଛି। ତାରା ଏୟାର ଲାଇନ୍ସ ପକ୍ଷରୁ ଜାରି ଯାତ୍ରୀ ତାଲିକା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଲଜ୍ଜା ହିଁ ଲଜ୍ଜା**

## ଆଜି ବ୍ରଜରାଜନଗର ଉପନିର୍ବାଚନ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ବ୍ରଜରାଜନଗର ଉପନିର୍ବାଚନ ମଙ୍ଗଳବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୨,୧୪, ୮୭୮ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି। ସମୁଦାୟ ୨୭୯ ବୁଥ୍‌ରେ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ ☞ପୃଷ୍ଠା–୪

## ସତ୍ୟେନ୍ଦ୍ର ଜୈନ ଗିରଫ



**ନୂଆଦିଲ୍ଲୀ,୩୦।୫**

ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଗିରଫ କରିଛି। ୨୦୧୫–୧୬ରେ ସରକାରୀ ଅଧିକାରୀ ଥିବା ଜୈନ କୋଲକାତାର କେତେକ କମ୍ପାନୀ ସହ ହାୱାଲା କାରବାରରେ ସମ୍ପୃକ୍ତ ଥିବା ଇଡି ଅଭିଯୋଗ କରିଛି। ଏହି ହାୱାଲା ସିଷ୍ଟମରେ ଉଭୟ ପକ୍ଷ ସ୍ଥାନୀୟ ଏଜେଣ୍ଟଙ୍କ ☞ପୃଷ୍ଠା–୪







ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ମେ, ୨୦୨୨



## ୨ ଆତଙ୍କବାଦୀ ନିହତ

କଶ୍ମୀର ପୁଲଓ୍ୱାମା ଜିଲା ଅନ୍ତର୍ଗତ ଗୁଣ୍ଡିପୋରା ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରେ ପୋଲିସର ସର୍ଚ୍ଚ ଅପରେଶନ୍ ଜାରି ଥିବାବେଳେ ପୋଲିସ ସେମାନଙ୍କ ନିକଟରୁ ଦୁଇଟି ଏକେ ରାଇଫଲ ଜବତ କରିଛି। ୧୩ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା କନଷ୍ଟେବଲ ରିୟାଜ୍ ଅହମଦଙ୍କ ହତ୍ୟା ପଛରେ ନିହତ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା କଶ୍ମୀର ପୋଲିସ ଆଇଜି ବିଜୟ କୁମାର କହିଛନ୍ତି।

## ସଂକ୍ଷେପରେ

### ଟିକାଏତ୍‌ଙ୍କୁ କାଳିମାଡ଼



**ବେଙ୍ଗାଲୁରୁ,୩୦ା୫ :** ବେଙ୍ଗାଲୁରୁର ଗାନ୍ଧୀ ଭବନରେ ସୋମବାର ଚାଷୀମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା କୃଷକ ନେତା ରାକେଶ ଟିକାଏତ୍‌ଙ୍କୁ କାଳି ମାଡ଼ ହୋଇଛି। ଏହି ଘଟଣା ପରେ ଆୟୋଜକ ଏବଂ କାଳି ଫିଙ୍ଗିଥିବା ଦୁର୍ବୃତ୍ତଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ପ୍ଲାଷ୍ଟିକ୍ ଚେୟାରରେ ଆକ୍ରମଣ କରିଥିଲେ। ଆକ୍ରମଣ ପଛରେ ରାଜ୍ୟ ସରକାରଙ୍କ ହାତ ଥିବା ଟିକାଏତ୍ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୋଲିସ ଚାଷୀଙ୍କ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ଯୋଗାଇ ଦେଇ ନ ଥିଲା। ଆକ୍ରମଣ ଆଶଙ୍କା ଥିବା ନେଇ ପୋଲିସକୁ ଜଣାଇବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା ବୋଲି ଜଣେ ଆୟୋଜକ କହିଛନ୍ତି। କାଳି ଫିଙ୍ଗା ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ‘ଭବିଷ୍ୟତରେ ତ୍ରିରଙ୍ଗାର ସ୍ଥାନ ନେଇପାରେ ଗୈରିକ ରଙ୍ଗ ପତାକା’



**ବେଙ୍ଗାଲୁରୁ, ୩୦ା୫:** କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା କେ.ଏସ୍ ଈଶ୍ୱରପ୍ପାଙ୍କ ମନ୍ତବ୍ୟ ପୁଣିଥରେ ତାଙ୍କୁ ବିବାଦ ଭିତରକୁ ଟାଣିଆଣିଛି। ଗୈରିକ ରଙ୍ଗର ପତାକା ଭବିଷ୍ୟତରେ ଜାତୀୟ ପତାକାର ସ୍ଥାନ ନେବ ବୋଲି ସେ କହିଛନ୍ତି। ଦେଶରେ କେଶର ରଙ୍ଗର ପତାକା ତ୍ୟାଗର ପ୍ରତୀକ । ଆର୍‌ଏସ୍‌ଏସ୍‌ର ପ୍ରତ୍ୟେକ ସଦସ୍ୟ ଏହି ପତାକା ତଳେ ଛିଡ଼ାହୋଇ ଶପଥ ନେଉଥିବାବେଳେ ଏହା ଜାତୀୟ ପତାକାର ମାନ୍ୟତା ଯେକୌଣସି ମୁହୂର୍ତ୍ତରେ ପାଇବାର ସମ୍ଭାବନା ରହିଛି। ଭାରତୀୟ ସମ୍ବିଧାନ ଅନୁସାରେ ତ୍ରିରଙ୍ଗା ଆମର ଜାତୀୟ ପ୍ରତାକା ହୋଇଥିବାବେଳେ ଆମେ ଏହାକୁ ଯଥାସମ୍ଭବ ସମ୍ମାନ ଜଣାଉଥିବା ସେ କହିଛନ୍ତି। ଗତ ଫେବୃୟାରୀରେ ପତାକାକୁ ନେଇ ଈଶ୍ୱରପ୍ପା କହିଥିଲେ ଯେ, ଭାରତକୁ ହିନ୍ଦୁ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ଆମେ ଦେଶର ପ୍ରତ୍ୟେକ ସ୍ଥାନରେ ଗୈରିକ ରଙ୍ଗର ପତାକା ଉତ୍ତୋଳନ କରିବୁ ।

### ଦିଲ୍ଲୀରେ ପ୍ରବଳ ବର୍ଷା: ୨ ମୃତ

**ନୂଆଦିଲ୍ଲୀ,୩୦ା୫:** ଦିଲ୍ଲୀରେ ସୋମବାର ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ସାଙ୍ଗକୁ କୁଆପଥର ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ ଜାମା ମସଜିଦ ଅଞ୍ଚଳରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ବାଲକୋନିରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତର ଦିଲ୍ଲୀରେ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜାମା ମସଜିଦ୍‌ର ମଝି ଗମ୍ବୁଜ କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଗଛ ବର୍ଷା ପବନରେ ଉପୁଡ଼ି ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ଜାମ୍ ହୋଇଛି। ପବନର ଘଣ୍ଟାପ୍ରତି ବେଗ ୧୦୦ କିଲୋମିଟର ଥିଲା। ୨୦୧୮ ପରେ ଦିଲ୍ଲୀରେ ଏହା ସବୁଠୁ ବଡ଼ ଝଡ଼ ବୋଲି ପାଣିପାଗ ବିଭାଗ କହିଛି।

# ଚାଇନାକୁ କୂଟନୈତିକ ଝଟକା

## ଆଞ୍ଚଳିକ ସୁରକ୍ଷା ଚୁକ୍ତି କଲେନି ୧୦ ଦ୍ୱୀପଦେଶ

**ସୁବା/ବେଜିଂ, ୩୦ା୫**

ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ନିଜ ଆଧିପତ୍ୟ ଜାହିର କରିବା ନିମନ୍ତେ ପ୍ରୟାସ କରୁଥିବା ଚାଇନାକୁ ବଡ଼ ଝଟକା ଲାଗିଛି। ପାସିଫିକ୍ ଦ୍ୱୀପଦେଶ ବେଜିଂ ଜାଲରେ ଫସିବାକୁ ନେଇ ଆଶଙ୍କା ଲାଗି ରହିଥିବାବେଳେ ଏହି କ୍ଷେତ୍ରରେ କିନ୍ତୁ ଚାଇନାର କୂଟନୈତିକ ପରାଜୟ ହୋଇଛି। ୧୦ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶ ବେଜିଂ ସହ ଆଞ୍ଚଳିକ ସୁରକ୍ଷା ଚୁକ୍ତି କରିବାକୁ ସୋମବାର ମନା କରିଦେଇଛନ୍ତି। ଫିଜିରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ଇ ଏବଂ ଛୋଟ ଦ୍ୱୀପଦେଶଗୁଡ଼ିକ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ୧୦ ଦ୍ୱୀପଦେଶର ବହିର୍ବ୍ୟାପାର ମନ୍ତ୍ରୀ ଉପସ୍ଥିତ ଥିଲେ। ହେଲେ ବୈଠକରେ ଚାଇନା ସହ କୌଣସି ପ୍ରକାର ସୁରକ୍ଷା ଚୁକ୍ତିନାମା ସ୍ୱାକ୍ଷର ହୋଇପାରି ନ ଥିବା ଜଣାଯାଇଛି। ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଫିଜି ପ୍ରଧାନମନ୍ତ୍ରୀ ଫ୍ରାଙ୍କ୍ ବାଇନିମାରାମା ଏବଂ ୱାଙ୍ଗ୍ ୩୦ ମିନିଟ୍ ଧରି ଉଦ୍‌ବୋଧନ ଦେଇଥିଲେ ହେଁ ଖବରଦାତାଙ୍କ କୌଣସି ପ୍ରଶ୍ନର ଉତ୍ତର ନ ଦେଇ ସେଠାରୁ ଉଠିଯାଇଥିଲେ।

ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଚାଇନା ନିଜ ଗତିବିଧି ବଢ଼ାଇବା ପାଇଁ ପ୍ରସ୍ତୁତି ଚଳାଇଛି।



ଫିଜି ରାଷ୍ଟ୍ରପତି ୱିଲିଆମେ କାଟୋନିଭେରଙ୍କ ସହ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ଇ (ବାମ)।

ଏହାଦ୍ୱାରା ବେଜିଂ ସିଧାସଳଖ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରକୁ ଚ୍ୟାଲେଞ୍ଜ କରୁଛି। ପ୍ରସ୍ତାବିତ ଚୁକ୍ତି ଅନୁସାରେ, ବେଜିଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶର ପୋଲିସକୁ ତାଲିମ ଦେବା, ସାଇବର ସୁରକ୍ଷା, ଚାଇନା ସହ ରାଜନୈତିକ ସମ୍ପର୍କ ବଢ଼ାଇବା ଆଦି ରହିଥିଲା। ଏହା ବଦଳରେ ଚାଇନା ସମ୍ବେଦନଶୀଳ ସାମୁଦ୍ରିକ ମ୍ୟାପିଂ, ଦ୍ୱୀପରେ ଥିବା ପ୍ରାକୃତିକ ସମ୍ପଦ ହାସଲ ସହ ଜଳପଥରେ ଅବାଧ ପ୍ରବେଶ କରିପାରିବାର ଲକ୍ଷ୍ୟ ରଖିଥିଲା। ଏଥିପାଇଁ ଚାଇନା ନିୟୁତ ନିୟୁତ ଡଲାରର ଦେବାକୁ ପ୍ରସ୍ତାବ ଦେଇଥିଲା। ଏହାସହ ଚାଇନାର ପ୍ରାୟ ୧୪୦ କୋଟି ଲୋକସଂଖ୍ୟା ବିଶିଷ୍ଟ ବିଶାଳ ବଜାରରେ ଦ୍ୱୀପଦେଶଗୁଡ଼ିକ ମୁକ୍ତ ବାଣିଜ୍ୟ କରିବା ନିମନ୍ତେ ଚୁକ୍ତି କରିବା ପାଇଁ ଆଗଭର ହୋଇଥିଲା। ଚାଇନାର ଏଭଳି ଅଫର୍‌କୁ ନେଇ ପାସିଫିକ୍ ନେତାମାନେ ଚିନ୍ତାବ୍ୟକ୍ତ କରିଥିଲେ। ଫେଡେରାଲ ଷ୍ଟେଟ୍ ଅଫ୍ ମିକ୍ରୋନେସିଆର ରାଷ୍ଟ୍ରପତି ଡେଭିଡ୍ ପାନୁଲୋ ନିଜ ସହଯୋଗୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଥିଲେ। ଚାଇନା ଭଲ ଉଦ୍ଦେଶ୍ୟରେ ଏପରି କରୁ ନ ଥିବା ଏବଂ ସରକାର ଓ ଦେଶର ଅର୍ଥ ବ୍ୟବସ୍ଥାକୁ ବେଜିଂ ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଥିବା ସେ ଚେତାଇ ଦେଇଥିଲେ। ଏହା ଆଉ ଏକ ଶୀତଳ ଯୁଦ୍ଧର କାରଣ ହୋଇପାରେ ଏବଂ ଆଉ ଗୋଟିଏ ବିଶ୍ୱଯୁଦ୍ଧକୁ ଡାକି ଆଣିପାରେ ବୋଲି ଡେଭିଡ୍ କହିଥିଲେ। ମିକ୍ରୋନେସିଆ ସମେତ ପପୁଆ ନ୍ୟୁ ଗୁଏନା, ସମୋଆ ମଧ୍ୟ ଚାଇନାର ଏହି ପ୍ରସ୍ତାବକୁ ନେଇ ଚିନ୍ତିତ ଥିଲେ।

ଅପରପକ୍ଷେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ଇଙ୍କ ୧୦ ଦିନିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗସ୍ତ ସଫଳ ହୋଇଥିବା ନେଇ ବେଜିଂ ଅଧିକାରୀ ଦେଖାଇବାକୁ ଚେଷ୍ଟା କରୁଛନ୍ତି। ଆଲୋଚନାବେଳେ ଚାଇନା ପକ୍ଷରୁ ଚୁକ୍ତି ପାଇଁ ସେତେ ଜୋର ଦିଆଯାଇ ନ ଥିଲା ବୋଲି ବେଜିଂ କହିଛି। ବିଫଳତା ଲୁଚାଇବା ପାଇଁ ୱାଙ୍ଗ୍ ମଧ୍ୟ ଚେଷ୍ଟା କରିଛନ୍ତି। ୧୦ ଦ୍ୱୀପଦେଶ ଚାଇନାର ‘ବେଲ୍ଟ ଆଣ୍ଡ୍ ରୋଡ୍’ ପ୍ରୋଜେକ୍ଟ ସଂକ୍ରାନ୍ତୀୟ ଚୁକ୍ତି ସ୍ୱାକ୍ଷର କରିଥିବା ୱାଙ୍ଗ୍ କହିଛନ୍ତି। ତେବେ ୱାଙ୍ଗ୍‌ଙ୍କ ଗସ୍ତ ବେଳେ ଏହି ଦ୍ୱୀପଦେଶଗୁଡ଼ିକ ସହ ଏକାଧିକ ଛୋଟ ଛୋଟ ଦ୍ୱିପାକ୍ଷିକ ଚୁକ୍ତି ହୋଇଛି।

## ରୁଷିଆକୁ ଟାର୍ଗେଟ ପାଇଁ ରକେଟ୍ ୟୁକ୍ରେନ୍‌କୁ ଦେବନି ଆମେରିକା

**ୱାଶିଂଟନ୍, ୩୦ା୫**

ୟୁକ୍ରେନ୍ ସୀମାରୁ ରୁଷିଆ ପର୍ଯ୍ୟନ୍ତ ରେଞ୍ଜର ରକେଟ୍ ଆମେରିକା ଏହି ପୂର୍ବ ୟୁରୋପୀୟ ଦେଶକୁ ପଠାଇବ ନାହିଁ। ୱାଶିଂଟନ୍ ୟୁକ୍ରେନ୍‌କୁ ଦୀର୍ଘ ଲକ୍ଷ୍ୟସ୍ଥଳ ଭେଦିବା ଭଳି ରକେଟ ସିଷ୍ଟମ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ୟୁକ୍ରେନ୍‌ରୁ ରୁଷିଆ ସୀମା ଚପିପାରୁଥିବା ରକେଟ୍ ସିଷ୍ଟମ କିଭ୍‌କୁ ପ୍ରଦାନ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର କହିଛନ୍ତି। ଦୂର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ରକେଟ୍ ସିଷ୍ଟମ ପଠାଇବା ନିମନ୍ତେ ୟୁକ୍ରେନ୍ ବାରମ୍ବାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକୁ ନିବେଦନ କରିଆସୁଛି।

## ୟୁକ୍ରେନ୍‌ରେ ଫ୍ରାନ୍ସ ଖବରଦାତା ନିହତ



**କିଭ୍, ୩୦ା୫**

ୟୁକ୍ରେନ୍‌ରେ ରିପୋର୍ଟିଂ କରୁଥିବା ଫ୍ରାନ୍ସର ଜଣେ ଖବରଦାତା ଫ୍ରେଡେରିକ୍ ଲିକ୍ଲର୍କ-ଇମହୋଫ୍‌ଙ୍କ ମୃତ୍ୟୁ ଘଟିଛି। ଏ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ସୋମବାର ଏକ ଟୁଇଟ୍ କରି ସୂଚନା ଦେଇଛନ୍ତି। ମାକ୍ରଁ କହିଛନ୍ତି, ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣର ଦୃଶ୍ୟ ସମସ୍ତଙ୍କ ସାମ୍ନାକୁ ଆଣିବାକୁ ଫ୍ରେଡେରିକ୍ ସେଠାକୁ ଯାଇଥିଲେ। ପୂର୍ବ ୟୁକ୍ରେନ୍‌ର ସେଭେରୋଡୋନେସ୍କରେ ରୁଷିଆର ବୋମା ଆକ୍ରମଣରୁ ବର୍ତ୍ତିବା ପାଇଁ ଏକ ଉଦ୍ଧାରକାରୀ ବସ୍‌ରେ ଫ୍ରେଡେରିକ୍‌ଙ୍କ ସହ ବହୁସଂଖ୍ୟାରେ ସ୍ଥାନୀୟ ଲୋକଙ୍କୁ ଭର୍ତ୍ତି କରାଯାଇଥିଲା। ଦଳାଚକଟା ଭିତରେ ସେ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ କାଥେରିନା କଲୋନା ଖବରଦାତାଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ଫ୍ରେଡେରିକ୍ ଫ୍ରାନ୍ସର ବିଏଫ୍‌ଏମ୍ ଟିଭିରେ କାମ କରୁଥିଲେ।

## ୩୫ ଟଙ୍କା ଫେରସ୍ତ ପାଇଁ ୫ ବର୍ଷ ଲଢ଼ିଲେ

### ଏବେ ୩ ଲକ୍ଷ ଲୋକଙ୍କୁ ୨.୪୩ କୋଟି ଦେବ ରେଳପଥ

**ନୂଆଦିଲ୍ଲୀ, ୩୦ା୫**

ରାଜସ୍ଥାନର କୋଟା ସହର ବାସିନ୍ଦା ତଥା ଇଞ୍ଜିନିୟର ସୁଜିତ ସ୍ୱାମୀ ରେଳ ଟିକେଟ କ୍ୟାନ୍‌ସେଲ ବାବଦ ସର୍ଭିସ ଟ୍ୟାକ୍ସ ୩୫ ଟଙ୍କା ପାଇବା ପାଇଁ ୫ ବର୍ଷ ଧରି ଜାରି ରଖିଥିବା ଲଢ଼େଇରେ ଜିତିଛନ୍ତି। ଏଥିସହ ତାଙ୍କ ଭଳି ଅର୍ଥ ଫେରସ୍ତ ଚାହୁଁଥିବା ଲୋକଙ୍କ ପାଇଁ ରାସ୍ତା ଫିଟିଛି। ସୂଚନା ଅଧିକାର ଆଇନ (ଆରଟିଆଇ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏବେ ୨ ଲକ୍ଷ ୯୮ ହଜାର ଆଇଆର୍‌ସିଟିସି ୟୁଜର୍ସଙ୍କୁ ରେଲ୍‌ୱେ ପକ୍ଷରୁ ଟଙ୍କା ଫେରାଯିବ। ଏଥିପାଇଁ ମୋଟ ୨ କୋଟି ୪୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି।

ସୁଜିତ କହିଛନ୍ତି, ୨୦୧୭ ଏପ୍ରିଲରେ ସେ ରାଜସ୍ଥାନରୁ ଦିଲ୍ଲୀ ପାଇଁ ଟିକେଟ କାଟିଥିଲେ। ତାଙ୍କ ଗସ୍ତ ତାରିଖ ଥିଲା ଜୁଲାଇ ୨। ଅର୍ଥାତ ଏହା ପୂର୍ବଦିନ ଜିଏସ୍‌ଟି ବ୍ୟବସ୍ଥା ଲାଗୁ ହୋଇଥିଲା। କିନ୍ତୁ ଜିଏସ୍‌ଟି ବ୍ୟବସ୍ଥା ଆସିବା ପୂର୍ବରୁ ସେ ତାଙ୍କ ଟିକେଟ ବାତିଲ କରିଦେଇଥିଲେ। ଟିକେଟର ମୂଲ୍ୟ ୭୬୫ ଟଙ୍କା ଥିବାବେଳେ ରେଲ୍‌ୱେ ତାଙ୍କୁ ୬୬୫ ଟଙ୍କା ଫେରାଇଥିଲା। କ୍ୟାନ୍‌ସେଲେଶନ ଚାର୍ଜ ପାଇଁ କେବଳ ୬୫ ଟଙ୍କା କାଟିବାର ନିୟମ ଥିବାବେଳେ ରେଲ୍‌ୱେ ସର୍ଭିସ୍ ଟ୍ୟାକ୍ସ ବାବଦ ୩୫ ଟଙ୍କା ମିଶାଇ ମୋଟ ୧୦୦ ଟଙ୍କା ଫେରସ୍ତ କରି ନ ଥିଲା। ୩୫ ଟଙ୍କା ଫେରିପାଇବା ଦାବିରେ ସେ ଆଇନ ଅନୁସାରେ ଲଢ଼େଇ ଆରମ୍ଭ କରିଥିଲେ। ଏଥିପାଇଁ ସେ ପ୍ରାୟ ୫୦ ଆର୍‌ଟିଆଇ ଆବେଦନ କରିଥିଲେ। ଏ ସମ୍ପର୍କରେ ସେ ୩ ସରକାରୀ ବିଭାଗକୁ ଚିଠି ମଧ୍ୟ ଲେଖିଥିଲେ। ଟୁଇଟ୍ କରି ସେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଜିଏସ୍‌ଟି କାଉନସିଲ ସମେତ ଅର୍ଥମନ୍ତ୍ରୀଙ୍କୁ ଟ୍ୟାଗ୍ କରିଥିଲେ। ୨୦୧୯ ମେ ୧ରେ ତାଙ୍କ ଆକାଉଣ୍ଟକୁ ୩୩ ଟଙ୍କା ଫେରିଥିଲା। ହେଲେ ଆଉ ୨ ଟଙ୍କା ପାଇଁ ସେ ପୁଣି ଆର୍‌ଟିଆଇରେ ଆବେଦନ ସହ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ଶୁକ୍ରବାର ସେ ଆଉ ୨ ଟଙ୍କା ଫେରିପାଇଛନ୍ତି। ସେଥିମଧ୍ୟରୁ ସେ ୫୩୫ ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରିଥିବା କହିଛନ୍ତି। ଏବେ ୨ ଲକ୍ଷ ୯୮ ହଜାର ଲୋକ ଟିକେଟ ବାତିଲ ବାବଦ ୩୫ ଟଙ୍କା ଲେଖାଏ ପାଇବେ ବୋଲି ଆଇଆର୍‌ସିଟିସି ଏହାର ଆର୍‌ଟିଆଇ ପ୍ରଶ୍ନର ଉତ୍ତର ରଖି କହିଥିବା ସୁଜିତ ଦାବି କରିଛନ୍ତି।




## ମୂସେୱାଲା ହତ୍ୟାର ବିଚାର ବିଭାଗୀୟ ତଦନ୍ତ ହେବ



ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲାଙ୍କ ହତ୍ୟା ପ୍ରତିବାଦରେ କଂଗ୍ରେସ ନେତା ପ୍ରତାପ ସିଂ ବାଜ୍ୱାଙ୍କ ନେତୃତ୍ୱରେ ମନ୍‌ସାରେ ବିକ୍ଷୋଭ କରାଯାଉଛି।

**ଚଣ୍ଡିଗଡ଼,୩୦ା୫**

ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାର ବିଭାଗୀୟ କମିଶନ ଲୋକପ୍ରିୟ ଗାୟକ ସିଦ୍ଧୁ ମୂସେୱାଲା ହତ୍ୟା ଘଟଣାର ତଦନ୍ତ କରିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସୋମବାର ଏହା ଘୋଷଣା କରିଛନ୍ତି। ଏଥିପାଇଁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ତଦନ୍ତରେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିବେ ଏବଂ ଆବଶ୍ୟକ ପଡ଼ିଲେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ତଦନ୍ତରେ ନିୟୋଜିତ କରାଯିବ ବୋଲି ମାନ୍ କହିଛନ୍ତି। ରବିବାର ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଭି.କେ. ଭଓରା ଦେଇଥିବା ସୂଚନା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ସିଦ୍ଧୁଙ୍କୁ ସେ ଗ୍ୟାଙ୍ଗଷ୍ଟର ସହ ଯୋଡ଼ି ନ ଥିବା କହିଛନ୍ତି।

ରବିବାର ରାତିରେ ୮ରୁ ୧୦ ଜଣ ଆକ୍ରମଣକାରୀ ସିଦ୍ଧୁଙ୍କୁ ୩୦ ରାଉଣ୍ଡରୁ ଅଧିକ ଗୁଳି ଚଳାଇଥିଲେ। ଘଟଣାସ୍ଥଳ ଛାଡ଼ି ପଳାଇବା ପୂର୍ବରୁ ଆକ୍ରମଣକାରୀ ସିଦ୍ଧୁ ବଞ୍ଚିଛନ୍ତି କି ନାହିଁ ଯାଞ୍ଚ କରିଥିଲେ ବୋଲି ପୋଲିସ ସୂତ୍ରରୁ କୁହାଯାଇଛି। ପୋଲିସ ୬ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଆକ୍ରମଣ ସ୍ଥଳରୁ ଏଏନ୍ ୯୪ ରୁଷିଆ ଆସଲ୍ଟ ରାଇଫଲ୍‌ର ଗୁଳି ଏବଂ ଏକ ପିସ୍ତଲ ମିଳିଛି। କାନାଡା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର୍ ଗତକାଲିର ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ ନେତା ଲରେନ୍ସ ବିଷ୍ଣୋଇଙ୍କ ଘନିଷ୍ଠ ସହଯୋଗୀ। ତିହାର ଜେଲ୍‌ରେ ଥିବା ବିଷ୍ଣୋଇ, ତାଙ୍କ ସହଯୋଗୀ ଏବଂ କାଲା ଜାଠେଡି ଓ କାଲା ରାଣାଙ୍କୁ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ପଚରାଉଚରା କରିଛି।

### ପଞ୍ଜାବରେ ଗ୍ୟାଙ୍ଗ୍‌ୱାର ଆଶଙ୍କା

#### ଅନ୍ୟ ଜଣେ ଗାୟକଙ୍କ ଜୀବନ ପ୍ରତି ବିପଦ: ପୋଲିସ

ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲା ହତ୍ୟା ଘଟଣା ପରେ ପଞ୍ଜାବରେ ଗ୍ୟାଙ୍ଗୱାର ହୋଇପାରେ ବୋଲି ପୋଲିସ ଆଶଙ୍କା ବ୍ୟକ୍ତ କରିଛି। ଅନ୍ୟ ଜଣେ ଲୋକପ୍ରିୟ ଗାୟକଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ପୋଲିସ କହିଛି। ସୁରକ୍ଷା କାରଣରୁ ତାଙ୍କ ନାମ ପ୍ରକାଶ କରାଯାଇ ନ ଥିବାବେଳେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କର ସେ ଅତି ଘନିଷ୍ଠ ବୋଲି କୁହାଯାଉଛି। ବିଷ୍ଣୋଇ ଗ୍ୟାଙ୍ଗଠାରୁ ଗୌରବ ପଟିଆଲ ଓରଫ ଲକି ଗ୍ୟାଙ୍ଗ ଅଧିକ ଶକ୍ତିଶାଳୀ। ଆର୍ମେନିଆରୁ ନିଜ ଗ୍ୟାଙ୍ଗ ପରିଚାଳନା କରୁଥିବା ଲକି ପଟିଆଲଙ୍କର ପାକିସ୍ତାନର ବାବର ଖାଲ୍‌ସା ଆତଙ୍କବାଦୀ ହରବିନ୍ଦର ସିଂ ରିଣ୍ଡାଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ସୁରକ୍ଷା ଏଜେନ୍ସି ସୂତ୍ରରୁ ଜଣାପଡ଼ିଛି।

## ମଙ୍କିପକ୍ସରେ ଚଳିତ ବର୍ଷର ପ୍ରଥମ ମୃତ୍ୟୁ

**ଆବୁଜା, ୩୦ା୫**

ନାଇଜେରିଆରେ ସଂକ୍ରାମକ ମଙ୍କିପକ୍ସ ରୋଗରେ ଚଳିତ ବର୍ଷର ପ୍ରଥମ ମୃତ୍ୟୁ ଘଟିଛି। ନାଇଜେରିଆ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ(ସିଡିସି) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିସହ ଏଠାରେ ୨୧ ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିବାବେଳେ ୬୬ ଜଣ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ମଙ୍କିପକ୍ସରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ବୟସ ୪୦ ବର୍ଷ ହେବ। ସେ ଅନ୍ୟ ଜଟିଳ ରୋଗରେ ପୀଡ଼ିତ ଥିବା ନାଇଜେରିଆ ସିଡିସି ପକ୍ଷରୁ କୁହାଯାଇଛି। ୨୦୧୭ ସେପ୍ଟେମ୍ବର ପରଠାରୁ ନାଇଜେରିଆରେ ମଙ୍କିପକ୍ସ ନିୟନ୍ତ୍ରଣରେ ଥିଲା। ସେବେଠାରୁ ଦେଶରେ ଅନ୍ୟୁନ ୨୪୭ ଜଣ ଆକ୍ରାନ୍ତ ହୋଇଥିବାବେଳେ ମୃତ୍ୟୁହାର ୩.୬% ରହିଛି ସିଡିସି କହିଛି।



ଦିଲ୍ଲୀରେ ଝଡ଼ ତୋଫାନ: ତାନ୍‌ସେନ୍ ମାର୍ଗରେ ଗଛ ପଡ଼ି ଏକ କାର୍ ଭାଙ୍ଗିରୁଜି ଯାଇଛି।

## ସୋଭିଏଟ୍ ମହାକାଶ ଯାନ ପୃଥିବୀକୁ ଖସିପାରେ

### ୧୯୭୨ରେ ଶୁକ୍ରଗ୍ରହ ଅଭିମୁଖେ ପଠାଯାଇଥିଲା

**ନୂଆଦିଲ୍ଲୀ,୩୦ା୫**

ଶୁକ୍ର ଗ୍ରହ ସମ୍ପର୍କରେ ଗବେଷଣା ଲାଗି ତତ୍କାଳୀନ ସୋଭିଏଟ୍ ରୁଷ୍ ୧୯୭୨ରେ ପଠାଇଥିବା ଏକ ମହାକାଶ ଯାନ ପୃଥିବୀ ପୃଷ୍ଠକୁ ଖସିବାର ସମ୍ଭାବନା ସୃଷ୍ଟି ହୋଇଛି। ଭେନେରା ୮ ମିଶନ ଅନ୍ତର୍ଗତ ମହାକାଶ ଯାନ କସ୍‌ମସ-୪୮୨ ଲଞ୍ଚ ହେବା ପରେ ଏହା ପୃଥିବୀ କକ୍ଷପଥ ଅତିକ୍ରମ କରିବାରେ ବିଫଳ ହୋଇଥିଲା। ମହାକାଶ ସ୍ଥିତି ସମ୍ପର୍କରେ ସତର୍କ କରାଉଥିବା ଏକ ସଂସ୍ଥା ମାର୍କୋ ଲାଙ୍ଗବ୍ରୋକ୍‌ର ରିପୋର୍ଟ ଅନୁଯାୟୀ କସ୍‌ମସ୍ ୪୮୨ ଏବେ ବି ପୃଥିବୀ ଚତୁଃପାର୍ଶ୍ୱରେ ବୃତ୍ତାନ୍ତ ଟ୍ରାଜେକ୍ଟୋରିରେ ରହିଛି। ୨୦୨୫-୨୬ ବେଳକୁ ଏହା ପୃଥିବୀ ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରିପାରେ ବୋଲି ଲାଙ୍ଗବ୍ରୋକ୍ ଆକଳନ କରିଛି।



ଉକ୍ତ ମହାକାଶ ଯାନ ୭,୭୦୦ କିଲୋମିଟରରୁ ଅଧିକ ତଳକୁ ଖସିଥିବା ଜଣାପଡ଼ିଛି। ଗତ ମେ’ ୧ରେ ଏହା ୧୯୮x୧୯୫୭ କିଲୋମିଟର ଅର୍ବିଟରେ ରହିଥିବା ଜଣେ ମହାକାଶ ବିଜ୍ଞାନୀ କହିଛନ୍ତି। ଶୁକ୍ର ଗ୍ରହରେ ଅବତରଣ କରିବାକୁ ଥିବା ୧,୧୮୦ କିଲୋଗ୍ରାମ ଓଜନର ଏହି ମହାକାଶ ଯାନ ସେଠାର ଘନ ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରିବା ଲାଗି ଆବଶ୍ୟକ ଟେକ୍‌ନୋଲୋଜି ଓ ଉପାଦାନରେ ନିର୍ମାଣ କରାଯାଇଥିଲା। ତେଣୁ ପୃଥିବୀ ବାୟୁମଣ୍ଡଳରେ ପୁନଃପ୍ରବେଶ କଲେ ଏହାର ଲ୍ୟାଣ୍ଡର କ୍ଷତିଗ୍ରସ୍ତ ନ ହୋଇପାରେ ବୋଲି କୁହାଯାଉଛି। ଏହା ୫୨ ଡିଗ୍ରୀ ଉତ୍ତର ଏବଂ ୫୨ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶ ମଧ୍ୟରେ ଖସିବା ସମ୍ଭାବନା ରହିଛି ଯାହା ମଧ୍ୟରେ ୟୁରୋପ, ଏସିଆ, ଆମେରିକାର କେତେକ ଅଞ୍ଚଳ ଏବଂ ସମ୍ପୂର୍ଣ୍ଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ରହୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୧୭,୮୮,୫୭୮ | ୬୩,୧୧,୧୮୬ | ୫୦,୭୭,୨୨,୬୧୮ |
| ଭାରତ | ୪,୩୧,୫୫,୭୪୯ | ୫,୨୪,୬୧୧ | ୪,୨୬,୧୩,୪୪୦ |
| ଓଡ଼ିଶା | ୧୨,୮୮,୪୩୭ | ୯୧୨୬(+୫୩) | ୧୨,୭୯,୧୮୪ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବଳକା ଚାଉଳ, କୋଇଲା ରୟାଲ୍‌ଟି ପ୍ରସଙ୍ଗ ଉଠିଲା

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନକୁ ନେଇ କୌଣସି ଆଲୋଚନା ହୋଇ ନ ଥିବା ସେ କହିଛନ୍ତି। କୋଭିଡ -୧୯ ମହାମାରୀ ପରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ହୋଇ ନ ଥିଲା। ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ନବୀନ ରାଜ୍ୟର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉତ୍ଥାପନ କରିଛନ୍ତି। ବଳକା ଉଷୁନା ଚାଉଳ ପ୍ରସଙ୍ଗଠାରୁ କେନ୍ଦ୍ରୀୟ ଅନୁଦାନ ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, କିଛିଦିନ ତଳେ ତେଲଙ୍ଗାନାର ବଳକା ଉଷୁନା ଓ ଅରୁଆ ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ହେଲେ ଏଯାଏ ଓଡ଼ିଶାର ବଳକା ଉଷୁନା ଚାଉଳ ଉଠାଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ନିକଟରେ ଚାଉଳ ଉଠାଣ ଦାବି ରଖାଯାଇଛି। ସେହିପରି କୋଇଲା ଉତ୍ପାଦନ ରୟାଲ୍‌ଟିରେ ସଂଶୋଧନ ଆସିଲେ ରାଜ୍ୟକୁ ଅଧିକ ରାଜସ୍ୱ ମିଳିବ। ମହାନଦୀ ଜଳବିବାଦ ଯୋଗୁ ଖରାଦିନେ ଓଡ଼ିଶା ଜଳକଷ୍ଟ ଭୋଗୁଛି। ଏହାର ସମାଧାନ କରି ନ୍ୟାୟ ଦେବା ଦିଗରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଆସନ୍ତା ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଦୁଇ ନେତାଙ୍କ ମଧ୍ୟରେ ଏ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇ ନ ଥିବା ସୂଚନା ମିଳିଛି। ଏଥିସହିତ ନବୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମୀତ ଶାହାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।



ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

- ଶୁଷ୍କ ମହାନଦୀକୁ ନେଇ ନବୀନଙ୍କ ଚିନ୍ତା

ମୁଖ୍ୟମନ୍ତ୍ରୀ ଆସନ୍ତା ବୁଧବାର ଓଡ଼ିଶା ଫେରିଆସିବେ। ଯଦିଓ ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କର ଏହା ତୃତୀୟ ଦିଲ୍ଲୀ ଗସ୍ତ। ତେବେ ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶ୍ଳେଷକ ଆଶା କରୁଛନ୍ତି। ଏନ୍‌ଡିଏର ଅଂଶୀଦାର ଜେଡିୟୁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ କି ନାହିଁ ସେନେଇ ସ୍ପଷ୍ଟ ହେଉ ନ ଥିବାରୁ ଭାଜପା ନବୀନଙ୍କ ସହଯୋଗ ଲୋଡ଼ିବା ବେଶି ସମ୍ଭାବନା ରହିଛି। ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭାଜପା ବିଜେଡି ଓ ଆନ୍ଧ୍ରର ୱାଇଏସ୍‌ଆର କଂଗ୍ରେସକୁ ନିଜଆଡ଼କୁ ନେବା ଲାଗି ଉଦ୍ୟମ ଚଳାଇଛି।

ରାଷ୍ଟ୍ରପତିନିର୍ବାଚନ ପାଇଁବିରୋଧୀ ଦଳଗୁଡ଼ିକ ହାତରେ ୫୧.୧ପ୍ରତିଶତ ଭୋଟ ଥିବା ବେଳେ ଭାଜପା ଓ ଏହାର ସହଯୋଗୀ ଦଳ ନିକଟରେ ୪୮.୯ ପ୍ରତିଶତ ରହିଛି। ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆଉ ୧.୨୨ପ୍ରତିଶତ ଭୋଟ୍‌ର ଆବଶ୍ୟକତା ରହିଛି। ବିଜେଡି ହାତରେ ୩.୨୨ ପ୍ରତିଶତ ଭୋଟ୍ ରହିଛି। ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସମ୍ଭାବନା ରହିଛି। ତେବେ ଏ ନେଇ ବିଜେଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ଏଠାରେ ସୂଚନାଯୋଗ୍ୟ, ୨୦୧୨ ଏବଂ ୨୦୧୭ରେ ଅଣ ଉପା ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଥିଲା। ୨୦୨୦ ସେପ୍ଟେମ୍ବରରେ ନବୀନ ରାଜ୍ୟ ସଭା ଉପାଧ୍ୟକ୍ଷ ପଦବୀ ପାଇଁ ଏନ୍‌ଡିଏ ପ୍ରାର୍ଥୀ ହରିଶ୍ ନାରାୟଣଙ୍କୁ ସମର୍ଥନ କରିଥିଲେ।

## ପୋଲିଂ ଅଧିକାରୀଙ୍କ ଆକସ୍ମିକ ମୃତ୍ୟୁ

**ବ୍ରଜରାଜନଗର,୩୦।୫(ଡ଼ି.ଏନ.ଏ.):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଲୋଇନସିଂ ପଞ୍ଚାୟତ ଫଳସାଢ଼ିପ ଗ୍ରାମର ୧୬୯ନଂ ବୁଥ୍‌ର ପୋଲିଂ ଅଫିସର ଦିଲୀପ ଖଡ଼ିଆ (୪୬)ଙ୍କ ସୋମବାର ଆକସ୍ମିକ ମୃତ୍ୟୁ ଘଟିଛି। ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦିଲୀପ ଅନ୍ୟ ଅଧିକାରୀଙ୍କ ସହ ଏଠାରେ ପହଞ୍ଚିବାବେଳେ ଏଭଳି ଅଘଟଣ ଘଟିଛି। ସୂଚନା ଅନୁସାରେ ସନ୍ଧ୍ୟା ୭ଟା ସମୟରେ ଦିଲୀପ ହଠାତ୍ ଅସୁସ୍ଥତା ଅନୁଭବ କରି ତଳେ ପଡିଯାଇଥିଲେ। ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସର ତୁରନ୍ତ ତାଙ୍କୁ ନିକଟସ୍ଥ ମଣ୍ଡଳୀୟା କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ଝାରସୁଗୁଡ଼ା ଥାନା ଟାଙ୍ଗରପାଲି ଗ୍ରାମରେ ବୋଲି ଜଣାପଡିଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବାଲେଶ୍ୱର ଅଫିସ,୩୦।୫:** ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ଜଗଦୀଶ ପ୍ରସାଦ ମହାନ୍ତି ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ଆଇନ ସେବା ଆଧିକରଣ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଇରା ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ଶନିବିଗ୍ରହ (୫୩)। ମାମଲାର ବିବରଣୀ ଅନୁଯାୟୀ, ଖଇରା ଥାନା ଅଞ୍ଚଳର ୮ ବର୍ଷୀୟା ନାବାଳିକା ଜଣକ ୨୦୧୫ ସେପ୍ଟେମ୍ବର ୪ରେ ସ୍କୁଲ ଯିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ତାଙ୍କୁ ଭୁଲାଇ ନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଖଇରା ଥାନାରେ ଏକ ମାମଲା (ନଂ.୧୨୩/୧୫)ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ପ୍ରେମୀ ଯୁଗଳଙ୍କୁ ଗଛରେ ବାନ୍ଧି ପିଟିଲେ

## ପରକିୟା ପ୍ରୀତି

**ନୀଳଗିରି ,୩୦।୫(ସ୍ୱ.ପ୍ର):** ପରକିୟା ପ୍ରୀତି ଧରାପଡ଼ିବାରୁ ବିବାହିତ ପ୍ରେମୀ ଯୁଗଳଙ୍କୁ ଲୋକେ ଗଛରେ ବାନ୍ଧି ମାଡ଼ ମାରିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସାବିତ୍ରୀ ବ୍ରତ ଦିନ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଏହି ସମ୍ବେଦନଶୀଳ ଘଟଣା ଘଟିଛି। ଜନୈକା ବିବାହିତା ମହିଳା ଓ ପୁରୁଷଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ଏ କଥା ଜଣାପଡ଼ିବା ପରେ ଗ୍ରାମବାସୀ ଉଭୟ ପରିବାରକୁ ତାଗିଦ୍ କରିଥିଲେ। ସୋମବାର ଉଭୟ ଏକାନ୍ତରେ କଥା ହେଉଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚିଲା ବେଳକୁ ଗ୍ରାମବାସୀମାନେ ଘଟଣାର ସମାଧାନ କରି ଦେଇଥିଲେ। ଆହତ ପ୍ରେମୀ ଯୁଗଳଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ‘ଘୁଙ୍ଗୁର, ବଂଶୀ ଧରାଇବାର କ୍ଷମତା ଉତ୍କଳ ପ୍ରଦେଶର ରହିଛି’

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

କୈଳାସ ହେଉ କି ଶ୍ମଶାନ, ସବୁଠି ଆନନ୍ଦ ଓ ଉତ୍ସବ ପାଳନ କରାଯାଏ। ଦିବ୍ୟ ଅଲୌକିକ ସଙ୍ଗୀତର ଆନନ୍ଦ ଓ ଅଖଣ୍ଡ ରସ ସାରା ବିଶ୍ୱରେ ସବୁବେଳେ ପ୍ରବାହ ହେଉଥାଏ। ସଙ୍ଗୀତ ଧ୍ୟାନକୁ ମଧ୍ୟ ଭାଙ୍ଗି ଦେଇଥାଏ। ପାଦରେ ଘୁଙ୍ଗୁର ଓ ହାତରେ ବଂଶୀ ଧରାଇବାର କ୍ଷମତା ସାରା ବିଶ୍ୱରେ କେବଳ ଉତ୍କଳ ପ୍ରଦେଶର ରହିଛି। ଏମିତି କେହି ନାହିଁ ଯିଏ ନାଚି ନାହିଁ। ଶ୍ରୀକୃଷ୍ଣ, ନଟବରଠୁ ନେଇ ମିଜାଇଲ ବି ନାଚିଥାଏ। ନୃତ୍ୟକୁ କେହି ନଷ୍ଟ କରିପାରିବେ ନାହିଁ। ନର୍ତ୍ତକକୁ ନୃତ୍ୟଠାରୁ କେହି ଅଲଗା କରି ପାରିବେ ନାହିଁ। ବାଳକୃଷ୍ଣ ତାଙ୍କ ସଙ୍ଗୀତ ବଳରେ ପ୍ରଭୁଙ୍କ ପାଖରେ ପହଞ୍ଚିଯାଉଥିଲେ। ତେଣୁ ନୃତ୍ୟ, ସଙ୍ଗୀତକୁ ସମସ୍ତେ ଗ୍ରହଣ ଓ ଉପଭୋଗ କରିବା ଆବଶ୍ୟକ। ନ ହେଲେ ପୁଣି ଏକ ମହାଭାରତ ହୋଇପାରେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୩୦ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୯୯ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ବରେଣ୍ୟ ଅତିଥି ଭାବେ ରାଜସ୍ୱ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ, ଚଉପଦୀ, ଚମ୍ପୁ, ଛାନ୍ଦ, ଚଉତିଶା, ଭଜନ, ଜଣାଣ, ଗୀତଗୋବିନ୍ଦ, ଓଡ଼ିଶାର ଲୋକ ସଙ୍ଗୀତ, ଆଧୁନିକ ସଙ୍ଗୀତରେ ବାଳକୃଷ୍ଣ ଥିଲେ ପ୍ରବୀଣ। ସ୍ନିଗ୍ଧ, ମଧୁର, ଆକର୍ଷଣୀୟ କଣ୍ଠ ସ୍ୱରରେ ସେ ସମସ୍ତଙ୍କୁ ମୁଗ୍ଧ କରି ପାରୁଥିଲେ।

ଏହି ଅବସରରେ ଓଡ଼ିଶା ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ ‘ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୨’ ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ଦିଆଯାଇଛି। ସେହିପରି ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ ‘ସଙ୍ଗୀତ ସରସ୍ୱତୀ’, ବାଦ୍ୟ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ‘ବାଦ୍ୟ ସରସ୍ୱତୀ’, ବେହେଲା ବାଦକ ପଣ୍ଡିତ ଆର୍ତ୍ତତ୍ରାଣ

**ଗୁରୁ ଘନଶ୍ୟାମ ପଣ୍ଡା ପାଇଲେ ‘ବାଳକୃଷ୍ଣ ଦାଶ ସମ୍ମାନ’**

ଶତପଥୀଙ୍କୁ ‘ଗୀତି ସରସ୍ୱତୀ’ ସମ୍ମାନରେ ବିଭୂଷିତ କରାଯାଇ ସମ୍ମାନ ସ୍ୱରୂପ ୧୦ହଜାର ଟଙ୍କାର ଅର୍ଥରାଶି, ତାମ୍ରଫଳକ ଓ ଉପଢୌକନ ଦିଆଯାଇଛି। ଯୁବ ପ୍ରତିଭା ମନୋଜ କୁମାର ମାଟିଙ୍କୁ ‘ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି’ ଓ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିବାବେଳେ ଖବରଦାତା କେଶବ ପାଣି ଓ ସୁକେଶ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଡ. ସଚ୍ଚିକାନ୍ତ ନାୟକଙ୍କ ପୁସ୍ତକ ‘ଛାନ୍ଦ ସମୀକ୍ଷା’ ଲୋକାର୍ପିତ ହୋଇଥିଲା। ଫାଉଣ୍ଡେଶନ ସଭାପତି କ୍ଷୀରୋଦ ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଗୁରୁ ରାମହରି ଦାସ ସମ୍ପାଦକୀୟ ବିବରଣୀ ପାଠ ଓ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ପରେ ବାଳକୃଷ୍ଣ ଦାଶଙ୍କ ନିର୍ଦ୍ଦେଶିତ ବିଭିନ୍ନ ସଙ୍ଗୀତ ପରିବେଷିତ ହୋଇଥିଲା।

## ଜ୍ୱାଇଁଙ୍କ ଛୁରାମାଡ଼ରେ ଶାଶୁ, ଶ୍ୱଶୁର ଗୁରୁତର

**ଖଲ୍ଲିକୋଟ,୩୦।୫(ଡି.ଏନ୍.ଏ.):** ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡି ଅନ୍ତର୍ଗତ ଭେଜିପୁଟ ନୂଆସାହିରେ ସାବିତ୍ରୀ ଅମାବାସ୍ୟାରେ ଜ୍ୱାଇଁଙ୍କ ଛୁରାମାଡ଼ରେ ଶାଶୁ ଶ୍ୱଶୁର ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଭେଜିପୁଟ ନୂଆସାହି ପଙ୍କଜ ସାହୁଙ୍କ ଝିଅ ୧୧ ମାସ ପୂର୍ବେ କୋଦଳା ଗ୍ରାମର ଟୁନା ପାଲଙ୍କୁ ବିବାହ କରିଥିଲେ। ବିବାହ ପରେ ସେମାନଙ୍କ ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା। ଦେଢ଼ ମାସ ହେବ ଟୁନାଙ୍କ ସ୍ତ୍ରୀ ନମିତା ଭେଜିପୁଟ ବାପଘରେ ଆସି ରହୁଥିଲେ। ସୋମବାର ମଧ୍ୟାହ୍ନରେ ଟୁନା ଶ୍ୱଶୁର ଘରେ ପହଞ୍ଚି ସ୍ତ୍ରୀ ନମିତାଙ୍କୁ ଗାଳିଗୁଲଜ କରିଥିଲେ। ଶ୍ୱଶୁର ପଙ୍କଜ ଏହାର ପ୍ରତିବାଦ କରିବାରୁ ଟୁନା ଏକ ଛୁରିରେ ଶ୍ୱଶୁରଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଶାଶୁ ପ୍ରମିଳା ଅଟକାଇବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପ୍ରଥମେ ତାଙ୍କୁ ଖଲ୍ଲିକୋଟ ଡ଼ାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ପଠାଯାଇଛି।

# ୧୦ ମିନିଟ୍ କୁମ୍ଭୀର ସହ ସଂଘର୍ଷ କରି ବଞ୍ଚିଲେ ନାବାଳକ

## କାଣୀ ନଦୀରେ ଗାଧୋଇବା ବେଳେ ଟାଣି ନେଇଥିଲା

**ପଟ୍ଟାମୁଣ୍ଡାଇ, ୩୦।୫(ସ୍ୱ.ପ୍ର.)**

ନଦୀରେ ଗାଧୋଇବା ବେଳେ କୁମ୍ଭୀର ମୁହଁରେ ପଡ଼ିଥିଲା ଜୀବନ। ଜୀବନ ବଞ୍ଚାଇବାକୁ ଯାଇ ଜଣେ ନାବାଳକ ଉପସ୍ଥିତ ବୁଦ୍ଧି ଖଟାଇ ସାହସିକତା ଦେଖାଇଛନ୍ତି। କୁମ୍ଭୀର ସହ ପ୍ରାୟ ୧୦ ମିନିଟ୍ ସଂଘର୍ଷ କରି ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ହେଲେ କୁମ୍ଭୀର ଆକ୍ରମଣରେ ସେ ଗୁରୁତର ହୋଇପଡ଼ିଛନ୍ତି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଲୁରିଆ ପଞ୍ଚାୟତ ଆରାଜି ଗାଁ ମନୋଜ ସାହୁଙ୍କ ସାନପୁଅ ଓମ୍‌ପ୍ରକାଶ (୧୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଓମ୍‌ପ୍ରକାଶ କାଣି ନଦୀରେ ସୋମବାର ମଧ୍ୟାହ୍ନ ୧ଟାରେ ସାଙ୍ଗମାନଙ୍କ ସହ ଗାଧୋଉ ଥିଲେ। ଏହି ସମୟରେ ତାଙ୍କୁ ୧୨ ଫୁଟ ଲମ୍ବର ଏକ କୁମ୍ଭୀର ଟାଣି ନେଇଥିଲା। ପାଖରେ ଥିବା ସାଙ୍ଗମାନେ ଚିତ୍କାର କରିଥିଲେ। ବିପଦରେ ପଡ଼ିଥିଲେ ହେଁ ଓମପ୍ରକାଶ କୁମ୍ଭୀରକୁ ଗୋଇଠା, ବିଧା ମାରିବା ସହ ସଂଘର୍ଷ କରିଥିଲେ। ଦୃଢ଼ ମୁକାବିଲା ସହ ପ୍ରତି ଆକ୍ରମଣ କରିବା ଦ୍ୱାରା କୁମ୍ଭୀର ଛାଡ଼ି ଦେଇଥିଲା। ଫଳରେ କୁମ୍ଭୀରଠାରୁ ସେ ନିଜ



ଜୀବନ ବଞ୍ଚାଇ ଉପରକୁ ଉଠି ପଳାଇ ଆସିଥିଲେ। କିନ୍ତୁ ଆହାର ଛାଡ଼ିଥିବା କୁମ୍ଭୀର ପଛରେ ଗୋଡାଇ ଆସିଥିଲା। ନିକଟରେ ଥିବା ସାଙ୍ଗମାନେ ପାଟି କରିବାରୁ କୁମ୍ଭୀର ଛାଡ଼ି ଚାଲି ଯାଇଥିଲା। ସାଙ୍ଗମାନେ ତାଙ୍କୁ ଉପରକୁ ଉଠାଇ ଆଣିଥିଲେ। ସାହସିକତା ଦେଖାଇ ଓମ୍‌ପ୍ରକାଶ କୁମ୍ଭୀର ସହିତ ଲଢ଼େଇ କରି ଜୀବନ ବଞ୍ଚାଇ ପାରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। କୁମ୍ଭୀର କାମୁଡ଼ାରେ ଓମ୍‌ପ୍ରକାଶଙ୍କ ଦୁଇହାତ, ଡାହାଣ ଗୋଡ ଭଣ୍ଡା ଓ ଜଂଘ ଖଣ୍ଡିଆ ହୋଇଛି।

ପ୍ରକାଶଥାଉ କି, କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ଆକ୍ରମଣରେ ମାସକ ମଧ୍ୟରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଜିଲାର ଭିତରକନିକା ଜାତୀୟ ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକାର ନଦୀ ଓ ନାଳରେ କୁମ୍ଭୀରମାନଙ୍କ ବଂଶ ବୃଦ୍ଧି ପାଉଛି। ଫଳରେ ନଦୀ, ନାଳଗୁଡ଼ିକ ଉପରେ ନିର୍ଭର କରି ଚଳୁଥିବା ଗାଁଗୁଡ଼ିକରେ କୁମ୍ଭୀର ଆତଙ୍କ ଦିନକୁଦିନ ବଢ଼ିବାରେ ଲାଗିଛି। ଏବେ କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଚାଲିଥିବାରୁ ଏହି ସମୟରେ ସେମାନେ ଅଧିକ ହିଂସ୍ର ହୋଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ଲୋକଙ୍କ ଜୀବନ ସୁରକ୍ଷା ନିମନ୍ତେ ଗାଧୁଆ ତୁଠରେ ତାର ବାଡ଼ର ବ୍ୟବସ୍ଥା କରୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଫଳରେ କୁମ୍ଭୀର ଆକ୍ରମଣରେ ଧନ ଜୀବନ ହାନି ଘଟୁଛି।



**ଆଜିର ମନ୍ତବ୍ୟ**

“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ସଂସ୍କୃତିକୁ ବଦଳାଇ ଏକ ସକ୍ରିୟ ତଥା ପ୍ରତିକ୍ରିୟାଶୀଳ ସରକାର ଗଠନ କରିଛନ୍ତି।

**– ଜେ. ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ଗାଈ**
**ପଡ଼ିଶାର ବାଡ଼ ନିତି ଡିଅଇଁ।**

ଓଲେଇ ପ୍ରକୃତିର ଗାଈ ବାଡ଼ ଭାଙ୍ଗି ଫସଲ ଖାଇ ଯାଇଥାଏ। ତାକୁ ଯେତେ ଆକଟ କଲେ ବା ବାନ୍ଧିକି ରଖିଲେ ମଧ୍ୟ ଲାଭ କିଛି ମିଳିନଥାଏ। ଟିକିଏ ସୁଯୋଗ ପାଇଲେ ସେ ପଘା ଛିଣ୍ଡେଇ ଯୁଆଡେ ଇଚ୍ଛା ସିଆଡେ ଯାଇ ଫସଲ ଖାଇ ବା ନଷ୍ଟ କରିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁଇଦିନ ଝଡ଼ବର୍ଷା

ଭୁବନେଶ୍ୱର,୩୦।୫(ବ୍ୟୁରୋ)



ଆସନ୍ତା ଦୁଇଦିନ ଯାଏ ରାଜ୍ୟରେ ଝଡ଼ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବୁଧବାର ମାଲକାନଗିରି , କୋରାପୁଟ, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ପକ୍ଷରୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ଝଡ଼ବର୍ଷା ସତ୍ତ୍ୱେ ରାଜ୍ୟର ପ୍ରବଳ ଗରମ ଓ ଗୁଳୁଗୁଳି ଲାଗି ରହିଛି। ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୦.୫, ଭବାନୀପାଟଣା ୪୦, ବଲାଙ୍ଗୀର ୪୧.୩, ଟିଟିଲାଗଡ଼ ୪୧.୪, ମାଲକାନଗିରି ୪୧, ସୋନପୁର ୪୨, ବୌଦ୍ଧ ୪୨.୨ , ନୂଆପଡ଼ା ୪୧ ଏବଂ ବରଗଡ଼ରେ ସର୍ବୋଚ୍ଚ ତାପାମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଦ୍ୱନ୍ଦ୍ୱ ସାଙ୍ଗକୁ...

ବଦଳାଇବାକୁ ହେବ। ଫଳରେ ଆଗାମୀ ୭ ମାସ ଯାଏ ଅତିରିକ୍ତ ୭ରୁ ୮ ଲକ୍ଷ ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବା ପାଇଁ ସେହି ସଂସ୍ଥାଗୁଡ଼ିକର ଭିତ୍ତିଭୂମି ଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ଦେବାକୁ ହେବ ସେ ନେଇ ମଧ୍ୟ ପ୍ରକାଶିତ ବିଜ୍ଞପ୍ତିରେ କିଛି କୁହାଯାଇନାହିଁ। ଡିଲରମାନେ ଅବଧି ଶେଷ ହେଉଥିବା ଡର ଦେଖାଇ ଗାଡ଼ି ମାଲିକଙ୍କଠାରୁ ମନଇଚ୍ଛା ଦର ଭିଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଗାଡ଼ି ମାଲିକ ଶୋଷଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଇଣ୍ଟରନେଟ୍ ବିଷୟରେ ଧାରଣା ନ ଥିବା ବ୍ୟକ୍ତିମାନଙ୍କୁ ସାଇବର କାଫେ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିପାଇଁ ଗାଡ଼ି ଚାଳକଙ୍କୁ ୧୦୦ରୁ ୨୦୦ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିପାରେ।

ମିଳିଥିବା ସୂଚନା ଅନୁଯାୟୀ, ଦୁଇଚକିଆ ଯାନ ବିକ୍ରି କରୁଥିବା ଡିଲରମାନେ ନୂଆ ଗାଡ଼ି ପାଇଁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ବାବଦରେ ୩୫୦ରୁ ୫୦୦ ଟଙ୍କା ନେଉଥିବାବେଳେ ଚାରିଚକିଆ ଲାଗି ୬୦୦ରୁ ୧ ହଜାର ନେଉଛନ୍ତି। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ କୌଣସି ଦର ନିର୍ଦ୍ଧାରଣ ହୋଇ ନ ଥିବାରୁ ଅଲଗା ଅଲଗା ଯାନ ପାଇଁ ଭିନ୍ନ ଭିନ୍ନ ଦର ରହିଛି। ପୁରୁଣା ୨ଚକିଆ ଗାଡ଼ି ପାଇଁ ୩୦୦ରୁ ୫୦୦ ଓ ୪ଚକିଆ ପାଇଁ ୧୫୦୦ ଟଙ୍କା ପଡ଼ିବ ବୋଲି ଭୁବନେଶ୍ୱରେ ଦୁଇ ଓ ଚାରିଚକିଆ ଯାନ ବିକ୍ରି କରୁଥିବା ଏକ ସଂସ୍ଥାର ମୁଖ୍ୟ ସୂଚନା ଦେଇଛନ୍ତି। ପୁରୁଣା ଗାଡ଼ି ପାଇଁ କୌଣସି ଦର ଧାର୍ଯ୍ୟ ହୋଇ ନ ଥିବାରୁ ଗାଡ଼ି ମାଲିକଙ୍କୁ ଦେଢ଼ରୁ ଦୁଇଗୁଣା ଦେବାକୁ ପଡ଼ିବା ଏକପ୍ରକାର ସ୍ପଷ୍ଟ ହୋଇଛି।

ପରିବହନ ବିଭାଗ ଡେପୁଟି କମିଶନର ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ନମ୍ବର ପ୍ଲେଟ୍ ବଦଳାଇବା କାର୍ଯ୍ୟ ରାଜ୍ୟ ସରକାରଙ୍କ ହାତରେ ନାହିଁ। ସରକାର ମଧ୍ୟ ଏ ବାବଦ ମୂଲ୍ୟ ଧାର୍ଯ୍ୟ କରିପାରିବେ ନାହିଁ। ନୂଆ ଗାଡ଼ିର ନମ୍ବର ପ୍ଲେଟ୍ ପାଇଁ ଯେତିକି ଟଙ୍କା ଦେବାକୁ ପଡୁଛି ପୁରୁଣା ଗାଡ଼ିରେ ସେତିକି ଦେବାକୁ ପଡ଼ିବ। ଯଦି କୌଣସି ଗାଡ଼ିର କାଗଜପତ୍ର ଠିକ୍ ନ ଥିବ ତେବେ ସେହି ଗାଡ଼ିର ନମ୍ବର ପ୍ଲେଟ୍ ବଦଳା ଯାଇପାରିବ ନାହିଁ। ଯଦି ଧାର୍ଯ୍ୟ ସମୟରେ ନମ୍ବର ପ୍ଲେଟ୍ ଲାଗିବାରେ ସମସ୍ୟା ହେବ ତେବେ ଜନସାଧାରଣଙ୍କ ହିତକୁ ଦେଖି ପରିବହନ ବିଭାଗ ଅବଧି ବଢ଼ାଇ ପାରିବ।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଗାଡ଼ିର ପଞ୍ଜୀକରଣ ନମ୍ବରର ଶେଷ ଅଙ୍କ ୧ ଓ ୨ ରହିଛି ସେହି ଗାଡ଼ିଗୁଡ଼ିକ ଅଗଷ୍ଟ ୩୧ ମଧ୍ୟରେ ଏଚ୍ଏସ୍ଆରପି ଲଗାଇବେ। ସେହିପରି ଶେଷ ଅଙ୍କ ୩ ଓ ୪ ପାଇଁ ସେପ୍ଟେମ୍ବର ୩୦, ୫ ଓ ୬ ପାଇଁ ଅକ୍ଟୋବର ୩୧, ୭ ଓ ୮ ପାଇଁ ନଭେମ୍ବର ୩୦ ଏବଂ ଶେଷ ଅଙ୍କ ୯ ଓ ୦ ପାଇଁ ଡିସେମ୍ବର ୩୧ ଧାର୍ଯ୍ୟ କରାଯାଇଛି। ଏଚ୍ଏସ୍ଆରପିକୁ ମନଇଚ୍ଛା ବଦଳାଯାଇପାରିବ ନାହିଁ। ଯଦି ଭାଙ୍ଗିଯିବ ତେବେ ସମ୍ପୃକ୍ତ ଅଞ୍ଚଳର ଥାନାରେ ଲିଖିତ ଆକାରରେ ଜଣାଇବାକୁ ପଡ଼ିବ। ନୂଆ ନମ୍ବର ପ୍ଲେଟ୍ ପାଇଁ ଏଫ୍ଆଇଆର କପି ସହ ଏସ୍ଆଇଏଏମ୍ ପୋର୍ଟାଲରେ ଆବେଦନ କରିବାକୁ ହେବ। ଯେଉଁମାନେ ଏହି ପ୍ଲେଟ ବ୍ୟବହାର କରିବେ ନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ ହଜାରରୁ ୧୦ ହଜାର ଟଙ୍କା ଯାଏ ଜରିମାନା କରାଯିବ।

ଦୁଇଚକିଆ ଯାନରେ ପରିବା ବ୍ୟବସାୟ କରୁଥିବା ଜଗନ୍ନାଥ ସାହୁ କହିଛନ୍ତି ଯେ, ସରକାର ନୂଆ ନିୟମ କରିଛନ୍ତି। ଆମେ ସେ ବିଷୟରେ କିଛି ଜାଣିପାରୁନୁ। କେଉଁଠି ନମ୍ବର ପ୍ଲେଟ୍ ବଦଳାଇବୁ, କେତେ ଟଙ୍କା ଦେବୁ। କମ୍ପ୍ୟୁଟର କ'ଣ ଆମେ ଜାଣିନୁ। ଦିଓଳି ଖଟିଲେ ଓଳିଏ ଚୁଲି ଜଳୁଛି। ସରକାର ଆମଭଳି ଗରିବଙ୍କ ଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ।

ଉଲ୍ଲେଖଯୋଗ୍ୟ, ଏଚ୍ଏସ୍ଆରପି ସାଧାରଣ ନମ୍ବର ପ୍ଲେଟ୍ଠାରୁ ଭିନ୍ନ। ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଦେଶର ସୁରକ୍ଷା, ଗାଡ଼ି ଚୋରି ରୋକିବା, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବାରେ ଏହି ନମ୍ବର ପ୍ଲେଟ୍ ବେଶ୍ ଉପାଦେୟ ହୋଇପାରିବ। ନମ୍ବର ପ୍ଲେଟ୍‌ରେ ଥିବା ଲେଜର କୋଡ୍‌କୁ ପରିବହନ ବିଭାଗର ଆପ୍ ସହ ସଂଯୋଗ କରାଯାଇଛି। ଏଥିରେ ଗାଡ଼ି ମାଲିକଙ୍କ ସମସ୍ତ ତଥ୍ୟ ରହିଛି। ଗାଡ଼ି ଚୋରିହେଲେ ଠାବ କରିବା ସହଜ ହେବ। ଏଥିସହିତ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ମାଲିକଙ୍କ ବିରୋଧରେ ଜରିମାନା ଚାଲାଣ ପଠାଇବା ମଧ୍ୟ ସହଜ ହେବ। ପ୍ରତ୍ୟେକ ନମ୍ବର ପ୍ଲେଟ୍ ପାଇଁ ସିଙ୍ଗଲ କୋଡ୍ ରହିବ। ସ୍ନାପ ବୋଲ୍ଟିଂ ଜରିଆରେ ଗାଡ଼ିରେ ପ୍ଲେଟ୍ ଲଗାଯାଉଥିବାରୁ ଏହାକୁ ଖୋଲିବା ସହଜ ହେବନାହିଁ। ଖୋଲିବାକୁ ଉଦ୍ୟମ କଲେ ତାହା ଭାଙ୍ଗିଯିବ।

## ଶ୍ରୁତି ଶର୍ମା ସର୍ବଭାରତୀୟ...

କାର୍ତ୍ତିକ ପାଣିଗ୍ରାହୀ ୬୩ତମ ର୍ୟାଙ୍କ୍ ପାଇ ଓଡ଼ିଶା ଟପ୍ପର ହୋଇଥିବାବେଳେ ୮୬ ର୍ୟାଙ୍କରେ ଗୌରବ କୁମାର ଅଗ୍ରୱାଲ ଓ ୯୯ ର୍ୟାଙ୍କରେ ତରୁଣ ପଟ୍ଟନାୟକ ମାଦଳା ରହିଛନ୍ତି। ସେହିପରି ୧୧୬ ର୍ୟାଙ୍କରେ ସମ୍ଭାବୀ ମିଶ୍ର, ୧୯୯ରେ ପୂଜା ସାହୁ, ୨୦୫ରେ ଦୁର୍ଗା ପ୍ରସାଦ ଅଧିକାରୀ, ୨୨୮ରେ ମୟଙ୍କ ମିଶ୍ର, ୨୩୨ରେ ବିଶ୍ୱ ବିଶ୍ରୁତ ତ୍ରିପାଠୀ, ୨୫୫ରେ ସିଦ୍ଧାର୍ଥ କୁମାର ମିଶ୍ର, ୨୬୯ରେ ଅନୁପ ଗର୍ଗ, ୨୭୩ରେ ସମୀର କୁମାର ଜେନା, ୩୦୬ରେ ସୌମ୍ୟରଞ୍ଜନ ପ୍ରଧାନ, ୩୭୬ରେ ହର୍ଷିତ ମେହେର, ୫୧୩ରେ ମାନସ ରଞ୍ଜନ ସାହୁ ଏବଂ ୬୧୪ ର୍ୟାଙ୍କରେ ନୟନ ରଞ୍ଜନ ଦାସ ଅଛନ୍ତି। ତେବେ ଅନ୍ୟ ଜଣେ ଓଡ଼ିଆ ଅଙ୍କୁର ଦାସ ୫୨ତମ ର୍ୟାଙ୍କ୍‌ରେ ରହିଥିଲେ ମଧ୍ୟ ସେ ମେଘାଳୟରେ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

କୃତକାର୍ଯ୍ୟ ହୋଇଥିବା ଏହି ୬୮୫ଜଣଙ୍କ ମଧ୍ୟରୁ ୫୦୮ଜଣ ପୁରୁଷ ଓ ୧୭୭ ଜଣ ମହିଳା। ଏମାନଙ୍କ ମଧ୍ୟରୁ ୧୮୦ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ୨୦୦ଜଣ ଭାରତୀୟ ପୋଲିସ ସେବା (ଆଇପିଏସ୍), ୩୭ଜଣ ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍), ୨୪୨ଜଣ ସେଣ୍ଟ୍ରାଲ ସର୍ଭିସେସ୍ ଗ୍ରୁପ୍-ଏ ଓ ୯୦ଜଣ ଗ୍ରୁପ୍-ବି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୫ ଦିନ ମଧ୍ୟରେ ୟୁପିଏସ୍‌ସି ୱେବ୍‌ସାଇଟରେ ପରୀକ୍ଷାର୍ଥୀଙ୍କ ମାର୍କ ଉପଲବ୍ଧ ହେବ। ଜଣେ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ସ୍ଥଗିତ ରଖାଯାଇଥିବା ଆୟୋଗ ପକ୍ଷରୁ କୁହାଯାଇଛି।

ୟୁପିଏସ୍‌ସି ପକ୍ଷରୁ ପ୍ରତିବର୍ଷ ସିଭିଲ୍ ସର୍ଭିସ ପରୀକ୍ଷା ୩ ପର୍ଯ୍ୟାୟରେ ହୋଇଥାଏ। ୨୦୨୧ ସିଭିଲ୍ ସର୍ଭିସ ପରୀକ୍ଷାର ଲିଖିତ ତଥା ମୁଖ୍ୟ ପରୀକ୍ଷା ୨୦୨୨ ଜାନୁୟାରୀରେ ଏବଂ ସାକ୍ଷାତ୍କାର ଏପ୍ରିଲ୍ ଓ ମେ'ରେ ଅନୁଷ୍ଠିତ ହୋଇଥିଲା। ତେବେ ଟପ୍ପର ହୋଇଥିବା ଶ୍ରୁତି ଶର୍ମା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସ ଅନର୍ସ ସହ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ଅଙ୍କିତା ଉକ୍ତ ବିଶ୍ୱବିଦ୍ୟାଳୟର ଅର୍ଥନୀତି (ଅନର୍ସ) ସ୍ନାତକ। ସେହିପରି ତୃତୀୟ ସ୍ଥାନରେ ଥିବା ଗାମିନୀ କମ୍ପ୍ୟୁଟର ବିଜ୍ଞାନରେ ବିଟେକ୍ କରିଛନ୍ତି।

ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ଜୀବନରେ ଆଖିଦୃଶିଆ ପରିବର୍ତ୍ତନ ଆଣିବା ପାଇଁ ସେମାନେ ଉତ୍ସର୍ଗୀକୃତ ଏବଂ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ମୃତ୍ୟୁ ପୂର୍ବରୁ ହୋଇଥିଲା...

ଠାଣେ ସହରରେ ଥିବା ଏକ ଆପାର୍ଟମେଣ୍ଟରେ ବୈଭବୀ ଝିଅ ରତିକା ଏବଂ ପୁଅ ଧନୁଷଙ୍କ ସହ ରହୁଥିଲେ। ସାଙ୍ଗରେ ତାଙ୍କ ମା'ଙ୍କୁ ମଧ୍ୟ ରଖିଥିଲେ। ଛାଡ଼ପତ୍ର ପରେ ପ୍ରତିବର୍ଷ ଝିଅପୁଅଙ୍କୁ ନେଇ ଅଶୋକ ଓ ବୈଭବୀ ୧୦ଦିନ ପାଇଁ ବୁଲିବାକୁ ଯିବେ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। କୋର୍ଟଙ୍କ ଅନୁମତି କ୍ରମେ ଅଶୋକ ଗତ ୨୭ ତାରିଖରେ ଦିଲ୍ଲୀ ଯାଇଥିଲେ। ବୈଭବୀ ୨ପିଲାଙ୍କୁ ଧରି ଦିଲ୍ଲୀ ଆସିବା ପରେ ସମସ୍ତେ ମିଶି ନେପାଳ ଅଭିମୁଖେ ବାହାରି ଯାଇଥିଲେ। ହେଲେ ଏହାଥିଲା ସେମାନଙ୍କ ଶେଷଯାତ୍ରା। ପୋଖରାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଜୋମ୍‌ସୋମ୍‌କୁ ଯାଉଥିବାବେଳେ ରବିବାର ସେମାନଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୋମବାର ସମସ୍ତଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହେବା ପରେ ଅଶୋକ ଏବଂ ବୈଭବୀଙ୍କ ଘର ଲୋକ ଭାଙ୍ଗିପଡ଼ିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏବେ ବୈଭବୀଙ୍କ ପରିବାରରେ ତାଙ୍କ ୮୦ ବର୍ଷୀୟା ମା' ଅଛନ୍ତି। ଅସୁସ୍ଥ ଥିବାରୁ ତାଙ୍କୁ ଏବେ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି। ଝିଅ, ନାତି ନାତୁଣୀଙ୍କ ମୃତ୍ୟୁ ଖବର ଅଦ୍ୟାବଧି ତାଙ୍କୁ ଜଣାଯାଇନାହିଁ। ବୈଭବୀଙ୍କ ସାନ ଭଉଣୀ ତାଙ୍କ ମା'ଙ୍କ ଯତ୍ନ ନେଉଛନ୍ତି।

## ସମସ୍ତ ୨୨ ଯାତ୍ରୀ...

ଅନୁସାରେ ମୃତକଙ୍କ ମଧ୍ୟରେ ୪ ଓଡ଼ିଆ ମଧ୍ୟ ରହିଛନ୍ତି। ସେମାନେ ହେଲେ ଅଶୋକ କୁମାର ତ୍ରିପାଠୀ(୫୪), ସ୍ତ୍ରୀ ବୈଭବୀ ତ୍ରିପାଠୀ(୫୧) ଉଭୟଙ୍କ ଝିଅ ରିତିକା ତ୍ରିପାଠୀ(୧୫), ପୁଅ ଧନୁଷ ତ୍ରିପାଠୀ(୨୨)। ଦୁର୍ଘଟଣାରେ ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ଶୋକବ୍ୟକ୍ତ କରିଛନ୍ତି।

ଖରାପ ପାଣିପାଗ ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବିମାନଟି ରବିବାର ସକାଳେ ୯ଟା ୫୫ରେ ୪ ଭାରତୀୟ, ୩ ଜାପାନିଜ୍, ୨ ଜର୍ମାନୀ ନାଗରିକଙ୍କ ସମେତ ୧୩ ନେପାଳୀଙ୍କୁ ନେଇ ପୋଖରାରୁ ଜୋମ୍‌ସୋମ୍‌କୁ ଯାଉଥିଲା। ଉଡ଼ାଣ ଭରିବାର ପ୍ରାୟ ୧୫ ମିନିଟ୍ ପରେ ମୁସ୍ତାଙ୍ଗ ଜିଲା ଲେଟେ ଅଞ୍ଚଳରେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ପାଇଲଟଙ୍କ ଫୋନ୍ ଟ୍ରାକିଂ ପରେ ବିମାନର ଲୋକେଶନ ମିଳିଥିଲା। ପ୍ରାୟ ୨୦ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ବିମାନର ଭଗ୍ନାବଶେଷ ଠାବ କରାଯାଇଥିଲା। ପ୍ରାୟ ୧୪,୫୦୦ ଫୁଟ୍ ଉଚ୍ଚତାରେ ବିମାନଟି ମୁସ୍ତାଙ୍ଗ ଜିଲାରେ ଥାସଙ୍ଗ-୨ଠାରେ କାହା ସହ ଧକ୍କା ଖାଇ ଖସିପଡ଼ିଥିବା କୁହାଯାଉଛି। ବିମାନର ଲାଞ୍ଜ ଏବଂ ଡେଣା ପ୍ଲେନ ସହ ଲାଗି ରହିଛି। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରାଯାଇପାରି ନ ଥିବାରୁ କାଠମାଣ୍ଡୁକୁ ଏୟାର ଲିଫ୍ଟ କରାଯାଇଛି।

## ଆଜି ବ୍ରଜରାଜନଗର...

କରିବେ। ଏଥର ଉପନିର୍ବାଚନ ଲାଗି ଅଧିକ ୨୨ଟି ବୁଥ୍ କରାଯାଇଛି। ୩୦ଟିକୁ ମଡେଲ ଏବଂ ୫ଟି ପିଙ୍କ୍ ବୁଥ୍ କରାଯାଇଛି। ଏଥର ଉପନିର୍ବାଚନରେ ପୂର୍ବତନ ବିଧାୟକ ତଥା ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଲକା ମହାନ୍ତି ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଭାଜପା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ବରିଷ୍ଠ ନେତା କିଶୋର ପଟେଲଙ୍କୁ ଟିକେଟ ଦେଇଛି।

## ସତ୍ୟେନ୍ଦ୍ର ଜୈନ...

ଜରିଆରେ ଟଙ୍କା କାରବାର କରୁଥିଲେ। ଉକ୍ତ ଟଙ୍କା କୌଣସି ବ୍ୟାଙ୍କକୁ ଯାଉ ନ ଥିଲା। ୪ କମ୍ପାନୀ ସହ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ଅଭିଯୋଗ ପରେ ୨୦୧୭ରେ ସିବିଆଇ ଦୁର୍ନୀତି ନିବାରଣ ଆଇନରେ ଦାଏର କରିଥିବା ଏତଲା ଆଧାରରେ ଇଡି ତଦନ୍ତ ଚଳାଇଥିଲା। ଦୁଇ ମାସ ପୂର୍ବରୁ ଇଡି ଜୈନ ଓ ତାଙ୍କ ପରିବାର ମାଲିକାନାରେ ଥିବା ୪.୮୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଥିଲା। ଏହି ସମ୍ପତ୍ତି ଅକିଞ୍ଚନ ଡେଭେଲପର୍ସ ପ୍ରା. ଲିଃ, ଇଣ୍ଡୋ ମେଟାଲ ଇମ୍ପେକ୍ସ ପ୍ରା.ଲିଃ, ପର୍ୟାସ ଇନ୍‌ଫୋ ସଲ୍ୟୁଶନ୍‌ସ ପ୍ରା.ଲିଃ, ମଙ୍ଗଳାୟତନ ପ୍ରୋଜେକ୍ଟସ୍ ପ୍ରା.ଲିଃ ଏବଂ ଜେଜେ ଆଇଡିଆଲ ଇଷ୍ଟେଟ୍ ପ୍ରା.ଲିଃର ହୋଇଥିବାବେଳେ ମନ୍ତ୍ରୀଙ୍କ ପରିବାରର ସ୍ୱାତୀ ଜୈନ, ସୁଶୀଳା ଜୈନ, ଅଜିତ ପ୍ରସାଦ ଜୈନ ଏବଂ ଇନ୍ଦୁ ଜୈନଙ୍କ ନାମରେ ଥିବା ସମ୍ପତ୍ତିକୁ ମଧ୍ୟ ବାଜ୍ୟାପ୍ତ ହୋଇଥିଲା। ଉପରୋକ୍ତ କମ୍ପାନୀଗୁଡ଼ିକ ମନ୍ତ୍ରୀ ଜୈନଙ୍କ ନିୟନ୍ତ୍ରଣରେ ରହିଥିଲେ।

ଜୈନଙ୍କୁ ଇଡି ଗିରଫ କରିପାରେ ବୋଲି ଗତ ଜାନୁୟାରୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ କରିଥିବା ପୂର୍ବାନୁମାନ ସୋମବାର ସତ୍ୟରେ ପରିଣତ ହୋଇଛି। ପଞ୍ଜାବ ନିର୍ବାଚନ ପୂର୍ବରୁ ଇଡି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗିରଫ କରିପାରେ ବୋଲି ଏକ ସୂତ୍ରରୁ ଜାଣିବାକୁ ପାଇଥିବା କେଜ୍‌ରିଓ୍ୱାଲ ଏକ ଦଳୀୟ ସଭାରେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ଲାଭ କରିବାରେ ଅସୁବିଧା ହେବ ନାହିଁ। ଖର୍ଚ୍ଚଭାର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟ ଦୂରେଇ ରହିବାର ଅପଚେଷ୍ଟା କରିବେ। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟା ସୁଧାରିନେବାରେ ପ୍ରଯତ୍ନ କରିପାରନ୍ତି।

**ବୃଷ**
ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି ସେହି କ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବ। କାର୍ଯ୍ୟଶୈଳୀର ପରିବର୍ତ୍ତନ ହେତୁ ଯାହା ଚାହୁଁଛନ୍ତି ତାହା ତ ନିଶ୍ଚିତ ପାଇବେ। ଯେକୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା ନେଇ ବ୍ୟସ୍ତତା ବଢ଼ିପାରେ। ମନୋରଞ୍ଜନର ଖୋରାକ ଯୋଗାଇବାରେ ବନ୍ଧୁ ସହଯୋଗ କରିବେ।

**ମିଥୁନ**
ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇ ବୁଲିବେ। ଫେରିଯାଇଥିବା ବନ୍ଧୁ ପୁଣି ଲେଉଟି ଆସି ପାରନ୍ତି। ବାକି ରଖିଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ, ପରିବହନରେ କିଛିଟା ସମସ୍ୟା ଦେଖାଦେବା ଆଶଙ୍କା ରହିଛି।

**କର୍କଟ**
ଅଫିସରେ ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟାକୁ ବଢ଼ାଇଦେବେ। ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟିଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ**
ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଠିକ୍ ସମୟରେ ପାଇପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନ ବଳାଇବେ। ପରୋକ୍ଷ ଶତ୍ରୁତା ପ୍ରତି ସଜାଗ ରହି କାମ କରିବା ଭଲ ହେବ।

**କନ୍ୟା**
କର୍ମକ୍ଷେତ୍ରରେ ନିଜର ଭୁଲ୍ ବୁଝାମଣାଜନିତ ବିଶୃଙ୍ଖଳା ମାନସିକ ସ୍ଥିତିକୁ କଳୁଷିତ କରିବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ କୌଣସି ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ପରିବାରରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ପର୍ଯ୍ୟନ୍ତ ଯାଇପାରନ୍ତି।

**ତୁଳା**
ଆତ୍ମୀୟଙ୍କ ସହାୟତାରେ ବହୁ କଷ୍ଟ ସ୍ୱୀକାର କରି ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ, ନତୁବା ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ରହିଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇଯାଇପାରେ।

**ବିଛା**
ଲକ୍ଷ୍ୟଭ୍ରଷ୍ଟ ହୋଇ ମରୀଚିକା ପଛରେ ଦୌଡ଼ି ପାରନ୍ତି। କୌଣସି ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତିରେ ସବୁ ଦୁଃଖ ଭୁଲିଯିବେ, ଯାହାକି ପରକ୍ଷଣରେ ପାରିବାରିକ ଜୀବନରେ ପ୍ରତିକୂଳ ପ୍ରଭାବ ପକାଇବ। ଖର୍ଚ୍ଚ କମାଇବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କଠିନ ଶ୍ରମ ସାଙ୍ଗକୁ ବିଶେଷ ଭ୍ରମଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ**
ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ଭିତରେ ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହୋଇପାରନ୍ତି। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର**
ସ୍ୱାସ୍ଥ୍ୟ ବିଗିଡ଼ିବା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିବା ଆଶଙ୍କା ରହିଛି। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳଲୋକଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଶ୍ରବଣା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ**
କାର୍ଯ୍ୟ ହାସଲ ସକାଶେ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧର୍ଯ୍ୟ ହୁଅନ୍ତୁ ନାହିଁ ,ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହିପାରିବେ ନାହିଁ।

**ମୀନ**
ଅତୀତର ଘଟଣାକୁ ନେଇ ଯେତିକି ଯେତିକି ଅଧିକ ଭାବୁଥିବେ ସେତିକି ସେତିକି ମନଟା ଅଧିକ ଖରାପ ଲାଗିବ। ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହୋଇପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ।


# classifieds

**Everyday**
0674-2580101, 2549302

**automobile**

**SALE**

Maruti Breeza, Scorpio 2016, 2013 XUV500-2018 for sale. 7381091234, 9861194627. D-73256

**real estate**

**SALE**

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

ଭୁବନେଶ୍ୱର Sum Hospitalରୁ 2K.M. ଦୂରତାରେ BDA yellowzone plot ଏବଂ ନୂଆଗାଁ ମଳିପଡ଼ା 100ft. wide roadକୁ ଲାଗି ମିଳୁଛି। Owner- 9090963952. D-73255

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି। ଯୋଗାଯୋଗ- 8328992008, 9827339640 few plot available. D-596

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495. D-487

Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320. D-73250

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

**construction**

Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-73254

**healthcare**

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Relax, Refresh your body, mind at Saikrupa Spa with best therapies. 8984068077. D-488

Refreshing your mind and body with the best therapy, 7873794731. D-317

**BUSINESS**

Institute of Astroguideର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ 30,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। 7008510005, 9437932751. D-73805

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

In the Court of the Commissioner, Land Records & Settlement, Odisha, Cuttack Board of Revenue, Cuttack
Revision Petition No:564/2008

Sarat Chandra Behera & others ...Petitioners.
Vrs.
Sarathi Malik & others ...Opp Parties.

To
O.P. No. 1. Sarathi Malik, S/o- Damei Malik, No.2. Bharat Malik (died issueless) (expunged), No.3. Natha Malik (being dead) leaving behind his LR. 3(a) Minjua Malik, S/o.- Late Natha Malik, No.-4. Sobha Ojha, W/o- Trilochan Ojha (expunged), No.- 5. Trilochan Ojha, S/o- Karuni Ojha, 6. Bailochan Ojha, S/o- Karuni Ojha, 7. Upendra Ojha, S/o- Kapila Ojha, 8. Manoj Ojha, S/o- Banamali Ojha, 9. Dillip Ojha (being dead) leaving behind his legal heirs, 9.(a) Sachin Ojha, S/o- Late Dillip Ojha, 9(b) Chaina Ojha, S/o- Late Dillip Ojha, 9(c) Papuni Ojha, S/o- Late Dillip Ojha, No.10. Manas Ojha, S/o- Banamali Ojha, Sl. No.- 1 to 10 all are of village/PO: Bainsiria, PS.- Bari Ramchandrapur, Dist.- Jajpur.

Notice Under Order-5, Rule-20 of C.P.C.

ଉପରୋକ୍ତ ମୋକଦ୍ଦମାର ଆଗାମୀ ତା୨୦।୦୭।୨୦୨୨ରିଖ ଦିବା ୧୧ଘଟିକା ସମୟକୁ ଧାର୍ଯ୍ୟ ହୋଇଅଛି। ତେବେ ଅତ୍ର ନୋଟିସ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଧାର୍ଯ୍ୟ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ହୋଇ ମୋକଦ୍ଦମାର ତଦବିର କରିବେ, ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମା ବିଚାର ହେବ।

ତଫସିଲ
ମୌଜା- ବାଇଁଶିରିଆ, ଥାନା- ବରିରାମଚନ୍ଦ୍ରପୁର, ତହସିଲ: ବରି, ଜିଲ୍ଲା: ଯାଜପୁର, ହାଲ୍ ଖାତା ନଂ.-୧୦୩୮ନମ୍ବର, ହାଲ୍ ପ୍ଲଟ୍ ନଂ.୪୦୫୧ନମ୍ବର ଏ୦.୨୮ଡି। ଯାହାକି ସାବକ ଖାତା ନଂ.-୧୩୦ନମ୍ବର, ସାବକ ପ୍ଲଟ୍ ନଂ.୧୭୨୧ନମ୍ବର, ଏ୦.୪୮ଡି।

ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ ସଚିବ (ବିଚାର) ରାଜସ୍ୱ ପର୍ଷଦ, କଟକ, ଓଡ଼ିଶା
କଟକ, ତା: ୨୧।୦୫।୨୦୨୨
ଧ-୬୦୩

## ସଂକ୍ଷେପରେ

### ମାର୍କେଟ କମ୍ପ୍ଲେକ୍ସ ମରାମତିରେ ଅନିୟମିତତା ଅଭିଯୋଗ

**ଝୁମ୍ପୁରୀ,୩୦।୫(ଡି.ଏନ.ଏ.):** ଦଶରଥପୁର ବ୍ଲକ୍ ଅଧୀନ ଡାହାଣୀହତା ପଞ୍ଚାୟତ ବଉଲାଙ୍ଗ ବଜାରରେ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସ ମରାମତି କାର୍ଯ୍ୟରେ ଅନିୟମିତତା ହୋଇଛି। ମରାମତି ପାଇଁ ଆସିଥିବା ୨ ଲକ୍ଷ ୩୦ ହଜାର ଟଙ୍କାକୁ ଠିକାଦାର ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ୍ କରିଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିବା ସହ ଏ ସମ୍ପର୍କରେ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ କୁନା ସାମଲ, ବାବନ ଜେନା, ଭଜହରି ଜେନା, ଶ୍ରୀଧର ବେହେରା, ସୁଧାଂଶୁ ସାହୁ, ଜମାରୁଦ୍ଦିନ୍ ଖାଁ ଓ ତପନ ଜେନା ପ୍ରମୁଖ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ପ୍ରଥମେ ଏହି ଅନିୟମିତତା ନେଇ ଜେଇଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗ : ଜଣେ ଗୁରୁତର

**କୁଜଙ୍ଗ ୩୦।୫(ଡି.ଏନ୍.ଏ.):** କୁଜଙ୍ଗ ଥାନା ସନ୍ତରା ଗ୍ରାମ ନିକଟସ୍ଥ ଉତ୍ତରପାର୍ଶ୍ୱ ତାଳଦଣ୍ଡା କେନାଲ ବନ୍ଧରେ ରବିବାର ରାତିରେ ଗ୍ରାମର ପ୍ରସନ୍ନ ପରିଡା(୫୩)ଙ୍କୁ ୩ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ତାଙ୍କ ପାଖରେ ଥିବା ୪୦ ହଜାର ଟଙ୍କା ନେଇଯାଇଥିଲେ। ସାନଭାଇ ପ୍ରବୀର ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୨୧୦/୨୨) ରୁଜୁ କରିଛି। ଏଥିସହ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରସନ୍ନ ତାଳଦଣ୍ଡା କେନାଲ ବନ୍ଧ ଦେଇ ନିଜ ଇଟାଭାଟିକୁ ଯାଉଥିବାବେଳେ ଅଭିଯୁକ୍ତମାନେ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ। ଏପଟରେ ଦୁଇଜଣ ଝିଅ ଆସିଥିବା ଦେଖିଛ କି ବୋଲି ପଚାରିଥିଲେ। ପ୍ରଶନ୍ନ ମନା କରିବା କ୍ଷଣି ଅଭିଯୁକ୍ତମାନେ ତାଙ୍କ ପେଟକୁ ଧାରୁଆ ଅସ୍ତ୍ରରେ ଭୁଷି ଟଙ୍କା ନେଇ ପଳାଇଯାଇଥିଲେ।

### ବାଇକ୍ ଚୋରି: ୨ ଅଭିଯୁକ୍ତ ଗିରଫ

**କୁଜଙ୍ଗ, ୩୦।୫ (ଡି.ଏନ.ଏ.):** ଅଭୟଚାନ୍ଦପୁର ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ଚୋରି ବାଇକ୍‌କୁ ଜବତ କରିଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଯଦୁପୁର ଗାଁର ବିଶୋକ ସ୍ୱାଇଁ ୨୬ ତାରିଖରେ ପାରାଦୀପ ଆଇଓସିଏଲ ପିପିଗେଟ ନିକଟରେ ବାଇକ୍ ରଖି ଭିତରକୁ କାମ କରିବାକୁ ଯାଇଥିଲେ। ସ୍ୱାଇଁ ଫେରି ଦେଖିଲା ବେଳକୁ ବାଇକ୍ ନାହିଁ। ଏ ନେଇ ସେ ଥାନାରେ ଅଭିଯୋଗ କରିବାରେ ପୋଲିସ ମାମଲା ରୁଜୁ କରିଥିଲା। ଏହି ଚୋରି ଘଟଣାରେ ୩ ଜଣ ଅଭିଯୁକ୍ତ ପୋଲିସ ସ୍କାନରରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଥାନା ଅନ୍ତର୍ଗତ ବଗଦିଆ ଗାଁର ବଳରାମ ନାୟକ, ସନ୍ତୋଷ ମଲ୍ଲିକଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ଚୋରି ବାଇକ୍ ସମେତ ୨ଟି ହୁଣ୍ଡା ସାଇନ ବାଇକ୍ ଜବତ କରାଯାଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅବ୍ୟବସ୍ଥାରେ ମୋଟର ଯାନ ପରୀକ୍ଷଣ ସରଣୀ

**ଚଣ୍ଡିଖୋଲ,୩୦।୫(ଡି.ଏନ.ଏ.)**


ମୋଟର ଯାନ ପରୀକ୍ଷଣ ସରଣୀ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଯାଜପୁର ଜିଲାର ଚଣ୍ଡିଖୋଲଠାରେ ରହିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ପୂର୍ବରୁ ଏହି କାର୍ଯ୍ୟାଳୟ ପରିସରରେ ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ)ଙ୍କ କାର୍ଯ୍ୟାଳୟ ଥିଲା। ତେବେ ୨୦୧୮ ଜୁଲାଇରୁ ଏହା ପ୍ରସିଦ୍ଧ ମହାବିନାୟକ ପୀଠର ପାଦଦେଶରେ କାର୍ଯ୍ୟ କରୁଛି। ତେବେ ଦୈନିକ ଏଠାକୁ ହଜାରହଜାର ଲୋକ ଆସୁଥିବା ବେଳେ ଅବ୍ୟବସ୍ଥା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମ୍‌ଭିଆଇଙ୍କ କାର୍ଯ୍ୟାଳୟ ସହ ଏଠାରେ ମୋଟରଯାନ ଚାଳନା ପରୀକ୍ଷଣ ସରଣୀ ରହିଛି। ତେବେ ଏହି ପରୀକ୍ଷଣ ସରଣୀ ସମତୁଲ ନାହିଁ। ଏହାର ଚତୁଃପାର୍ଶ୍ୱ ଖାଲରେ ଭର୍ତ୍ତି ହୋଇଥିବା ବେଳେ ବର୍ଷାଦିନେ ଏହା ମଧ୍ୟରେ ପାଣି ଜମି ରହୁଥିବାରୁ ପରୀକ୍ଷା ଦେବାକୁ ଆସୁଥିବା ଚାଳକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଠାରେ ଅଳ୍ପସ୍ଥାନକୁ ଡଳେଇ କରାଯାଇଥିବା ବେଳେ ଏହା ମଧ୍ୟରେ କେବଳ ଛୋଟ ଦୁଇ ଚକିଆ ଯାନ ଛଡ଼ା ଚାରି ଚକିଆ ଯାନ ପରୀକ୍ଷଣ କରିବା କଷ୍ଟକର। ପଡ଼ିଆ ମଧ୍ୟରେ କେଉଁଠି ମାଟି ଗଦା ହୋଇଛି ତ କେଉଁଠି ବାଲି ଗଦା ହୋଇଛି। ପରୀକ୍ଷଣ ସରଣୀ ପାଇଁ ସ୍ୱତନ୍ତ୍ର ସମତୁଲ ସ୍ଥାନ ସହ ଟ୍ରାକ୍ ତିଆରି ହେବା ନିୟମ ରହିଥିବା ବେଳେ ଏଠାରେ ସେଭଳି ଟ୍ରାକ୍‌ର ବ୍ୟବସ୍ଥା ନାହିଁ। ଟ୍ରକ୍, ଦୁଇ ଚକିଆ ଓ ଚାରିଚକିଆ ଡ୍ରାଇଭିଂ ଲାଇସେନ୍‌ସ ପାଇଁ ଆସୁଥିବା ବ୍ୟକ୍ତିମାନେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବସିବା ପାଇଁ କୌଣସି ସ୍ଥାନ ନ ଥିବାବେଳେ ଖରାଦିନେ ସେଠାରେ ଜଳ ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ସରକାରଙ୍କ ତରଫରୁ ପ୍ରତ୍ୟେକ ସ୍ଥାନରେ ଗ୍ରୀଷ୍ମ ପ୍ରଭାବ ସମୟରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲାବେଳେ ଏଠାକୁ ଆସୁଥିବା ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସେହିଭଳି ଦିନ ୧୦ଟା ପରେ ଖରାଦିନେ ଖୋଲା ପଡ଼ିଆରେ କୌଣସି କାର୍ଯ୍ୟ ହେବାକୁ ନ ଥିବାବେଳେ ଏଠାରେ ଦିନ ଗୋଟାଏ ପର୍ଯ୍ୟନ୍ତ ଲୋକଙ୍କୁ ପରୀକ୍ଷଣ କରିବାକୁ ବାଧ୍ୟ କରାଯାଉଛି। ହାଲୁକା ମୋଟର ଯାନ ଡ୍ରାଇଭିଂ ପରୀକ୍ଷଣ ପାଇଁ ଏଠାରେ ବ୍ୟବହୃତ ହେଉଥିବା ଏକ ପୁରୁଣା ଗାଡ଼ିକୁ ବ୍ୟବହାର କରିବାକୁ ଲୋକଙ୍କୁ ବାଧ୍ୟ କରାଯାଉଛି, ଯାହାକି ଏକ ବେନିୟମ କାମ। ଯେକୌଣସି ଚାଳକ ନିଜ ଗାଡ଼ିରେ ମଧ୍ୟ ପରୀକ୍ଷଣ ଦେବାର ବ୍ୟବସ୍ଥା ଥିବାବେଳେ ଏଠାରେ କିନ୍ତୁ ତାହାକୁ ଅଣଦେଖା କରାଯାଉଛି। ତେଣୁ ପରୀକ୍ଷଣ ସରଣୀକୁ ସୁନ୍ଦର ଓ ସମତୁଲ କରିବା ସହ ହେଉଥିବା ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ଏଠାକୁ ଆସୁଥିବା ବ୍ୟକ୍ତିମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଏମ୍‌ଭିଆଇ ବସନ୍ତ ସେନାପତିଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ମାତ୍ର ୧୦ଦିନ ହେଲା ଏଠାକୁ ଆସିଛି। ଶରୀର ଅସୁସ୍ଥତା ହେତୁ ବିଶେଷ ସମୟ ଦେଇପାରୁ ନାହିଁ। ତେଣୁ ଅଭିଯୋଗ ସମ୍ପର୍କରେ କିଛି କହିପାରିବି ନାହିଁ ବୋଲି ମତ ରଖିଛନ୍ତି।

## ଜିଲା ଟ୍ରକ ମାଲିକ ସଂଘର ସାଧାରଣ ବୈଠକ

**ପାରାଦୀପ, ୩୦।୫(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଦୋଛକି ଜିରୋ ପଏଣ୍ଟଠାରେ ଥିବା ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘର ସାଧାରଣ ବୈଠକ ଓ ନୂତନ ଗୃହ ପ୍ରବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ଦୁଇବର୍ଷ ହେଲା ବୈଠକ ବସି ପାରି ନ ଥିଲା। ଏଥିରେ ଟ୍ରକ ମାଲିକଙ୍କ ଅନେକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲାର ଆର୍‌ଟିଓ ନୀତି ଓ ଅଲଗା ନିୟମ ଉପରେ ମାଲିକମାନେ କ୍ଷୋଭ ପ୍ରକାଶ କରିଥିଲେ। କାରଣ କଟକ ଓ ଅନ୍ୟ ଜିଲାରେ ଭିନ୍ନ ନିୟମ କରାଯାଇଥିବାରୁ ଅନେକ ଅସୁବିଧା ହେଉଛି। ଏ ସମ୍ପର୍କରେ ସଂଘ ଅନ୍ୟ ସଂଘକୁ ଏକାଠି କରି ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଥିଲେ। ଉକ୍ତ ସଂଘର ସ୍ଥାୟୀ ଘର ନ ଥିଲା। ଏବେ ବହୁତଳ ବିଶିଷ୍ଟ ନୂତନ ଘର ହୋଇଛି। ଏହି ଘରେ ସମସ୍ତ ସୁବିଧା ରହିଛି। ସଦସ୍ୟମାନେ ଏବେ ସୁବିଧାରେ ବସି ଆଲୋଚନା କରି ପାରିବେ ବୋଲି ପଟ୍ଟନାୟକ କହିଥିଲେ।

## 'ଅନ୍ୱେଷଣ ଥିଏଟର' ଗ୍ରୁପ୍ ପକ୍ଷରୁ ପାନୀୟ ସେବା


ଲୋକଙ୍କୁ ପାନୀୟ ସେବା ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ, ୩୦।୫(ଡି.ଏନ.ଏ.)**

ଯାଜପୁରରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅନ୍ୱେଷଣ ଥିଏଟର' ଗ୍ରୁପ ପକ୍ଷରୁ ସାବିତ୍ରୀ ଅମାବାସ୍ୟା ଅବସରରେ ଗ୍ରୀଷ୍ମପ୍ରଭାବକୁ ଦୃଷ୍ଟିରେ ରଖି ବିରଜା ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କୁ ପାନୀୟ ସେବା ପ୍ରଦାନ କରାଯାଇଛି। ଦୀର୍ଘ ୨ ବର୍ଷ ପରେ ମା'ବିରଜାଙ୍କ ପୀଠରେ ସାବିତ୍ରୀ ଅମାବାସ୍ୟାରେ କୋଣ ଅନୁକୋଣରୁ ଭକ୍ତଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିରଜା ମନ୍ଦିରରେ ସାବିତ୍ରୀମାନେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଗ୍ରୁପ୍‌ର ସଦସ୍ୟାସଦସ୍ୟ ଏକତ୍ରିତ ହୋଇ ସମସ୍ତ ଭକ୍ତଙ୍କୁ ଦହି ସର୍ବତ ଏବଂ କ୍ୱାସ୍ ସର୍ବତ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ଥାନାଧିକାରୀ ଅଜୟ କୁମାର ଜେନା, ଅନୁଷ୍ଠାନ ସଭାପତି ବୃନ୍ଦାବନ ମିଶ୍ର, ଅନୁଷ୍ଠାନ ଉପଦେଷ୍ଟା ତଥା ଯାଜପୁର ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ହରିହର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ସଦସ୍ୟମାନଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପିଏମ୍ କେୟାର୍ସ ଯୋଜନାରେ ୪ ଶିଶୁ ସାମିଲ



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**ଯାଜପୁର ଅଫିସ,୩୦।୫**

- କରୋନା ସମୟରେ ୬୬ ଶିଶୁ ପିତାମାତାଙ୍କୁ ହରାଇଛନ୍ତି
- ୭୩ ଶିଶୁ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଛନ୍ତି

କରୋନା ସଂକ୍ରମଣରେ ମା'ବାପାଙ୍କୁ ହରାଇଥିବା ଯାଜପୁର ଜିଲାରେ ୪ ଶିଶୁ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କେନ୍ଦ୍ର ସରକାରଙ୍କ ପିଏମ୍ କେୟାର୍ସ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ଯତ୍ନ, ଶିକ୍ଷା ଓ ସୁରକ୍ଷା ଯୋଗାଇ ଦେବା ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ସୋମବାର ଜିଲା କାର୍ଯ୍ୟାଳୟ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର କନ୍‌ଫରେନ୍ସ ହଲରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେବା ସହ ୪ ଶିଶୁଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପିଏମ କେୟାର୍ସ ପାସ୍‌ବୁକ୍ ସହିତ ପ୍ରଧାନମନ୍ତ୍ରୀଙ୍କ ପତ୍ର ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ପିଲାମାନଙ୍କୁ ୧୮ ବର୍ଷ ହେବା ପରେ ଏହି ପାଣ୍ଠିର ଉପଯୋଗ କରିପାରିବେ ଓ ୨୩ ବର୍ଷ ପରେ ଏହି ପାଣ୍ଠିର ପୂର୍ଣ୍ଣ ସହାୟତା ଗ୍ରହଣ କରିପାରିବେ ବୋଲି ଅତିରିକ୍ତ ଜିଲାପାଳ ମଲ୍ଲିକ ସୂଚନା ଦେଇଥିଲେ। ଉକ୍ତ ପିଲାମାନଙ୍କୁ ଆଶୀର୍ବାଦ ଯୋଜନା, ପୃଷ୍ଠପୋଷକତା ଓ ମଧୁବାବୁ ଯୋଜନା ଆଦିରେ ସାମିଲ କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ୨୩ ବର୍ଷ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଯାଏ ସ୍ୱାସ୍ଥ୍ୟ ବୀମାର ସୁବିଧା ପାଇପାରିବେ। ବୀମାରେ ପ୍ରିମିୟମ ରାଶି ପିଏମ୍ କେୟାର୍ସ ବହନ କରିବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୨୦ ହଜାର ଟଙ୍କାର ସହାୟତା ମିଳିବ। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଉକ୍ତ ପିଲାମାନଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ଜିଲା ପ୍ରଶାସନ ପ୍ରଦାନ କରିଛନ୍ତି। ଉଚ୍ଚ ଶିକ୍ଷାରେ ନାମ ଲେଖାଇଲେ ପିଲାମାନେ ନିଃଶୁଳ୍କ ଋଣ ପାଇପାରିବେ। କରୋନା ସମୟରେ ୬୬ଜଣ ଶିଶୁ ବିଭିନ୍ନ କାରଣରୁ ପିତାମାତାଙ୍କୁ ହରାଇଛନ୍ତି। ଏହାବାଦ ୭୩ ଜଣ ଶିଶୁ ତାଙ୍କ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଛନ୍ତ। ଏହି ସମସ୍ତ ପିଲାଙ୍କୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଉଛି ବୋଲି ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସୂଚନା ଦେଇଥିଲେ। ଏହି ଯୋଜନା ଅନ୍ତର୍ଗତ ସେମାନଙ୍କୁ ସିଧାସଳଖ ମାସିକ ଆର୍ଥିକ ସହାୟତା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାରିବାରିକ ସମୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଉଛି। ଜିଲାସ୍ତରରେ ଏହି କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ରୀତା ବେହେରା, ବରିଷ୍ଠ ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି , ଶୁଭ୍ରାଂଶୁ ଶେଖର ରାୟ, କିଶୋର ନ୍ୟାୟ ପରିଷଦର ସଦସ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶିଧର ସିଂହ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ନିର୍ମଳଚନ୍ଦ୍ର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ସୁଧାଂଶୁ ମୋହନ ଶତପଥୀ, ଶିଶୁ ସୁରକ୍ଷା ୟୁନିଟର ତପନ କୁମାର ପଣ୍ଡା, କାଳି ପ୍ରସାଦ ସାହୁ, ଶିଶିର କୁମାର ମଲ୍ଲିକ, ଦୀପକ କୁମାର ସାହୁ, ବିଶ୍ୱନାଥ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଚାଷୀଙ୍କ ସ୍ୱାର୍ଥ ପାଇଁ ଏକତ୍ରିତ ହୁଅ

### ନବନିର୍ମାଣ କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ

**କୁଜଙ୍ଗ, ୩୦।୫ (ଡି.ଏନ୍.ଏ.)**

ନବନିର୍ମାଣ କୃଷକ ସଙ୍ଗଠନ କୁଜଙ୍ଗ ବ୍ଲକ ଶାଖାର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂତନ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଦାସ ଯୋଗଦେଇ ଚାଷୀଙ୍କ ସ୍ୱାର୍ଥ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ରାଉତ, ଦୀନେଶ ଦାସ ପ୍ରମୁଖ ଯୋଗଦେଇ କୃଷି ଓ କୃଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜଳ ସେଚନ, ଜଳ ନିଷ୍କାସନ, ଡ୍ରେନେଜ ବ୍ୟବସ୍ଥା କରିବା, ଚାଷୀମାନଙ୍କ ଉତ୍ପାଦିତ ବଳକା ଫସଲ ମହଜୁଦ୍ ରଖିବା ପାଇଁ ଶୀତଳଭଣ୍ଡାର ଓ ଗୋଦାମ ଘର ପ୍ରତିଷ୍ଠା, ଜୱାଦ ବତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଚାଷୀଙ୍କୁ ସୁରକ୍ଷା ଭତ୍ତା, ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପ୍ରଦାନ, ଭାଗଚାଷୀମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା, ବର୍ଦ୍ଧିତ ପେଟ୍ରୋଲ ଡିଜେଲ, ଗ୍ୟାସ ଦର ହ୍ରାସ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏସବୁ ଦାବି ନେଇ ଆସନ୍ତା ୩ ତାରିଖ ଶୁକ୍ରବାର କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ହୋଇଛି। ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ଏହି ବୈଠକରେ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ କୃଷକ ନେତା ବୀରେନ୍ଦ୍ର ବିଶ୍ୱାଳ, ଦେବୀ ପ୍ରସାଦ ପଟ୍ଟନାୟକ, ବାସୁଦେବ ରାଉତ, ପ୍ରହଲ୍ଲାଦ ସ୍ୱାଇଁ, ଭ୍ରମର ପରିଡା, ଶ୍ରୀଧର ମାଝି, ସମୀର ରାଉତ, ଧୀର ସାମଲ, ତରଣୀ ରାଉତ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଞ୍ଝାରପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ


ପ୍ରେସ୍ କ୍ଲବ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିଞ୍ଝାରପୁର,୩୦।୫(ଡି.ଏନ.ଏ.)**

ବିଞ୍ଝାରପୁର ପ୍ରେସ୍ କ୍ଲବର ୭ମ ବାର୍ଷିକ ଉତ୍ସବ କ୍ଲବ୍ ଆବାହକ ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଅନ୍ୟତମ ସମ୍ମାନିତ ଅତିଥି ଉପାଧ୍ୟକ୍ଷ ସେକ ଇର୍ସାଦ, ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଖବରଦାତାଙ୍କୁ ଜନସାଧାରଣଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ରାମକୃଷ୍ଣ ଦାସ, ଦେବୀ ପ୍ରସାଦ ସାହୁ, ସେକ୍ ସନୱାର, ସେକ୍ ମଇଦୁଲ ଇସଲାମ, ସେକ୍ ଗୁଲନୱାଜ ଖାନ, ସତ୍ୟରଞ୍ଜନ ମଲିକ, ନିମାଇଁ ଘଡ଼ାଇ, ସରୋଜ ସାହୁ, ଶଙ୍କର୍ଷଣ ସାମଲ, ଗୋପାଳ ସୁତାର ଓ ଅନଙ୍ଗ ଉଦୟ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

**India Tourism Development Corporation Ltd.**
(A Government of India Undertaking)
SCOPE Complex, Core-8, 6th Floor, 7-Lodhi Road, New Delhi-110003

**ଇ-ଟେଣ୍ଡର ବିଜ୍ଞପ୍ତି**

ବିଷୟ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱରଠାରେ ଅଗ୍ନି ଚିହ୍ନଟ ଓ ଅଗ୍ନି ନିର୍ବାପନ ପ୍ରଣାଳୀର ଏସ୍‌ଆଇଟିସି ନିମନ୍ତେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି।

| | |
|---|---|
| ଅଟକଳ ମୂଲ୍ୟ | : ଟ.୭୫,୬୫,୭୮୬.୦୦ |
| ଇଏମ୍‌ଡି | : ଟ.୧,୫୧,୩୧୬.୦୦ |
| ଟେଣ୍ଡର ବିକ୍ରୟ ଆରମ୍ଭ ତାରିଖ | : ତା୩୧।୦୫।୨୦୨୨ରିଖ |
| ଟେଣ୍ଡର ଦାଖଲର ଶେଷ ତାରିଖ | : ତା୧୪।୦୬।୨୦୨୨ରିଖ, ୧୬.୦୦ ଘଟିକା ପର୍ଯ୍ୟନ୍ତ |
| ଟେଣ୍ଡର ଖୋଲାଯିବା ତାରିଖ | : ତା୧୫।୦୬।୨୦୨୨ରିଖ, ୧୬.୦୦ ଘଟିକାରେ |

ଅଧିକ ବିବରଣୀ ପାଇଁ, ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ:-
https://etenders.gov.in/eprocure/app ଏବଂ www.itdc.co.in କିମ୍ବା ଡିଜିଏମ୍ (ଇଂ.): ୦୧୧-୨୪୩୦୭୫୨୯/ମ୍ୟାନେଜର(ଇଆଣ୍ଡଏମ୍): ୦୧୧-୨୪୩୦୭୫୨୬/୫୦୮
ଦ୍ରଷ୍ଟବ୍ୟ: ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରରେ ଉଲ୍ଲିଖିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
One stop solution for all your Travel, Tourism and Hospitality needs

# ଖୁଣ୍ଟି ଅଛି, ବିଦ୍ୟୁତ୍ ସଂଯୋଗ ହେଉନି

**ରାହାମା,୩୦।୫(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରାହାମା-ଖୋସାଲପୁର ପୋଲ ମହାନଦୀ ଉପରେ ନିର୍ମାଣ କରାଯାଇଛି। ଦେଢ଼ କିମି ବ୍ୟାପୀ ଏହି ପୋଲ ଦେଇ ଦୈନିକ ବହୁ ଲୋକ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରକୁ ଯାତାୟାତ କରିଥାନ୍ତି। ମାତ୍ର ଏଠାରେ ଆଲୋକୀକରଣ ପାଇଁ ବ୍ୟବସ୍ଥା ହୋଇ ନ ଥିବାରୁ ସନ୍ଧ୍ୟା ପରେ ଅନ୍ଧାର ଓ ନିଛାଟିଆ ହୋଇଯାଉଛି। ଏଥିସହ ଲାଗିଥିବା ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିଉଛନ୍ତି। ବହୁ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆଇଓସିଏଲ୍‌ର ସିଏସ୍‌ଆର ପାଣ୍ଠିରେ ୫୩ ଲକ୍ଷ ୭୪ ହଜାର ୬୮ ଟଙ୍କା ବିନିମୟରେ ଆଲୋକୀକରଣ ପାଇଁ ବନ୍ଦୋବସ୍ତ କରିଥିଲେ। ଏ ନେଇ ଉନ୍ନୟନ ବିଭାଗ ଚିଠି (ନଂ. ୩୮୫୨/୨୫।୩।୨୨)ରେ ଉଲ୍ଲେଖ ରହିଛି। ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଏହି ଅର୍ଥ ବିନିମୟରେ ଖୁଣ୍ଟ, ତାର ଓ ବଲବ୍ ଲଗାଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ପୋଲ ଉପରେ ଲଗାଯାଇଥିବା ଖୁଣ୍ଟିରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ସାଇଲୋ ସରପଞ୍ଚ ସରୋଜ ସେଠୀ, ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକାର ବେହେରା, ଭିକାରୀ ସେନାପତି, ରାହାମା ପ୍ରେସ୍ କ୍ଲବ ସଭାପତି ମାନସ ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ, ନିର୍ଲିପ୍ତ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ ଲାଗି ପ୍ରଥମେ ଉପଭୋକ୍ତା ହେବାକୁ ପଡିବ। ପୋଲଟି ହଂସୁରା ଓ ତାଳପଡ଼ା ପଞ୍ଚାୟତ ଅଧୀନରେ ଥିବାରୁ ଏ ନେଇ ସେଠାକାର ସରପଞ୍ଚଙ୍କ ସହ ଆଲୋଚନା କରାଯାଇଛି। ବିଦ୍ୟୁତ୍ ସଂଯୋଗ ଲାଗି ଆବଶ୍ୟକ ହେଉଥିବା ୨ ଲକ୍ଷ ୬ ହଜାର ଟଙ୍କା ମିଳିତ ଭାବେ ଦାଖଲ କରିବାକୁ ଉଭୟ ପଞ୍ଚାୟତକୁ କୁହାଯାଇଛି। ଏହି ଅର୍ଥ ଦାଖଲ କରିବା ପରେ ଆଲୋକୀକରଣ ହୋଇପାରିବ।

# ସୁସ୍ମିତାଙ୍କୁ ଓଡ଼ିଶା ପ୍ରତିଭାପୂଜା ସମ୍ମାନ


ସୁଶ୍ରୀ ସୁସ୍ମିତା ଦାସଙ୍କୁ ସମ୍ମାନିତ କରାଯାଉଛି।

**ଝୁମ୍ପୁରୀ,୩୦।୫(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍ ଅସନପୁର ପଞ୍ଚାୟତସ୍ଥ କଣ୍ଟାବଣିଆ ଗ୍ରାମର ସୁସ୍ମିତା ଦାସ ରାଜ୍ୟସ୍ତରୀୟ ଓଡ଼ିଶା ପ୍ରତିଭାପୂଜା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଓଡ଼ିଶା ପ୍ରତିଭାପୂଜା ସଂସଦର ଦ୍ୱାବିଂଶତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ କଟକ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ସମାରୋହର ପ୍ରଥମ ଅଧିବେଶରେ ଶ୍ରୀଧର ଶେଖର ମହାପାତ୍ର, ସୌମ୍ୟକାନ୍ତ ସାମନ୍ତରାୟ, ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ଶରତ ଚନ୍ଦ୍ର ଥାଟୋଇ, ବିକାଶ ଶତପଥୀ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବାହାଦୁର ପାଟଶାଣୀଙ୍କ ସଂଯୋଜନାରେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ଜୟନ୍ତ ମଲ୍ଲିକ, ମାନସ ସାହୁ, ସୁସ୍ମିତା ଦାସଙ୍କ ସମେତ ୩୦ଜଣ ଗାଳ୍ପିକ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂସଦ ସମ୍ପାଦକ ଦିଲୀପ ଦାସ ସମାରୋହ ପରିଚାଳନା କରିଥିଲେ। ଏଥିରେ ସମାଜର ପୂର୍ବତନ ସମ୍ପାଦକ ସତ୍ୟ ରାୟ ସଭାପତିତ୍ୱ କରିଥିବାବେଳେ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆକାଶବାଣୀ କଟକ କେନ୍ଦ୍ରର ଯୁବ କଳାକାର ପ୍ରଦୀପ୍ତ କୁମାର ଦାସ ଓ ସାବିତ୍ରୀ ପ୍ରତିଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ଦାସଙ୍କ କନ୍ୟା ସୁଶ୍ରୀ ସୁସ୍ମିତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ପୂର୍ବତଟ ରେଳପଥ ଭୁବନେଶ୍ୱରର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ କବି ନିରାକାର ଦାସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, 'ୱାର୍ଲ୍ଡ୍ ୱାଚ୍'ର ବରିଷ୍ଠ ସମ୍ପାଦକ ଔପନ୍ୟାସିକ ଉମାଶଙ୍କର ମିଶ୍ର, ଖବରଦାତା ଓ କବି ମୁରଲୀଧର ସାମଲ, ମୀନକେତନ ଦାସ ପ୍ରମୁଖ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲାର ପ୍ରାଣୀ ଚିକିତ୍ସକ ତଥା କବି ଜୟନ୍ତ ମଲ୍ଲିକଙ୍କ ସମେତ ୩୦ଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes

- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering

Information Brochure and details of the programmes are available in the Institute Website.

Phone : 0674 - 2653305/2653308
E-mail : admission@iiit-bh.ac.in
Home page : www.iiit-bh.ac.in

IIIT Bhubaneswar, Gothapatna, PO: Malipada
Bhubaneswar-751003, India

# ନିମ୍ନମାନର କଲ୍‌ଭର୍ଟ ନିର୍ମାଣ, କାମ ବନ୍ଦ କଲେ ସରପଞ୍ଚ

ରାଜନଗର, ୩୦।୫(ଡି.ଏନ୍.ଏ.)

ଅଣଜଳସେଚିତ ରାଜନଗର ବ୍ଲକରେ ଜମିକୁ ପାଣି ଯୋଗାଇବା ଓ ବର୍ଷା ସମୟରେ ଉଦ୍‌ବୃତ୍ତ ପାଣି ନିଷ୍କାସନ ପାଇଁ କଲ୍‌ଭର୍ଟ ନିର୍ମାଣ ନିମନ୍ତେ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ମାତ୍ର ରାଜନଗର ବ୍ଲକର ଦାରୁଓରା ନିକଟରେ ନିର୍ମାଣାଧୀନ କଲ୍‌ଭର୍ଟକୁ ନିମ୍ନମାନର ହେଉଥିବା ଦେଖି ସୋମବାର କାମକୁ ଘଡିଆମାଳ ପଞ୍ଚାୟତ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ଚାଷୀମାନେ ବନ୍ଦ କରିଛନ୍ତି।

ଡ୍ରେନେଜ୍ ବିଭାଗ ପକ୍ଷରୁ ରାଜନଗର ବ୍ଲକର ଦୀଘି-ଜୁନୁସନଗର, ରିଘାଗଡ-ରାଜବିଜୟନଗର ଭାୟା ବାର୍‌ହାପିଟା, ଈଶ୍ୱରପୁରରୁ ଡାଲଖାଇଡିସି, ଘଡିଆମାଳ ଖୋଳାଯୋରଠୁଁ ଦାରୁଓରା, ତାଳଚୁଆ ପଞ୍ଚାୟତ ଅଫିସଠାରୁ ରାଜେନ୍ଦ୍ରନଗର, ଡାଗୁଆରୁ ମଙ୍ଗରାଜପୁର କେନାଲ ଖୋଳାଯାଉଛି। କେନାଲ ସହ ପାଇଲ ଫୁଟ ବ୍ରିଜ ଓ ବକ୍ସ କଲଭର୍ଟ ନିର୍ମାଣ ପାଇଁ ବ୍ୟୟ ବରାଦ ରହିଛି। ୫ କୋଟି ୩୪ ଲକ୍ଷ ୭୮ ହଜାର ୭୮୨ ଟଙ୍କା ବ୍ୟୟରେ ଉକ୍ତ କେନାଲ ପୁନରୁଦ୍ଧାର କରାଯାଉଛି। ଏହି ୬ଟି କେନାଲ ମଧ୍ୟରୁ ଏବେ ଘଡିଆମାଳ ଖୋଳାଯୋରଠୁଁ ଦାରୁଓରା ଯାଏଁ କେନାଲ ଖନନ କରାଯାଉଛି। ଏହି କେନାଲର ଦାରୁଓରା ଗାଁ ନିକଟରେ ଡବଲ ବକ୍ସ କଲଭର୍ଟ ନିର୍ମାଣ କରାଯାଉଛି। ବିଲ ଭିତରେ ଏହି ବକ୍ସ କଲଭର୍ଟ ନିର୍ମାଣ କରାଯାଉଥିବାରୁ ଏହି ସ୍ଥାନକୁ ସାଧାରଣ ଲୋକଙ୍କ ଯା'ଆସ ନାହିଁ। କାମ ନିମ୍ନମାନର ହେଉଥିବା ଖବରପାଇ ଘଡିଆମାଳ ସରପଞ୍ଚ ମିଶ୍ର, ଚାଷୀ ନିର୍ମଳ ପ୍ରଧାନ, ନୀଳମଣି ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପଙ୍କ ଉପରେ ବେସ ଢଳେଇ ପକାଯାଉଥିବା ଦେଖିଥିଲେ। ରାତିଅଧିଆ ୧୯ଟି ପାଇଲ ଖୁଣ୍ଟ ଛିଡା କରାଯାଇଛି। ପଙ୍କ କାଦୁଅରେ ହୋଇଥିବା ପାଇଲ ଖୁଣ୍ଟ ଉପରେ ବେସ ଢଳେଇ ପକାଯାଉଥିଲା। ବେସ ଢଳେଇ ପାଇଁ ୧୦ ଓ ୧୨ ଏମ୍‌ଏମ୍ ରଡରେ ଜାଲି ବନ୍ଧା ଯାଇ ଢଳେଇ ପଡୁଥିଲା। ଏପରି କି ବେସରୁ ଅନ୍ୟ ପାଇଲ ଖୁଣ୍ଟକୁ ବିମ ପକାଯିବା ପାଇଁ ୧୨ ଏମ୍‌ଏମ୍ ରଡରେ ବକ୍ସ ବନ୍ଧା ଯାଇଥିଲା। ସରପଞ୍ଚ ଓ ସ୍ଥାନୀୟ ଲୋକେ ଢଳେଇ ପଡୁଥିବା ସ୍ଥାନରେ ତଳୁ ପଙ୍କ ଓ କାଦୁଅ ବାହାରୁ ଥିବା ଦେଖିଥିଲେ। ପାଇଲ ଖୁଣ୍ଟ ଉଠିବା ପରେ ବକ୍ସ କଲଭର୍ଟ ନିର୍ମାଣ ହେଉଥିବା ସ୍ଥାନରେ ବାଲି ପଡିବା କଥା। ବାଲି ଉପରେ ମେଟାଲିଂ ହେବ ଏବଂ ମେଟାଲିଂ ଉପରେ ୧୬ ଏମ୍‌ଏମ୍ ରଡରେ ଜାଲି ବନ୍ଧା ଯାଇ ବେସ ଢଳେଇ ପକାଯିବା କଥା। ମାତ୍ର ବାଲି ନ ପକାଇ, ମେଟାଲିଂ ନ କରି ପଙ୍କ କାଦୁଅରେ ରଡରେ ଜାଲି ବାନ୍ଧି ଏହି ବେସ ଢଳେଇ କାମକୁ ସରପଞ୍ଚ ମିଶ୍ର ବନ୍ଦ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଏହି ସ୍ଥାନକୁ ଆସି ଏଷ୍ଟିମେଟ୍ ଦେଖାଇବା ପରେ କାମ ହେବ ବୋଲି ସେଠାରେ ଥିବା ଶ୍ରମିକ ଓ ସୁପରଭାଇଜରଙ୍କୁ କହିଥିଲେ। ଯନ୍ତ୍ରୀଙ୍କ ଉପସ୍ଥିତିରେ ବେସ ଢଳେଇ ପଡିବା କଥା। ଡ୍ରେନେଜ୍ ବିଭାଗର ଯନ୍ତ୍ରୀ ତ ଦୂରର କଥା, କୌଣସି କର୍ମଚାରୀଙ୍କ ଅନୁପସ୍ଥିତିରେ କିପରି ଢଳେଇ ପଡୁଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦାୟିତ୍ୱରେ ଥିବା ଠିକାଦାରଙ୍କ ସୁପରଭାଇଜର ସୁଦର୍ଶନ ମଣ୍ଡଳଙ୍କୁ ପଚାରିବାରେ ଠିକାଦାରଙ୍କ କହିବା ମୁତାବକ ଆମେ ୧୦ ଓ ୧୨ ଏମ୍‌ଏମ୍ ରଡରେ ବେସ ପାଇଁ ଜାଲି ବାନ୍ଧିଛୁ। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ବାଙ୍କ ବିହାରୀ ସାମଲଙ୍କୁ ପଚାରିବାରୁ ଫଟୋ ଦେଖିଛି, ଅଫିସକୁ ଗଲେ ଜେଇଙ୍କୁ ଡାକି ପଚାରିବି ବୋଲି କହିଛନ୍ତି।


ପଙ୍କ ଉପରେ ବିମ୍ ପାଇଁ ରଡ ବିଛା ଯାଉଛି।


କାଦୁଅରେ ରଡ ବନ୍ଧାଯାଇ ବକ୍ସବେସ୍ କରାଯାଉଛି।

**ଡ୍ରେନେଜ୍ ବିଭାଗ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ପଡୁଛି ଢଳେଇ**

# ଜଗତ୍‌ସିଂହପୁରର ୨ ପିଲାଙ୍କୁ ସହାୟତା




## ପିଏମ୍ କେୟାର୍ସ ଫର ଚିଲ୍‌ଡ୍ରେନ୍ ଯୋଜନା

■ କରୋନା ମହାମାରୀ ସମୟରେ ମାତା, ପିତାଙ୍କୁ ହରାଇଥିଲେ

ଜଗତ୍‌ସିଂହପୁର ଅଫିସ, ୩୦।୫

କରୋନା ମହାମାରୀ ସମୟରେ ଉଭୟ ମାତା, ପିତାଙ୍କୁ ହରାଇଥିବା ପିଲାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ କେୟାର୍ସ ଫର ଚିଲ୍‌ଡ୍ରେନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ସୋମବାର ପ୍ରଧାନମନ୍ତ୍ରୀ ମୋଦି ଆଭାସୀ ମାଧ୍ୟମରେ ଏହି ପିଲାମାନଙ୍କୁ ବାର୍ତ୍ତା ଦେବା ସହ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି । ଏହି ଅବସରରେ ଜଗତ୍‌ସିଂହପୁର ଜିଲାର ୨ ଜଣ ପିଲାଙ୍କୁ ଏଥିରେ ସାମିଲ କରାଯାଇ ସହାୟତା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏନ୍‌ଆଇସି ଭିସି କୋଠରିରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରୀ ସହାୟତା ରାଶି, ସାର୍ଟିଫିକେଟ୍, ସ୍ୱାସ୍ଥ୍ୟ ବୀମା କାର୍ଡ, ସହାୟତା କିଟ୍ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଉତ୍କଳ ରଞ୍ଜନ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଜିଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଉଦୟ କୁମାର ସ୍ୱାଇଁ, ତନ୍ମୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ଯୋଜନା ମୁତାବକ ପ୍ରତ୍ୟେକ ପିଲା ୧୮ ବର୍ଷ ପରେ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇବେ। ଏଥିସହ ଚିକିତ୍ସା ନିମନ୍ତେ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ମାସିକ ପ୍ରତିପୋଷଣ ବାବଦ ୪ ହଜାର ଟଙ୍କା ଲେଖାଏ ୩ ବର୍ଷ ପର୍ଯ୍ୟନ୍ତ ସହାୟତା ପାଇପାରିବେ। ଶିକ୍ଷା ନିମନ୍ତେ ବାର୍ଷିକ ଷ୍ଟାଇପେଣ୍ଡ ବାବଦରେ ୨୦ ହଜାର ଟଙ୍କା ଲେଖାଏ, ଉଚ୍ଚଶିକ୍ଷା ତଥା ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଋଣ ସହାୟତା ଆଦି ପାଇବେ।

## ସଂକ୍ଷେପରେ

### ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗ : ଜଣେ ଗୁରୁତର

କୁଜଙ୍ଗ,୩୦।୫(ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା ଗ୍ରାମ ନିକଟସ୍ଥ ଉତ୍ତରପାର୍ଶ୍ୱ ତାଳଦଣ୍ଡା କେନାଲ ବନ୍ଧରେ ରବିବାର ବିଳମ୍ବିତ ରାତିରେ ଗ୍ରାମର ପ୍ରସନ୍ନ ପରିଡା(୫୩)ଙ୍କୁ ୩ ଜଣ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପାଖରେ ଥିବା ୪୦ ହଜାର ଟଙ୍କା ନେଇଯାଇଥିଲେ। ଗୁରୁତର ଅବସ୍ଥାରେ ସାନଭାଇ ପ୍ରବୀର ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୨୧୦/୨୨) ରୁଜୁ କରିଛି। ଏଥସହ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ, ପ୍ରସନ୍ନ ତାଳଦଣ୍ଡା କେନାଲ ବନ୍ଧ ଦେଇ ନିଜ ଇଟାଭାଟିକୁ ଚାଲିଚାଲି ଯାଉଥିବାବେଳେ ଅଭିଯୁକ୍ତମାନେ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ। ଏପଟରେ ଦୁଇଜଣ ଝିଅ ଆସିଥିବା ଦେଖିଛ କି ବୋଲି ପଚାରିଥିଲେ। ପ୍ରସନ୍ନ ମନା କରିବା କ୍ଷଣି ଅଭିଯୁକ୍ତମାନେ ତାଙ୍କ ପେଟକୁ ଧାରୁଆ ଅସ୍ତ୍ରରେ ଭୁସି ଟଙ୍କା ନେଇ ପଳାଇଯାଇଥିଲେ। ପ୍ରସନ୍ନଙ୍କ ପାଟି ଶୁଣି ଭାଟିରେ ଥିବା ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ସାନଭାଇଙ୍କୁ ଜଣାଇଥିଲେ।

### ବାଇକ୍ ଚୋରି: ୨ ଅଭିଯୁକ୍ତ ଗିରଫ

କୁଜଙ୍ଗ, ୩୦।୫ (ଡି.ଏନ.ଏ.): ଅଭୟଚାନ୍ଦପୁର ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ୨ଜଣ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ଚୋରି ବାଇକ୍‌କୁ ଜବତ କରିଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗାଁର ବିଶୋକ ସ୍ୱାଇଁ ୨୬ ତାରିଖରେ ପାରାଦୀପ ଆଇଓସିଏଲ ପିପିଗେଟ ନିକଟରେ ବାଇକ୍ ରଖି ଭିତରକୁ କାମ କରିବାକୁ ଯାଇଥିଲେ। ସ୍ୱାଇଁ ଫେରି ଦେଖିଲା ବେଳକୁ ବାଇକ୍ ନାହିଁ। ଏ ନେଇ ସେ ଥାନାରେ ଅଭିଯୋଗ କରିବାରେ ପୋଲିସ ନଂ.୨୧୩/୨୨ରେ ମାମଲା ରୁଜୁ କରିଥିଲା। ଏହି ଚୋରି ଘଟଣାରେ ୩ ଜଣ ଅଭିଯୁକ୍ତ ପୋଲିସ ସ୍କାନରରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଉକ୍ତ ଥାନା ଅନ୍ତର୍ଗତ ବଗଦିଆ ଗାଁର ବଳରାମ ନାୟକ, ସନ୍ତୋଷ ମଲ୍ଲିକଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ନରକଙ୍କାଳ ଜବତ, କବର ଦେଲା ପୋଲିସ

ରସୁଲପୁର,୩୦।୫(ଡି.ଏନ.ଏ.): କୁଆଖିଆ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱର ରସୁଲପୁର ବ୍ଲକ୍ ନିକଟରୁ ପୋଲିସ ରବିବାର ଏକ ନରକଙ୍କାଳ ଜବତ କରିଥିଲା। ଉକ୍ତ କଙ୍କାଳକୁ କଟକ ବଡ଼ ଡାକ୍ତରଖାନର ଏଫ୍‌ଏମ୍‌ଟି ବିଭାଗରେ ବ୍ୟବଚ୍ଛେଦ କରାଯିବା ପରେ ସୋମବାର ସନ୍ଧ୍ୟାରେ ପୋଲିସ ଖରସ୍ରୋତା ନଦୀପଠାରେ ତାହାର କବର ଦେଇଛି। ସୂଚନା ମୁତବାକ, ଥାନା ଅଧୀନ ଓରାଳି ଛକ ନିକଟରେ ରାସ୍ତାକାର୍ଯ୍ୟ ଚାଲୁଥିବା ସମୟରେ ନରକଙ୍କଳା ପଡ଼ିଥିବା ଦେଖି ପୋଲିସକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ।

# ୫ ଦିନ ଧରି ଚାଲିଥିବା ଜିପିଏମ୍‌ଙ୍କ ଧାରଣା ସ୍ଥଗିତ


ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଜିପିଏମ୍ ପକ୍ଷରୁ ଧାରଣା ଦିଆଯାଇଛି।

ପାରାଦୀପ, ୩୦।୫(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଗତ ୨୬ରୁ ଚାଲିଥିବା ଜିପିଏମ୍ (ଜେନେରାଲ ପରପୋଜ ମଜଦୁର)ଙ୍କ ଧାରଣା ସୋମବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଯାଇଛି। ୟୁନିୟନ, ବନ୍ଦର ପ୍ରଶାସନିକ ଅଧିକାରୀ, ପୋଲିସ ଓ ଷ୍ଟିଭେଡର୍ସ ସଂଘ ପ୍ରତିନିଧିଙ୍କ ମିଳିତ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି ବୋଲି ୟୁନିୟନ ସମ୍ପାଦକ ସନାତନ ବେହେରା ସୂଚନା ଦେଇଛନ୍ତି।

ବନ୍ଦର ନିଷିଦ୍ଧାଞ୍ଚଳରେ ଜାହାଜ ଓ ୱାଗନ ସଫା କରୁଥିବା ଏହି ଶ୍ରମିକମାନେ ଦୀର୍ଘବର୍ଷ ଧରି କାମ କରୁଥିଲେ ହେଁ ସେମାନଙ୍କୁ ଅନ୍ୟ ଶ୍ରମିକ ଭଳି ମାନ୍ୟତା ମିଳିନାହିଁ। ଏହି ଶ୍ରମିକମାନେ ଷ୍ଟିଭେଡର୍ସ ଅଧୀନରେ କାମ କରିଥାନ୍ତି। ଗତ ୪ ବର୍ଷ ହେବ ସେମାନଙ୍କ ମଜୁରି ସଂଶୋଧନ ହୋଇ ନ ଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏଥିସହ ମେଡିକାଲ ସୁବିଧା, ରହିବା ପାଇଁ ଘର ବ୍ୟବସ୍ଥା ଆଦି ଦାବିରେ ଶ୍ରମିକମାନେ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ଜରିଆରେ ୫ ଦିନ ହେବ ଧାରଣା ଦେଇଥିଲେ ବୋଲି ଶ୍ରମିକ ଅଭିରାମ ବେହେରା କହିଛନ୍ତି। ସୋମବାର ଆଲୋଚନା ପରେ ୟୁନିୟନକୁ ଲିଖିତ ଭାବେ ପ୍ରତିଶ୍ରୁତି ଦିଆଯାଇଛି ଯେ, ଜୁଲାଇ ୨୮ ମଧ୍ୟରେ ଜିପିଏମ୍‌ଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବ। ସେଥିପାଇଁ ଧାରଣା ସ୍ଥଗିତ ରଖାଯାଇଛି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।

# 'ଚାଷୀଙ୍କ ସ୍ୱାର୍ଥ ପାଇଁ ଏକତ୍ର ହୁଅ'

## ନବନିର୍ମାଣ କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ

କୁଜଙ୍ଗ, ୩୦।୫ (ଡି.ଏନ୍.ଏ.)

ନବନିର୍ମାଣ କୃଷକ ସଙ୍ଗଠନ କୁଜଙ୍ଗ ବ୍ଲକ ଶାଖାର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂତନ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଦାସ ଯୋଗଦେଇ ଚାଷୀଙ୍କ ସ୍ୱାର୍ଥ ପାଇଁ ଏକତ୍ର ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ରାଉତ, ଦୀନେଶ ଦାସ ପ୍ରମୁଖ ଯୋଗଦେଇ କୃଷି ଓ କୃଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜଳସେଚନ, ଜଳ ନିଷ୍କାସନ, ଡ୍ରେନେଜ ବ୍ୟବସ୍ଥା କରିବା, ଚାଷୀମାନଙ୍କ ଉତ୍ପାଦିତ ବଳକା ଫସଲ ମହଜୁଦ ରଖିବା ପାଇଁ ଶୀତଳଭଣ୍ଡାର ଓ ଗୋଦାମ ଘର ପ୍ରତିଷ୍ଠା, ଜୱାଦ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଚାଷୀଙ୍କୁ ସୁରକ୍ଷା ଭତ୍ତା, ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପ୍ରଦାନ, ଭାଗଚାଷୀମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା, ବର୍ଦ୍ଧିତ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ହ୍ରାସ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏସବୁ ଦାବି ନେଇ ଆସନ୍ତା ୩ ତାରିଖ ଶୁକ୍ରବାର କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ହୋଇଛି। ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ଏହି ବୈଠକରେ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ କୃଷକ ନେତା ବୀରେନ୍ଦ୍ର ବିଶ୍ୱାଳ, ଦେବୀ ପ୍ରସାଦ ପଟ୍ଟନାୟକ, ବାସୁଦେବ ରାଉତ, ପ୍ରହ୍ଲାଦ ସ୍ୱାଇଁ, ଭ୍ରମର ପରିଡା, ଶ୍ରୀଧର ମାଝି, ସମୀର ରାଉତ, ଧୀର ସାମଲ, ତରଣୀ ରାଉତ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଜନସାଧାରଣଙ୍କ ସ୍ୱାର୍ଥ ଗଣତନ୍ତ୍ରର ମନ୍ତ୍ର ହେଉ'

## ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପିତ



ଜିଲା ସମ୍ମିଳନୀରେ ଯୋଗଦେଇଥିବା ସିପିଆଇର ନେତୃମଣ୍ଡଳୀ।

ଏରସମା,୩୦।୫(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶିବସୁନ୍ଦର ମଣ୍ଡପ ପରିସରରେ ଶନିବାରରୁ ଚାଲିଥିବା ସିପିଆଇର ନବମ ଜିଲା ସମ୍ମିଳନୀ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଏରସମା ବଜାରସ୍ଥିତ କାଳି ମଣ୍ଡପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ଶତାଧିକ ନେତା ଓ କର୍ମୀ ଲାଲଝଣ୍ଡା ଧରି ଡ୍ରମବଜାଇ କାଳିମଣ୍ଡପଠାରୁ ଶିବସୁନ୍ଦର ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପ୍ରଫୁଲ୍ଲ ଦାସ ଓ ଚିନ୍ମୟୀ ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଦଳର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ସାଧାରଣ ଜନତାଙ୍କ ସ୍ୱାର୍ଥ ଗଣତନ୍ତ୍ରର ମନ୍ତ୍ର ହେବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସିପିଆଇ ଜାତୀୟ ପରିଷଦର ସଦସ୍ୟ ଅଭୟ ସାହୁ, ବାଲିତୁଠ ଜୋନ ସମ୍ପାଦକ ପୀତାମ୍ବର ଦାସ, କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାର ପ୍ରଥମ ଅଧିବେଶନରେ ଖବରଦାତା ସୁଶୀଲ ମହାନ୍ତି, ଦୀପ୍ତି ଖଣ୍ଡୁଆଳ, ଚନ୍ଦ୍ରଜିତ ଦାସ ଓ ପ୍ରଫୁଲ୍ଲ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମିତି ସଭ୍ୟ ସନ୍ଧ୍ୟାରାଣୀ କୁଅଁର, ବଂଶୀଧର ବେହେରା, ସର୍ବେଶ୍ୱର ବେଉରା, ଦାମୋଦର ବେହେରା, ରାମଚନ୍ଦ୍ର ମୁଦୁଲି ଓ ପ୍ରସନ୍ନ କୁଅଁର ପ୍ରମୁଖ ଯୋଗଦେଇଥିଲେ।

# ଜିଲା ଟ୍ରକ ମାଲିକ ସଂଘର ସାଧାରଣ ବୈଠକ

ପାରାଦୀପ, ୩୦।୫(ସ୍ୱ.ପ୍ର.)



ପାରାଦୀପ ଉପକଣ୍ଠ ଦୋଛକି ଜିରୋ ପଏଣ୍ଟଠାରେ ଥିବା ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘର ସାଧାରଣ ବୈଠକ ଓ ନୂତନ ଗୃହ ପ୍ରବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ଦୁଇବର୍ଷ ହେଲା ବୈଠକ ବସି ପାରି ନ ଥିଲା। ଏଥିରେ ଟ୍ରକ ମାଲିକଙ୍କ ଅନେକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲାର ଆର୍‌ଟିଓ ନୀତି ଓ ଅଲଗା ନିୟମ ଉପରେ ମାଲିକମାନେ କ୍ଷୋଭ ପ୍ରକାଶ କରିଥିଲେ। କାରଣ କଟକ ଓ ଅନ୍ୟ ଜିଲାରେ ଭିନ୍ନ ନିୟମ କରାଯାଇଥିବାରୁ ଅନେକ ଅସୁବିଧା ହେଉଛି। ଏ ସମ୍ପର୍କରେ ସଂଘ ଅନ୍ୟ ସଂଘକୁ ଏକାଠି କରି ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଥିଲେ। ଉକ୍ତ ସଂଘର ସ୍ଥାୟୀ ଘର ନ ଥିଲା। ଏବେ ବହୁତଳ ବିଶିଷ୍ଟ ନୂତନ ଘର ହୋଇଛି। ଏହି ଘରେ ସମସ୍ତ ସୁବିଧା ରହିଛି। ସଦସ୍ୟମାନେ ଏବେ ସୁବିଧାରେ ବସି ଆଲୋଚନା କରି ପାରିବେ ବୋଲି ପଟ୍ଟନାୟକ କହିଥିଲେ।

# ଖୁଣ୍ଟ ଅଛି, ବିଦ୍ୟୁତ୍ ସଂଯୋଗ ହେଉନି

## ରାହାମା -ଖୋସାଲପୁର ପୋଲ

■ ଅନ୍ଧାରରେ ଯାତାୟାତ କରୁଛନ୍ତି ଯାତ୍ରୀ
■ ଛୋଟ ବଡ଼ ଦୁର୍ଘଟଣା ଘଟୁଛି
■ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଉଛନ୍ତି

ରାହାମା,୩୦।୫(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରାହାମା-ଖୋସାଲପୁର ପୋଲ ମହାନଦୀ ଉପରେ ନିର୍ମାଣ କରାଯାଇଛି। ଦେଢ଼ କିମି ବ୍ୟାପୀ ଏହି ପୋଲ ଦେଇ ଦୈନିକ ବହୁ ସଂଖ୍ୟାରେ ଲୋକ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରକୁ ଯାତାୟାତ କରିଥାନ୍ତି। ମାତ୍ର ଏଠାରେ ଆଲୋକୀକରଣ ପାଇଁ ବ୍ୟବସ୍ଥା ହୋଇ ନ ଥିବାରୁ ସନ୍ଧ୍ୟା ପରେ ଅନ୍ଧାର ଓ ନିଛାଟିଆ ହୋଇଯାଉଛି। ଏଥିସହ ଲାଗିଥିବା ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଉଛନ୍ତି। ଏହାଛଡା ବହୁ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆଇଓସିଏଲ୍‌ର ସିଏସ୍‌ଆର ପାଣ୍ଠିରେ ୫୩ ଲକ୍ଷ ୭୪ ହଜାର ୬୮ ଟଙ୍କା ବିନିମୟରେ ଆଲୋକୀକରଣ ପାଇଁ ବନ୍ଦୋବସ୍ତ କରିଥିଲେ। ଏ ନେଇ ଉନ୍ନୟନ ବିଭାଗ ଚିଠି (ନଂ. ୩୮୫୨/୨୫।୩।୨୨)ରେ ଉଲ୍ଲେଖ ରହିଛି। ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଏହି ଅର୍ଥ ବିନିମୟରେ ଖୁଣ୍ଟ, ତାର ଓ ବଲ୍‌ବ ଲଗାଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଏ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲ ଉପରେ ଲଗାଯାଇଥିବା ଖୁଣ୍ଟିରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ସାଇଲୋ ସରପଞ୍ଚ ସରୋଜ ସେଠୀ, ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକାର ବେହେରା, ଭିକାରୀ ସେନାପତି, ରାହାମା ପ୍ରେସ୍ କ୍ଲବ ସଭାପତି ମାନସ ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ, ନିର୍ଲିପ୍ତ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ ଲାଗି ପ୍ରଥମେ ଉପଭୋକ୍ତା ହେବାକୁ ପଡିବ। ପୋଲଟି ହଂସୁରା ଓ ତାଳପଡ଼ା ପଞ୍ଚାୟତ ଅଧୀନରେ ଥିବାରୁ ଏ ନେଇ ସେଠାକାର ସରପଞ୍ଚଙ୍କ ସହ ଆଲୋଚନା କରାଯାଇଛି। ବିଦ୍ୟୁତ୍ ସଂଯୋଗ ଲାଗି ଆବଶ୍ୟକ ହେଉଥିବା ୨ ଲକ୍ଷ ୬ ହଜାର ଟଙ୍କା ମିଳିତ ଭାବେ ଦାଖଲ କରିବାକୁ ଉଭୟ ପଞ୍ଚାୟତକୁ କୁହାଯାଇଛି। ଏହି ଅର୍ଥ ଦାଖଲ କରିବା ପରେ ଆଲୋକୀକରଣ ହୋଇପାରିବ। ଅର୍ଥ ଦାଖଲ ପାଇଁ ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା ଓ ହଂସୁରା ସରପଞ୍ଚ ରବିନାରାୟଣ ଦାସ ରାଜିଥିବା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।


ପୋଲରେ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟ।

**India Tourism Development Corporation Ltd.**
(A Government of India Undertaking)
SCOPE Complex, Core-8, 6th Floor, 7-Lodhi Road, New Delhi-110003

**ଇ-ଟେଣ୍ଡର ବିଜ୍ଞପ୍ତି**

ବିଷୟ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱରଠାରେ ଅଗ୍ନି ଚିହ୍ନଟ ଓ ଅଗ୍ନି ନିର୍ବାପନ ପ୍ରଣାଳୀର ଏସ୍‌ଆଇଟିସି ନିମନ୍ତେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି ।

| | |
|---|---|
| ଅଟକଳ ମୂଲ୍ୟ | : ଟ.୭୫,୬୫,୭୮୬.୦୦ |
| ଇଏମ୍‌ଡି | : ଟ.୧,୫୧,୩୧୬.୦୦ |
| ଟେଣ୍ଡର ବିକ୍ରୟ ଆରମ୍ଭ ତାରିଖ | : ତା୩୧।୦୫।୨୦୨୨ରିଖ |
| ଟେଣ୍ଡର ଦାଖଲର ଶେଷ ତାରିଖ | : ତା୧୪।୦୬।୨୦୨୨ରିଖ, ୧୬.୦୦ ଘଟିକା ପର୍ଯ୍ୟନ୍ତ |
| ଟେଣ୍ଡର ଖୋଲାଯିବା ତାରିଖ | : ତା୧୫।୦୬।୨୦୨୨ରିଖ, ୧୬.୦୦ ଘଟିକାରେ |

ଅଧିକ ବିବରଣୀ ପାଇଁ, ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ:-
https://etenders.gov.in/eprocure/app ଏବଂ www.itdc.co.in କିମ୍ବା ଡିଜିଏମ୍ (ଇଂ.): ୦୧୧-୨୪୩୦୭୫୨୯/ମ୍ୟାନେଜର(ଇଆଣ୍ଡଏମ୍): ୦୧୧-୨୪୩୦୭୫୨୬/୫୦୮
ଦ୍ରଷ୍ଟବ୍ୟ: ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରରେ ଉଲ୍ଲିଖିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
One stop solution for all your Travel, Tourism and Hospitality needs

**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes
- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering

Information Brochure and details of the programmes are available in the Institute Website.

Phone : 0674 - 2653305/2653308
E-mail : admission@iiit-bh.ac.in
Home page : www.iiit-bh.ac.in

IIIT Bhubaneswar, Gothapatna, PO: Malipada
Bhubaneswar-751003, India

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

# ଲଜ୍ଜା ହିଁ ଲଜ୍ଜା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ ୮ ବର୍ଷ ପୂରିଛି। ଏହି ଅବସରରେ ଭାଜପା ନେତା ଓ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀମାନେ ସରକାରୀ ସଫଳତା ବଖାଣି ମୋଦିଙ୍କ ଗୁଣଗାନ କରୁଛନ୍ତି। ୨୦୨୨ ମେ' ୨୮ରେ ପ୍ରଧାନମନ୍ତ୍ରୀ ଗୁଜରାଟର ରାଜକୋଟରେ ଏକ ହସ୍ପିଟାଲ ଉଦ୍‌ଘାଟନ କରି କହିଥିଲେ ଯେ, ସେ ବିଗତ ୮ ବର୍ଷର ଶାସନ କାଳରେ ଏପରି କୌଣସି କାର୍ଯ୍ୟ କରିନାହାନ୍ତି ବା ଅନ୍ୟ କାହାରିକୁ କରିବାକୁ ଦେଇନାହାନ୍ତି, ଯଦ୍ଦ୍ୱାରା ଦେଶର ନାଗରିକମାନେ ଲଜ୍ଜିତ ହେବେ। ଦେଖିବାକୁ ଗଲେ ଏହି ଅବଧି ମଧ୍ୟରେ ମୋଦି ଏଭଳି ଅନେକ ଜନବିରୋଧୀ, ଶ୍ରମିକ ବିରୋଧୀ, କୃଷକ ବିରୋଧୀ ତଥା ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯାହାକୁ ନେଇ ଅଧିକାଂଶ ଭାରତୀୟ ଲଜ୍ଜିତ ହେବା କଥା।

ବିଦେଶରୁ କଳାଧନ ଆଣି ଲୋକଙ୍କୁ ବାଣ୍ଟିବାର ପ୍ରତିଶ୍ରୁତି ଦେଇ ୨୦୧୪ରେ କ୍ଷମତାସୀନ ହୋଇଥିବା ମୋଦି ସରକାର ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ କେତେ ଧନ ଗଚ୍ଛିତ ଅଛି ତାହା ଅଦ୍ୟାବଧି ଜାଣିପାରି ନାହାନ୍ତି ଅଥବା ଜାଣିଶୁଣି ସାର୍ବଜନୀନ କରିବାକୁ ଚାହୁଁନାହାନ୍ତି। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ କହି ଦ୍ୱିତୀୟ ଥର ସରକାର ଗଢ଼ିଲେ। କିନ୍ତୁ ଆୟ ଦ୍ୱିଗୁଣିତ କରିବା ଦୂରର କଥା, ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ଧନୀ ବ୍ୟବସାୟୀଙ୍କ ହାତରେ ଟେକିଦେବା ପାଇଁ ୩ଟି କୃଷି ଆଇନ ଆଣିଥିଲେ। ସେହି ଆଇନକୁ ବିରୋଧ କରି ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷକମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ କରିଥିଲେ। ସେତେବେଳେ ଚାଷୀଙ୍କ ଉପରେ ବର୍ବରତା ଓ କଣ୍ଟକିତ ତାରବାଡ଼ ଦେଇ ଧାରଣାସ୍ଥଳକୁ ଘେରିବା ଦୃଶ୍ୟ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରି ଭାରତକୁ ନିନ୍ଦିତ କରିଥିଲା। ୨୦୨୧ ଅକ୍ଟୋବର ୩ରେ ଲଖିମପୁର ଖେରିରେ ଆନ୍ଦୋଳନରତ ୩ ଚାଷୀ ଓ ଜଣେ ଖବରଦାତାଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରାଯିବା ଘଟଣା ବିଦେଶୀ ଗଣମାଧ୍ୟମରେ ସମାଲୋଚିତ ହୋଇଥିଲା। ଏହି ଚାଷୀ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ। ଅଜୟ ଏପର୍ଯ୍ୟନ୍ତ ମନ୍ତ୍ରୀ ପଦରୁ ବିଦା ହୋଇନାହାନ୍ତି। ଉତ୍ତର ପ୍ରଦେଶ ଓ ପଞ୍ଜାବ ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ।

ସରକାର ବିରୋଧୀ ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ମୁହଁ ବନ୍ଦ କରିବା ପାଇଁ ଦେଶଦ୍ରୋହ (ଆଇପିସି ଦଫା ୧୨୪ଏ) ଏବଂ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ର ଦୁରୁପଯୋଗ ମୋଦିଙ୍କ ଶାସନକୁ ଲୋକଚକ୍ଷୁରେ କଳଙ୍କିତ କରିଛି। ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ବା ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ବିଶ୍ୱର ୧୮୦ ଦେଶ ମଧ୍ୟରେ ଭାରତର ସ୍ଥାନ ଗତବର୍ଷ ୧୪୨ ଥିବାବେଳେ ଚଳିତବର୍ଷ ୧୫୦କୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୧୬ ଦେଶ ମଧ୍ୟରୁ ଭାରତ ୧୦୧ ସ୍ଥାନରେ ରହି ପଡ଼ୋଶୀ ବାଂଲାଦେଶ, ନେପାଳ ଓ ପାକିସ୍ତାନ ପଛକୁ ଚାଲିଯାଇଛି।

ମୋଦିଙ୍କ ସମୟରେ କେନ୍ଦ୍ର ସରକାର ଇସ୍ରାଏଲ୍‌ର ଏନ୍‌ଏସ୍‌ଓ କମ୍ପାନୀଠାରୁ ପେଗାସସ୍ ନାମକ ସ୍ପାଏୱେର କିଣିଥିଲେ। ବିରୋଧୀ ନେତା, ସାମାଜିକ କର୍ମୀ, ଖବରଦାତା ଓ ବିଚାରପତିମାନଙ୍କ ବିରୋଧରେ ଏହାକୁ ବ୍ୟବହାର କରି ମୋବାଇଲ ଫୋନ୍‌ରେ କଥାବାର୍ତ୍ତା ଜାଣିବା ପାଇଁ ଗୁପ୍ତଚରଗିରି କରାଇଥିଲେ। ପୃଥିବୀର ଅଳ୍ପ କେତୋଟି ଏକଛତ୍ରବାଦୀ ଦେଶ ଏହି ପେଗାସସ୍‌କୁ କିଣିଛନ୍ତି। ତେବେ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଶ୍ୱରେ ପରିଚିତ ଭାରତର ନାମ ଏହି ତାଲିକାର ଶୀର୍ଷରେ ରହିଥିବାରୁ ଦେଶବାସୀଙ୍କ ପାଇଁ ତାହା କେତେ ଗୌରବ ଆଣିଦେଇଛି ମୋଦିଙ୍କ ପ୍ରତ୍ୟେକ ସମର୍ଥକ ଓ ଭାରତୀୟ ବୁଝିପାରୁଥିବେ।

୨୦୧୯ ସେପ୍ଟେମ୍ବର ୨୩ରେ ଆମେରିକାର ହ୍ୟୁଷ୍ଟନରେ ଆୟୋଜିତ 'ହାଓଡି ମୋଦି' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ 'ଅବ୍ କି ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେଇ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ୨୦୨୦ ଫେବୃୟାରୀ ୨୪ରେ ମୋଦି ଟ୍ରମ୍ପଙ୍କୁ ଗୁଜରାଟ ଡକାଇ ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିୟମରେ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ମୋଦି ଭାବିଥିଲେ, ଏସବୁ ଦେଖି ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଟ୍ରମ୍ପଙ୍କୁ ଜିତାଇଦେବେ। କିନ୍ତୁ ଆମେରିକୀୟମାନେ ଟ୍ରମ୍ପଙ୍କୁ ହରାଇଦେଇଥିଲେ। କୌଣସି ଦେଶର ଆଭ୍ୟନ୍ତରୀଣ ନିର୍ବାଚନରେ ଭାରତ ହସ୍ତକ୍ଷେପ କରିବାର ଐତିହାସିକ ନଜିର ନାହିଁ। ପ୍ରଧାନମନ୍ତ୍ରୀ ମୋଦି ନିଜ ରାଜନୈତିକ ବୁଦ୍ଧିକୁ ଆଧାର କରି ଏଭଳି ନିଷ୍ପତ୍ତି ନେଇଥିବାରୁ ଭାରତର କୂଟନୀତି ଅଡୁଆରେ ପଡ଼ିଥିଲା। ଟ୍ରମ୍ପ୍ ହାରିଯିବା ପରେ ମୋଦି ସମର୍ଥକ ଏବଂ ଭାରତବାସୀ ଏଥିପାଇଁ ଲଜ୍ଜିତ ହୋଇଥିଲେ।

୨୦୨୦ ମାର୍ଚ୍ଚ ୨୪ରେ ଭାରତରେ କୋଭିଡ୍ ମହାମାରୀର କ୍ୱଚିତ ଲକ୍ଷଣ ଦେଖାଦେଇଥିଲା। ତଥାପି ମୋଦି ଜନତା କର୍ଫ୍ୟୁ ନାମରେ ଲୋକଙ୍କୁ ଘଣ୍ଟ ବାଡ଼ାଇ, ଦୀପ ଜାଳି, ତାଳି ମାରିବା ଭଳି ପରାମର୍ଶ ଦେଇ ଅନ୍ଧବିଶ୍ୱାସ ସୃଷ୍ଟି କରାଇଥିଲେ। ଏଥିଯୋଗୁ ଜନସାଧାରଣ ସତର୍କ ରହିବା ପରିବର୍ତ୍ତେ ଭିଡ଼ ସୃଷ୍ଟି କରି ରାସ୍ତାରେ ବୁଲିବା ଫଳରେ ମହାମାରୀକୁ ଡାକିଆଣିଥିଲେ। ଦେଶବ୍ୟାପୀ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଘଣ୍ଟ ବାଡ଼େଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମୋଦିଙ୍କ କଥାରେ ନେତାଙ୍କଠୁ ନେଇ ଚେଲାଙ୍କ ପର୍ଯ୍ୟନ୍ତ ସମସ୍ତେ ଜୋକର ପାଲଟିଯାଇଥିଲେ। ଛାତ ଉପରେ କିମ୍ବା ବାଲ୍‌କୋନିରେ ଚଢ଼ି ଘଣ୍ଟ ବାଡ଼େଇବା ଦୃଶ୍ୟ ମନେ ପକାଇଲେ ସେମାନେ ଆଜି ଅବୁଝା ଲଜ୍ଜାରେ ଜରିଯିବା କଥା। ଏହା ପରେ ମୋଦି ବିନା କୌଣସି ପ୍ରସ୍ତୁତିରେ ହଠାତ୍ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରିବାରୁ କଳକାରଖାନାରେ ନିୟୋଜିତ ପ୍ରବାସୀ ଶ୍ରମିକମାନେ ଦେଶର ଏପାଖ ସେପାଖ ଯିବାକୁ ବାଧ୍ୟ ହୋଇଥିଲେ। ବିମୁଦ୍ରୀକରଣ ଭଳି ଏହି ଘୋଷଣା ମଧ୍ୟ ରାତି ୮ଟାରେ କରାଯାଇ ରେଳ ଓ ଅନ୍ୟ ସବୁ ଯାନବାହନ ବନ୍ଦ କରାଯାଇଥିଲା। ଫଳରେ ଶ୍ରମିକମାନେ ଅନେକ ଶହ କିଲୋମିଟର ଚାଲିକରି ଯାଇ ପ୍ରାଣ ହରାଇଥିଲେ। ତତ୍‌ସହିତ ରୋଗକୁ ଏମୁଣ୍ଡରୁ ସେମୁଣ୍ଡକୁ ନେଇଥିଲେ।

ସମସ୍ତେ ଭାବୁଥିଲେ ମୋଦି ନ ପଢ଼ିକି ଅନର୍ଗଳ ଭାଷଣ ଦେଇପାରନ୍ତି। ୨୦୨୨ ଜାନୁୟାରୀ ୧୭ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ (ଡବ୍ଲ୍ୟୁଇଏଫ୍)ର ଡାଭୋସ୍ ଏଜେଣ୍ଡାକୁ ସମ୍ବୋଧନ କରିବାବେଳେ ଟେଲିପ୍ରମ୍ପଟର ମେଶିନ ଅକାମୀ ହୋଇଯିବାରୁ ମୋଦି ଯେଉଁଭଳି ଭାବେ ନିଜ ଅସହାୟତା ଦେଖାଇ ପାଟି ଫିଟାଇପାରିଲେ ନାହିଁ, ସେଥିରୁ ଭାରତୀୟମାନେ ଲଜ୍ଜିତ ହେଲେ। ଏଥିରୁ ପ୍ରମାଣିତ ହେଲା ଯେ, ସବୁ ଭାଷଣରେ ଯେଉଁ ବିଷୟରେ ମୋଦି କହିଥାଆନ୍ତି ତା'ର ଗଭୀରତାକୁ ଯିବା ପରିବର୍ତ୍ତେ ଅନ୍ୟ କାହା ଦ୍ୱାରା ପ୍ରସ୍ତୁତ ଭାଷଣକୁ ପଢ଼ିଥାନ୍ତି। ସେତେବେଳେ ମୋଦିଙ୍କ ଏହି ନିର୍ବାକ୍‌ଭାବ ତାଙ୍କ ଭକ୍ତଙ୍କୁ ଲଜ୍ଜିତ କରିଥିବ। ସବୁ ଜଟିଳ ସମସ୍ୟା ସମୟରେ ପ୍ରଧାନମନ୍ତ୍ରୀ ନୀରବ ହୋଇଯାଉଥିବା ମଧ୍ୟ ଦେଖିବାକୁ ମିଳେ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ସେଠାକୁ ଯାଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ 'ଦିଦି ଓ ଦିଦି' କହି ଯେପରି କଟାକ୍ଷ କଲେ ତାହା କିପରି ଘୃଣିତ ହୋଇଥିଲା ସେ ବିଷୟରେ ନିର୍ବାଚନ ଫଳାଫଳରୁ ତାଙ୍କ ସମର୍ଥକ ଓ ଦେଶବାସୀ ଭଲଭାବେ ବୁଝିପାରିଲେ। ୨୦୨୧ ନଭେମ୍ବର ୧୬ରେ ତତ୍କାଳୀନ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା କେତେକ ପ୍ରସଙ୍ଗରେ ପିଏମ୍‌ଓ ସହ ଭିତିରି ଆଲୋଚନା କରିଥିଲେ। ଏହାଦ୍ୱାରା ଇସିଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ଉଠିଥିଲା। ନିର୍ବାଚନ କମିଶନ ନିଜର ଏଭଳି କାର୍ଯ୍ୟ ଯୋଗୁ କେବଳ ଭାରତରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବିଶ୍ୱସନୀୟତା ହରାଇବସିଲେ।

ମୋଦି ନିଜ ଶାସନ କାଳର ୮ ବର୍ଷ ମଧ୍ୟରେ ଥରୁଟିଏ ହେଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ଏନ୍‌ଏଏମ୍) ସମ୍ମିଳନୀରେ ଯୋଗଦେଇ ନାହାନ୍ତି। କାରଣ ୧୯୬୧ରେ ଶୀତଳ ଯୁଦ୍ଧ ବେଳେ ଏହି ରାଷ୍ଟ୍ରସମୂହ ଗଠନରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ନେହେରୁଙ୍କ ସବୁ ନୀତି ଭୁଲ୍ ବୋଲି ପ୍ରମାଣିତ କରିବାକୁ ଯାଇ ମୋଦି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତି ବିମୁଖ ଥିବା କୁହାଯାଏ। କିନ୍ତୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମେ' ୨୯ରେ ଆଇଆଇଟି ଗୁଆହାଟୀରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବାବେଳେ କହିଥିଲେ, ବିଶ୍ୱରେ ଚାଲିଥିବା ସାମ୍ପ୍ରତିକ ଧ୍ରୁବୀକରଣ ପରିପ୍ରେକ୍ଷୀରେ ଭାରତ ନିଜ ଗୋଷ୍ଠୀ ନିରପେକ୍ଷ ଆଭିମୁଖ୍ୟକୁ ବଜାୟ ରଖିଛି। ଏଥିଯୋଗୁ ରୁଷିଆ-ୟୁକ୍ରେନ୍ ସଂଘର୍ଷ ମଝିରେ ଭାରତ ନ ପଡ଼ି କାହାର ପକ୍ଷ ନେଉନାହିଁ ବୋଲି ଜୟଶଙ୍କର ବୁଝାଇଥିଲେ।

ଭାରତର ଅର୍ଥନୀତି କଥା ଦେଖିଲେ ମୁଦ୍ରାସ୍ଫୀତି ବହୁ ଉଚ୍ଚକୁ ଚାଲିଯାଇଛି, ଯାହାର ବାସ୍ତବ ଆକଳନ ସରକାରୀ ତଥ୍ୟରୁ ମିଳିପାରି ନାହିଁ। ବେକାରଙ୍କ ସଂଖ୍ୟା ବଢ଼ିଚାଲିଛି। ବିମୁଦ୍ରୀକରଣ ଭଳି ଜନବିରୋଧୀ ପଦକ୍ଷେପ ଦେଶରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଧ୍ୱଂସ କରିଦେଇଛି। କର୍ମନିଯୁକ୍ତି ସୃଷ୍ଟି ଦିଗରେ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନ ଥିବାରୁ ଆଶାୟୀମାନେ ଚାକିରି ଖୋଜିବା ବନ୍ଦ କରିଦେଲେଣି ବୋଲି ନିକଟରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏସବୁ ପରେ ମଧ୍ୟ ପ୍ରଧାନମନ୍ତ୍ରୀ କହୁଛନ୍ତି, ସେ କାହା ମୁଣ୍ଡ ତଳକୁ କରାଇନାହାନ୍ତି।

ମନେପଡ଼େ ମୋଦିଙ୍କ ପ୍ରଥମ ୩ ବର୍ଷର ନିତିଦିନିଆ ବିଦେଶ ଭ୍ରମଣ। ଧାରଣା ସୃଷ୍ଟି କରାଯାଇଥିଲା ଯେ, ଦେଶ ଏକ ନୂଆ ଅନ୍ତର୍ଜାତୀୟ ଭାବମୂର୍ତ୍ତି ନିର୍ମାଣ କରିପାରିବ। ବାରମ୍ବାର କୁହାଗଲା ଯେ, ଭାରତୀୟ ପାସ୍‌ପୋର୍ଟର ସମ୍ମାନ ବୃଦ୍ଧି ପାଇଛି। ଆଜି ସ୍ପଷ୍ଟ ବୁଝାପଡୁଛି ମୋଦିଙ୍କର ସବୁ ନେତାଙ୍କୁ କୁଣ୍ଢାଇବା କାହାରିକୁ ପସନ୍ଦ ହୋଇ ନ ଥିଲା। ଆରବ ଦେଶର ମୁସଲମାନ ନେତାମାନଙ୍କ ବ୍ୟତୀତ ଅନ୍ୟ ସବୁ ଦେଶର ସଂସ୍କୃତିରେ ଆଲିଙ୍ଗନକୁ ବିକୃତ ମାନସିକତାର ପରିଚୟ ବୋଲି ବୁଝାଯାଏ। ଆଜି ମୋଦି ସମର୍ଥକଙ୍କ ସମେତ ଭାରତୀୟମାନେ ମଧ୍ୟ ସେହିସବୁ କୁଣ୍ଢାଇବାର ବିଫଳତା ଦେଖି ଲଜ୍ଜିତ ହେବା କଥା।

# ନିଜ ନୀତିରେ ନିଜେ ଶିକାର



ପ୍ରକାଶ ତ୍ରିପାଠୀ

ଆଉ ୨ଦିନ ଯାଇଥିଲେ ସ୍କୁଲରେ ଖରାଦିନିଆ ଛୁଟି ହୋଇଥାନ୍ତା। ପିଲାମାନେ ମନଖୁସିରେ ଛୁଟି ମନାଇ ଥାନ୍ତେ। ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇଥାନ୍ତେ ଅବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ଛୁଟି କଟାଇଥାନ୍ତେ। ହେଲେ ବିଧିର ବିଧାନ କିଛି ଅଲଗା। ସ୍କୁଲରେ ପଢୁଥିବାବେଳେ ସେମାନଙ୍କ ଜୀବନ ପ୍ରଦୀପ ଲିଭିଗଲା। ଆତତାୟୀଙ୍କ ଗୁଳିମାଡ଼ରେ ସେମାନଙ୍କ ନିରୀହ ପ୍ରାଣ ଚାଲିଗଲା। ଏଭଳି ହୃଦୟ ବିଦାରକ ଘଟଣା ଘଟାଇଛି ଅଧିକ ସଭ୍ୟ ଓ ଶିକ୍ଷିତ କୁହାଯାଉଥିବା ଦେଶ ଆମେରିକାରେ। ଟେକ୍ସାସର ଇଭାଲ୍‌ଡେ ସହରସ୍ଥିତ ରୋବ ପ୍ରାଥମିକ ସ୍କୁଲରେ ଗତ ମେ ୨୪ରେ ଜଣେ ସ୍କୁଲ ଛାତ୍ରଙ୍କ ଗୁଳିମାଡ଼ରେ ୧୯ ଜଣ ଶିଶୁ ଓ ୨ ଜଣ ଶିକ୍ଷୟିତ୍ରୀ ମୋଟ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଶିଶୁମାନଙ୍କ ବୟସ ୫ ରୁ ୧୧ ବର୍ଷ ମଧ୍ୟରେ ହେବ। ଏଭଳି ନାରକୀୟ କାଣ୍ଡ ଘଟାଇଛନ୍ତି ଜଣେ ୧୮ ବର୍ଷୀୟ ହାଇସ୍କୁଲ ଛାତ୍ର ସାଲ୍‌ଭେଡର ରାମୋସ। ଅବଶ୍ୟ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ରାମୋସଙ୍କ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରାମୋସଙ୍କ ହାତରେ ଥିଲା ଏକ ସେମି ଅଟୋମେଟିକ ରାଇଫଲ ଓ ପାଖରେ ମହଜୁଦ ଥିଲା ହ୍ୟାଣ୍ଡ ଗନ୍ ଓ କିଛି ଗୁଳି ଭର୍ତ୍ତି ମାଗ୍‌ଜିନ। ଗତ କିଛିଦିନ ତଳେ ସେ ତା'ର ଜନ୍ମଦିନରେ ଦୁଇଟି ବନ୍ଧୁକ ଉପହାର ଭାବେ ପାଇଥିଲା। ଉକ୍ତ ଦିନ ପ୍ରଥମେ ସେ ଏହି ବନ୍ଧୁକ ଯୋଗେ ତା'ର ଜେଜେମା ଉପରକୁ ଗୁଳି ଚଳାଇଥିଲା ଓ ସୌଭାଗ୍ୟକ୍ରମେ ଗୁଳିଟି ଜେଜେମା'ଙ୍କ ଦେହରେ ବାଜି ନ ଥିଲା। ଏହାପରେ ସେ ନିଜ କାର ଯୋଗେ ନିକଟସ୍ଥ ସ୍କୁଲ ଭିତରକୁ ଯାଇ ଗୋଟିଏ ଶ୍ରେଣୀଗୃହରେ ଆଖିବୁଜା ଗୁଳି ଚଳାଇ ଥିଲା। ଯଦି ତୁରନ୍ତ ତାକୁ ସୁରକ୍ଷା କର୍ମୀମାନେ ହତ୍ୟା କରି ନ ଥାନ୍ତେ, ତେବେ ମୃତ୍ୟୁ ସଂଖ୍ୟା ଯେ କେତେ ହୋଇଥାନ୍ତା ତାହା କଳ୍ପନା କରିହୋଇ ନ ଥାନ୍ତା। ପ୍ରକାଶଯୋଗ୍ୟ, ଏହାର ମାତ୍ର ୧୦ ଦିନ ପୂର୍ବରୁ ଅର୍ଥାତ୍ ମେ ୧୪ରେ ନ୍ୟୁୟର୍କର ବଫାଲୋ ସହରରେ ଥିବା ଏକ ସୁପର ମାର୍କେଟରେ ୧୮ ବର୍ଷୀୟ ଜଣେ ଯୁବକଙ୍କ ଆଖିବୁଜା ଗୁଳି ଚାଳନାରେ ୧୦ ଜଣଙ୍କ ଜୀବନ ଯାଇଥିଲା।

ଆମେରିକାରେ ବନ୍ଧୁକ ଧରିବା ଏକ ସାଧାରଣ କଥା ଓ ତଜ୍ଜନିତ ଗୁଳିକାଣ୍ଡ ଘଟଣା ବି ଅନୁରୂପ ସାଧାରଣ। ମାତ୍ର ୧୦ ଦିନରେ ୩୦ ରୁ ଅଧିକ ଜୀବନ ଯିବା ତଥା ଶପିଂ ମଲ୍ ଓ ପ୍ରାଥମିକ ସ୍କୁଲରେ ବିନା କାରଣରେ ଗୁଳିକାଣ୍ଡ ଘଟାଇବା ଏହାର ସଦ୍ୟତମ ଉଦାହରଣ। ଅତି ଉନ୍ନତ ମସ୍‌କେଟ ବନ୍ଧୁକଠାରୁ ମେଶିନ ଗନ୍ ପର୍ଯ୍ୟନ୍ତ ଆମେରିକୀୟଙ୍କ ନିକଟରେ ରହିବା ଅତି ସାଧାରଣ କଥା। ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଭଳି ବନ୍ଧୁକ ସେଠାରେ କିଣାଯାଇଥାଏ। ଆମେରିକାର ଜନସଂଖ୍ୟା ୩୩୨ ନିୟୁତ, ହେଲେ ସାଧାରଣ ନାଗରିକ ପାଖରେ ରହିଛି ୩୯୩ ନିୟୁତ ବନ୍ଧୁକ। ଅନୁସନ୍ଧାନ କୁହେ, ପ୍ରତିବର୍ଷ ଆମେରିକାରେ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟା ପ୍ରାୟ ୩୦ ହଜାର। ଏହାର ପ୍ରାୟ ୨୦ ହଜାର ମୃତ୍ୟୁ ହେଉଛି ଆତ୍ମହତ୍ୟା, ଯେଉଁମାନେ କି ନିଜ ବନ୍ଧୁକ ଯୋଗେ ପ୍ରାଣ ହରାଇଥାନ୍ତି। ବନ୍ଧୁକ ପାଖରେ ରଖିବାକୁ ସେଠାରେ ଏକ ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଏ। ଜରୁରୀ ପରିସ୍ଥିତିରେ ସାଧାରଣ ନାଗରିକଙ୍କୁ ନିଜ ପାଖରେ ଆତ୍ମରକ୍ଷା ନିମନ୍ତେ ବନ୍ଧୁକ ରଖିବାକୁ ସେଠାରେ ଅନୁମତି ଦିଆଯାଇଥାଏ। ଆମେରିକାର ବନ୍ଧୁକ ନୀତି ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିଛି। ଅତୀତରେ ଏହିପରି ଅନେକ ଗୁଳିକାଣ୍ଡ ଘଟିବା ପରେ ପରେ ସେଠାକାର ରାଷ୍ଟ୍ରପତିମାନେ ବନ୍ଧୁକ ନୀତିରେ ପରିବର୍ତ୍ତନ ପାଇଁ ଘୋଷଣା କରିଥାନ୍ତି, ମାତ୍ର ପର ମୁହୂର୍ତ୍ତରେ ମୌନତା ଅବଲମ୍ବନ କରିଥାନ୍ତି। ଏବର ଗୁଳିକାଣ୍ଡ ଘଟଣାକୁ ଅନ୍ତର୍ଜାତୀୟ ଲଜ୍ଜା ଭାବେ ଅଭିହିତ କରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, ବହୁତ ହୋଇଗଲା, ଆଉ ନୁହେଁ। ଗୁଳିକାଣ୍ଡ ଯୋଗୁ ନିରୀହ ଶିଶୁ ଓ ନାଗରିକଙ୍କ ମୃତ୍ୟୁ ଉପରେ ସେ ବାରମ୍ବାର ମନ୍ତବ୍ୟ ଦେଇ ଦେଇ ଥକି ପଡ଼ିଲେଣି। କେବଳ ଆମେରିକା ନୁହେଁ, ସବୁ ରାଷ୍ଟ୍ରରେ ନାଗରିକମାନଙ୍କ ମାନସିକ ସମସ୍ୟା ରହିଛି, ପାରିବାରିକ ବିବାଦ ରହିଛି। ହେଲେ ଏଭଳି ହିଂସା କେଉଁଠାରେ ହେଉନାହିଁ। କାହିଁକି ଆମେମାନେ ଏଭଳି ଗୁଳିକାଣ୍ଡ ଭଳି ଏକ ଅତି ହିଂସାତ୍ମକ ବାତାବରଣରେ ବାରମ୍ବାର ରହୁଛେ। ପ୍ରତ୍ୟେକ ମାତାପିତାଙ୍କ ପୀଡ଼ା କମ୍ ପାଇଁ,



ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ପୀଡ଼ା କମ୍ କରିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେ ଆଉ ମନ୍ତବ୍ୟ ପ୍ରଦାନ ନୁହେଁ, ପଦକ୍ଷେପ ନେବାର ସମୟ ଆସିଯାଇଛି। ଠିକ୍ ଏହିଭଳି ମନ୍ତବ୍ୟ ବାଇଡେନ ଦେଇଥିଲେ ୨୦୨୧ ଏପ୍ରିଲ ୮ ରେ ଯେତେବେଳେ ସାଉଥ କାରୋଲିନାସ୍ଥିତ ରକ୍ ହିଲ୍ ବାସଭବନରେ ୭୦ ବର୍ଷୀୟ ଡାକ୍ତରଙ୍କ ସହ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। କିନ୍ତୁ ଏହାପରେ ବନ୍ଧୁକ ନିୟନ୍ତ୍ରଣ ଉପରେ କୌଣସି ପଦକ୍ଷେପ ନେବା ତ ଦୂରର କଥା ଆଲୋଚନା ମଧ୍ୟ ହୋଇ ନ ଥିଲା। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଶାସନ କାଳରେ ଅନେକ ଥର ବନ୍ଧୁକ ନୀତି ସଂଶୋଧନ ପାଇଁ ମନ୍ତବ୍ୟ ପ୍ରଦାନ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ।

ରାଷ୍ଟ୍ରପତି ବାଇଡେନ ଆଜି ଯେଉଁ ଚିନ୍ତା ପ୍ରକଟ କରିଛନ୍ତି, ସେଭଳି ଚିନ୍ତା ୫୦ ବର୍ଷ ପୂର୍ବେ ତତ୍କାଳୀନ ରାଷ୍ଟ୍ରପତି ଲିନ୍‌ଡେନ ଜନ୍‌ସନ ବି ପ୍ରକଟ କରିଥିଲେ। ସେବେଠାରୁ ଗୁଳିକାଣ୍ଡ ଓ ଅବାଧ ବନ୍ଧୁକ ବ୍ୟବହାରକୁ ନେଇ ରାଷ୍ଟ୍ରପତିମାନେ କେବଳ ଚିନ୍ତା ପ୍ରକଟ କରିଆସିଛନ୍ତି, ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳସ୍ୱରୂପ ଆମେରିକାରେ ବିଗତ ୫୦ ବର୍ଷ ମଧ୍ୟରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ସାଧାରଣ ନାଗରିକମାନେ ନିଜ ପାଖରେ ବନ୍ଧୁକ ରଖିବା ନିମନ୍ତେ ଥିବା ଆଇନ ଏକ ବଡ଼ ରାଜନୈତିକ ପ୍ରସଙ୍ଗ। ଏଭଳି ଆଇନରେ ସଂଶୋଧନ ବାବଦରେ ୨୦୨୦ ରେ ଏକ ସର୍ଭେ ହୋଇଥିଲା ଓ ସଂଶୋଧନ ସପକ୍ଷରେ ୫୨ ପ୍ରତିଶତ ନାଗରିକ ମତ ଦେଇଥିବା ବେଳେ ଏହାକୁ ବିରୋଧ କରିଥିଲେ ୩୫ ପ୍ରତିଶତ ନାଗରିକ। ଡେମୋକ୍ରାଟିକ ଦଳର ୯୧ ପ୍ରତିଶତ ସମର୍ଥକ ବନ୍ଧୁକ ରଖିବା ଆଇନକୁ ଅଧିକ କଡ଼ାକଡ଼ି କରିବାକୁ ମତ ଦେଇଥିବା ବେଳେ ରିପବ୍ଲିକନ୍ ଦଳର ମାତ୍ର ୨୪ ପ୍ରତିଶତ ଏହା ସପକ୍ଷରେ ଥିଲେ। ସୂଚନାଯୋଗ୍ୟ, ନ୍ୟାଶନାଲ ରାଇଫଲ ଆସୋସିଏସନ ଆମେରିକାରେ ନାଗରିକମାନେ ବନ୍ଧୁକ ରଖିବାରେ ଥିବା ଆଇନ ସପକ୍ଷରେ ବଡ଼ ଲବି ଭାବେ କାର୍ଯ୍ୟ କରିଥାଏ। ଏହି ଆସୋସିଏସନ ନିଜର ଅର୍ଥ ବଳରେ ଆମେରିକାର ସାଂସଦମାନଙ୍କୁ ପ୍ରଭାବିତ କରିଥାଏ। ଏଇଥିପାଇଁ ଆମେରିକାର ବନ୍ଧୁକ ନୀତିରେ ସଂଶୋଧନ କିମ୍ବା ଏହା ବିରୋଧରେ କୌଣସି ପଦକ୍ଷେପ ନେବାର ସୁଯୋଗ ଆସେନାହିଁ।

ନିରୀହ ଶିଶୁମାନଙ୍କ ଅକାଳ ମୃତ୍ୟୁର ଦୁଃଖରେ ହ୍ୱାଇଟ ହାଉସରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ପୂର୍ବରୁ ୨୦୧୨ରେ ନ୍ୟୁ ଟାଉନର ସାଣ୍ଡିହୁକ ପ୍ରାଥମିକ ବିଦ୍ୟାଳୟରେ ଜଣେ କିଶୋରଙ୍କ ଅଚାନକ ଗୁଳିଚାଳନାରେ ୨୦ ଜଣ ଶିଶୁଙ୍କ ସମେତ ୨୬ ଜଣଙ୍କ ଅକାଳ ମୃତ୍ୟୁ ଘଟିବା ପରେ ଏହିପରି ଜାତୀୟ ଶୋକ ପାଳନ କରାଯାଇଥିଲା। ଏଭଳି ନିରୀହ ଶିଶୁଙ୍କୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଳିକରି ଗଣହତ୍ୟା କରିବା ଘଟଣା ଆମେରିକାରେ ବାରମ୍ବାର ଘଟୁଥିଲେ ମଧ୍ୟ ସେଠାକାର ସରକାର ବନ୍ଧୁକ ନୀତିରେ ପରିବର୍ତ୍ତନ ନ ଆଣିବା ଏକ ଆଶ୍ଚର୍ଯ୍ୟ ଘଟଣା। ନିଜ ବନ୍ଧୁକ ନୀତିରେ ନିଜେ ଆମେରିକା ଶିକାର ହେବା ସାର ହେଉଛି। ଦେଖାଯାଉ, ରାଷ୍ଟ୍ରପତି ବାଇଡେନ ଆମେରିକାରେ ଥିବା କୋହଳ ବନ୍ଧୁକ କିଣା ନୀତିରେ କିଛି କଟକଣା ଲଗାଉଛନ୍ତି କି ପୁଣି ପୂର୍ବ ଭଳି ଆଉ ଏକ ଦୁଃଖଦ ଦୁର୍ଘଟଣା ଘଟିବାକୁ ଅପେକ୍ଷା କରୁଛନ୍ତି।

ମୋ– ୯୪୩୭୨୩୨୪୬୩
prakas.tripathy09@gmail.com

# ତମାଖୁ ପରିବେଶ ପ୍ରତି ବିପଦ



ଡା. ପ୍ରଶାନ୍ତ କୁମାର ପରିଡ଼ା

ପ୍ରତିବର୍ଷ ମେ ମାସ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଇଥାଏ। ଏହି ଦିବସରେ ସାଧାରଣ ଲୋକମାନଙ୍କୁ ତମାଖୁ ସେବନର କୁପ୍ରଭାବ ତଥା ଏହାଦ୍ୱାରା ସୃଷ୍ଟି ହେଉଥିବା ରୋଗ ବିଷୟରେ ସଚେତନ କରାଯାଇଥାଏ। ତମାଖୁ ବର୍ଜନ ଓ ତଜ୍ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ। ପ୍ରତିବର୍ଷ ଏକ ଭିନ୍ନ ସ୍ଲୋଗାନ ଦ୍ୱାରା ଲୋକମାନଙ୍କୁ ତମାଖୁ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଥାଏ। ଏ ବର୍ଷର ସ୍ଲୋଗାନ ହେଲା ''Tobbaco: Threat to our Environment'' ଯାହାର ଆକ୍ଷରିକ ଅର୍ଥ ହେଲା 'ତମାଖୁ: ଆମ ପରିବେଶ ପ୍ରତି ବିପଦ।' ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ତମାଖୁର ପରିବେଶ ପ୍ରଭାବ– ଚାଷ, ଉତ୍ପାଦନ, ବଣ୍ଟନ ଏବଂ ବର୍ଜ୍ୟବସ୍ତୁ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ଦେଶ ଓ ଜାତିର ପ୍ରଗତି ପାଇଁ ତମାଖୁ ସେବନକୁ ରୋକିବା ଆମ ସମସ୍ତଙ୍କ ଦାୟିତ୍ୱ। ଆମ ଦେଶରେ ତମାଖୁର ବ୍ୟବହାର ବହୁଳ ମାତ୍ରାରେ ଦେଖାଯାଏ। ଏହା ସାଧାରଣତଃ ୨ପ୍ରକାର ପ୍ରଣାଳୀରେ ବ୍ୟବହାର କରାଯାଇଥାଏ। ଚୋବାଇବା କିମ୍ବା ଶୋଷିବା ବା ଟାଣିବା। ଚୋବାଇ ବ୍ୟବହାର କରଥିବା ତମାଖୁ ମଧ୍ୟରେ ପାନ, ଗୁଣ୍ଡି, ଗୁଟ୍‌ଖା, ଗୁଡ଼ାଖୁ,ପାନମସଲା, ମାୱା, ଖଇନି ଆଦି ଆମ ଦେଶରେ ବହୁଳ ମାତ୍ରାରେ ଦେଖାଯାଏ। ସେହିପରି ଶୋଷିବା ବା ଟାଣିବା ପ୍ରଣାଳୀରେ ବିଡ଼ି, ସିଗାରେଟ, ଗଞ୍ଜେଇ, ହୁକା, ସିଗାର ଆଦି ବହୁଳ ମାତ୍ରାରେ ବ୍ୟବହାର କରାଯାଇଥାଏ। ତମାଖୁ ଏକ ସ୍ୱାସ୍ଥ୍ୟହାନିକାରକ ପଦାର୍ଥ। ଏହାଦ୍ୱାରା ମନୁଷ୍ୟ ଶରୀରରେ ବହୁ ରୋଗ ସୃଷ୍ଟି ହୋଇଥାଏ। ସେଗୁଡ଼ିକ ମଧ୍ୟରେ ଶ୍ୱାସରୋଗ, ଉଚ୍ଚ ରକ୍ତଚାପ, ଆଥେରୋସ୍କେରୋସିସ୍, ପାରାଲିସ୍‌ସ, ହାଡ଼ ପେପରା, ରିଉମାଟଏଡ୍ ଆର୍ଥ୍ରାଇଟିସ ରୋଗ ଆଦି ମୁଖ୍ୟ। ସେହିପରି ସିଗାରେଟ୍ ଟାଣୁଥିବା ଲୋକମାନଙ୍କଠାରେ ୩୦–୪୦% ଅଧିକ ମାତ୍ରାରେ ମଧୁମେହ ରୋଗ ହେବା ସମ୍ଭାବନା ଥାଏ। ତମାଖୁ ସେବନ ଯୋଗୁ ଗର୍ଭବତୀ ମହିଳା ଓ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଅକାଳରେ ଗର୍ଭପାତ, ଶିଶୁ ଭିନ୍ନକ୍ଷମ ହେବା, ଶିଶୁର ଓଜନ କମ୍ ହେବା ଆଦି ସମସ୍ୟା ଦେଖାଦିଏ। ତମାଖୁରେ ପ୍ରାୟ ୭୦୦ ରାସାୟନିକ ପଦାର୍ଥ ଥାଏ। ଏଥିମଧ୍ୟରୁ ପ୍ରାୟ ୭୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ। ଶ୍ୱାସନଳୀ ଗ୍ରନ୍ଥୀ, ଫୁସ୍‌ଫୁସ୍ ମୁଖଗହ୍ୱର, ଓଠ, ନାକ, ପାକସ୍ଥଳୀ, ମୂତ୍ରାଶୟ, ଅଗ୍ନ୍ୟାଶୟ,

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ



ବୃକ୍କ, ଯକୃତ, ଜରାୟୁଗ୍ରୀବା ଏବଂ ବୃହଦନ୍ତ୍ର ଆଦି କର୍କଟ ତମାଖୁଜନିତ ହୋଇଥାଏ। ଆମ ଦେଶରେ ୩୦–୪୦ ପ୍ରତିଶତ କର୍କଟର କାରଣ ହିଁ ତମାଖୁ ସେବନ। ସ୍ତ୍ରୀଲୋକମାନଙ୍କର ଏକତୃତୀୟାଂଶ ଓ ପୁରୁଷମାନଙ୍କ ୫୦% କର୍କଟ ତମାଖୁ ସେବନ ଯୋଗୁ ହୋଇଥାଏ। ଗଣନାରୁ ଜଣାଯାଇଛି, ତମାଖୁ ସେବନ ଯୋଗୁ ପ୍ରତିବର୍ଷ ୬ ନିୟୁତରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଛି। ସେଥିମଧ୍ୟରୁ ୫ନିୟୁତ ପ୍ରତ୍ୟକ୍ଷ ରୂପେ ହୋଇଥିବାବେଳେ ୬ଲକ୍ଷ ଲୋକ ତମାଖୁ ବ୍ୟବହାର ନ କରି ମଧ୍ୟ ପରୋକ୍ଷ ଭାବେ ମୃତ୍ୟୁବରଣ କରିଥାନ୍ତି। ପ୍ରତି ୬ ସେକେଣ୍ଡରେ ତମାଖୁ ସେବନ ଯୋଗୁ ଜଣେ ଲୋକର ମୃତ୍ୟୁ ଘଟିଥାଏ। ଆମ ଦେଶରେ ପ୍ରାୟ ୪୮ପ୍ରତିଶତ ପୁରୁଷ ଓ ୨୧ ପ୍ରତିଶତ ସ୍ତ୍ରୀଲୋକ ତମାଖୁ ବ୍ୟବହାର କରିଥାନ୍ତି। ପରୀକ୍ଷାରୁ ଜଣାଯାଇଛି, ତମାଖୁ ସେବନର ପ୍ରଭାବ ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀଲୋକମାନଙ୍କଠାରେ ବେଶି ପଡ଼ିଥାଏ। ତମାଖୁରେ ନିକୋଟିନ୍, କାର୍ବନ ମନୋସାଇଡ, ବେପୋଇରିନ୍, ନାଇଟ୍ରୋଜେନ୍ ଅକ୍‌ସାଇଡ, ଆମୋନିଆ ହାଇଡ୍ରୋଜେନ୍ ସିଆନାଇଡ୍ ଆଦି କର୍କଟ ସୃଷ୍ଟିକାରୀ ପଦାର୍ଥ ଥାଏ। ନିକୋଟିନ୍ ହିଁ ଜଣେ ଲୋକକୁ ବାରମ୍ବାର ତମାଖୁ ବ୍ୟବହାର ପାଇଁ ପ୍ରବର୍ତ୍ତାଇଥାଏ ଏବଂ ଅଭ୍ୟାସରେ ପକାଇଦିଏ। ତମାଖୁ ବର୍ଜନ ପାଇଁ ବିଭିନ୍ନ ଔଷଧୀୟ ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଇଥାଏ। ସେଗୁଡ଼ିକ ମଧ୍ୟରେ ବୁପ୍ରୋପିଅନ, ନିକୋଟିନ୍‌ଗମ, ନିକୋଟିନ୍ ଲଜେସ ଆଦି ମୁଖ୍ୟ। ଏତଦ୍‌ବ୍ୟତୀତ ତମାଖୁ ବର୍ଜନ କେନ୍ଦ୍ର, ସଚେତନାତା ଶିବିର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ତମାଖୁ ବର୍ଜନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସରକାରଙ୍କ ତରଫରୁ ତମାଖୁ ସେବନ ରୋକିବା ପାଇଁ କେତେକ ନିୟମାବଳୀ ତିଆରି କରାଯାଇଛି। ୨୦୦୩ରେ ଟବାକୋ ପ୍ରଡକ୍ଟ ଆକ୍ଟ ପ୍ରଚଳନ କରାଯାଇଛି। ସେଗୁଡିକ ହେଲା– * ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ ବନ୍ଦ। * ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ତମାଖୁ କିମ୍ବା ତମାଖୁଜାତ ଦ୍ରବ୍ୟର ବିକ୍ରୟ ନିଷେଧ। * ୧୮ ବର୍ଷରୁ କମ୍ ପିଲାମାନଙ୍କୁ ତମାଖୁଜାତ ଦ୍ରବ୍ୟ ବିକ୍ରୟ ନିଷେଧ। * ଶିକ୍ଷାନୁଷ୍ଠାନ ଚାରିପାଖରେ ଏହି ଦ୍ରବ୍ୟର ବିକୟ ନିଷେଧ। * ସବୁ ତମାଖୁଜାତ ଦ୍ରବ୍ୟର ପ୍ୟାକ୍ ଉପରେ ସ୍ୱାସ୍ଥ୍ୟହାନିକାରକ ସଚେତନତା। * ପ୍ରତ୍ୟେକ ପ୍ୟାକେଟ୍ ଉପରେ ନିକୋଟିନ୍ ଓ ଅନ୍ୟାନ୍ୟ ଭାଗ ଦର୍ଶାଯିବ ଉଚିତ।

ମେଡିକାଲ ଅଙ୍କୋଲୋଜିଷ୍ଟ
ଏସ୍‌ସିବି ପଣ୍ଡା କ୍ୟାନ୍ସର ହସ୍ପିଟାଲ, କଟକ

## ଏଇ ଭାରତରେ

ଏମିତି ଏକ ବଏଲର ଯେଉଁଥିରେ ୫ଭାଗରୁ ୧ଭାଗେ ଜାଳେଣି କାଠରେ ସବୁ କିଛି ହୋଇପାରୁଛି। ରାଜସ୍ଥାନ ଆଲ୍‌ୱାରର ସୁଭାଷ ଝାଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି। ଏହି ବଏଲର ଆବିଷ୍କାର କରିବା ପୂର୍ବରୁ ସେ ତାଙ୍କ ଗାଁକୁ ଆଲୋକିତ କରିବା ଲାଗି ଡିସି ଥର୍ମାଲ ପାୱାର ପ୍ଲାଣ୍ଟ ମଧ୍ୟ ଆବିଷ୍କାର କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯେଉଁଦିନ ଆତତାୟୀଙ୍କ ଗୁଳିରେ ନିହତ ହୋଇଥିଲେ, ଠିକ୍ ସେହିଦିନ ସୁଭାଷ ଗାଁକୁ ଆଲୋକିତ କରି ପାରିଥିଲେ ମାତ୍ର ୧୩ ବର୍ଷ ବୟସରେ। ଅଧାରୁ ପାଠ ଛାଡ଼ି ସୁଭାଷ ଏହିସବୁ କାର୍ଯ୍ୟରେ ସମୟ ଦେଇଚାଲିଛନ୍ତି। ଜେନିୟୁସ୍ ଏନର୍ଜି କ୍ରିଟିକାଲ ଇନୋଭେଶନ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ଏବେ ନିର୍ମାଣ କରିଥିବା ବଏଲର ଜାଳେଣି ୱେଷ୍ଟକୁ ମଧ୍ୟ ବ୍ୟବହାର ଓ ରିସାଇକିଲିଂ କରିପାରୁଛି। ଯେଉଁଠି ୧୦୦କେଜି ଜାଳେଣି କାଠ ଆବଶ୍ୟକ, ସେଠାରେ ମାତ୍ର ୨୦ କେଜିରେ କାମ ହୋଇଯାଉଛି। ସୁଭାଷ ତାଙ୍କ କମ୍ପାନୀରେ ୨୦ ଜଣଙ୍କୁ ବି ନିଯୁକ୍ତି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମେ ୧୯୯୭

- ସବୁଜ ବିପ୍ଳବ (ଗ୍ରୀନ୍ ରିଭୋଲ୍ୟୁସନ)ର ଜନକ ରୂପେ ପରିଚିତ କୃଷି ବୈଜ୍ଞାନିକ ଡକ୍ଟର ନରମାନ ବୋରଲଗଙ୍କୁ ଆମେରିକାର ରାଷ୍ଟ୍ରୀୟ ବିଭାଗ ପକ୍ଷରୁ ସ୍ୱୀକୃତ ମାନପତ୍ର ପ୍ରଦାନ।
- କାବୁଲଠାରୁ ୭୭ କିମି ଉତ୍ତର ଜାବେଲ-ଉସ-ସିରାଜ ସହର ନିକଟ ଦୁଇଟି ଅଞ୍ଚଳକୁ ଆଫଗାନ ଯୁଦ୍ଧଖୋର ଅହମ୍ମଦ ଶାହା ମାସୁଦଙ୍କ ସେନାବାହିନୀ ଅକ୍ତିଆର କରିନେଇଛି।

## ଚିରନ୍ତନୀ

ଗାଏ ତା'ର ଯଶ କବି, ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି ତହିଁ ପରମ ସାଧନ।
ଏହି ଚକ୍ରବାକର ଦମ୍ପତି–
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି। –(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ବିକାଶରେ ଦେଶର ବିକାଶ

ମହାଶୟ,

ସଡ଼କ ଓ ସେତୁ ଭିତ୍ତିଭୂମିର ବିକାଶ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୁଏ। ଯେଉଁ ଦେଶ ଓ ରାଜ୍ୟ ସଡ଼କ ଭିତ୍ତିଭୂମିରେ ଯେତେ ବିକଶିତ,ସେ ଦେଶ ସେତେ ସମୃଦ୍ଧ। ସେଥିପାଇଁ ଆମେରିକାର ପୂର୍ବତନ ରାଷ୍ଟ୍ରପତି କେନେଡି ଯଥାର୍ଥରେ କହିଥିଲେ, ''ଆମେରିକାର ରାସ୍ତାଗୁଡ଼ିକର ମାନ ଉନ୍ନତ ହେବାର କାରଣ ନୁହେଁ ଯେ, ଆମେରିକା ଏକ ସମୃଦ୍ଧ ରାଷ୍ଟ୍ର। ଆମେରିକାର ରାସ୍ତାଗୁଡ଼ିକ ଉନ୍ନତ ମାନର ହୋଇଥିବାରୁ ଏହି ରାଷ୍ଟ୍ର ସମୃଦ୍ଧ ହୋଇପାରିଛି।'' ଆମ ରାଜ୍ୟ ଓଡ଼ିଶାରେ ଗତ କିଛି ବର୍ଷ ମଧ୍ୟରେ ରାସ୍ତା ଓ ସେତୁଭୂମିର ଅନେକ ବିକାଶ ହୋଇଥିଲେ ମଧ୍ୟ ଆବଶ୍ୟକତା ତୁଳନାରେ ଏହା ଯଥେଷ୍ଟ ନୁହେଁ। ଏବେ ମଧ୍ୟ ୧୦୦୦ରୁ ଅଧିକ ଗ୍ରାମକୁ ରାସ୍ତା ନାହିଁ। ରାସ୍ତାଘାଟ ଓ ସେତୁ ନ ଥିବାରୁ ଆମ୍ବୁଲାନ୍ସ ଆସିପାରୁ ନାହିଁ ଓ ବହୁ ରୋଗୀ ଅନୁନ୍ନତ ଅଞ୍ଚଳରେ ୮/୧୦ କିଲୋମିଟର ଭାରରେ ବୁହାହୋଇ ଡାକ୍ତରଖାନା ଆସୁଛନ୍ତି। ଶିକ୍ଷକ ଓ ଛାତ୍ରମାନେ ନଈରେ ପହଁରି ବିଦ୍ୟାଳୟ ଆସୁଥିବାର ଓ ସାଧାରଣ ଲୋକ ରାଶନ ସାମଗ୍ରୀ ପାଇଁ ବହୁ କିଲୋମିଟର ପାହାଡିଆ ରାସ୍ତାରେ ଚାଲି ଚାଲି ଯାଉଥିବା ଦୃଶ୍ୟ ରାଜ୍ୟର ଛବିକୁ ଦେଶ ବିଦେଶରେ ମଳିନ କରିଦେଉଛି। ଏହି ରାସ୍ତା ଓ ସେତୁ ନିର୍ମାଣକୁ ସମ୍ପ୍ରସାରଣ କରାଯିବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 2 | | | | | 1 | | |
| | | 7 | | | | 3 | | |
| | | 6 | | 9 | 8 | | | |
| | | 8 | | 2 | 7 | | | 3 |
| | | | | 6 | | | 1 | 5 |
| 2 | | | | | 3 | | | |
| | | | | | | | | |
| 3 | | | | 5 | 2 | 4 | 6 | |
| | 7 | | 1 | | | | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 3 | 5 | 2 | 7 | 8 | 1 |
| 7 | 2 | 1 | 6 | 4 | 8 | 5 | 9 | 3 |
| 5 | 8 | 3 | 7 | 9 | 1 | 6 | 2 | 4 |
| 9 | 1 | 7 | 8 | 6 | 4 | 2 | 3 | 5 |
| 6 | 4 | 8 | 2 | 3 | 5 | 9 | 1 | 7 |
| 3 | 5 | 2 | 1 | 7 | 9 | 4 | 6 | 8 |
| 8 | 6 | 4 | 5 | 2 | 3 | 1 | 7 | 9 |
| 2 | 3 | 5 | 9 | 1 | 7 | 8 | 4 | 6 |
| 1 | 7 | 9 | 4 | 8 | 6 | 3 | 5 | 2 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

**ବାରିପଦା ଅଫିସ, ୩୦।୫:** ରାତି ପାହିଲେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବାକୁ ଥିବା ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ସ୍ୱାମୀ। ରବିବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଚାକିଡ଼ି ପଞ୍ଚାୟତ ଅସୁରା ଗାଁ ଖଡିଆ ସାହିରେ। ମୃତ ମହିଳା ହେଲେ ମକରି ଦିଗାର। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୩୬/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଭରତ ଦିଗାରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ଏକ ଠେଙ୍ଗାରେ ମକରିଙ୍କୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି।

### ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**ସାବିତ୍ରୀ ବ୍ରତ ପାଳନ ବେଳେ ଅଘଟଣ**

**ରେଢ଼ାଖୋଲ,୩୦।୫(ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲର କଦଳୀଗଡ଼ ଜଗନ୍ନାଥ ମନ୍ଦିରରେ ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଥିବା ବେଳେ ଅଘଟଣ ଘଟିଛି। ଦୀପରୁ ନିଆଁ ଲାଗି ଗ୍ରାମର ସସ୍ମିତା ଗଡ଼ତିଆ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ସୂଚନାମତେ ପୂର୍ବାହ୍ନରେ ସାବିତ୍ରୀ ପୂଜା ପାଇଁ ମହିଳାମାନେ ଜଗନ୍ନାଥ ମନ୍ଦିରରେ ଏକାଠି ହୋଇଥିଲେ। ପୂଜା ସାରି ସମସ୍ତେ ବେଢ଼ା ପରିକ୍ରମା କରୁଥିବା ବେଳେ ହଠାତ୍ ଦୀପରୁ ସସ୍ମିତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଉପସ୍ଥିତ ମହିଳାମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏହା ସତ୍ତ୍ୱେ ମହିଳାଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଥିଲେ।

# ସବୁ ହୋଟେଲରେ ସିସିଟିଭି ବାଧ୍ୟତାମୂଳକ

**ରଥଯାତ୍ରା ପାଇଁ ସମନ୍ୱୟ ବୈଠକ**

- ହୋଟେଲ ମାଲିକଙ୍କ ସହ ପୋଲିସ ପ୍ରଶାସନର ଆଲୋଚନା
- ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ଉପରେ ଗୁରୁତ୍ୱ


ବୈଠକରେ ହୋଟେଲ ମାଲିକମାନଙ୍କ ସହ ଏସ୍‌ପି କନଓ୍ୱର ବିଶାଲ ସିଂ ଆଲୋଚନା କରୁଛନ୍ତି।

**ପୁରୀ ଅଫିସ,୩୦।୫**

ଚଳିତ ବର୍ଷର ରଥଯାତ୍ରା ପାଇଁ ସୋମବାର ପୁରୀ ହୋଟେଲ ମାଲିକ ସଂଘ ସହ ପୋଲିସ ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସହରର ସମସ୍ତ ହୋଟେଲରେ ସିସିଟିଭି କ୍ୟାମେରା ଲଗାଯିବା ବାଧ୍ୟତାମୂଳକ କରାଯିବା ସହ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଚଳିତବର୍ଷ ରଥଯାତ୍ରାରେ ପ୍ରାୟ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଅନେକ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ବିଭିନ୍ନ ହୋଟେଲ ଓ ଲଜ୍‌ରେ ରହିବେ। ତେଣୁ ସେମାନଙ୍କ ଲାଗି ହୋଟେଲକୁ ସୁରକ୍ଷିତ ରଖିବା ଦିଗରେ ପଦକ୍ଷେପ ନେବାକୁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୁରୀ ସହରର ସବୁ ହୋଟେଲରେ ସିସିଟିଭି କ୍ୟାମେରା ଲଗାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଟିଭିରେ ଅତିକମ୍‌ରେ ୭ଦିନର ତଥ୍ୟ ସଂରକ୍ଷିତ ରହିବା ଭଳି ବ୍ୟବସ୍ଥା ଥିବା ଦରକାର। ପ୍ରତିଦିନ ହୋଟେଲ ମାଲିକମାନେ ଯାତ୍ରୀଙ୍କ ସଂଖ୍ୟା ସମ୍ପର୍କିତ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବେ। ପ୍ରତ୍ୟେକ ଥାନାର ଆଇଆଇସି ଏକ ହ୍ୱାଟ୍ସଅପ୍ ଗ୍ରୁପ୍ କରିବେ। ହୋଟେଲ ଓ ଲଜ୍ ମାଲିକମାନେ ଏହି ଗ୍ରୁପ୍‌ରେ ରହିବେ। ଗ୍ରୁପ୍‌ରେ ହୋଟେଲ, ଯାତ୍ରୀଙ୍କ ସୁରକ୍ଷା ଓ ରହଣି ସମ୍ପର୍କରେ ଆଲୋଚନା ହେବ। ପର୍ଯ୍ୟଟକଙ୍କ ପାଇଁ ଏକ ହେଲ୍ପଲାଇନ୍ ନମ୍ବର (୬୩୭୦୯୬୭୧୦୦) ଜାରି କରାଯାଇଛି। ହୋଟେଲ ମାଲିକମାନେ ନିଜ ରିସେପଶନ୍ ସେଣ୍ଟରରେ ଉକ୍ତ ହେଲ୍ପଲାଇନ୍‌ନମ୍ବର ଲେଖାଇବେ, ଯେପରି ତାହା ଯାତ୍ରୀଙ୍କ ନଜରକୁ ଆସିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ଯାତ୍ରୀଙ୍କ ସମସ୍ୟା ସମ୍ପର୍କିତ ସୂଚନା ପାଇଁ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି।


ଭୁବନେଶ୍ୱରର ବୁଦ୍ଧେଶ୍ୱରୀ ମନ୍ଦିରରେ ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

## ସିଭିଲ୍ ସର୍ଭିସ୍ କୃତକାର୍ଯ୍ୟଙ୍କ ମୁହଁରୁ...

### 'ଓଡ଼ିଶାବାସୀଙ୍କ ବିକାଶରେ ନିଜକୁ ସାମିଲ କରିବି'

**୬୩ ର୍‍ୟାଙ୍କ ହୋଲ୍‌ଡର**

**ସୋନପୁର,୩୦।୫(ନି.ପ୍ର.)**


କାର୍ତ୍ତିକ ପାଣିଗ୍ରାହୀ

ସୋମବାର ପ୍ରକାଶିତ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୧ରେ ୬୩ ର୍‍ୟାଙ୍କ ରଖି ଓଡ଼ିଶାର କାର୍ତ୍ତିକ ପାଣିଗ୍ରାହୀ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ଘର ସୋନପୁର ସହର ଗଡ଼ଭିତର ଅଞ୍ଚଳରେ। କାର୍ତ୍ତିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପରିଶ୍ରମର ଫଳ ମିଳିଥିବାରୁ ଖୁସି ଲାଗୁଛି। ଆଗକୁ ସମାଜର ଅବହେଳିତ ବର୍ଗ ଓ ମହିଳାଙ୍କ ଉନ୍ନତି ପାଇଁ କାମ କରିବି। ସୁଯୋଗ ମିଳିଲେ ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସାମିଲ ହେବି। ତୃଣମୂଳସ୍ତରରେ ପ୍ରଶାସନିକ ସୁବିଧା ପହଞ୍ଚାଇବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। କାର୍ତ୍ତିକଙ୍କ ମା' ଗୀତା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଶିବଶଙ୍କର ଏବେ ଇଣ୍ଡିଆନ ଏୟାର ଲାଇନ୍‌ସର ଇଞ୍ଜିନିୟର ଭାବେ ଦିଲ୍ଲୀରେ କାର୍ଯ୍ୟରତ। ସେ ମାଡ୍ରାସ, ଥିରୁଭାନନ୍ତପୁରମ୍‌ରେ ପାଠ ପଢ଼ିଛନ୍ତି। କଲିକତା କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବା ପରେ ଏବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍‌ଫିଲ କରୁଛନ୍ତି। ତୃତୀୟ ସୁଯୋଗରେ ସେ ଏହି ସଫଳତା ପାଇଛନ୍ତି। କଠିନ ପରିଶ୍ରମ ଓ ନିଷ୍ଠା ରହିଲେ ସଫଳତା ନିଶ୍ଚୟ ମିଳିବ। ଏହି ସଫଳତା ପାଇଁ ସେ ମା', ବାପା, ବିଟେକ୍ କରୁଥିବା ସାନଭାଇ କୁନାଲ, ଗୁରୁଜନ ଓ ଭଗବାନଙ୍କୁ ଶ୍ରେୟ ଦେଇଛନ୍ତି। ଅନ୍ୟପକ୍ଷେ କାର୍ତ୍ତିକଙ୍କ ଏହି ସଫଳତା ଲାଗି ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁଭେଚ୍ଛା ଜଣାଇଛନ୍ତି। ସେ ଜିଲାକୁ ଗୌରବାନ୍ୱିତ କରିବା ସହ ଆଗକୁ ଆହୁରି ସଫଳତା ଆଣିବେ ବୋଲି ମନ୍ତ୍ରୀ ପୂଜାରୀ ଆଶାପ୍ରକାଶ କରିଛନ୍ତି।

### ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ଲାଗି କାର୍ଯ୍ୟ କରିବି

**୮୬ ର୍‍ୟାଙ୍କ ହୋଲ୍‌ଡର**

**ସୁନ୍ଦରଗଡ଼, ୩୦।୫ (ଡି.ଏନ୍.ଏ.)**


ଗୌରବ ଅଗ୍ରଓ୍ୱାଲ

ସର୍ବଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ୮୬ତମ ର୍‍ୟାଙ୍କ ରଖି ସୁନ୍ଦରଗଡ଼ ପାଇଁ ଗୌରବ ଆଣିଛନ୍ତି ଗୌରବ ଅଗ୍ରଓ୍ୱାଲ। ସୁନ୍ଦରଗଡ଼ ସହର ମିଶନରୋଡସ୍ଥିତ ସଜ୍ଜନ ଅଗ୍ରଓ୍ୱାଲ ଓ କିରଣଙ୍କ କନିଷ୍ଠ ପୁତ୍ର ଗୌରବ। ପରୀକ୍ଷାଫଳ ପ୍ରକାଶିତ ପରେ ତାଙ୍କ ପରିବାର, ସାଙ୍ଗସାଥୀ ଓ ସୁନ୍ଦରଗଡ଼ରେ ଖୁସିର ଲହରି ଖେଳିଯାଇଛି। ଗୌରବ ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି। ଅଦମ୍ୟ ଇଚ୍ଛାଶକ୍ତି, କଠିନ ଅଧ୍ୟବସାୟ ମାଧ୍ୟମରେ ସଫଳତା ମିଳିପାରିଥିବା ସେ କହିଛନ୍ତି। ସେ କୌଣସି ନିର୍ଦ୍ଦିଷ୍ଟ କୋଚିଂ ନ ନେଇ କୋଭିଡ୍ ମହାମାରୀର ଦୁଃସ୍ଥିତି ମଧ୍ୟରେ ଘରେ ରହି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପଢ଼ାପଢ଼ି କରୁଥିଲେ। ରାଉରକେଲାସ୍ଥିତ ସେଣ୍ଟପଲ୍ ବିଦ୍ୟାଳୟରେ ଅଷ୍ଟମ, ବଲାଙ୍ଗୀର ଲିଟିଲ ଫ୍ଲାଓ୍ୱାର ସ୍କୁଲରୁ ୧୦ମ ପାସ କରିଥିଲେ। ପରେ ହାଇଦ୍ରାବାଦରେ ଗୀତାଞ୍ଜଳି ସ୍କୁଲରେ ବିଜ୍ଞାନରେ ୧୨କ୍ଲାସ ପାସ କରି ହାଇଦ୍ରାବାଦସ୍ଥିତ ହେଜାଉଲ୍ଲା ନ୍ୟାଶନାଲ ୟୁନିଭର୍ସିଟିରେ ଇଣ୍ଟିଗ୍ରେଟେଡ ଲ ୫ବର୍ଷୀୟା ପାଠ୍ୟକ୍ରମ ଶେଷ କରିଥିଲେ। ୨୦୨୦ରେ ସିଭିଲ ସର୍ଭିସ ପାଇଁ ସେ ନିଜକୁ ପ୍ରସ୍ତୁତ କରି ଦ୍ୱିତୀୟ ଥର ପାଇଁ ପରୀକ୍ଷା ଦେଇ ସଫଳତା ହାସଲ କରିଛନ୍ତି। ସାଧାରଣ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ କିଛି କରିବା ଇଚ୍ଛା ତାଙ୍କର ରହିଛି ବୋଲି ସେ କହିଛନ୍ତି। ସିଭିଲ ସର୍ଭିସ ପରୀକ୍ଷାର ସାକ୍ଷାତ୍‌କାରରେ ତାଙ୍କୁ ମୁଖ୍ୟତଃ ଇଣ୍ଟର ନ୍ୟାଶନାଲ ଓ ଆଇନ ସମ୍ପର୍କିତ ପ୍ରଶ୍ନ ସହିତ ଓଡ଼ିଶାରେ ହକି ଖେଳର ବିକାଶ ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ସୁନ୍ଦରଗଡ଼ ଜିଲାରେ ଥିବା ରାଉରକେଲା ଷ୍ଟିଲପ୍ଲାଣ୍ଟରେ ଆଗାମୀ ୨୦/୩୦ବର୍ଷକୁ ଆଖି ଆଗରେ ରଖି କିଭଳି ଉତ୍ପାଦନ କ୍ଷମତା ବୃଦ୍ଧିପାଇବ, ସେ ସମ୍ପର୍କିତ ପ୍ରଶ୍ନ ପଚରାଯାଇଥିଲା। ଗୌରବଙ୍କ ପିତା ସଜ୍ଜନ ଅଗ୍ରଓ୍ୱାଲ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଜଣେ ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ। ତାଙ୍କର ୨ପୁଅ ସୌରଭ ଓ ଗୌରବ।

### 'ଜେଜେଙ୍କ ସ୍ୱପ୍ନ ପୂରଣ ହୋଇଛି'

**୩୦୬ ର୍‍ୟାଙ୍କ ହୋଲ୍‌ଡର**

**ଅନୁଗୋଳ ଅଫିସ୍/ଦେବଗଡ଼/ ପାଲଲହଡ଼ା(ଡି.ଏନ୍.ଏ.),୩୦।୫**


ସୌମ୍ୟରଞ୍ଜନ ପ୍ରଧାନ

ସିଭିଲ ସର୍ଭିସ୍ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୩୦୬ ର୍‍ୟାଙ୍କ୍ ରଖି ଚମକିଛନ୍ତି ଦେବଗଡ଼ର ମୂଳବାସିନ୍ଦା ତଥା ଅନୁଗୋଳ ଜିଲା ପାଲଲହଡ଼ାର ସୌମ୍ୟରଞ୍ଜନ ପ୍ରଧାନ। ଜେଜେଙ୍କ ସ୍ୱପ୍ନ ପୂରଣ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରର ସମସ୍ୟାର ସମାଧାନ ତାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ସୌମ୍ୟରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଅନ୍ତର୍ଗତ ଭୁକାବେଢ଼ା ଗ୍ରାମର ମୂଳନିବାସୀ ସୌମ୍ୟରଞ୍ଜନ ଗତ ଅକ୍ଟୋବରରେ ପ୍ରକାଶିତ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା (ଓଏଏସ୍)ରେ ୪ର୍ଥ ର୍‍ୟାଙ୍କ୍ ପାଇଥିଲେ। ସେ ଏବେ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ଅଛନ୍ତି। ଆଇଏଏସ୍ ଭଳି ସର୍ବଭାରତୀୟ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲକ୍ଷ୍ୟ ନେଇ ସେ ପ୍ରସ୍ତୁତି ଚଳାଇଥିଲେ।

୧୯୯୬ ଅଗଷ୍ଟ ୨୯ରେ ଜନ୍ମିତ ସୌମ୍ୟରଞ୍ଜନ ଜଣେ ମେଧାବୀ ଛାତ୍ର। ପାଲଲହଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ମାଟ୍ରିକ୍, ବ୍ରହ୍ମପୁର ନୀଳକଣ୍ଠନଗର ଶିଶୁ ମନ୍ଦିରରୁ ଯୁକ୍ତ ୨ ବିଜ୍ଞାନ, ରାଉରକେଲା ଏନ୍‌ଆଇଟିରୁ ବି-ଟେକ୍ ପାସ୍ କରିବା ପରେ ହରିୟାଣାସ୍ଥିତ ହିରୋ ମୋଟୋକର୍ପରେ ବୈଷୟିକ ବିଶେଷଜ୍ଞ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। କରୋନା ଲକଡାଉନ୍ ସମୟରେ ସେ ଘରକୁ ଫେରିଆସି ଓପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ନିଜ ପ୍ରତିକ୍ରିୟାରେ ସୌମ୍ୟରଞ୍ଜନ କହିଛନ୍ତି, ସେ ଦୈନିକ ୬ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ବଡ଼ ସିଲାବସ୍ ଦେଖି ଭାଙ୍ଗି ପଡ଼ିବା ଅନୁଚିତ। ପରିଶ୍ରମ କଲେ ଭଲ ଫଳ ମିଳିବ ବୋଲି ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କ ବାପା ସଞ୍ଜୀବ ପ୍ରଧାନ ପାଲଲହଡ଼ାସ୍ଥିତ ମାଳ୍ୟଗିରି ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବାବେଳେ ମା' କଳ୍ପନା ପ୍ରଧାନ ଜଣେ ଗୃହିଣୀ। ସାନ ଭାଇ ବାରିପଦାରେ ଡାକ୍ତରୀ ପାଠ ପଢୁଛନ୍ତି। ଜେଜେବାପା ସ୍ୱର୍ଗତ ବିରଞ୍ଚି ନାରାୟଣ ପ୍ରଧାନ ଦେବଗଡ଼ ଜିଲା ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କ ପ୍ରେରଣା ହିଁ ଆଜି ଏହି ସଫଳତା ଆଣିଦେଇଥିବା ସୌମ୍ୟରଞ୍ଜନ କହିଛନ୍ତି।

## ଏମ୍‌କେସିଜିରେ ଚିକିତ୍ସାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩୦।୫**

ଏମ୍‌କେସିଜି ମେଡିକାଲରେ ଜଣେ ବିଚାରାଧୀନ ବନ୍ଦୀ (ୟୁଟିପି)ଙ୍କର ସୋମବାର ମୃତ୍ୟୁ ଘଟିଛି। ମୃତକ ଟାଉନ ଥାନା ଅନ୍ତର୍ଗତ ଗେଟ୍‌ବଜାର ଜାଗିଲିସାହିର ମୁନା ବେହେରା(୫୦)। ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ନଂ.୨୯୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ୨୭ ତାରିଖ ସକାଳେ ଜାଗିଲିସାହିରେ ବେଆଇନ ଭାବେ ମଦବିକ୍ରି ହେଉଥିବା ଖବର ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଦୁଇଟି ପ୍ଲାଷ୍ଟିକ ଜାରରୁ ୨୫ ଲିଟର ଦେଶୀ ମଦ ଜବତ କରିଥିଲା। ମଦ ବିକ୍ରି କରୁଥିବା ମୁନାଙ୍କୁ ଗିରଫକରି ମାମଲା ନମ୍ବର ୧୩୩/୨୨ରେ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ମୁନା ଗତ ୨୯ ତାରିଖରେ ଅସୁସ୍ଥ ହେବାରୁ ଜେଲ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ମୁନାଙ୍କ ପରିବାର ଲୋକେ ତାଙ୍କର ଏଭଳି ମୃତ୍ୟୁକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## 'ଯେଉଁ ଦାୟିତ୍ୱ ମିଳିବ ସୁଚାରୁ ରୂପେ ତୁଲାଇବି'

**୨୬୯ ର୍‍ୟାଙ୍କ ହୋଲ୍‌ଡର**

**ରାଉରକେଲା ଅଫିସ,୩୦।୫**


ଅନୁପ ଗର୍ଗ

ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷାରେ ରାଉରକେଲାରୁ ଅନୁପ ଗର୍ଗ ସର୍ବଭାରତୀୟ ସ୍ତରରେ ୨୬୯ ର୍‍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ସମଗ୍ର ରାଉରକେଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ରାଉରକେଲା ଷ୍ଟେଶନ ରୋଡ୍ ଡିଏଭି ଲାଇନ୍ ଅଞ୍ଚଳର ଶୁଶୀଲ ଗର୍ଗ ଓ ମମତା ଗର୍ଗଙ୍କ ପୁଅ ଅନୁପ। ଶୁଶୀଲ ଜଣେ ବ୍ୟବସାୟୀ ଓ ମମତା ଜଣେ ଗୃହିଣୀ। ଅନୁପ ପ୍ରଥମରୁ ପଞ୍ଚମ ଯାଏ ରାଉରକେଲା ଜଗଦା ସ୍ଥିତ ଏମ୍‌ଜିଏମ୍ ଇଂଲିଶ ମିଡିୟମ୍ ସ୍କୁଲ ଏବଂ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏ ବାଙ୍ଗାଲୋର ବିଶପ୍ କଟନ ବଏଜ ସ୍କୁଲରେ ପଢିଥିଲେ। ଏହାପରେ ସେ ବାଙ୍ଗାଲୋରର ଦୟାନନ୍ଦ ସାଗର ଇଞ୍ଜିନିୟରିଂ କଲେଜରେ ବିଟେକ୍ କଲେ। ସେ ୨୦୧୮ ମସିହାରୁ ଦିଲ୍ଲୀରେ ରହି ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଅନୁପ ଦୈନିକ ୧୪ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲେ। ୫ଥର ସର୍ବଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ଦେବା ପରେ ଷଷ୍ଠ ଥରରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଆଇଏଏସ୍ ପାଇବା ପରେ ସେ ତାଙ୍କ ମା' ବାପା, ସାଙ୍ଗସାଥୀଙ୍କ ସମେତ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଦେଶ ସେବାରେ ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାକୁ ସୁଚାର ରୂପେ ତୁଲାଇବେ ବୋଲି ଅନୁପ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆଇପିଏଲ୍ ବେଟିଂ: ୧୩.୭୪ ଲକ୍ଷ ଜବତ, ୯ ଗିରଫ

- ୫ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ଅଭିଯୁକ୍ତଙ୍କଠାରୁ ମିଳିଲା ୬.୧୪ଲକ୍ଷ
- ନିର୍ମାଣାଧୀନ ଘରେ ଚାଲିଥିଲା ବେଟିଂ

**ବରଗଡ଼ ଅଫିସ୍,୩୦।୫**

ବରଗଡ଼ ପୋଲିସ ଆଇପିଏଲ ବେଟିଂର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକି ମିତ୍ତଲ, ପ୍ରକାଶ ଅଗ୍ରଓ୍ୱାଲ, ଅର୍ଜୁନ ସେନାପତି, ବିମଳକାନ୍ତ ନାଗ ଏବଂ ଦିଲୀପ ଦାଶ। ସେମାନେ ବରଗଡ଼ ସହର ଏବଂ ଆଖପାଖ ଅଞ୍ଚଳର ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ପାଖରୁ ନଗଦ ୬ଲକ୍ଷ ୧୪ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଜବତ ହୋଇଛି। ସେଥିରେ ୩୦ଟି ମୋବାଇଲ, ୨ଟି ଲାପଟପ୍, ୧୪ମୋବାଇଲ ସଂଲଗ୍ନ ଅଟୋ କଲ୍ ରିସିଭର୍ ମେଶିନ, ଟାଟା ସ୍କାଏ ସେଟ୍‌ଅପ୍ ବକ୍ସ, ରିମୋଟ୍, ରାଉଟର୍, ଏଲସିଡି ଟିଭି, ମୋବାଇଲ ଚାର୍ଜର, ଏକ୍ସଟେନ୍ସନ ବୋର୍ଡ଼ ଆଦି ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୨୮୭।୨୨) ରୁଜୁ ହୋଇଛି। ଏଥିରେ ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି ଏବଂ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ବରଗଡ଼ ଏସ୍‌ପି ପରମାର୍ ସ୍ମିତ ପୁରୁଷୋତ୍ତମ ଦାଶ କହିଛନ୍ତି। ସେହିପରି ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇ କହିଥିଲେ, ଆଇପିଏଲ କ୍ରିକେଟ୍ ମ୍ୟାଚ୍ ଚାଲିଥିବାବେଳେ ଅଭିଯୁକ୍ତମାନେ ବେଟିଂ ଚଳାଇଥିବା ନେଇ ପୋଲିସକୁ ସୁରାକ୍ ମିଳିଥିଲା। ଫଳରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେ ନେଇ ଅନୁସନ୍ଧାନ ଜାରି ରଖିଥିଲେ। ଅନୁସନ୍ଧାନ ବେଳେ ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ସ୍ଥିତ ଏକ ନିର୍ମାଣାଧୀନ ଘର ଭିତରେ ଅଭିଯୁକ୍ତମାନେ ବେଟିଂ ଚଳାଇଥିବା ଜଣାପଡ଼ିଥିଲା। ଗତ ୨୭ତାରିଖରେ ରାଜସ୍ଥାନ-ବାଙ୍ଗାଲୋର ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା ଏବଂ ଚଢ଼ାଉରେ ଉପରୋକ୍ତ ସାମଗ୍ରୀ ଜବତ ସହିତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ବିକି ମିତ୍ତଲ ଏହି ଘଟଣାର କିଙ୍ଗପିନ୍ ଏବଂ ସେ ବମ୍ବେରୁ ବ୍ୟବହୃତ ମେଶିନ, ସାମଗ୍ରୀ ଆଣିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି। ଏହି ବେଟିଂରେ ଆନ୍ତଃରାଜ୍ୟ ନେଟ୍‌ୱାର୍କ ସମ୍ପୃକ୍ତି ଥିବାରୁ ପଡ଼ୋଶୀ ଛତିଶଗଡ଼ର କିଛି ଅଭିଯୁକ୍ତ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଅଧିକ ତଦନ୍ତ ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା ଏବଂ ବ୍ୟବହୃତ ସାମଗ୍ରୀ।


ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଇଛି।

**ଆସିକା,୩୦।୫(ଡି.ଏନ୍.ଏ.)**

ଆଇପିଏଲ୍ ଫାଇନାଲ ମ୍ୟାଚ ଲାଗି ରବିବାର ବେଟିଂ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଏନ୍‌ଏସି ସୁନାମ୍ବ ସାହିର ସାହିଲ ଗୌଡ, ଶୁଭମ ଆଚାରୀ, ଶମ୍ଭୁ ପାଢୀ ଏବଂ ଗୁଣ୍ଡପଡା ଗ୍ରାମର ରତ୍ନାକର ସ୍ୱାଇଁ। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ୭ ଲକ୍ଷ ୬୦ ହଜାର ଟଙ୍କା ଓ ୬ଟି ମୋବାଇଲ ଫୋନ ଜବତ କରାଯାଇଥିବା ସୋମବାର ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରେବେଶନ ଆଇପିଏସ୍ ନଚିକେତ ସେଲକେ ସୂଚନା ଦେଇଛନ୍ତି। ତେବେ ଏହି ର୍‍ୟାକେଟରେ ସଂପୃକ୍ତ ଅନ୍ୟ ୬ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଆଇପିଏଲ ଫାଇନାଲ ମ୍ୟାଚ ଲାଗି ସ୍ଥାନୀୟ ସୁବର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବେଟିଂ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ଅନଲାଇନରେ ଆଇଡି ଖୋଲି ବେଟିଂ ଚଳାଇଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଏ ନେଇ ଆସିକା ଥାନାରେ ନଂ.୨୬୬/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ୩ ଦିନିଆ ଗୀତା ଜ୍ଞାନଯଜ୍ଞ ଶେଷ



**କେନ୍ଦ୍ରାପଡ଼ା ଅଫିସ, ୩୦।୫:** କେନ୍ଦ୍ରାପଡ଼ା ସହର ଚାଟରାପାଟଣାସ୍ଥିତ ରାଧାଗୋବିନ୍ଦ ଜୀଉ ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ୩ଦିନିଆ ଗୀତା ଜ୍ଞାନଯଜ୍ଞ ସୋମବାର ପୂର୍ଣ୍ଣାହୁତି ହୋଇଛି। ଏହି ଗୀତା ଜ୍ଞାନଯଜ୍ଞକୁ ହରିହରାନନ୍ଦ ଗୁରୁକୁଳମ୍‌ର ବରିଷ୍ଠ ସନ୍ଥ ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ପ୍ରଦୀପ ଶୁଭାରମ୍ଭ କରିଥିଲେ। ସ୍ୱାମୀ ସୁଗୀତାନନ୍ଦ ଗିରି ଗୀତାର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଭଗବତ୍ ଗୀତା ଏକ ମାର୍ଗଦର୍ଶିକା ଭାବେ ଆମ ଜୀବନକୁ ଗତିଶୀଳ କରିବା ପାଇଁ ପ୍ରଜୁଜ୍ୟ ବୋଲି ମତ ଦେଇଥିଲେ। ପ୍ରମୁଖ ପ୍ରବକ୍ତା ସ୍ୱାମୀ ଦେବପ୍ରାୟାନନ୍ଦ ଗିରି ଧର୍ମ ଶବ୍ଦରୁ ଭଗବତ୍ ଗୀତାର ଆରମ୍ଭ ବୋଲି ସୂଚାଇ ଦେଇ ମଣିଷ ଜୀବନର ପ୍ରକୃତ ଧନ ହେଉଛି ଧର୍ମ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଭଗବତ୍ ଗୀତା ଏକ ଯୋଗ ଶାସ୍ତ୍ର ବୋଲି ସୂଚନା ଦେଇ ମଣିଷ ଶରୀରର ଏକ ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିନୋଦ ବିହାରୀ ଜୀଉ ଭଜନ କମିଟି ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ଆର୍ଶୀବଚନ ପ୍ରଦାନ କରିଥିଲେ। ୩ ଦିନିଆ ଗୀତା ଜ୍ଞାନଯଜ୍ଞକୁ ସ୍ୱାମୀ ବ୍ରହ୍ମାନନ୍ଦ ଗିରି ପରିଚାଳନା କରିଥିଲେ। ସ୍ୱାମୀ ବିଶ୍ୱରପାନନ୍ଦ ଗିରି, ପ୍ରସନ୍ନ ମଲ୍ଲ, ଉମାକାନ୍ତ ପରିଡା, କୁଳମଣୀ ଦାସ, ଶ୍ରୀକାନ୍ତ ରାଉତ, ସୁଜିତ୍ ପାତ୍ର, ବ୍ରହ୍ମଚାରୀ ତତ୍ତ୍ୱାନନ୍ଦ, ବ୍ରହ୍ମଚାରୀ ଦିବ୍ୟାନନ୍ଦ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ତିଲଙ୍ଗରେ ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ



**ଡେରାବିଶ, ୩୦।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗଠାରେ ଥିବା ମା' ପଙ୍ଗଳେଶ୍ୱରୀଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଏହି ଅବସରରେ ବୁଧବାର ଶୁଭାଧିବାସ ପରେ ଗୁରୁବାର ସକାଳେ ନିକଟସ୍ଥ ଗୋବରୀ ନଦୀରୁ ୧୦୮ କଳସ ପୂଜା କରାଯାଇ ଶୋଭାଯାତ୍ରା ମଧ୍ୟରେ ଆସି ଯଜ୍ଞମଣ୍ଡପରେ ସ୍ଥାପନା କରାଯାଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋପୂଜା ଓ ଚଣ୍ଡୀପାଠ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସଙ୍କୀର୍ତ୍ତନ ମା'ଙ୍କ ପୀଠକୁ ଭକ୍ତିମୟ କରିଥିଲା। ସୋମବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାଧୁ ଶ୍ରୀଧର ଦାସଙ୍କ ସମେତ ତିଲଙ୍ଗ ଗ୍ରାମବାସୀ ଏହି ଧର୍ମୀୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ଗ୍ରାମର ସୁଧୀର ସାହୁ ଓ ପ୍ରାଚୀସ୍ମିତା କର୍ତ୍ତାକର୍ତ୍ତ୍ରୀ ଭାବେ, ଅନନ୍ତ କିଶୋର ରାଉତ, ଅନ୍ନପୂର୍ଣ୍ଣା ଉପକର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଭୋଟର ତାଳିକା ପ୍ରସ୍ତୁତିରେ ଚଞ୍ଚକତା ଅଭିଯୋଗ

**ଯାଜପୁର ଅଫିସ,୩୦।୫**

**ଆଗକୁ ସମବାୟ ନିର୍ବାଚନ**
- ତଦନ୍ତ ନିର୍ଦ୍ଦେଶ ଦେଲେ ସମବାୟ ସଚିବ
- ନିରପେକ୍ଷ ନିର୍ବାଚନ ଦାବି କଲେ ସଭ୍ୟାସଭ୍ୟ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନ ଜୁନ୍ ୧୯ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ତେବେ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଭ୍ୟାସଭ୍ୟଙ୍କ ଜମା ଖାତାରେ ୩/୪ ମାସ ପୂର୍ବରୁ ଟଙ୍କା ଜମା କରାଯାଇ ସେମାନଙ୍କୁ ଭୋଟର କରାଯାଉଛି। ଏହିମର୍ମରେ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ନିକଟରେ ଯାଜପୁର ଜିଲା କୋରେଇ ବ୍ଲକ ବରୁଣ୍ଡେଇ ପ୍ୟାକ୍ସର ଶତାଧିକ ସଭ୍ୟାସଭ୍ୟ ଲିଖିତ ଭାବେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ଏହି ଅଭିଯୋଗ ଉପରେ ରାଜ୍ୟ ସମବାୟ ବିଭାଗର ଅତିରିକ୍ତ ସଚିବ ଶୁଭ୍ରା ମହାନ୍ତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସମବାୟ ସମିତିର ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଗତ ୨୬ ତାରିଖରେ କଟକ ଡିଭିଜନ-୨ର ଡିଆର୍‌ସିଏସ୍(ଡେପୁଟି ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି)ଙ୍କୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବରୁ ଡିଆର୍‌ସିଏସ୍‌ଙ୍କ ଅଧୀନରେ ଯାଜପୁର ଜିଲାର ଧାନକିଣାରେ ଅନିୟମିତତା ସମ୍ପର୍କିତ ଏକାଧିକ ଅଭିଯୋଗ ଦୀର୍ଘ ମାସ ହେଲା ପଡ଼ିରହିଥିବାବେଳେ ଏହି ଗୁରୁତର ଅଭିଯୋଗ ଉପରେ ନ୍ୟାୟ ମିଳିବ କି ନାହିଁ ସେ ନେଇ ସଭ୍ୟାସଭ୍ୟ ଆଶଙ୍କାରେ ରହିଛନ୍ତି।

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ୟାକ୍ସ ମାଧ୍ୟମରେ ସରକାର ବାର୍ଷିକ ବିପୁଳ ପରିମାଣର ଧାନକ୍ରୟ କରୁଛନ୍ତି। ଚାଷୀଙ୍କୁ କୃଷି ବୀମା ଟଙ୍କା ଓ ଋଣ ଯୋଗାଇ ଦିଆଯାଉଛି। ସମସ୍ତ ଆର୍ଥିକ କାରବାର ପ୍ୟାକ୍ସ ମାଧ୍ୟମରେ ସମ୍ପାଦିତ ହେଉଛି। ତେଣୁ ସମିତିଗୁଡିକର ଗୁରୁତ୍ୱ ବଢ଼ିଥିବାବେଳେ ଦୁର୍ନୀତି ଅଭିଯୋଗ ବି କମ୍ ନୁହେଁ। ଯାଜପୁର ଜିଲାରେ ଏହାର ତାଲିକା ବେଶ୍ ଲମ୍ବା। ବଡ଼ଚଣା ବ୍ଲକରେ ଟୋକନ ପ୍ରସ୍ତୁତିରେ ଜାଲିଆତି, କୋରେଇ ବ୍ଲକରେ ଟୋକାନ ଥାଇ ଚାଷୀଙ୍କ ଧାନ କିଣା ନ ହେବା, ମାସ ମାସ ଧରି ଚାଷୀଙ୍କୁ ବିକ୍ରି ଧାନର ଟଙ୍କା ନ ଦେବା, ନକଲି ଚାଷୀ ଦର୍ଶାଇ ସେମାନଙ୍କ ନାମରେ ଅର୍ଥ ଲୁଟ୍ ଆଦି ଅଭିଯୋଗ ହେଉଥିଲେ ହେଁ ତଦନୁସାରେ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ହୋଇଛି। ଏହି ପରିସ୍ଥିତିରେ ବରୁଣ୍ଡେଇ ପ୍ୟାକ୍ସର ସଭ୍ୟ ବିଶ୍ୱତୋଷ ସିହ୍ନା, ଶରତ ସାହୁ, କୈଳାସ ସାହୁ, ହରିହର ସେଠୀ, ଗଣେଶ ସେଠୀ, ମଦନ ସେନାପତି, ସୁବଳ ସେନାପତି ପ୍ରମୁଖ ସମବାୟ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟର ତାଲିକାରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ଆଣିଛନ୍ତି। ସେମାନେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି ଯେ, ଏହି ପ୍ୟାକ୍ସର ପୂର୍ବତନ ସମ୍ପାଦକ ଓ ସଭାପତିଙ୍କ ଅବସର ସମୟ ଆସିବାରୁ ଯୋଜନାବଦ୍ଧ ଭାବରେ ସମ୍ପାଦକଙ୍କ ପୁଅକୁ ଚିଫ୍ ଏକ୍‌ଜିକ୍ୟୁଟିଭ ନିଯୁକ୍ତି ଦେବାର ଯୋଜନା କରିଥିଲେ। ଏନେଇ ଅଭିଯୋଗ ହେବାରୁ ଡିଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶରେ ଯାଜପୁର ଏଆର୍‌ସିଏସ୍ ତାଙ୍କ ପତ୍ରସଂଖ୍ୟା ୧୩୬୭/୩୧।୮।୨୦୨୦ରେ ଅସିଦ୍ଧ ଘୋଷଣା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅସିଦ୍ଧ ଘୋଷିତ ଚିଫ୍ ଏକ୍‌ଜିକ୍ୟୁଟିଭଙ୍କୁ ପୁଣି ଡିଆର୍‌ସିଏସ୍ କିପରି ନିଯୁକ୍ତି ଦେଲେ ତାହା ସନ୍ଦେହ ହେବାରୁ ସଭ୍ୟ ସୁବଳ ସେନାପତି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟରେ ଡବ୍ଲ୍ୟୁପି(ସି) ୫୦୬୧/୨୦୨୧ରେ ଏକ ମାମଲା ରୁଜୁ ହୋଇଥିଲା, ଯାହାକି ଏବେ ବିଚାରାଧୀନ ରହିଛି। ଏଭଳି ସ୍ଥଳେ ବରୁଣ୍ଡେଇ ପ୍ୟାକ୍ସର ମିନି ବ୍ୟାଙ୍କଟି କମ୍ପ୍ୟୁଟରାଇଜ୍ ନ ଥିବାରୁ ଗୋଟିଏ ଗୋଷ୍ଠୀର ସଭ୍ୟାସଭ୍ୟଙ୍କ ଜମା ଖାତା ଚଞ୍ଚକତା ହେବା ଆଶଙ୍କା ରହିଛି। ଯେଉଁମାନେ ପ୍ୟାକ୍ସରୁ ଋଣ ନେଇଛନ୍ତି ସେମାନଙ୍କ ଜମା ଖାତାରେ ଜମାରାଶି ଥାଇ ମଧ୍ୟ ସେମାନଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଉଛି। ଏହିସବୁ ବିଷୟକୁ ଅବଲୋକନ କଲେ ବରୁଣ୍ଡେଇ ପ୍ୟାକ୍ସରେ ଅବାଧ ଓ ନିରପେକ୍ଷ ନିର୍ବାଚନ କିପରି ହୋଇ ପାରିବ ବୋଲି ସଭ୍ୟାସଭ୍ୟ ତାଙ୍କ ଅଭିଯୋଗ ଫର୍ଦ୍ଦରେ ପ୍ରଶ୍ନ କରିଛନ୍ତି। ଏଭଳି ଅଭିଯୋଗ କେବଳ ବରୁଣ୍ଡେଇ ପ୍ୟାକ୍ସରେ ନୁହେଁ ବରଂ ଜିଲାର ଅଧିକାଂଶ ପ୍ୟାକ୍ସଗୁଡିକରେ ଚାଲିଥିବା ସନ୍ଦେହ କରାଯାଉଛି।

### ନରକଙ୍କାଳ ଜବତ, କବର ଦେଲା ପୋଲିସ

**ରସୁଲପୁର,୩୦।୫(ଡି.ଏନ.ଏ.)**

କୁଆଖିଆ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱର ରସୁଲପୁର ବ୍ଲକ୍ ନିକଟରୁ ପୋଲିସ ରବିବାର ଏକ ନରକଙ୍କାଳ ଜବତ କରିଥିଲା। ଉକ୍ତ କଙ୍କାଳକୁ କଟକ ବଡ଼ ଡାକ୍ତରଖାନର ଏଫ୍‌ଏମ୍‌ଟି ବିଭାଗରେ ବ୍ୟବଚ୍ଛେଦ କରାଯିବା ପରେ ସୋମବାର ପୋଲିସ ଖରସ୍ରୋତା ନଦୀପଠାରେ କବର ଦେଇଛି। ରସୁଲପୁର ସରପଞ୍ଚ ସୁରେନ୍ଦ୍ର ତିଆଡ଼ିଙ୍କ ଉପସ୍ଥିତରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ ଥାନା ଅଧୀନ ଓରାଳି ଛକ ନିକଟରେ ରାସ୍ତାକାର୍ଯ୍ୟ ଚାଲୁଥିବା ସମୟରେ ନରକଙ୍କାଳ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନରକଙ୍କାଳଟି କେଉଁଠୁ ଆସିଲା ଓ ତା'ର ପରିଚୟକୁ ନେଇ ତନାଘନା କରିଥିଲା। ହେଲେ ପରିଚୟ ମିଳି ପାରି ନ ଥିଲା। ଓରାଳି ମଶାଣିରେ କବର ଦିଆଯାଇଥିବା ଶବକୁ କୁକୁର ତାଡ଼ି ଆଣି ପକାଇଦେଇଥିବା କେତେଜଣ ଲୋକ କହିଥିଲେ। ପୋଲିସ ପଚରା ଉଚୁରା କରିବାରୁ କେହି ଉତ୍ତର ଦେଇ ନ ଥିଲେ। ତେଣୁ ପୋଲିସ ନଂ.୧୧/୨୨ରେ ଅପମୃତ୍ୟୁ ରୁଜୁ କରିବା ସହ ନରକଙ୍କାଳ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ୭ ସମବାୟ ସମିତିରେ ନାମାଙ୍କନ ଦାଖଲ ଶେଷ

**ବିଞ୍ଝାରପୁର,୩୦।୫(ଡି.ଏନ.ଏ.)**

**ପ୍ରଥମ ପର୍ଯ୍ୟାୟ ଜୋନ୍ ସଭ୍ୟ ନିର୍ବାଚନ**



ନାମାଙ୍କନପତ୍ର ଦାଖଲ କରାଯାଉଛି।

ବିଞ୍ଝାରପୁର ବ୍ଲକରେ ଥିବା ୧୫ ସମବାୟ ସମିତି ମଧ୍ୟରୁ ୭ ସମବାୟ ସମିତିର ପ୍ରଥମ ପର୍ଯ୍ୟାୟ ଜୋନ୍ ସଭ୍ୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସୋମବାର ଶେଷ ହୋଇଛି। ଏଥିରେ ଅରେଇ, ଆଉଁରି, ଉଉଙ୍ଗରା, କଏଣରଘୁନାଥପୁର, କଲ୍ୟାଣପୁର, ବିଞ୍ଝାରପୁର ଓ ସିଂହପୁର ସମବାୟ ସମିତିରେ ଶାନ୍ତି ଶୃଙ୍ଖଳାର ସହ ନାମାଙ୍କନପତ୍ର ଦାଖଲ କରାଯାଇଛି। ଅରେଇ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ବିନୋଦ ନାଏକ ଓ ସମ୍ପାଦକ ପ୍ରଦ୍ୟୁମ୍ନ ବାରିକ ଉପସ୍ଥିତ ରହି ପ୍ରାର୍ଥୀଙ୍କଠାରୁ ନାମାଙ୍କନପତ୍ର ଗ୍ରହଣ କରିଥିଲେ। ସମିତିର ୧୩ ଜୋନ୍ ପାଇଁ ମୋଟ୍ ୧୮ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆଉଁରିରେ ସମ୍ପାଦକ ସାଜିଦ ଇକବାଲ, ସିଂହପୁର ସମବାୟ ସମିତିରେ ନିର୍ବାଚନ ଅଧିକାରୀ ଦେବାନନ୍ଦ ପାଢ଼ୀ ଓ ସମ୍ପାଦକ ଉତ୍କଳ ସାମଲ ଉପସ୍ଥିତ ରହି ପ୍ରାର୍ଥୀଙ୍କଠାରୁ ନାମାଙ୍କନପତ୍ର ଗ୍ରହଣ କରିଥିଲେ। ଉଉଙ୍ଗରା ସମବାୟ ସମିତିରେ ନିର୍ବାଚନ ଅଧିକାରୀ ଅରୁଣ କର ଓ ସମ୍ପାଦକ ଅଜିତ ବରାଳ ଉପସ୍ଥିତ ରହି ପ୍ରାର୍ଥୀଙ୍କଠାରୁ ନାମାଙ୍କନପତ୍ର ଗ୍ରହଣ କରିଥିଲେ। ବିଞ୍ଝାରପୁର ସମବାୟ ସମିତି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ତପନ ନାଥ ଓ ସମ୍ପାଦକ ଅକ୍ଷୟ କୁମାର ଦାସ ଉପସ୍ଥିତ ରହି ପ୍ରାର୍ଥୀଙ୍କଠାରୁ ନାମାଙ୍କନପତ୍ର ଗ୍ରହଣ କରିଥିଲେ। ଆସନ୍ତା ୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହର ଓ ୧୯ ତାରିଖରେ ଭୋଟ ହେବାକୁ ଦିନଧାର୍ଯ୍ୟ ହୋଇଛି। କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଭାବେ ସିଇଓ ବ୍ରଜାନନ ମହାପାତ୍ର ନିର୍ବାହ କରିଥିଲେ। ତେବେ ୨ୟ ପର୍ଯ୍ୟାୟରେ ଅନ୍ୟ ୮ଟି ପ୍ରାଥମିକ କୃଷି ସମବାୟ ସମିତିରେ ଜୋନ୍ ସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଏପ୍ରିଲ, ମେ'ର ଗହମ ପାଇଲେନି ହିତାଧିକାରୀ

**ଧର୍ମଶାଳା,୩୦।୫(ଡି.ଏନ.ଏ.)**

ସରକାର ରାଶନକାର୍ଡ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଲେଖାଏ ଚାଉଳ ବା ଗହମ କିଲୋ ପ୍ରତି ୧ ଟଙ୍କା ମୂଲ୍ୟରେ ଯୋଗାଇ ଦେଉଛନ୍ତି। ଏହାବ୍ୟତୀତ କରୋନା ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀଙ୍କୁ ବିନା ମୂଲ୍ୟରେ ମୁଣ୍ଡପିଛା ୫ କେଜି ଗହମ ବା ଚାଉଳ ଯୋଗାଇ ଦେଇଛନ୍ତି। କେନ୍ଦ୍ର ସରକାର ଏହି ଯୋଜନାକୁ ସେପ୍ଟେମ୍ବର ଯାଏ ବୃଦ୍ଧି କରିଛନ୍ତି। ମାତ୍ର ଏପ୍ରିଲ ଓ ମେ'ରେ ହିତାଧିକାରୀ ଗହମ ପାଇବାରୁ ବଞ୍ଚିତ ହୋଇଛନ୍ତି। ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରେ ୮୯ ଡିଲରଙ୍କ ମାଧ୍ୟମରେ ୪୦ହଜାର ୧୮୧ ପରିବାରର ୧ଲକ୍ଷ ୬୦ ହଜାର ୨୬୦ ଜଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏହିକ୍ରମରେ ବ୍ଲକରେ ମାସକୁ ୭ହଜାର ୩୧୯୫ କୁଇଣ୍ଟାଲ ଚାଉଳ ଓ ୧୫୬୫ କୁଇଣ୍ଟାଲ ଗହମ ବଣ୍ଟନ କରାଯାଉଛି। କେନ୍ଦ୍ର ସରକାର ମଧ୍ୟ ସମପରିମାଣର ଚାଉଳ ଓ ଗହମ ବିନା ମୂଲ୍ୟରେ ମାର୍ଚ୍ଚ ଯାଏ ଯୋଗାଇ ଆସୁଥିଲେ। ହେଲେ ଏପ୍ରିଲ ଓ ମେ' ମାସ ପାଇଁ ଗହମ ବନ୍ଦ କରି କେବଳ ଚାଉଳ ୭ହଜାର ୩୧୯୫ କୁଇଣ୍ଟାଲ ବଣ୍ଟନ ପାଇଁ ନର୍ଦ୍ଦେଶ ଦେଇଛନ୍ତି। ଫଳରେ ପ୍ରତିମାସରେ ୧୫୬୫ କୁଇଣ୍ଟାଲ ଗହମ ପାଉଥିବା ହିତାଧିକାରୀ ଏପ୍ରିଲ ଓ ମେ' ମାସରେ ବଞ୍ଚିତ ହୋଇଛନ୍ତି। ଏନେଇ ବହୁ ହିତାଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଯୋଗାଣ ବିଭାଗ ଅଧିକାରୀ ମାନସ କୁମାରଙ୍କ ସହ ଯୋଗାଯୋଗ କରିବାରୁ ସେ କହଛନ୍ତି, କେନ୍ଦ୍ର ସରକାର ଦେଉଥିବା ଗହମ କୋଟା ଏପ୍ରିଲ ଓ ମେ' ମାସ ପାଇଁ ବନ୍ଦ ରହିଛି। ତେବେ ସରକାର ପୁନଶ୍ଚ ନିର୍ଦ୍ଦେଶ ଦେଲେ ହିତାଧିକାରୀଙ୍କୁ ଗହମ ବା ଚାଉଳ ଯୋଗାଇ ଦିଆଯିବ।

## କାଳବୈଶାଖୀ ତାଣ୍ଡବରେ ଭାଙ୍ଗିଲା ଘର

**ଆଳି,୩୦।୫(ଡି.ଏନ୍.ଏ.)**

ଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ବିଳମ୍ବିତ ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହା ଏତେ ତୀବ୍ର ଥିଲା ଯେ, ଲୋକମାନଙ୍କ ଚାଳଛପର ଘର ଉଡାଇ ନେବା ସହିତ ଘର ଉପରୁ ଆଜ୍‌ବେଷ୍ଟସ ଭାଙ୍ଗି ଦେଇଛି। ଅନେକ ବଡ଼ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିରହିବା ସମେତ ବିଭିନ୍ନ ଲୋକଙ୍କ ଘର ଉପରେ ପଡିଛି। ପ୍ରଭାବରେ ଆଳି ବ୍ଲକ ନୂଆପଡା ପଞ୍ଚାୟତର ସନାତନ ସାମଲ, ରାଧୁଆ ସେଠୀ, ଶିଶିର ସାହୁ, ଶତ୍ରୁଘ୍ନ ବେହେରାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସୋମବାର ସକାଳେ ନୂଆପଡା ସରପଞ୍ଚ ପ୍ରତିନିଧି ରଞ୍ଜିତ ବେହେରା ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଲୋକମାନଙ୍କ ଘର ଉପରେ ଭାଙ୍ଗି ପଡ଼ିଥିବା ବଡ଼ବଡ଼ ଗଛ କାଟିବାର ବ୍ୟବସ୍ଥା କରିଥିଲେ। ଏଥିସହ ରାସ୍ତା ଘାଟରେ ପଡ଼ିଥିବା ଗଛ କାଟି ସଫା କରାଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଏହି ପରିବାରକୁ ଆବାସ ଯୋଗାଇ ବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗଛକଟାକୁ ବିରୋଧ, ଥାନାରେ ମାମଲା

**ରସୁଲପୁର,୩୦।୫(ଡି.ଏନ.ଏ.)**



କଟା ଯାଇଥିବା ଗଛ।

କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବରାଂଶ ଗ୍ରାମର ସରକାରୀ ଜମିରୁ ଗଛକଟାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗ୍ରାମବାସୀ ଗଛକଟାଳିଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ମେଶିନ ଓ ଅନ୍ୟ ସାମଗ୍ରୀ ଜବତ କରିଛନ୍ତି। ଏଥିସହିତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଷ୍ଟେଶନ ଡାଇରୀ କରିବା ପରେ ତଦନ୍ତ ଆରମ୍ଭ କରିଛି। ତେବେ କଟା ଯାଉଥିବା ଗଛ କେଉଁ ସ୍ଥାନରେ ଅଛି, ସେ ସମ୍ପର୍କରେ ଜାଣିବା ପାଇଁ ପୋଲିସ ପକ୍ଷରୁ ରସୁଲପୁର ତହସିଲଦାରଙ୍କ ସହାୟତା ନିଆଯାଇଛି।

ରବିବାର ସକାଳେ ଗ୍ରାମର ଲୋକେ ଅଖାବାବା ଆଶ୍ରମ ନିକଟକୁ ଫୁଲ ତୋଳିବାକୁ ଯାଇଥିବାବେଳେ ସେଠାରେ କେତେଜଣ ଲୋକ କଟର ସହାୟତାରେ ଗଛ କାଟୁଥିବା ଦେଖିବାକୁ ପାଇଥିଲେ। ତେବେ ଗ୍ରାମ ଲୋକଙ୍କୁ ଦେଖି ଗଛ କଟାଳି ଲୁଚିବାକୁ ଚେଷ୍ଟା କରିଥିଲେ। ଫଳରେ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା । ତେଣୁ ସେମାନେ ଘଟଣା ସ୍ଥଳକୁ ଯାଇଥିଲେ। ଏହା ଦେଖି ଗଛକଟାଳି ଘଟଣା ସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଗ୍ରାମବାସୀ ସେମାନଙ୍କୁ କାବୁ କରିଥିଲେ। ପରେ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ଗ୍ରାମବାସୀ ଗଛକଟାଳିଙ୍କୁ ଛାଡ଼ି ଦେଇଥିଲେ। ଜବତ ମେସିନ ଓ ଯନ୍ତ୍ରାଂଶକୁ ପୋଲିସ ଜିମା ଦିଆଯାଇଛି। ସରକାରୀ ଛୁଟି ଥିବାରୁ ତଦନ୍ତ ଆଗେଇ ପାରିନାହିଁ। ତେଣେ ଏକ ଗଛ ୩ଭାଗ କଟା ଯାଇଛି। ପବନରେ ଗଛଟି ଧରାଶାୟୀ ହେଲେ ଧନଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରୁଛି। ତେବେ ଏହାରି ଭିତରେ ବେଆଇନ ଭାବେ ଗଛକାଟୁଥିବା ବ୍ୟକ୍ତି ଓ କାଠ ବ୍ୟବସାୟୀ ମାମଲାକୁ ଆପୋସ ସମାଧାନ କରିବାକୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ୨ ବଖରା ଜଳିଗଲା



ବଜ୍ରପାତରେ ଜଳି ଯାଇଥିବା ଘର।

**ବରୀ,୩୦।୫(ଡି.ଏନ.ଏ.)**

ବରୀ ତହସିଲ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତର ଖରିପଡ଼ିଆ ଗ୍ରାମରେ ରବିବାର ରାତିରେ ବଜ୍ରପାତ ଘଟି ଗ୍ରାମର ହୃଷୀକେଶ ସାହୁ ଓ ବିଶ୍ୱନାଥ ସାହୁଙ୍କ ୨ ବଖରା ଘର ଜଳିଯାଇଛି। ପରିବାର ସଦସ୍ୟମାନେ ଅନ୍ୟ ଘରେ ଶୋଇଥିବା ବେଳେ ବଜ୍ରପାତ ଘଟିଥିଲା। ଫଳରେ ଏକ ନଡ଼ିଆ ଗଛରୁ ନିଆଁପଡ଼ି ଘର ଜଳିଯାଇଥିଲା। ପରିବାର ସଦସ୍ୟମାନେ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବାବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରି ସାରିଥିଲେ। ହେଲେ ଘରେ ଥିବା ଧାନ, ମୁଗ, ବିରି ଓ ଅନ୍ୟ ଶସ୍ୟ ସହିତ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ବିଜୟ ନାୟକ ବିପନ୍ନ ପରିବାରକୁ ଭେଟିବା ସହ ନିୟମ ମୁତାବକ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ବାଲିଆ ସର୍କଲ ରାଜସ୍ୱ ନିରୀକ୍ଷକ ଆଲୋକ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ବରୁଆଁ ସମିତିର ସମସ୍ତ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଯାଜପୁର ଟାଉନ,୩୦।୫(ଡି.ଏନ.ଏ.)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିର ୧୫ଜଣ ସଭ୍ୟ ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେଡିର ବରିଷ୍ଠ ନେତା ବ୍ରଜକିଶୋର ପାଢ଼ୀଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଓ ଶତାଧିକ କୃଷକ କବୀରପୁର ଦଶହରା ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ବ୍ରଜକିଶୋର ପାଢ଼ୀ, ରାଧାରାଣୀ ସାହୁ, ନିକୁଞ୍ଜ ବିହାରୀ ସାହୁ, ଭାସ୍କର ଦାସ, ପଞ୍ଚାନନ ମହାନ୍ତି, କାଶୀନାଥ ମଲ୍ଲିକ, ଚୈତନ୍ୟ ରାଉତ, ଚକ୍ରଧର ମଲ୍ଲିକ, ଅଲେଖ ରାଉତ, ଯଦୁନାଥ ରାଉତ, ଗଦାଧର ବେହେରା, ପ୍ରଦୀପ ତରାଇ, ତିଲୋତ୍ତମା ବିଶ୍ୱାଳ, ଅକ୍ଷୟ କୁମାର ସାହୁ ଓ ବିଜୟ କୁମାର ଦଳେଇ ନାମାଙ୍କପତ୍ର ଦାଖଲ କରିଥିଲେ। ଯାଜପୁର ପୌରାଳଞ୍ଚଳର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରକାଶ ଦାସ, ପଞ୍ଚାୟତ ପର୍ଯ୍ୟବେକ୍ଷକ ଦିଲୀପ ଜେନା, ପୂର୍ବତନ ସରପଞ୍ଚ ଗଦାଧର ଦାସ, ନନ୍ଦକିଶୋର ସାହୁ, ସମିତିସଭ୍ୟ ରଶ୍ମିରଞ୍ଜନ ମହାନ୍ତି, ରସୁଲ ବକ୍ସ, ସେକ୍ ମୋଜାହିତ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ସମିତିସଭ୍ୟଙ୍କ ପ୍ରତିନିଧି ଗୌରାଙ୍ଗ ସାମଲ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅମିତ ରାଉତରଙ୍କ ସମେତ ୩ଟି ପଞ୍ଚାୟତର ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ ନ କରିବାରୁ ଉପରିସ୍ଥ ସମସ୍ତ ୧୫ଜଣ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଭାବେ ଯାଜପୁର ବ୍ଲକ୍‌ର ପିଇଓ ଅଞ୍ଜନା ଗିରି ପରିଚାଳନା କରିଥିଲେ। ସମ୍ପାଦକ ଭାବେ ରାଜକିଶୋର ଦାସ ସହଯୋଗ କରିଥିଲେ।



ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୩ ଅନାଥ ପିଲାଙ୍କୁ ମିଳିବ ସାହାରା

**ରସୁଲପୁର,୩୦।୫(ଡି.ଏନ.ଏ.)**



ଅନାଥ ପିଲାଙ୍କ ଜେଜେମା'ଙ୍କ ସହ ବ୍ଲକ ଅଧକ୍ଷ ଆଲୋଚନା କରୁଛନ୍ତି।

- ସମସ୍ୟା ବୁଝିଲେ ବ୍ଲକ ଅଧକ୍ଷ
- ବଡ଼ପୁଅର ଉଚ୍ଚଶିକ୍ଷା ଦାୟିତ୍ୱ ନେଲେ

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମର ୩ ଅନାଥ ପିଲାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ। ସେମାନଙ୍କ ମଧ୍ୟରୁ ବଡ଼ପୁଅ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ତାଙ୍କର ଉଚ୍ଚ ଶିକ୍ଷାଲାଭ ଦିଗରେ ସମସ୍ତ ସହଯୋଗ କରିବେ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁସାରେ, ୨ ବର୍ଷ ତଳେ ଓଡ଼ଙ୍ଗ ଗ୍ରାମର ୩ ପିଲାଙ୍କ ମା'ସନ୍ଧ୍ୟାରାଣୀ ମଲିକଙ୍କ ଅକାଳ ବିୟୋଗ ଘଟିଥିଲା। ପରେ ସେମାନଙ୍କ ବାପା ଚନ୍ଦ୍ରଶେଖର ମଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ତେଣୁ ମା'ବାପାଙ୍କୁ ହରାଇ ୩ଜଣ ପିଲା ଅନାଥ ହୋଇଯାଇଥିଲେ। ସେମାନଙ୍କୁ ମୃତ ଚନ୍ଦ୍ରଶେଖରଙ୍କ ଅବିବାହିତା ଭଉଣୀ ଓ ମା' ଲାଳନପାଳନ କରୁଛନ୍ତି। ପିଲାମାନଙ୍କ ମଧ୍ୟରୁ ବଡ଼ପୁଅ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ଅନ୍ୟ ୨ଜଣ ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଉଛନ୍ତି। ଉକ୍ତ ଗାଁର ୩ଜଣ ପିଲା ମାତାପିତାଙ୍କୁ ହରାଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ସରପଞ୍ଚ ଆୟୁଷ୍ମତୀ ଦାସ ଅଧକ୍ଷଙ୍କୁ ଅବଗତ କରାଇଥିଲେ। ଏହାଜାଣି ଅଧକ୍ଷ ସେମାନଙ୍କ ଘରେ ପହଞ୍ଚିଥିଲେ। ଅନାଥ ପିଲାଙ୍କ ଜେଜେ ମା'ଙ୍କୁ ଭେଟି ଅଧକ୍ଷ ରାଉତ ପିଲାଙ୍କ ଦୈନନ୍ଦିନ ଚଳଣି ସମ୍ପର୍କରେ ପଚାରି ବୁଝିଥିଲେ। ଜେଜେମା, ପିଲାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧକ୍ଷଙ୍କୁ ଅବଗତ କରାଇଥିଲେ। ତେଣୁ ପିଲାଙ୍କୁ ରାଶନକାର୍ଡ, ସାମାଜିକ ସୁରକ୍ଷା ପାଇଁ ଆଶୀର୍ବାଦ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଆଦି ଯୋଜନାରେ ସାମିଲ କରିବାକୁ ଅଧକ୍ଷ କହିଥିଲେ। ୩ଟି ସନ୍ତାନ ବୋଝକୁ କାନ୍ଧରେ ବୋହୁଥିବା ବୁଢ଼ ମା'ଙ୍କୁ ସାନ୍ତ୍ୱନା ଦେବା ସହ ଭାଙ୍ଗି ନ ପଡ଼ିବାକୁ ପରାମର୍ଶ ଦେଇଥିଲେ। ତେବେ ସେମାନଙ୍କ ସମସ୍ୟା ଓ ଅସୁବିଧାକୁ ଜନ ପ୍ରତିନିଧି ମିଳିତ ଉଦ୍ୟମରେ ସମାଧାନ କରିବାକୁ ଅଧକ୍ଷ ମତ ଦେଇଥିଲେ। ଅଧକ୍ଷ ରାଉତଙ୍କ ସହ ସ୍ଥାନୀୟ ସରପଞ୍ଚ ଦାସ ଓ ସମିତିସଭ୍ୟା ସୌଦାମିନୀ ସ୍ୱାଇଁ ଉପସ୍ଥିତ ରହି ଉକ୍ତ ପରିବାରର ସମସ୍ୟା ଦୂର କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ପରିବାରର ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତ ସହାୟକ ହେବା ସହ ଅନାଥ ପିଲାଙ୍କ ପାଇଁ ରହିଥିବା ସମସ୍ତ ସୁବିଧାକୁ ସେମାନଙ୍କ ଲାଗି ଉପଲବ୍ଧ କରିବା ଉପରେ ବ୍ଲକ ଅଧକ୍ଷ ଗୁରୁତ୍ୱ ଦେଇଥିଲେ। ତେବେ ମିଳିତ ଉଦ୍ୟମ ଜାରି ରଖିଲେ ଉକ୍ତ ପରିବାରର ସମସ୍ୟା ଦୂର ହେବା ସହ ଏକ ଉଦାହରଣ ସୃଷ୍ଟି ହୋଇପାରିବ ବୋଲି ଅଧକ୍ଷ ରାଉତ କହିଥିଲେ।

**ସେନ୍‌ସେକ୍ସ ୧୦୪୧ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ଭାରତୀୟ ଶେୟାର ବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧୦୪୧ (୧.୯୦%) ଏବଂ ନିଫ୍ଟିରେ ୩୦୯(୧.୮୯%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୯୨୬ ଏବଂ ନିଫ୍ଟି ୧୬,୬୬୧ ଅଙ୍କରେ ବନ୍ଦ ହୋଇଥିଲା। ଦିନରେ ୨୩୬୬ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୦୭୨ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାର ଟପ୍ ଲୁଜର୍ସଙ୍କ ତାଲିକାରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଜେଏସ୍‌ଡବ୍ଲୁ ଷ୍ଟିଲ୍, ସନ୍ ଫାର୍ମା, ଡକ୍ଟର ରେଡ୍ଡି ଲ୍ୟାବ୍ ରହିଥିବା ବେଳେ ଟପ୍ ଗେନର୍ସ ତାଲିକାରେ ଟାଇଟନ୍,ଏମ୍ ଆଣ୍ଡ ଏମ୍, ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍, ଏଲ୍ ଆଣ୍ଡ ଟି ରହିଛନ୍ତି।

## ସଂକ୍ଷେପରେ

### ଭାରତକୁ ବିମାନ ସେବା ବୃଦ୍ଧି କରିବ ସିଙ୍ଗାପୁର ଏୟାରଲାଇନ୍ସ

**ନୂଆଦିଲ୍ଲୀ,୩୦।୫:** ଭାରତୀୟ ବଜାରରେ ବିମାନ ଯାତ୍ରାର ଚାହିଦାକୁ ନଜରରେ ରଖି ସିଙ୍ଗାପୁର ଏୟାରଲାଇନ୍ସ ପକ୍ଷରୁ ଭାରତ ପାଇଁ ଉଡ଼ାଣ ସେବା ବୃଦ୍ଧି କରିବାକୁ ଯୋଜନା ରଖାଯାଇଛି। ବର୍ତ୍ତମାନ ସିଙ୍ଗାପୁର ଏୟାରଲାଇନ୍ସ କୋଭିଡ୍ ପୂର୍ବ କ୍ଷମତାଠାରୁ ପ୍ରାୟ ୭୫%ରେ କାର୍ଯ୍ୟ କରୁଛି। ସିଙ୍ଗାପୁର ଏୟାରଲାଇନ୍ସ ଆସୋସିଏଶନ୍ ପକ୍ଷରୁ ବର୍ତ୍ତମାନ ଭାରତର ୧୩ଟି ଗନ୍ତବ୍ୟସ୍ଥଳ ପାଇଁ ସେବା ପ୍ରଦାନ କରାଯାଉଛି। ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ଭାରତକୁ ଉଡ଼ାଣ ବୃଦ୍ଧି କରାଯିବ ବୋଲି ସୋମବାର ସିଙ୍ଗାପୁର ଏୟାରଲାଇନ୍ସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଛଡ଼ା ସିଙ୍ଗାପୁର ଏୟାରଲାଇନ୍ସର କାର୍ଯ୍ୟକାରୀ ଉପାଧ୍ୟକ୍ଷ (ବାଣିଜ୍ୟିକ) ଲି ଲିକ୍ ସିନ୍ କହିଛନ୍ତି, ଭାରତରେ କୋଭିଡ୍ ପରବର୍ତ୍ତୀ ସୁଧାର ଭଲ ରହିଛି। ବିମାନ ଯାତ୍ରା ନେଇ ଆମେ ଅଧିକ ସଂଖ୍ୟାରେ ଯାତ୍ରୀଙ୍କ ଆଗ୍ରହ ଥିବା ଅନୁଭବ କରି ଶୀତ ସମୟରେ ବିମାନ ସେବା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।

### ଜୁନ୍ ପହିଲାରୁ ନୂଆ ନିୟମ

**ନୂଆଦିଲ୍ଲୀ,୩୦।୫:** ଚଳିତ ବର୍ଷ ଜୁନ୍ ପହିଲାରୁ ସୁନାକୁ ନେଇ ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ଲାଗୁ ହେବାକୁ ଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ସୁନାର ହଲମାର୍କିଂକୁ ନେଇ ଏହି ନିୟମ ଲାଗୁ ହେବାକୁ ଯାଉଛି। ଏହା ସହ ଦେଶରେ ଅନେକ ସ୍ଥାନରେ ହଲମାର୍କିଂ ସେଣ୍ଟର୍ ମଧ୍ୟ ଖୋଲିବାକୁ ଯାଉଛି। ବର୍ତ୍ତମାନ ଦେଶର ୨୫୬ଟି ଜିଲ୍ଲାରେ ହଲମାର୍କିଂ ଅନିବାର୍ଯ୍ୟ ରହିଛି। ଜୁନ୍ ୧ରୁ ଏହା ୨୮୮ ଜିଲ୍ଲାକୁ ବୃଦ୍ଧି ପାଇବାକୁ ଯାଉଛି। ଏହି ହଲମାର୍କିଂ ନିୟମ ଲାଗୁ ହେବା ପରେ ସବୁଠାରୁ ଅଧିକ ଫାଇଦା ଗ୍ରାହକଙ୍କୁ ମିଳିବ। ଏପରିକି ସେମାନେ ନିଜର ବିଭିନ୍ନ କ୍ୟାରେଟ୍‌ର ସୁନାକୁ ବଦଳାଇ ହଲମାର୍କ ସୁନାରେ ପରିଣତ କରିପାରିବେ। ଗ୍ରାହକଙ୍କ ନିକଟରେ ହଲମାର୍କ ସୁନା ରହିଲେ ଦୋକାନୀ ଆଉ ଗ୍ରାହକଙ୍କୁ ଫେରାଇ ଦେଇ ପାରିବେ ନାହିଁ।

# ବିଦେଶକୁ ଗହମ ରପ୍ତାନି କରିପାରେ ଭାରତ

**ନୂଆଦିଲ୍ଲୀ,୩୦।୫**

ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧ କାରଣରୁ ବିଭିନ୍ନ ଦେଶର ଗହମ ଆମଦାନୀ ହ୍ରାସ ଘଟିଛି। ତେଣୁ ଗହମ ଯୋଗାଣ ବୃଦ୍ଧି ପାଇଁ ବିଭିନ୍ନ ଦେଶରୁ ଭାରତକୁ ଅପିଲ୍ କରାଯାଉଥିବା ବ୍ୟବସାୟିକ ଏବଂ ସରକାରୀ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁସାରେ ସୋମବାର ସୁଦ୍ଧା ୬ରୁ ଊର୍ଦ୍ଧ୍ୱ ଦେଶ ଭାରତଠାରୁ ୧.୫ ମିଲିୟନ୍ ଟନ୍‌ରୁ ଅଧିକ ଗହମ କ୍ରୟ କରିବାକୁ ଅନୁରୋଧ କରିସାରିଛନ୍ତି। ବର୍ତ୍ତମାନ ଏହି ଅନୁରୋଧକୁ ଭାରତ କିପରି ପୂରା କରିବ ସେ ନେଇ ମଧ୍ୟ ସରକାରୀ ସ୍ତରରେ ଅଲୋଚନା ଜାରି ରହିଛି। ଏପରିକି ଆବଶ୍ୟକ କରୁଥିବା ଦେଶକୁ ଗହମ ଯୋଗାଣ ପାଇଁ ଭାରତ ସହାୟତାର ହାତ ବଢ଼ାଇବାକୁ ଚାହୁଁଥିବା ସରକାରୀ ସ୍ତରରୁ ସୂଚନା ଦିଆଯାଇଛି। ତେବେ ଗହମ ଆମଦାନୀ



ପାଇଁ ଅଧିକତମ ଅନୁରୋଧ ପଡ଼ୋଶୀ ଦେଶ ବାଂଲାଦେଶଠାରୁ ଭାରତକୁ ମିଳିଛି। ବାଂଲାଦେଶ ନିୟମିତ ଭାବେ ଭାରତଠାରୁ ଗହମ କ୍ରୟ କରିଥାଏ। ବାଂଲାଦେଶ ଅନ୍ୟ ଦେଶଗୁଡ଼ିକଠାରୁ କିଣୁଥିବା ଗହମ ଦର ଅପେକ୍ଷା ଭାରତଠାରୁ ୩୦% କମ୍ ମୂଲ୍ୟରେ କ୍ରୟ କରିଥାଏ। ଏହାଛଡ଼ା ମାତ୍ର ଏକ ସପ୍ତାହ ମଧ୍ୟରେ ଭାରତୀୟ

**୬ ରୁ ଊର୍ଦ୍ଧ୍ୱ ଦେଶଠାରୁ ୧.୫ ମିଲିୟନ୍ ଟନ୍‌ର ଗହମ ରପ୍ତାନି ପାଇଁ ରହିଛି ଅପିଲ୍**

କାର୍ଗୋ ଦ୍ୱାରା ଗହମ ବାଂଲାଦେଶରେ ପହଞ୍ଚିଥାଏ। ଫଳରେ ବାଂଲାଦେଶ କମ୍ ସମୟ ଏବଂ ସ୍ୱଳ୍ପ ମୂଲ୍ୟରେ ଭାରତଠାରୁ ଗହମ ପ୍ରାପ୍ତ କରିପାରିଥାଏ।

ସୂଚନାଯୋଗ୍ୟ, ବାଂଲାଦେଶ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତଠାରୁ ୧.୨ ମିଲିୟନ୍ ଟନ୍ ଗହମ କ୍ରୟ କରିଥିବା ବେଳେ ୨୦୨୧-୨୨ରେ ୪ ମିଲିୟନ୍ ଟନ୍ ଗହମ କ୍ରୟ କରିଥିଲା। ତେବେ ବର୍ତ୍ତମାନ ବାଂଲାଦେଶକୁ ଅଧିକ ଗହମର ଆବଶ୍ୟକତା ରହିଛି। ତେଣୁ ଭାରତ ବାଂଲାଦେଶର ଆବଶ୍ୟକତା ଅନୁସାରେ ଗହମ ଯୋଗାଇ ପାରିବ ନାହିଁ ବୋଲି ବୈଶ୍ୱିକ ବ୍ୟାପାରିକ ଫାର୍ମର ଜଣେ ଡିଲର କହିଛନ୍ତି। ସେହିଭଳି ବାଂଲାଦେଶ ଛଡ଼ା ବିଶ୍ୱର ସର୍ବବୃହତ୍ ଗହମ ଆମଦାନୀକାରୀ ଇଜିପ୍ଟ ମଧ୍ୟ ରାଜନୈତିକ ଚ୍ୟାନେଲ୍ ମାଧ୍ୟମରେ ୫,୦୦,୦୦୦ ଟନ୍ ଗହମ ଯୋଗାଣ ପାଇଁ ଭାରତ ନିକଟରେ ଅପିଲ୍ କରିଛି। ସେହିପରି ଜାମାଇକା ସମେତ ଅନ୍ୟ କିଛି ଏସୀୟ ଦେଶ ମଧ୍ୟ ଭାରତଠାରୁ ଗହମ କ୍ରୟ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ୟୁଗାଣ୍ଡା ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକୁ ଗହମ ଯୋଗାଣ ପାଇଁ ୟୁନାଇଟେଡ୍ ନେସନ୍ସ ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ୍ ପକ୍ଷରୁ ଭାରତକୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଭାରତ ଘରୋଇ ଗହମ ରପ୍ତାନି ଉପରେ କଟକଣା ଲଗାଇଛି। ତେବେ ଆବଶ୍ୟକ କରୁଥିବା ଦେଶକୁ ଭାରତ ପକ୍ଷରୁ ଗହମ ଯୋଗାଣ କରାଯିବା ନେଇ ଭାରତ ସରକାର ଆଗ୍ରହୀ ରହିଛନ୍ତି।

# କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା ବୈଠକ କଲେ ରେଳ ବୋର୍ଡ ଅଧ୍ୟକ୍ଷ



**ଭୁବନେଶ୍ୱର,୩୦।୫**

ଓଡ଼ିଶା ଗସ୍ତରେ ଥିବା ଭାରତୀୟ ରେଳ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭି.କେ.ତ୍ରିପାଠୀ ସୋମବାର ପୂର୍ବାହ୍ନରେ ପାରାଦୀପ ଅଞ୍ଚଳରେ ଥିବା ରେଳ ଭିତ୍ତିଭୂମି ନିରୀକ୍ଷଣ ସହ ଟ୍ରାଫିକ ସୁବିଧା ତଥା ସୁବିଧାଜନକ ଟ୍ରେନ ଚଳାଚଳ ଏବଂ ବିକାଶମୂଳକ କାର୍ଯ୍ୟକଳାପ ସମ୍ବନ୍ଧରେ ମଧ୍ୟ ଅନୁଧ୍ୟାନ କରିଛନ୍ତି। ସେ ମଧ୍ୟ ଏହି କ୍ଷେତ୍ରରେ ରେଳପଥର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (କାର୍ଯ୍ୟକାରୀ) ଶରଦ କୁମାର ଶ୍ରୀବାସ୍ତବ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଲୱେ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ତ୍ରିପାଠୀ ମଧ୍ୟ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି)ର ଅଧିକାରୀ, ଜିନ୍ଦଲ ଷ୍ଟିଲ, ପିପିଏଲ, ଆଇଓସିଏଲ, ଆଇଏଫଏଫସିଓ ଏବଂ ମିତ୍ତଲ ଷ୍ଟିଲର କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ବେଳେ ପରିବହନ ଏବଂ ଟ୍ରାଫିକ୍ ସୁବିଧା କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଅପରାହ୍ନରେ ତ୍ରିପାଠୀ ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ କରି ରେଳପଥ ଅଧିକାରୀମାନଙ୍କ ସହ ବିଭିନ୍ନ ଭିତ୍ତିଭୂମି ଏବଂ ଟ୍ରେନ୍ ସମ୍ବନ୍ଧୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ପୂର୍ବତଟ ରେଳପଥ ମଧ୍ୟରେ ଯାତ୍ରୀବାହୀ ଟ୍ରେନର ଗତି ବୃଦ୍ଧି କରାଇବାକୁ ତ୍ରିପାଠୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଶୀଘ୍ର ସମାପ୍ତ କରିବାକୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ କହିଥିବା ବେଳେ ରାଜସ୍ୱ ବୃଦ୍ଧି ଉପରେ ମଧ୍ୟ କାର୍ଯ୍ୟ କରିବାକୁ ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି।

ଏହି ନିରୀକ୍ଷଣ ଏବଂ ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ରେଳ ଅଧିକାରୀ ଏବଂ ବିଭିନ୍ନ ହିତାଧିକାରୀଙ୍କ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# ଏମ୍‌ଇଏମ୍‌ସି ସପ୍ତାହରେ ଟାଟା ଷ୍ଟିଲ୍‌କୁ ୬ ପୁରସ୍କାର

**ଭୁବନେଶ୍ୱର,୩୦।୫**

ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆୟୋଜିତ ୨୩ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମ୍‌ସି) ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୦୨୦-୨୧ବର୍ଷ ପାଇଁ ଓଡ଼ିଶା ଟାଟା ଷ୍ଟିଲର ଲୁହାପଥର ଓ ମାଙ୍ଗାନିଜ ଖଣି ୬ଟି ପୁରସ୍କାର ହାସଲ କରିଛି। ଏପରିକି ଟାଟା ଷ୍ଟିଲ୍ ଯୋଡ଼ା ଇଷ୍ଟ ଲୁହାପଥର ଖଣି ସିଷ୍ଟମେଟିକ୍ ଆଣ୍ଡ ସାଇଣ୍ଟିଫିକ୍ ଡେଭେଲପ୍‌ମେଣ୍ଟରେ ୧ମ ପୁରସ୍କାର ପାଇଥିବା ବେଳେ ମିନେରାଲ ବେନିଫିକେସନରେ ମଧ୍ୟ କମ୍ପାନୀ ପ୍ରଥମ ପୁରସ୍କାର ହାସଲ କରିଛି। ସେହିଭଳି ସଷ୍ଟେନେବଲ୍ ଡେଭେଲପ୍‌ମେଣ୍ଟରେ କମ୍ପାନୀ ୨ୟ ପୁରସ୍କାର ଓ ସାମଗ୍ରିକ ପ୍ରଦର୍ଶନରେ ମଧ୍ୟ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇଛି। ସେହିପରି କଟାମାଟି



ଲୁହାପଥର ଖଣି ଉତ୍ସ ପରିଚାଳନାରେ ଦ୍ୱିତୀୟ ପୁରସ୍କାର ହାସଲ କରିଥିବା ବେଳେ ଖନ୍ଦବନ୍ଧ ଲୁହା ଓ ମାଙ୍ଗାନିଜ ଖଣି ବନୀକରଣରେ କମ୍ପାନୀ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ବିଶେଷ କରି ବିଭିନ୍ନ ଖଣିର ନିରୀକ୍ଷଣ ଦଳ (ଅଂଶଗ୍ରହଣକାରୀ) କମ୍ପାନୀ ପରିସର ପରିଦର୍ଶନ କରିଥିଲେ ଏବଂ ବନୀକରଣ, ବର୍ଜ୍ୟ ପରିଚାଳନା, ବ୍ୟବସ୍ଥିତ ଓ ବୈଜ୍ଞାନିକ ବିକାଶ, ଖଣିଜ ସଂରକ୍ଷଣ, ପୁନରୁଦ୍ଧାର ଓ ଥଇଥାନ, ଖଣିଜ ବେନିଫିକେଶନ, ପରିବେଶ ନିରୀକ୍ଷଣ, ନିରନ୍ତର ବିକାଶ, ଜନସମ୍ପର୍କ ଓ ପ୍ରଚାର ଏବଂ ସିଏସ୍‌ଆର ଭଳି କାର୍ଯ୍ୟକଳାପ ଆଦି ସର୍ତ୍ତ ଅନୁସାରେ ସେମାନେ ଅନୁଶୀଳନ କରି ଫଳାଫଳ ପ୍ରଦାନ କରିଛନ୍ତି।

ଅପରପକ୍ଷରେ ନାଲ୍‌କୋର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଓ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ୍)ର ଚିଫ୍ କଣ୍ଟ୍ରୋଲର ଅଫ ମାଇନ୍ସ (ଇନଚାର୍ଜ) ପି.ଏନ୍. ଶର୍ମା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ବିବେଚିତ କମ୍ପାନୀଗୁଡିକୁ ପୁରସ୍କୃତ କରିଥିଲେ।

# ଏଲ୍‌ଆଇସି ନେଟ୍ ଲାଭରେ ୧୮% ହ୍ରାସ

**ନୂଆଦିଲ୍ଲୀ,୩୦।୫**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପୁଞ୍ଜି ବଜାର ତାଲିକାଭୁକ୍ତ ହେବା ପରେ ପ୍ରଥମ ଥର ପାଇଁ କମ୍ପାନୀ ଫଳାଫଳ ଜାରି କରିଛି। କମ୍ପାନୀ ପକ୍ଷରୁ ଜାରି ଆର୍ଥିକ ବର୍ଷ ୨୦୨୧-୨୨ର ଶେଷ ତଥା ୪ର୍ଥ ତ୍ରୈମାସ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚରେ କମ୍ପାନୀର ନେଟ୍ ଫଳାଫଳରେ ୧୮% ହ୍ରାସ ଘଟି ୨,୪୦୯ କୋଟି ଟଙ୍କା ରହିଯାଇଛି। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ କମ୍ପାନୀର କନ୍‌ସୋଲିଡେଟେଡ୍ ନେଟ୍ ଲାଭ ୨୯୧୭.୩୩ କୋଟି ରହିଥିଲା। ଗତ ଆର୍ଥିକ ବର୍ଷରେ ୪ର୍ଥ ତ୍ରୈମାସରେ କମ୍ପାନୀର ପ୍ରିମିୟମ୍‌ରୁ ହେଉଥିବା ଆମଦାନୀରେ ବୃଦ୍ଧି ଘଟି ୧.୪୪ ଲକ୍ଷ କୋଟିରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୨୦-୨୧ର ଉକ୍ତ ଅବଧିରେ କମ୍ପାନୀର ଆମଦାନୀ ୧.୨୨ ଲକ୍ଷ କୋଟି ରହିଥିଲା।

# ହ୍ରାସ ହେବ ତାପଜ ବିଦ୍ୟୁତ୍ ଉତ୍ପାଦନ

**ନୂଆଦିଲ୍ଲୀ,୩୦।୫**

ଆସନ୍ତା ୪ବର୍ଷ ମଧ୍ୟରେ ଭାରତ ଅତିକମ୍‌ରେ ୮୧ଟି କୋଇଲା ଚାଳିତ ୟୁଟିଲିଟିରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଅଧିକ ଖର୍ଚ୍ଚ ହେଉଥିବା କାରଣରୁ ସବୁଜ ଶକ୍ତି ଉତ୍ସ ଉପରେ ଜୋର୍ ଦିଆଯିବ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ଏକ ଚିଠିରୁ ସୂଚନା ମିଳିଛି। ସବୁଜ ଶକ୍ତି କ୍ଷମତା ବୃଦ୍ଧି କରି ସେଥିରୁ ବିଦ୍ୟୁତ୍ ଉତ୍ପାଦନ ଦ୍ୱାରା ଅନେକ ଖର୍ଚ୍ଚ କମିଯିବ। ତେବେ ପୁରୁଣା ଏବଂ ମହଙ୍ଗା ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଯିବନି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଭାରତରେ ୧୭୩ଟି କାର୍ଯ୍ୟକ୍ଷମ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ରହିଛି।

## ଫୁର୍‌ସତ୍

# ବଙ୍ଗଳା ମନୋରଞ୍ଜନ ଜଗତରେ ବଢ଼ିଚାଲିଛି ଆତ୍ମହତ୍ୟା

## ମାସକରେ ଜୀବନ ହାରିଲେଣି ୪ ଜଣ

**କୋଲକାତା**

ମନୋରଞ୍ଜନ ଜଗତରେ ଆତ୍ମହତ୍ୟା ଏକ ସାଧାରଣ ବ୍ୟାପାର କହିଲେ ଚଳେ। କାରଣ ଯେଉଁମାନେ ଏହି ଇଣ୍ଡଷ୍ଟ୍ରିରେ କ୍ୟାରିୟର କିମ୍ବା ସଫଳତା ହାସଲ କରିବାକୁ ଚାହାନ୍ତି ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥାଏ ନଚେତ୍ ସେମାନଙ୍କୁ ବିଶେଷ ପ୍ରକାର ବୁଝାମଣା କରିବାକୁ ପଡ଼ିଥାଏ। କିଛି କଳାକାରଙ୍କ ପାଖରେ କଳାର ଭରପୂର ପ୍ରତିଭା ଥିଲେ ମଧ୍ୟ ତାଙ୍କୁ ଆଶାନୁରୂପ



ପଲ୍ଲବୀ ଦେ

ସଫଳତା ପ୍ରାପ୍ତି ହୋଇ ନ ଥାଏ। ସକ୍‌ସେଶ୍ ନ ମିଳିବା କାରଣରୁ କେତେଜଣ ନୂଆ ରୋଜଗାର ପନ୍ଥା ଆପଣାଇ ନିଜର ସୁନ୍ଦର ଭବିଷ୍ୟତ ଗଢନ୍ତି ତ ଆଉ କେତେଜଣ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥାନ୍ତି। ବଙ୍ଗଳା ମନୋରଞ୍ଜନ ଜଗତ ଏବେ ଆତ୍ମହତ୍ୟା କବଳରେ। ମାତ୍ର ୧୫ ଦିନରେ ୪ ଜଣ ଅଭିନେତ୍ରୀ ଆତ୍ମହତ୍ୟା କରିସାରିଲେଣି। ତେବେ ଏମାନଙ୍କ ମୃତ୍ୟୁ ପଛର କାରଣ ଜଣାପଡ଼ି ନ ଥିବାବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇପାରି ନାହିଁ।

**ପଲ୍ଲବୀ ଦେ:** ମଡେଲିଂରେ ସଫଳତା ମିଳିବା ପରେ ପଲ୍ଲବୀ ଦେ' ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ଯଦିଓ ଆଶାନୁରୂପ ସଫଳତା ମିଳି ନ ଥିଲେ ମଧ୍ୟ ସିରିଏଲ୍‌ରେ କାମ ମିଳିଯାଉଥିଲା। ମେ ୧୫ ତାରିଖ ଥିଲା ପଲ୍ଲବୀଙ୍କ ପରିବାର ପାଇଁ ଏକ ଅଭିଶାପ। ସକାଳ ୯ଟା ବାଜି ୩୦ ମିନିଟରେ ପଲ୍ଲବୀଙ୍କ ମୃତଦେହ ସେ ରହୁଥିବା ଭଡ଼ା ଘରେ ଏକ ରୁମ୍‌ର ସିଲିଂ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପଲ୍ଲବୀ ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟା ନେଇ ପଲ୍ଲବୀଙ୍କ ଲିଭ୍ ଇନ୍ ପାର୍ଟନର ସଗ୍‌ନିକ୍ ଚକ୍ରବର୍ତ୍ତୀଙ୍କୁ ଗିରଫ କରିଛି। ଲୋକପ୍ରିୟ ସିରିଏଲ୍ 'ମୋନ୍ ମାନେ ନା'ରେ ପଲ୍ଲବୀ ମୁଖ୍ୟ ଭୂମିକାରେ ଅଭିନୟ କରୁଥିଲେ।

**ବିଦିଶା ଦେ' ମଜୁମଦାର:** ପଲ୍ଲବୀଙ୍କ ଆତ୍ମହତ୍ୟାର ୧୦ ଦିନ ପରେ କୋଲକାତାର ଡୁମ୍ ଡୁମ୍ ଅଞ୍ଚଳରେ ଥିବା ବିଦିଶାଙ୍କ ଫ୍ଲାଟରୁ ତାଙ୍କ ମୃତଦେହ ମିଳିଥିଲା। ସୂଚନାଯୋଗ୍ୟ ବିଦିଶା ସମଲିଙ୍ଗୀ ସମ୍ପର୍କରେ ଥିଲେ। ନିକଟରେ ସେ କରିଥିବା ଏକ ବ୍ରାଇଡାଲ୍ ଫଟୋଶୁଟ୍‌ରେ ବିଦିଶା ରୁଶା ମୁଖାର୍ଜୀଙ୍କ ମଥାରେ ସିନ୍ଦୂର ପିନ୍ଧାଉ ଥିବାର ଫଟୋ ଦେଖିବାକୁ ମିଳିଥିଲା। ବିଦିଶାଙ୍କ ସମଲିଙ୍ଗୀ ସମ୍ପର୍କକୁ ନେଇ ତାଙ୍କ ବାନ୍ଧବୀ ଦିବ୍ୟା ଦାସ ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ଦେଇଛନ୍ତି। ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। କ୍ୟାରିୟର୍‌ରେ ସଫଳତା ନ ମିଳିବା କାରଣରୁ ସେ ଏ ପ୍ରକାର ନିଷ୍ପତ୍ତି ନେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

**ମଞ୍ଜୁଷା ନିୟୋଗି:** ବିଦିଶାଙ୍କ ପ୍ରିୟ ସାଙ୍ଗ କୁହାଯାଉଥିବା ମଞ୍ଜୁଷା ନିୟୋଗି ମେ ୨୭ରେ ଆତ୍ମହତ୍ୟା କରିଥିଲେ। ପଲ୍ଲବୀ ଓ ବିଦିଶାଙ୍କ ଆତ୍ମହତ୍ୟା ଖବର ପାଇବା ପରେ ମଞ୍ଜୁଶା ମାନସିକ ଚାପରେ ଥିବା ତାଙ୍କ ମା' କହିଛନ୍ତି। ପଲ୍ଲବୀ ଓ ବିଦିଶାଙ୍କ ଆତ୍ମହତ୍ୟା ନିଷ୍ପତ୍ତି ଠିକ୍ ଥିବା ମଞ୍ଜୁଷା ସବୁବେଳେ କହୁଥିଲେ।

ସରସ୍ୱତୀ ଦାସ: ମଡେଲ୍ ତଥା ମେକ୍‌ଅପ୍ ଆର୍ଟିଷ୍ଟ ସରସ୍ୱତୀ ଦାସ ଆତ୍ମହତ୍ୟା କରିଛନ୍ତି। ଶନିବାର ରାତିରେ କୋଲକାତା କସବାର ବେଦିଆବଙ୍ଗାସ୍ଥିତ ତାଙ୍କ ଘରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଛୋଟବଡ଼ ମଡେଲିଂ କାର୍ଯ୍ୟକ୍ରମରେ ସରସ୍ୱତୀ କୌଣସି ମାନସିକ ଚାପରେ ନ ଥିବା ପରିବାର ଲୋକେ କହିଛନ୍ତି। ଆତ୍ମହତ୍ୟା ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଛି। ପୂର୍ବରୁ ଆତ୍ମହତ୍ୟା କରିଥିବା ପଲ୍ଲବୀ, ବିଦିଶା ଓ ମଞ୍ଜୁଷାଙ୍କ ସହ ସରସ୍ୱତୀଙ୍କ କିଛି ସମ୍ପର୍କ ରହିଛି କି ନାହିଁ ସେ ଦିଗରେ ଯାଞ୍ଚ ଆରମ୍ଭ କରାଯାଇଛି।



ବିଦିଶା ଦେ' ମଜୁମଦାର



ମଞ୍ଜୁଷା ନିୟୋଗି

# ୱାର୍ଲ୍ଡ ରେକର୍ଡ କଲେ ନୁଶରତ

**ମୁମ୍ବାଇ:** ଆଗାମୀ ଫିଲ୍ମ 'ଜନହିତ ମେ ଜାରି'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ ଅଛନ୍ତି ନୁଶରତ ଭାରୁଚା। ଫିଲ୍ମର ପ୍ରମୋଶନ କରି ନୁଶରତ କୋଷ୍ଟାର ଅନୁଦ ସିଂଙ୍କ ସହ ପହଞ୍ଚିଛନ୍ତି ଜୟପୁରରେ। ତେବେ ସେଠାରେ ଫିଲ୍ମର ପ୍ରମୋଶନ ବେଳେ ନୁଶରତ ୬୦୦୦ ଜଣ ମହିଳାଙ୍କ ସହ ଘୁମର ସଙ୍ଗରେ ନାଚି ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ଜନହିତ ମେ ଜାରି ଫିଲ୍ମରେ ନୁଶରତ ଜଣେ ମଧ୍ୟ ପ୍ରଦେଶର ଝିଅ ଭୂମିକାରେ ଅଭିନୟ କରିଛନ୍ତି। ସମାଜର ଲୋକଙ୍କ ନିନ୍ଦାକୁ ଖାତିର ନ କରି ନୁଶରତ କଣ୍ଡୋମ ବିକ୍ରି କରୁଛନ୍ତି। ଏଥିସହ ଏହା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଥିବା ଫିଲ୍ମରେ ଦେଖିପାରିବେ ଦର୍ଶକ। ଫିଲ୍ମରେ ପାଭେଲ ଗୁଲାଟି, ଅନୁ କପୁର, ପାରିତୋଶ ତ୍ରିପାଠୀ ଆଦି ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଜୁନ୍ ୧୦ରେ ମୁକ୍ତିଲାଭ କରିବ। ଫିଲ୍ମ ରିଲିଜ୍ ନ ହେବା ପୂର୍ବରୁ ନୁଶରତ 'ଜନହିତ ମେ ଜାରି' ଚଳଚ୍ଚିତ୍ରରେ ତାଙ୍କ ଚରିତ୍ର ପାଇଁ ସମାଲୋଚନାର ଶିକାର ହୋଇସାରିଛନ୍ତି। ଆଗକୁ ନୁଶରତଙ୍କ ଦୁଇଟି ଫିଲ୍ମ ରାମ ସେତୁ ଏବଂ ସେଲ୍‌ଫି ରିଲିଜ୍ ଅପେକ୍ଷାରେ ରହିଛି।



# ମ୍ୟାଗି ପାଇଁ ଛାଡ଼ପତ୍ର

**ବେଙ୍ଗାଲୁରୁ**

ମ୍ୟାଗି ପାଇଁ ମୈସୁରର ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବା ଲାଗି ଆବେଦନ କରିଛନ୍ତି। ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରୀ ଭୋଜନ ପର୍ଯ୍ୟନ୍ତ ସ୍ତ୍ରୀ ଜଣକ ତାଙ୍କୁ ମ୍ୟାଗି ଖାଇବାକୁ ଦେଇଥିବା କାରଣରୁ ସ୍ୱାମୀ ଏ ପ୍ରକାର ନିଷ୍ପତ୍ତି ନେଇଥିବା କୁହାଯାଉଛି। ମ୍ୟାଗି ଛଡ଼ା ସ୍ତ୍ରୀଙ୍କୁ ଆଉ କୌଣସି ଖାଦ୍ୟ ରୋଷେଇ ଜଣା ନ ଥିବାବେଳେ ପାଖ ଗ୍ରୋସରି ଦୋକାନରୁ ସେ ସବୁବେଳେ ମ୍ୟାଗି କିଣି ଆଣୁଥିବା ବ୍ୟକ୍ତି ଜଣକ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅତି ଛୋଟ କଥା ପାଇଁ ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଚାଲିଥିବା ସେସନ୍ସ କୋର୍ଟ ବିଚାରପତି ଏମ୍.ଏଲ୍. ରଘୁନାଥ କହିଛନ୍ତି। ସେସନ୍ସ କୋର୍ଟରେ ୮୦୦ରୁ ୯୦୦ ବୈବାହିକ ମାମଲା ପଡ଼ିଥିବାବେଳେ ସେଥିମଧ୍ୟରୁ ୨୦-୩୦ ଟି ମାମଲାର ସମାଧାନ ହୋଇଛି। ଦାଏର ହୋଇଥିବା ମାମଲା ଭିତରୁ ୧୧୦ଟି ଛାଡ଼ପତ୍ର ସମ୍ବନ୍ଧୀୟ ଥିବାବେଳେ ସେଥିରୁ ଆପୋସ ବୁଝାମଣାରେ ୩୨ଟି ମାମଲାର ସମାଧାନ ହୋଇସାରିଥିବା ରଘୁନାଥ କହିଛନ୍ତି।



# ଚିଦାମ୍ବରମ, ଜୟରାମ, ସୁର୍ଜେୱାଲା କଂଗ୍ରେସର ରାଜ୍ୟ ସଭା ପ୍ରାର୍ଥୀ

ନୂଆଦିଲ୍ଲୀ,୩୦।୫

ଜୁନ୍ ୧୦ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ୧୦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପି. ଚିଦାମ୍ବରମ୍, ଜୟରାମ ରମେଶ, ଅଜୟ ମାକେନ ଏବଂ ଦଳର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲାଙ୍କୁ ଟିକେଟ ମିଳିଛି। ଏହା ବ୍ୟତୀତ ଜି୨୩ ଅସନ୍ତୁଷ୍ଟ ନେତାଙ୍କ ମଧ୍ୟରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁକୁଲ ୱାସନିକଙ୍କୁ ରାଜସ୍ଥାନରୁ ଏବଂ ବିବେକ ଟଙ୍ଖାଙ୍କୁ ମଧ୍ୟପ୍ରଦେଶରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ସଂଗଠନରେ ବଡ଼ ଧରଣର ପରିବର୍ତ୍ତନ ଲାଗି ୨୦୨୦ରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିବା ୨୩ ନେତାଙ୍କ ମଧ୍ୟରେ ଏମାନେ ଥିଲେ। ଜି-୨୩ ନେତା ଗୁଲାମ ନବୀ ଆଜାଦ ଏବଂ ଆନନ୍ଦ ଶର୍ମାଙ୍କୁ ରାଜ୍ୟ ସଭା ଟିକେଟ ମିଳିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ତାଲିକାରେ ସେମାନଙ୍କ ନାଁ ନାହିଁ।


ପି. ଚିଦାମ୍ବରମ୍


ଜୟରାମ ରମେଶ


ରଣଦୀପ୍ ସୁର୍ଜେୱାଲା

ଚିଦାମ୍ବରମ ତାମିଲନାଡୁରୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବାବେଳେ ରମେଶ କର୍ନାଟକରୁ, ମାକେନ ହରିୟାଣାରୁ ଏବଂ ସୁର୍ଜେୱାଲା ରାଜସ୍ଥାନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ତିୱାରୀଙ୍କୁ ରାଜସ୍ଥାନରୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଶୁକ୍ଲା ଓ ରଞ୍ଜିତ ରଞ୍ଜନଙ୍କୁ ଛତିଶଗଡ଼ରୁ ଏବଂ ଇମ୍ରାନ୍ ପ୍ରତାପଗର୍ହିଙ୍କୁ ମହାରାଷ୍ଟ୍ରରୁ ପ୍ରାର୍ଥୀ କରାଯାଇଛି। ୧୦ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ପୂର୍ବତନ କେନ୍ଦ୍ରମନ୍ତ୍ରୀ। ନିର୍ବାଚନରେ କଂଗ୍ରେସର ସମସ୍ତ ୧୦ ପ୍ରାର୍ଥୀ ଜିତିବା ସମ୍ଭାବନା ଥିବା କୁହାଯାଉଛି। ରାଜସ୍ଥାନରୁ ୩ ଆସନକୁ ଯଦି ଦଳ ଜିତିନିଏ, ତେବେ ଏହା ଉଚ୍ଚ ସଦନରେ ଅଧିକ ୩ ଆସନ ପାଇବାକୁ ସକ୍ଷମ ହୋଇପାରିବ। ଛତିଶଗଡ଼ରୁ କଂଗ୍ରେସ ୨ଟି ଆସନ ଜିତିବାକୁ ଥିବାବେଳେ ତାମିଲନାଡୁ ଓ ମହାରାଷ୍ଟ୍ରରୁ ଗୋଟିଏ ଲେଖାଏ ଆସନ ପାଇବ ବୋଲି କୁହାଯାଉଛି। ସେହିପରି ହରିୟାଣା, ମଧ୍ୟପ୍ରଦେଶ, କର୍ନାଟକରେ ଦଳୀୟ ବିଧାୟକଙ୍କ ସଂଖ୍ୟାକୁ ନେଇ କଂଗ୍ରେସ ଗୋଟିଏ ଲେଖାଏ ଆସନ ପାଇପାରେ।

# ଆରସିପି ସିଂଙ୍କ ଟିକେଟ କାଟିଲେ ନୀତୀଶ

## କେନ୍ଦ୍ରମନ୍ତ୍ରୀଙ୍କୁ ମୋଦିପ୍ରେମ ମହଙ୍ଗା ପଡ଼ିଲା

ପାଟନା, ୩୦।୫

ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ତଥା କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂଙ୍କୁ ମୋଦିପ୍ରେମ ମହଙ୍ଗା ପଡ଼ିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦଳୀୟ ଟିକେଟରେ ଆର୍. ସି. ପିଙ୍କୁ ରାଜ୍ୟ ସଭାକୁ ପଠାଇ ଥିଲେ। ଜେଡିୟୁ କୋଟାରୁ ତାଙ୍କୁ କେନ୍ଦ୍ରରେ ମନ୍ତ୍ରୀପଦ ଦେବା ପାଇଁ ବ୍ୟବସ୍ଥା କରାଇଥିଲେ। ହେଲେ ଆର୍. ସି. ପି. କେନ୍ଦ୍ର ଇସ୍ପାତ ମନ୍ତ୍ରୀ ହେବା ପରେ ନୀତୀଶଙ୍କ କଥା ନ ଶୁଣି ମୋଦିଙ୍କ କୋଳରେ ବସିପଡ଼ିଥିଲେ। କିଛି ଦିନ ହେଲା ସେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଫଟୋ ଏବଂ ଭିଡିଓ ଟୁଇଟରରେ ଶେୟାର କରିବା ସହ ଭାଜପା ନେତାମାନଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଉଥିଲେ। ଇତିମଧ୍ୟରେ ଜେଡିୟୁରେ ଦୁଇଟି କ୍ଷମତା କେନ୍ଦ୍ର ସୃଷ୍ଟି ହେଉଥିବା ଦଳର ଅନେକ ନେତା ଆଶଙ୍କା କରିଥିଲେ। ଫଳରେ ନୀତୀଶ କୁମାର ଏବଂ ତାଙ୍କ କ୍ୟାବିନେଟର ପୂର୍ବତନ ସହଯୋଗୀ ଆର୍. ସି. ପି. ସିଂଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଶେଷରେ ସମ୍ପର୍କ ଏତେ ଖରାପ ହୋଇଗଲା ଯେ, ଆର୍. ସି. ପି. ନିଜ ଟୁଇଟର ହ୍ୟାଣ୍ଡେଲରୁ ଜେଡିୟୁ ଫଟୋ ହଟାଇ ଦେଇ ପ୍ରଧାନମନ୍ତ୍ରୀଙ୍କ ଫଟୋ ରଖିଥିଲେ। ଜେଡିୟୁ ଅଧ୍ୟକ୍ଷ ଲଲନ ସିଂ ମଧ୍ୟ ଏସବୁକୁ ନେଇ ଆର୍. ସି. ପିଙ୍କ ଉପରେ କ୍ରୋଧିତ ହୋଇଥିଲେ।

ଟିକେଟ କଟିବା ଏକପ୍ରକାର ନିଶ୍ଚିତ ବୋଲି ଆର୍. ସି. ପି. ଜାଣିଥିଲେ ସୁଦ୍ଧା ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଓ ଅଧ୍ୟକ୍ଷଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ସପକ୍ଷବାଦୀ ଧରିନେଇ ଜେଡିୟୁ ତାଙ୍କୁ ଟିକେଟ ଦେଇନାହିଁ। ତାଙ୍କ ବଦଳରେ ଜେଡିୟୁର ଝାଡ଼ଖଣ୍ଡ ସଭାପତି କ୍ଷୀରୋ ମହତୋଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି। ଫଳରେ ଆର୍. ସି. ପି. ସିଂଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ଭାଜପା ରାଜ୍ୟ ସଭାକୁ ନ ପଠାଇଲେ ତାଙ୍କୁ ମନ୍ତ୍ରୀପଦରୁ ଇସ୍ତଫା ଦେବାକୁ ପଡ଼ିବ। ଭାଜପା ରବିବାର ବିହାରରୁ ୨ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଥିବାରୁ ଆର୍.ସି.ପିଙ୍କ ଆଶା ମଉଳିଯାଇଛି। ଜେଡିୟୁର ଏଭଳି ନିଷ୍ପତ୍ତି ପରେ ବିହାର ରାଜନୀତି ସରଗରମ ହୋଇଛି। ଏଥିସହ ପଛୁଆ ଜାତି ଜନଗଣନା ବାହାନାରେ ଭାଜପା ସହ ସମ୍ପର୍କ ତୁଟାଇ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହ ଜେଡିୟୁ ବିହାରରେ ପୁନର୍ବାର ମେଣ୍ଟ ସରକାର ଗଢ଼ିବା ନେଇ ଆଲୋଚନା ଜୋର୍ ଧରିଛି।


ନୀତୀଶ କୁମାର


ରାମଚନ୍ଦ୍ର ପ୍ରସାଦ ସିଂ

# ଆଜି ୪ ରାଜ୍ୟ ସଭା ପ୍ରାର୍ଥୀ କରିବେ ନାମାଙ୍କନ

- ଗଣମାଧ୍ୟମ ପରାମର୍ଶଦାତା ପଦରୁ ମାନସ ଏବଂ ଡବ୍ଲ୍ୟୁଓସିଡି ପରାମର୍ଶଦାତା ପଦରୁ ସୁଲତାଙ୍କ ଇସ୍ତଫା
- ସୁବାସ ସିଂଙ୍କ ସ୍ଥାନରେ ରାଜ୍ୟ ସଭା ଯିବେ ନିରଞ୍ଜନ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟ ସଭା ନିର୍ବାଚନ ପାଇଁ ବିଜେଡି ତା'ର ୪ ପ୍ରାର୍ଥୀଙ୍କ ନାଁକୁ ରବିବାର ଘୋଷଣା କରିସାରିଛି। ସମସ୍ତ ଆସନ ପାଇଁ ବିଜେଡି ଯୁବ ଚେହେରା ଉପରେ ପ୍ରାଧାନ୍ୟ ଦେଇଛି। ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ସୁଲତା ଦେଓଙ୍କୁ ଦଳ ୬ ବର୍ଷ ପାଇଁ ରାଜ୍ୟ ସଭା ପଠାଇବାକୁ ଯୋଜନା କରିଛି। ସେହିପରି ସୁବାସ ସିଂଙ୍କ ସ୍ଥାନରେ ୪ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ଚେହେରା ନିରଞ୍ଜନ ବିଶିଙ୍କୁ ଦଳ ରାଜ୍ୟ ସଭା ପଠାଇବାକୁ ସ୍ଥିର କରିସାରିଛି। ତେବେ ମଙ୍ଗଳବାର ୩ ଆସନ ଲାଗି ନାମାଙ୍କନ ଦାଖଲର ଶେଷଦିନ ହୋଇଥିବା ବେଳେ ନିରଞ୍ଜନ କିନ୍ତୁ ୨ ତାରିଖ ଭିତରେ ନାମାଙ୍କନ ଦାଖଲ କରିପାରିବେ। ହେଲେ ବିଜେଡିର ୪ ଜଣ ଯାକ ପ୍ରାର୍ଥୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାନସଭାରେ ନାମାଙ୍କନ ଦାଖଲ କରିବେ ବୋଲି ଜଣାପଡ଼ିଛି। ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସମସ୍ତ ୪ଟି ଯାକ ଆସନ ବିଜେଡି ଖାତାକୁ ଚାଲିଯିବ। ୩ ଆସନ ଲାଗି ଜୁନ୍ ୧୦ରେ ଏବଂ ଗୋଟିଏ ଆସନ ଲାଗି ୧୩ ତାରିଖରେ ଭୋଟିଂ ହେବ। ହେଲେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିବେ। ତେଣୁ ଭୋଟିଂ ହେବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟ ସଭାରେ ଓଡ଼ିଶାର ୧୦ଟି ଆସନ ମଧ୍ୟରୁ ୯ଟି ବିଜେଡି ହାତରେ ରହିବାକୁ ଥିବା ବେଳେ ଗୋଟିଏ ଆସନ ଭାଜପା ପାଖରେ ରହିଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ଭାଜପାରୁ ପ୍ରାର୍ଥୀ ହୋଇ ରାଜ୍ୟ ସଭା ଯାଇଛନ୍ତି।

ତେବେ ରାଜ୍ୟ ସଭା ପ୍ରାର୍ଥୀ ହେବା ପରେ ମାନସ ମଙ୍ଗରାଜ ଏବଂ ସୁଲତା ଦେଓଙ୍କୁ ମିଳିଥିବା ସରକାରୀ ପଦବୀରୁ ଉଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ପଦରୁ ମାନସ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାହା ଗ୍ରହଣ କରିବା ସହ ରାଜ୍ୟପାଳଙ୍କ ନିକଟକୁ ପଠାଇଦେଇଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ମାନସଙ୍କୁ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ପଦରୁ ଦାୟିତ୍ୱମୁକ୍ତ କରାଯାଇଛି। ସେହିପରି ମିଳିଥିବା ସୂଚନା ମୁତାବକ, ସୁଲତା ଦେଓ ଡବ୍ଲ୍ୟୁଓସିଡି(ମହିଳା ଓ ଶିଶୁ ବିକାଶ) ବିଭାଗର ପରାମର୍ଶଦାତା ଭାବେ ଯେଉଁ ଦାୟିତ୍ୱରେ ଥିଲେ ୨ ଦିନ ତଳୁ ସେଥିରୁ ଇସ୍ତଫା ଦେଇସାରିଥିବା ଜଣାପଡ଼ିଛି। ତେବେ ସୂଚନାଯୋଗ୍ୟ ଯେ, ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଏନ୍ ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ଏହି ୩ ଆସନ ଲାଗି ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ଅନ୍ୟପଟେ କଟକ ମେୟର ଭାବେ ସୁବାସ ସିଂଙ୍କୁ ବିଜେଡି ବାଛିବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଖାଲିଥିବା ଏହି ଆସନରୁ ନିରଞ୍ଜନ ବିଶିଙ୍କୁ ଦଳ ସୁଯୋଗ ଦେଇଛି।


ମୁମ୍ବାଇରେ ସୋମବାର ରାଜ୍ୟ ସଭା ପାଇଁ ନାମାଙ୍କନପତ୍ର ଦାଖଲ ପରେ ଗଣମାଧ୍ୟମକୁ ଏନ୍‌ସିପି ନେତା ପ୍ରଫୁଲ ପଟେଲ ସମ୍ବୋଧନ କରୁଛନ୍ତି।

# ପ୍ରଶାସନର ଶେଷ ପ୍ରୟାସ ବିଫଳ


ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା।

## ସ୍କୁଲ ଖୋଲିବା ଦାବିରେ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

ଝାରସୁଗୁଡ଼ା ଅଫିସ,୩୦।୫

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ପଣ୍ଡରି ଗ୍ରାମ ପଞ୍ଚାୟତର ବେଙ୍କମୁରା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଗତବର୍ଷ ପ୍ରଶାସନ ବନ୍ଦ କରି ନିକଟସ୍ଥ ବଲଣ୍ଡା ପ୍ରାଥମିକ ବିଦ୍ୟାଳୟ ସହ ମିଶାଇ ଦେଇଛି। ଏହାକୁ ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏପରି କି ଦାବି ପୂରଣ ନ ହେଲେ ଉପନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଗ୍ରାମକୁ ଯାଇ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମତଦାନ ଅବ୍ୟବହିତ ପୂର୍ବରୁ ସୋମବାର ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ପଟେଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ସେମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରିବେ ବୋଲି ଅଧିକାରୀମାନେ କହିଥିଲେ। ହେଲେ ଏହାକୁ ଗ୍ରାମବାସୀ ଗ୍ରହଣ ନ କରି ଲିଖିତ ପ୍ରତିଶ୍ରୁତି ମିଳି ନ ଥିବାରୁ ଭୋଟ ଦାନରୁ ବିରତ ରହିବେ ବୋଲି ସୂଚନା ଦେଇଛନ୍ତି।

# ସବୁ ଦଳ କହୁଛନ୍ତି ଜିତିବେ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ନିର୍ବାଚନମଣ୍ଡଳୀର ମୋଟ ୨,୧୪, ୮୭୮ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ତେବେ ଏହି ଉପନିର୍ବାଚନରେ ବିଜୟୀ ହେବେ ବୋଲି ସବୁ ଦଳ ନିଜ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏହି ଉପନିର୍ବାଚନରେ ନିର୍ବାଚନ ଭଲଭାବେ ଲଢ଼ିଥିବା ଜଣାପଡ଼ିଛି।

ଭାଜପା ନେତା ପ୍ରଦୀପ ପୁରୋହିତ କହିଛନ୍ତି, ଭାଜପା ଏହି ଉପନିର୍ବାଚନରେ ବିଜୟୀ ହେବାର ଆଶା ରଖୁଛି। କଂଗ୍ରେସ, ବିଜେଡି ଏବଂ ଭାଜପା ମଧ୍ୟରେ ଜୋର୍‌ଦାର ଲଢ଼େଇ ହେଉଥିବାରୁ ଏହି ୩ ଦଳ ମଧ୍ୟରେ ତୁଳନା କରାଯିବା ଦରକାର। ବିଜେଡି ପ୍ରାର୍ଥୀ ଅଳକା ମହାନ୍ତିଙ୍କ ତୁଳନାରେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କ ପ୍ରତି ଅଧିକ ଜନସମର୍ଥନ ରହିଛି। କାହିଁକି ନା ବିଗତ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ରାଧାରାଣୀ ବିଧାନସଭାରେ ଉଠାଇଛନ୍ତି। ବିଜେଡି ଯାହାସବୁ ପ୍ରତିଶ୍ରୁତି ଦେଇ ଗତ ନିର୍ବାଚନରେ ଭୋଟ ହାତେଇଥିଲା ସେସବୁ କିଛି ପୂରଣ କରିନାହିଁ। ଭାଜପା ଏଥର ଜିତିବ ବୋଲି ଶତପ୍ରତିଶତ ଆଶାବାଦୀ। ଏଥର କିଶୋର ପଟେଲ ପ୍ରାର୍ଥୀ ହେବା ପରେ କଂଗ୍ରେସ ଜୋରଦାର ଭାବେ ନିର୍ବାଚନ ଲଢ଼ିଛି। କଂଗ୍ରେସ ଯଦି ତା'ର ପାରମ୍ପରିକ ଭୋଟ ନିଜ ସପକ୍ଷରେ ରଖିବାରେ ସକ୍ଷମ ହୁଏ ଭାଜପା ନିଶ୍ଚୟ ଜିତିବ ବୋଲି ସେ କହିଛନ୍ତି।

ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଯେଉଁମାନେ ନିର୍ବାଚନ ଲଢ଼ନ୍ତି ଜିତିବା ପାଇଁ ଆଶାବାଦୀ ଥାଆନ୍ତି। ତେଣୁ ତାକୁ ଚିନ୍ତା କରି ଭାଜପା ବିଜୟୀ ହେବାର ଆଶା ବାନ୍ଧିଛି। ହେଲେ ବିଜେଡିର ବିଜୟ ହେବ। ଲୋକମାନେ ବିକାଶକୁ ଦେଖିବେ। ତୃଣମୂଳସ୍ତରରେ ଲୋକମାନେ ବିଜେଡି ସହିତ ଏବଂ ବିକାଶ ସପକ୍ଷରେ ଅଛନ୍ତି। ତେଣୁ କେହି କହିବାରେ କିଛି ହୁଏ ନାହିଁ, ଫଳାଫଳ ଆସିଲେ ସବୁକିଛି ସ୍ପଷ୍ଟ ହୋଇଯିବ।

କଂଗ୍ରେସ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବ୍ରଜରାଜନଗର ବାସିନ୍ଦା ଜାଣନ୍ତି ନୂଆ ଲୋକକୁ ଜିତାଇଲେ ତାଙ୍କୁ କାମ ଶିଖିବାରେ ୨ ବର୍ଷ ଚାଲିଯିବ। ତେଣୁ ପୂର୍ବତନ ବିଧାୟକ ତଥା ବାଚସ୍ପତି କିଶୋର ପଟେଲଙ୍କୁ ଲୋକମାନେ ଭୋଟ୍ ଦେବାକୁ ସେମାନେ ସ୍ଥିର କରିଛନ୍ତି। କିଶୋର ପଟେଲ ଏବେ ଓଡ଼ିଶା ମଜଦୁର ୟୁନିୟନର ସଭାପତି ଅଛନ୍ତି। ୨୦୧୯ ନିର୍ବାଚନ ସମୟରେ ବିଜେଡି ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ସେସବୁ କିଛି ପାଳନ କରିନାହିଁ। ତେଣୁ ବିଜେଡି ସପକ୍ଷରେ ଭୋଟର ନାହାନ୍ତି। ଭାଜପା ଭୋଟ୍ ମଧ୍ୟ ଏଥର କଂଗ୍ରେସକୁ ଆସିବ। ଭାଜପା ପ୍ରାର୍ଥୀଙ୍କୁ ଆର୍‌ଏସଏସ ମଧ୍ୟ ସମର୍ଥନ କରୁ ନ ଥିଲା ବୋଲି ସେ କହିଛନ୍ତି।

# ୧ରୁ କଂଗ୍ରେସର ନବସଂକଳ୍ପ ଶିବିର

## ପିସିସି ସଭାପତି ହେବା ପରେ ଶରତ ପଟ୍ଟନାୟକଙ୍କ ପ୍ରଥମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ୨ ଦିନିଆ ନବସଂକଳ୍ପ ଶିବିର ଅନୁଷ୍ଠିତ ହେବ। ଆସନ୍ତା ୧ ଏବଂ ୨ ତାରିଖରେ ସ୍ଥାନୀୟ ୟୁନିଟ୍-୪ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ସଭା ଗୃହରେ ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ପ୍ରଭାରୀ ଡ. ଏ. ଚେଲ୍ଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଜି.ରୁଦ୍ର ରାଜୁ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେବେ। ୧ରେ କଂଗ୍ରେସ ଏମ୍‌ପି, ସବୁ ବିଧାୟକ, ପୂର୍ବତନ ଏମ୍‌ପି ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତ୍ତା ଓ ପୂର୍ବତନ କର୍ମକର୍ତ୍ତା, ପିସିସି କର୍ମକର୍ତ୍ତା, ଜିଲା ସଭାପତି, ରାଜ୍ୟ ସାମ୍ମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟମାନେ ଯୋଗଦେବେ। ସେହିଭଳି ୨ରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସମ୍ପାଦକ (ଓଡ଼ିଶା), ଜିଲା ସଭାପତି, ବ୍ଲକ ଓ ନଗର ସଭାପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସମସ୍ତ ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। କୌଣସି କାରଣବଶତଃ ଯେଉଁ ନେତୃବୃନ୍ଦ ଏ ସମ୍ପର୍କରେ ଅବଗତ ହୋଇପାରି ନ ଥିବେ ସେମାନେ ଗଣମାଧ୍ୟମ ଖବରକୁ ନିମନ୍ତ୍ରଣ ମନେକରି ଆସିବା ପାଇଁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ପିସିସି ସଭାପତି ହେବା ପରେ ଏହା ଶରତଙ୍କ ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ। ତେବେ ଅନେକ ବିଧାୟକ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି କରାଯାଉ ବୋଲି ଦାବି କରୁଥିଲେ। ତେବେ ଏହି ବୈଠକରେ କେଉଁମାନେ ଯୋଗ ଦେଉଛନ୍ତି ଏବଂ କିଏ ନ ଆସୁଛନ୍ତି ଦେଖିବା ପରେ ଦଳରେ ସବୁକିଛି ଆଗକୁ ଠିକ୍ ଚାଲିବ ନା ପୁରୁଣା ରୋଗ ଦେଖିବାକୁ ମିଳିବ ତାହା ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ବ୍ରଜରାଜନଗର ଉପନିର୍ବାଚନ

# ୬୦ ସମ୍ବେଦନଶୀଳ ବୁଥ୍

ଝାରସୁଗୁଡ଼ା ଅଫିସ,୩୦।୫

ବ୍ରଜରାଜନଗର ଉପନିର୍ବାଚନ ପାଇଁ ମଙ୍ଗଳବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ନିର୍ବାଚନ ମଣ୍ଡଳୀର ସମୁଦାୟ ୨,୧୪, ୮୭୮ ଭୋଟର। ସମୁଦାୟ ୨୭୯ ବୁଥ୍‌ରେ


ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ପ୍ରସ୍ତୁତି ଚଳାଇଛନ୍ତି।

## ୧୪୫ବୁଥ୍‌ରେ ୱେବ୍‌କାଷ୍ଟିଂ

ମତଦାନ ହେବ। ଚଳିତ ଉପନିର୍ବାଚନରେ ଅଧିକ ୨୨ ନୂଆ ବୁଥ୍ ହୋଇଛି। ଏଥିମଧ୍ୟରେ ୬୦ ବୁଥ୍ ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ୩୦ଟିକୁ ମଡେଲ ବୁଥ୍ ଓ ୫ଟିକୁ ପିଙ୍କ୍ ବୁଥ୍ ଭାବେ ଘୋଷଣା କରାଯାଇଛି। ୧୪୫ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି।

ନିର୍ବାଚନ ମଣ୍ଡଳୀକୁ ୩୧ସେକ୍ଟରରେ ବିଭକ୍ତ କରାଯାଇ ପ୍ରତି ସେକ୍ଟରରେ ମାଜିଷ୍ଟ୍ରେଟ୍ ଓ ଅଫିସର ନିଯୁକ୍ତ କରାଯାଇଛି। ଏହାର ତଦାରଖ ପାଇଁ ସମୁଦାୟ ୨୫ ମୋବାଇଲ୍ ଟିମ୍ ଗଠନ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୧୨ଶହ ୨୮ଜଣ ପ୍ରିଜାଇଡିଂ ଓ ପୋଲିଂ ଅଫିସର ନିଯୁକ୍ତ ହୋଇଛନ୍ତି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର ଓ ୩ଜଣ ପୋଲିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ପୋଲିଂ ପାର୍ଟି ମତଦାନ ଉପକରଣ ସହ ନିଜ ନିଜ ବୁଥ୍‌ରେ ପହଞ୍ଚି ପ୍ରସ୍ତୁତି ଚଳାଇଛନ୍ତି। ପୋଷ୍ଟାଲ ବାଲଟ ପେପର ମତଦାନ ପାଇଁ ଅଫିସରଙ୍କୁ ନିୟୋଜିତ କରାଯାଇଥିବାବେଳେ ଏହି କାର୍ଯ୍ୟ ଶେଷ ହୋଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି।

ପ୍ରତି ବୁଥ୍‌ରେ ମକ୍‌ଡ୍ରିଲ୍ ହେବା ପରେ ମତଦାନ ଆରମ୍ଭ ହେବ। ଏଥିମଧ୍ୟରେ ଭିନ୍ନକ୍ଷମ ଭୋଟର ଯେମିତି ସୁବିଧାରେ ବୁଥ୍‌କୁ ଆସି ମତଦାନ କରିପାରିବେ ଏଥିପାଇଁ ଜିଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟେଣ୍ଟ ଓ ପାନୀୟଜଳ ଆଦିର ବ୍ୟବସ୍ଥା କରାଯାଇଛି। ଉପନିର୍ବାଚନକୁ ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ୧ ହଜାର ପୋଲିସ, ୩ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ଯବାନଙ୍କୁ ମୁତୟନ କରାଯାଇଛି। ବାହାର ଲୋକଙ୍କ ପ୍ରବେଶ ରୋକିବା ପାଇଁ ନିର୍ବାଚନ ମଣ୍ଡଳୀର ଛତିଶଗଡ଼ ସୀମା, ପଡ଼ୋଶୀ ଜିଲା ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲା ସୀମାକୁ ୬ସ୍ଥାନରେ ସିଲ୍ କରାଯାଇଛି। ଏସବୁ ସ୍ଥାନରେ ପୋଲିସ ମୁତୟନ ହୋଇଛନ୍ତି।

# ଆଜି ମାହାଙ୍ଗାରେ 'ଗରିବ କଲ୍ୟାଣ ସମ୍ମିଳନୀ'

## ଭାଜପା ପାଳିବ କେନ୍ଦ୍ର ସରକାର ଶାସନର ୮ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୩୦।୫(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ସମଗ୍ର ଦେଶରେ ସେବା, ସୁଶାସନ ଓ ଗରିବ କଲ୍ୟାଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ କଟକ ଜିଲା ମାହାଙ୍ଗା ପୋଡ଼ାମରାଇଠାରେ ଦଳ ପକ୍ଷରୁ 'ବିଶାଳ ଗରିବ କଲ୍ୟାଣ ସମ୍ମିଳନୀ' ଆୟୋଜନ ସହ ରାଜ୍ୟର ବିଭିନ୍ନ ଜିଲାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବାର ଆୟୋଜନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୟୂରଭଞ୍ଜରୁ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଦେଖିବେ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତି ନୟାଗଡରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି । ଗୋଲକ କହିଛନ୍ତି ଯେ, ଓଡ଼ିଶା ସମେତ ଦେଶର ୧୦ କୋଟିରୁ ଅଧିକ ଚାଷୀଙ୍କୁ ୨୧ ହଜାର କୋଟି ଟଙ୍କାରୁ ଅଧିକ ପିଏମ୍ କିଷାନ ସମ୍ମାନ ନିଧିର ୧୧ତମ କିସ୍ତି ମଧ୍ୟ ପ୍ରଦାନ କରିବେ।


# ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଽପାର୍ଥ ସାରଥି ସିଂହ
ଏକ୍ସ ଡାଇରେକ୍ଟର ଅଫ ହାଇଅର ଏଜୁକେସନ
ପ୍ରଫେସର ଅଫ ଫିଜୋଲୋଜି
ଆବିର୍ଭାବ: ୦୧।୦୮।୧୯୪୨
ତିରୋଧାନ: ୧୧।୦୬।୨୦୨୧
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତମର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ତମ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଆମ ହୃଦୟରେ ତମେ ସର୍ବଦା ଜୀବିତ ରହିବ।
ଶୋକସନ୍ତପ୍ତ: ପତ୍ନୀ: ସୁଜାତା ସିଂହ, ମୈଥିଳୀ (ଝିଅ), ରାଜେଶ (ଜ୍ୱାଇଁ), ପ୍ରାଣ (ନାତି), ଉମା (ନାତୁଣୀ), ନଚିକେତା (ପୁଅ), ବେବୀ (ବୋହୂ), ନିଶାନ୍ତ (ନାତି), ଶ୍ରୀଶାନ୍ତ (ନାତି), ବୈଶାଳୀ (ଝିଅ), ଶ୍ରୀମନ୍ତ (ଜ୍ୱାଇଁ), ବୈଭବ (ନାତି), ସୋନାଲି (ନାତୁଣୀ), ଦିଲିପ୍ (ଜ୍ୱାଇଁ), ଅଲପନା (ନାତୁଣୀ), ନିଧି (ନାତୁଣୀ), ଟିନୀ ଓ ପରିବାରବର୍ଗ।
ଧ-୬୦୭

ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରହ୍ଲାଦ ନାୟକ
(Uco Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୧।୦୬।୨୦୧୩ (ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାପା, ଚାହୁଁ ଚାହୁଁ ୯ବର୍ଷ ବିତିଗଲାଣି, କିନ୍ତୁ ଏବେବି ଲାଗେ ତୁମେ ଏଇଠି କୋଉଠି ଯାଇଛ। ଆଉ ସଙ୍ଗେ ସଙ୍ଗେ ଆସିଯିବ। ସବୁ ସୁଖ ଓ ଦୁଃଖରେ ତୁମ ଉପସ୍ଥିତି ଆମେ ଅନୁଭବ କରିଛୁ, କାଳିଆ ଠାକୁର ପାଖେ ସବୁବେଳେ ଏତିକି ବିନତି ସେ ତୁମକୁ ସବୁବେଳେ ଖୁସିରେ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୩୮

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ଅଣ୍ଡା



**ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ମହିଳାମାନେ ବିଭିନ୍ନ ଉପାଦାନ ବ୍ୟବହାର କରିଥାନ୍ତି। ତେବେ ଆପଣ ଜାଣନ୍ତି କି, ଅଣ୍ଡାରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ। ଏହାକୁ ବ୍ୟବହାରକରି ଆପଣ ପ୍ରାକୃତିକ ଉପାୟରେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...**

➔ବେଦାଗ ସୁନ୍ଦର ତ୍ୱଚା କାହାକୁ ବା ଭଲ ନ ଲାଗେ। ହେଲେ ଖରା, ପ୍ରଦୂଷଣ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅନେକଙ୍କଠାରେ ତ୍ୱଚାରେ ଦାଗ ସମସ୍ୟା ଦେଖା ଦେଉଛି। ଏହାକୁ ଦୂରକରିବା ଲାଗି ମୁହଁରେ ଅଣ୍ଡାର ଧଳା ଅଂଶ, ମହୁ ଏବଂ ଅଲିଭ ଅଏଲ ପ୍ୟାକ୍ ଟ୍ରାଏ କରନ୍ତୁ। ଏହା ତ୍ୱଚାରୁ ଦାଗ ସମସ୍ୟା ଦୂରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

➔ଅଣ୍ଡାର କେଶର ବାହାରକରି କେବଳ ଧଳା ଅଂଶରେ ଅଳ୍ପ ମହୁ ମିଶାନ୍ତୁ। ଉକ୍ତ ପ୍ୟାକ୍‌କୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାରେ ଥିବା ରିଙ୍କିଲ୍ ମାର୍କ ଦୂରହୋଇ ତ୍ୱଚା ଟାଇଟ୍ ହେବ ଏବଂ ଆକର୍ଷଣୀୟ ୟଙ୍ଗର ଲୁକ୍ ଦେବ।

➔ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏଁ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ। ଏହା କେଶକୁ ମଜଭୁତ କରିବା ସହ ସାଇନିଂ ମଧ୍ୟ କରିଥାଏ।

➔ଯଦି ଆପଣଙ୍କ ସ୍କିନ୍ ଟୋନ୍ କମ୍ ତେବେ ଅଳ୍ପ କଖାରୁକୁ ଗ୍ରାଇଣ୍ଡିଂ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ନିଜେ ଜାଣିପାରିବେ।

➔ଗୋଟିଏ ଅଣ୍ଡା, ପାଚିଲା କଦଳୀ , ୫ ଚାମଚ ରୋଜ୍ ଅଏଲ ଏବଂ ଏକ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ ହେବା, ଫାଟିବା, ଝଡ଼ିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

➔କେଶକୁ ପ୍ରାକୃତିକ ଉପାୟରେ କଣ୍ଡିଶନିଂ କରିବାକୁ ଚାହୁଁଥିଲେ ଅଣ୍ଡା କେଶର ସହିତ ଲେମ୍ବୁରସ ମିଶାଇ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୩୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ।



# ସଫଳତାର ମାର୍ଗ

**ଜୀବନରେ ସଫଳତା ହାସଲ କରିବା ଏତେ ସହଜ ନୁହେଁ। ତେବେ ଏହାକୁ ହାସଲ କରିବା ଲାଗି ଦରକାର ଦୃଢ଼ ମାନସିକତା, ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ଚିନ୍ତା...**

➔ସର୍ବଦା ସକାରାତ୍ମକ ଭାବନା ଓ ଆତ୍ମ ବିଶ୍ୱାସ ରହିବା ଆବଶ୍ୟକ। କାରଣ ଏହାର ଶକ୍ତି ଏତେ ଅଧିକ, ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ଯାହାକି ସଫଳତାର ମାର୍ଗ ସୁଗମ କରିଥାଏ।

➔ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ। ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲ୍‌ମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥା'ନ୍ତି।

➔ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢ଼ିପାରିବେ। ଏହା ମଧ୍ୟ ଆପଣଙ୍କ ମନୋବଳ ବଢ଼ାଇବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।



ଖାଦ୍ୟରୁଚି

# ଇଡ୍‌ଲି ୬୫

**ଆବଶ୍ୟକ ସାମଗ୍ରୀ:** ୧୦ଟି ଇଡ୍‌ଲି, ଲାଲ୍ ଲଙ୍କା ପାଉଡର ୧ ଚାମଚ, ଜିରା ପାଉଡର ଅଧ ଚାମଚ, ଚାଉଳ ଗୁଣ୍ଡ ୨ ଚାମଚ, ଦହି ୩ ଚାମଚ, ଛାଣିବା ପାଇଁ ତେଲ, ସୋରିଷ ୨ ଚାମଚ, ପାନମଧୁରୀ ୧ ଚାମଚ, ଅଦା ଛୋଟ କଟା ହୋଇଥିବା, ୮ କୋଲା ରସୁଣ ଛୋଟ କଟା ହୋଇଥିବା, ଭୁର୍ସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧ ଚାମଚ, ହଳଦୀଗୁଣ୍ଡ ଅଧଚାମଚ, ଗୋଲମରିଚ ପାଉଡର ଅଧ ଚାମଚ, କଟା ଧନିଆପତ୍ର ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଇଡ୍‌ଲିଗୁଡ଼ିକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଦହି ଚାଉଳ ଅଟା, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୁର୍ସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣା ହୋଇଥିବା ଇଡ୍‌ଲି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ଇଡ୍‌ଲି ୬୫ ଏବେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଛି। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆ ପତ୍ର ପକାଇ ଗରମ ଗରମ ଖାଇବାର ମଜା ନିଅନ୍ତୁ।



# ଧୂମପାନ ଓ ନାରୀ



ଡା. ରାମଚନ୍ଦ୍ର ରାଉତ

**ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ। ଏହି ପରିପ୍ରେକ୍ଷୀରେ ଏହା ନାରୀମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱ ବହନ କରେ। କାରଣ କେବଳ ଯିଏ ଧୂମପାନ କରିଥାଏ ସେ ଯେ, ଅସୁସ୍ଥ ହୁଏ ଓ ରୋଗରେ ପଡ଼ିଥାଏ ତାହା ନୁହେଁ, ତାଙ୍କ ଧୂଆଁ ସଂସ୍ପର୍ଶରେ ଆସୁଥିବା ମୁଖ୍ୟତଃ ନାରୀ ଓ ଶିଶୁମାନେ ଅଧିକ ପ୍ରଭାବିତ ହୋଇଥାଆନ୍ତି...**

ମେ ମାସ ୩୧ ତାରିଖକୁ ପ୍ରତିବର୍ଷ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଉଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ତମାଖୁ ସେବନ କିପରି ନିଜ ସହ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସର ପରିକଳ୍ପନା। ଜାଣିବା ଏହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଏହାର ନକାରାତ୍ମକ ପ୍ରଭାବ ସମ୍ପର୍କରେ...

**ତମାଖୁ ସାଧାରଣତଃ ଦୁଇ ପ୍ରକାର। ଯଥା:**

**୧ମ ପ୍ରକାର-** ଯେଉଁଥିରେ ଅଗ୍ନି ସଂଯୋଗ ଦ୍ୱାରା ବାହାରୁଥିବା ଧୂଆଁକୁ ଟାଣି ଫୁସ୍‌ଫୁସ୍ ମଧ୍ୟକୁ, ଏପରିକି ପାକସ୍ଥଳୀ ମଧ୍ୟକୁ ଯାଇଥାଏ। ଏହାକୁ ଧୂମଯୁକ୍ତ ତମାଖୁ କୁହାଯାଏ। ସିଗାରେଟ୍, ବିଡ଼ି, ଚୁରୁଟ୍, ହୁକା, ପିକା ଇତ୍ୟାଦିରେ ଟଣା ହେଉଥିବା ଧୂଆଁରେ ୭ ହଜାର ପ୍ରକାରର କ୍ଷତିକାରକ କେମିକାଲ୍ ଥାଏ। ଏଥିରୁ ୭୦ରୁ ୧୦୦ କେମିକାଲ୍ କ୍ୟାନ୍‌ସରର ମୁଖ୍ୟ କାରଣ।

**୨ୟ ପ୍ରକାର-** ଏଥିରେ କେବଳ ଚୋବେଇ ଓ ପାଟି ଭିତରେ ରଖି ଏପରିକି ଶୋଇବା ବେଳେ, ଗାଡ଼ିରେ ଯାତ୍ରା ବେଳେ, କାମ କରିବା ବେଳେ ତମାଖୁ ଧୂଆଁପତ୍ର, ଗୁଟ୍‌ଖା ଇତ୍ୟାଦି ବ୍ୟବହାର କରାଯାଏ। ଏଥିରେ ଧୂଆଁ ସୃଷ୍ଟି ହୁଏ ନାହିଁ। ମାତ୍ର ଏଥିରୁ ବାହାରୁଥିବା ବିଷାକ୍ତ କେମିକାଲ୍ ପାଟି, ଜିଭ, ଗାଲ, ତଣ୍ଟି, ଫୁସ୍‌ଫୁସ୍, ପାକସ୍ଥଳୀ, ଖାଦ୍ୟନଳୀ, ଗଳା, ସ୍ୱରଯନ୍ତ୍ର, ଆଖି ଓ ନାକ ଇତ୍ୟାଦିରେ କ୍ଷତି ପହଞ୍ଚାଇଥାଏ। ନାସ ଓ ଗୁଣ୍ଡ ହୋଇଥିବା ତମାଖୁ ମଧ୍ୟ ନାକରେ ଗ୍ରହଣ କରାଯାଇଥାଏ। ଏହା ଅଧିକ କ୍ଷତିକାରକ।

ସାଧାରଣତଃ ମହିଳାମାନେ ଏହି ଧୂମହୀନ ତମାଖୁ ବ୍ୟବହାର କରିଥାନ୍ତି। ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଜିଲାରେ ଏହା ବହୁଳ ଭାବରେ ପରିଲକ୍ଷିତ। ଏହା ଅଭ୍ୟାସରେ ପଡ଼ିଗଲେ ଆଉ ସେଥିରୁ ବାହାରି ହୁଏ ନାହିଁ। ବିଶେଷତଃ ଏଥିରୁ ବାହାରୁଥିବା ନିକୋଟିନ୍ ମନରେ ସ୍ଫୂର୍ତ୍ତି ଆଣିଥାଏ ବୋଲି ବିଚାର କରାଯାଏ। ମାତ୍ର ଏହା ଠିକ୍ ନୁହେଁ।

ସେହିପରି ଧୂମକୁ ମଧ୍ୟ ୩ ପ୍ରକାର ବିଭକ୍ତ କରାଯାଇଛି। ଯଥା:

**୧ମ ପ୍ରକାର ଧୂମ:** ନିଜେ ଧୂମପାନ କରିବାକୁ ପ୍ରଥମ ପ୍ରକାରର ଧୂମ ବା ପ୍ରତ୍ୟକ୍ଷ ଧୂମପାନ କୁହାଯାଇଥାଏ କୁହାଯାଏ।

**୨ୟ ପ୍ରକାର ଧୂମ:** ଧୂମପାୟୀ ବ୍ୟକ୍ତି ତ୍ୟାଗ କରୁଥିବା ଧୂମ ଓ ତା'ର ସିଗାରେଟ୍ ଓ ବିଡ଼ିର ଅବଶିଷ୍ଟ ଅଂଶରୁ ବାହାରୁଥିବା ଧୂମକୁ ଦ୍ୱିତୀୟ ପ୍ରକାର ଧୂମ କୁହାଯାଏ। ଯାହା ପାଖ ଲୋକ ନିଃଶ୍ୱାସରେ ତା' ଦେହକୁ ଯାଇଥାଏ ଓ ଏହା ଅଧିକ କ୍ଷତିକାରକ, ଯାହାକୁ ପରୋକ୍ଷ ଧୂମପାନ କୁହାଯାଇଥାଏ। କାରଣ ଏଥିରେ ଧୂମପାୟୀ ଛାଡ଼ିଥିବା ଅଙ୍ଗାରକାମ୍ଳ, ଜୀବାଣୁ ଓ ଭୂତାଣୁ ଅଧିକ ଥାଏ।

**୩ୟ ପ୍ରକାର ଧୂମ:** ସେହିପରି ଗର୍ଭବତୀ ମା'ର ଦେହକୁ ଯାଉଥିବା ତମାଖୁର ଧୂଆଁ ତା'ର ଗର୍ଭରେ ବୃଦ୍ଧି ପାଉଥିବା ଶିଶୁ ଦେହକୁ ଯାଇ ତା'ର କ୍ଷତି କରିଥାଏ। ଯାହାକୁ ତୃତୀୟ ପ୍ରକାର ତମାଖୁ ଧୂମ କୁହାଯାଏ।





## ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ

ତମାଖୁ ନାରୀମାନଙ୍କୁ ଦେଉଥିବା ଭଲଗୁଣ ଠାରୁ ଖରାପ ଗୁଣ ଶହସ୍ର ଗୁଣ ଅଧିକ। ତମାଖୁ ବ୍ୟବହାର ଦ୍ୱାରା ପ୍ରଜନନ ଶକ୍ତି ହ୍ରାସ ପାଇଥାଏ। ଇଷ୍ଟ୍ରୋଜେନ୍ ହରମୋନ୍ କମ୍ ବାହାରିଥାଏ, ଫଳରେ ଡିମ୍ବାଣୁ ପ୍ରସ୍ଫୁଟିତ ହୁଏ ନାହିଁ। ଏହା ଜରାୟୁକୁ ରକ୍ତ ସଞ୍ଚାଳନ କମ୍ କରିଥାଏ। ଶିଶୁ ଜନ୍ମ ପରେ ଅସ୍ଥିଜନିତ ରୋଗ କ୍ୟାଲସିୟମ୍ ଅଭାବରୁ ହୁଏ, ଯାହାକି ଧୂମପାନ ଯୋଗୁ ଘଟିଥାଏ। ଅତ୍ୟଧିକ ଧୂମପାନ ଦ୍ୱାରା ସମୟ ପୂର୍ବରୁ ପିଲାଜନ୍ମ, କମ୍ ଓଜନର ଶିଶୁ, ବନ୍ଧ୍ୟାତ୍ୱ ମଧ୍ୟ ହୋଇଥାଏ। ବେଳେବେଳେ କୌଣସି କାରଣ ନ ଥାଇ ଶିଶୁମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି।

ମୋଟାମୋଟି କହିବାକୁ ଗଲେ ନାରୀମାନେ ତମାଖୁ ଓ ତମାଖୁ ଧୂଆଁ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ତଥା ଅଜଣା ଭାବେ ପ୍ରଭାବିତ ହୁଅନ୍ତି ଓ ଗର୍ଭସ୍ଥ ଶିଶୁ ମଧ୍ୟ ପ୍ରଭାବିତ ହୁଏ। ତମାଖୁ କ୍ୟାନ୍‌ସର ସହ ଆହୁରି ଅନେକ ରୋଗର କାରଣ- ଶ୍ୱାସ, ଯକ୍ଷ୍ମା ଓ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଏଥିରେ ପ୍ରମୁଖ।

ମହିଳାମାନେ ଚାହିଁଲେ ସେମାନଙ୍କ ସ୍ୱାମୀ, ପୁଅ ଓ ପରିଜନମାନଙ୍କୁ ଧୂମପାନ ନ କରିବା ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇପାରିବେ। ନିଜେ ମଧ୍ୟ ଧୂମପାନ ତ୍ୟାଗ କରିପାରିବେ ଓ ଦ୍ୱିତୀୟ, ତୃତୀୟ ପ୍ରକାର ତମାଖୁ ଧୂଆଁରୁ ନିଜକୁ ସୁରକ୍ଷା ପ୍ରଦାନ କରିପାରିବେ।



*- ନିର୍ଦ୍ଦେଶକ*
*ସ୍ୱାସ୍ଥ୍ୟ ସତର୍କତା ଓ ପରିସଂଖ୍ୟାନ, ତଥା ମୁଖ୍ୟ ରେଜିଷ୍ଟ୍ରାର(ଜନ୍ମ ଓ ମୃତ୍ୟୁ), ଓଡ଼ିଶା*

# ଘରେ କରନ୍ତୁ ଏକ୍ସରସାଇଜ୍

**ମେଦବହୁଳତା ଅନେକ ମହିଳାଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇବାର କାରଣ ସାଜୁଛି। ଏହା ଦୂର କରିବା ଲାଗି କେହି କେହି ଜିମ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଯଦି ଆପଣଙ୍କୁ ଜିମ୍ ଯିବାର ସୁବିଧା ନାହିଁ ତେବେ ଘରେ ମଧ୍ୟ ଏକ୍ସରସାଇଜ୍ ଆରମ୍ଭ କରିପାରିବେ...**



➤ପ୍ରଥମେ ପ୍ରଥମେ ମନ ଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନେଇ କରିବା ଭଲ। ତେବେ ବର୍ତ୍ତମାନ ୟୁଟ୍ୟୁବ୍‌ରେ ଅନେକ ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡିଓ ଆସୁଛି, ଯାହାକୁ ଦେଖି ଏକ୍ସରସାଇଜ କରିପାରିବେ।

➤ପ୍ରତିଦିନ ଅତି କମ୍‌ରେ ୨୦-୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଘରେ ସମସ୍ତଙ୍କର ଟ୍ରେଡ୍‌ମିଲ୍ ନ ଥାଏ। ତେଣୁ ଛାତ ଉପରେ କିମ୍ବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲିପାରିବେ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ, ଶରୀର ଫିଟ୍ ରହିବ।

➤ଏଥିରେ କିଛି ସମୟ ଯୋଗ ଏବଂ ପ୍ରାଣାୟମ ଆଦିକୁ ସାମିଲକଲେ ଅଧିକ ଉପକୃତ ହୋଇପାରିବେ।



➤ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

➤ମନେରଖନ୍ତୁ, ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ। ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖାଦେଇପାରେ। ତେଣୁ ପ୍ରଥମେ ଅଳ୍ପ ସମୟ ଏକ୍ସରସାଇଜ୍ କରିବା ପରେ ଧୀରେ ଧୀରେ ଅଧିକ କରନ୍ତୁ। ଏହି ସମୟରେ ହାଲୁକା ଏବଂ ଆରାମଦାୟକ ପୋଷାକ ପିନ୍ଧନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୩୧/୨୦୨୨ Bhubaneswar, Tuesday, May 31/ 2022

## ସଂକ୍ଷେପରେ

### ସ୍ୱର୍ଣ୍ଣ ଜିତିଲେ ଶ୍ରୀଶଙ୍କର

**ନୂଆଦିଲ୍ଲୀ, ୩୦ା୫ (ପି.ଟି.):** ଗ୍ରୀସ୍‌ର ଚାନିଆଠାରେ ଚାଲିଥିବା ଭେନିଜେଲିଆ-ଚାନିଆ ୨୦୨୨ ଆଥଲେଟିକ୍ସ ମିଟ୍ ୭.୯୫ ମିଟର ଜମ୍ପ କରି ଟୋକିଓ ଅଲିମ୍ପିଆନ ମୁରଲୀ ଶ୍ରୀଶଙ୍କର ସିଜନରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ମାସରେ ୮.୩୬ ମିଟରରେ ଜାତୀୟ ରେକର୍ଡ କରିଥିବା କେରଳର ୨୩ ବର୍ଷୀୟ ଲଙ୍ଗ ଜମ୍ପର ଫ୍ରାନ୍ସର ଦୁଇ ପ୍ରତିଯୋଗୀ ଜୁଲ୍ସ ପୋମେରି ଓ ଏରୱାନ କୋନେଟଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୋମେରି (୭.୭୩ ମିଟର) ଓ କୋନେଟ (୭.୭୧ ମିଟର) ଯଥାକ୍ରମେ ରୌପ୍ୟ ଓ ସ୍ୱର୍ଣ୍ଣ ଜିତିଥିଲେ।

### ପେରେଜ ଜିତିଲେ ମୋନାକୋ ଗ୍ରାଁ ପ୍ରି ଟାଇଟଲ

**ମୋନାକୋ, ୩୦ା୫ :** ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଦୁର୍ଘଟଣାଭରା ମୋନାକୋ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ବର୍ଷା ଯୋଗୁ ୧ଘଣ୍ଟା ପରେ ରେସ୍ ଆରମ୍ଭ ହୋଇଥିଲା। ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟର ଦ୍ୱିତୀୟ ହୋଇଥିବା ବେଳେ ରେଡ୍‌ବୁଲ୍‌ର ଅନ୍ୟତମ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ପେରେଜ୍‌ଙ୍କର ଏହା ପ୍ରଥମ ଏବଂ କ୍ୟାରିୟରର ତୃତୀୟ ଫର୍ମୁଲା ୱାନ୍ ଟାଇଟଲ। ରବିବାର ରେସ୍‌ର ଫଳାଫଳ ଦ୍ୱାରା ଚାମ୍ପିୟନଶିପ୍ ଟେବୁଲର ଟପ୍‌ରେ ରହିଥିବା ଭର୍ଷ୍ଟାପେନ୍ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ମଧ୍ୟରେ ଅଗ୍ରଣୀ ବ୍ୟବଧାନ ୯ରେ ପହଞ୍ଚିଛି।

### ହକି ର୍‍ୟାଙ୍କିଙ୍ଗ: ମହିଳା ୬ଷ୍ଠକୁ ଉଠିଲା, ପୁରୁଷ ୪ର୍ଥକୁ ଖସିଲା

**ନୂଆଦିଲ୍ଲୀ, ୩୦ା୫ (ପି.ଟି.):** ସୋମବାର ପ୍ରକାଶିତ ବିଶ୍ୱ ହକି ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଦଳ ୪ର୍ଥ ସ୍ଥାନକୁ ଖସିଆସିଥିବା ବେଳେ ମହିଳା ଦଳ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ପୁରୁଷ ଓ ମହିଳା ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ସେମାନଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ ଭାରତକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିନେଇଛି। ବେଲଜିୟମ ୨ୟ ଓ ଜର୍ମାନୀ ୫ମ ସ୍ଥାନ ବଜାୟ ରଖିଛି। କିନ୍ତୁ ନିକଟରେ ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ପାଇଁ ଆର୍ଜେଣ୍ଟିନାକୁ ପଛରେ ପକାଇ ଇଂଲଣ୍ଡ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ର୍‍ୟାଙ୍କିଙ୍ଗ୍ ତାଲିକାରେ ନ୍ୟୁଜିଲାଣ୍ଡ ୮ମ ଓ ସ୍ପେନ୍ ୯ମ ସ୍ଥାନରେ ରହିଛନ୍ତି। ଚଳିତ ହକି ଏସିଆ କପ୍‌ରେ ଦୃଢ଼ ପ୍ରଦର୍ଶନ ପାଇଁ ମାଲେସିଆ ଶ୍ରେଷ୍ଠ ୧୦ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ମହିଳା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଜର୍ମାନୀ ଯଥାକ୍ରମେ ୨ୟରୁ ୫ମ ସ୍ଥାନରେ ଅଛନ୍ତି। ସ୍ପେନ୍‌କୁ ହଟାଇ ଭାରତ ୬ଷ୍ଠ ସ୍ଥାନ ଅଧିକାର କରିନେଇଛି।

### ରାଇଜିଂ ଷ୍ଟୁଡେଣ୍ଟ୍ସ ବିଜୟୀ

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ସୋମବାର ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୩୮ ରନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ୍ସ ୪୦ ଓଭରରେ ୭ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ସେନାପତି ସର୍ବାଧିକ ୬୯ ଓ ବିଶ୍ୱନାଥ ଧଡ଼ା ୫୯ ରନ ସ୍କୋର କରିଥିଲେ। ଓସ୍କାର ବୋଲର ସୌମ୍ୟ ପାଢ଼ୀ ଓ ସ୍ୱସ୍ତିକ ମହାପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୯୬ ରନ ବିଜୟ ଲକ୍ଷ୍ୟରେ ଓସ୍କାର ୪୦ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ହିମାଂଶୁ ସାହୁ ସର୍ବାଧିକ ୨୪ ଓ ସ୍ୱସ୍ତିକ ମହାପାତ୍ର ୨୧* ରନ କରିଥିଲେ। ବିଜୟୀ ଦଳର ଅର୍ପିତ ମହାନ୍ତି ଓ ରାକେଶ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସର ଅଭିଷେକ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଓସ୍କାରର କ୍ଷୀରୋଦ କୁମାର ଭଞ୍ଜ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ।

# ଜୁନ୍ ୧ରୁ ଅନ୍‌ଲାଇନ୍, ୯ରୁ କାଉଣ୍ଟରରେ ଟିକେଟ

**କଟକ ଅଫିସ, ୩୧ା୫**

ଜୁନ ୧୨ରେ ବାରବାଟୀ ଷ୍ଟାଡିୟମରେ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରସ୍ତୁତି ଚାଲିଛି । ଶତପ୍ରତିଶତ ଦର୍ଶକ ସହ ଏଥର ମ୍ୟାଚ୍ ଅନୁଷ୍ଠିତ ହେବ। ବାରବାଟୀରେ ଦର୍ଶକ କ୍ଷମତା ୪୪ ହଜାରରୁ ଅଧିକ ରହିଛି । ଆଗାମୀ ମ୍ୟାଚ୍ ପାଇଁ ଜୁନ୍ ୧ରେ ଅନ୍‌ଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ। ଜୁନ୍ ୯ରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହୋଇ ୧୦ ଯାଏ ଚାଲିବ । ଦର୍ଶକମାନେ ପେଟିଏମ୍ ଇନ୍‌ସାଇଡର ଆପ୍, ପେଟିଏମ୍ ଆପ୍ ଏବଂ WWW.INSIDER.IN ୱେବ୍‌ସାଇଟରେ ଅନ୍‌ଲାଇନ୍ ଟିକେଟ ବୁକ୍ କରିପାରିବେ। ଜୁନ୍ ୧ ପୂର୍ବାହ୍ନ ୧୧ଟାରୁ ଟିକେଟ ଉପଲବ୍ଧ ହେବ। ସୁଚାରୁରୂପେ କିପରି ଟିକେଟ ବୁକ୍ କରିହେବ ସେ ସମ୍ପର୍କରେ ସୂଚନା ଦେବା ପାଇଁ ଓସିଏ ସମ୍ମିଳନୀ କକ୍ଷରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପେଟିଏମ୍ ପ୍ରତିନିଧି ହରି ଗୁଣ୍ଡାଲପଲି ଏବଂ ଓସିଏ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଜୁନ୍ ୧ ପୂର୍ବାହ୍ନ ୧୧ଟାରୁ ୫ ହଜାର ଟିକେଟ୍ ବିକ୍ରି କରାଯିବ । କେବଳ ଗ୍ୟାଲେରି ନଂ.୨, ୪, ୭, ସ୍ପେଶାଲ ଏନ୍‌କ୍ଲୋଜର, ଏସି ବକ୍ସ ପାଇଁ ଟିକେଟ୍ ଉପଲବ୍ଧ ରହିବ । ଜଣେ ବ୍ୟକ୍ତି ୨ଟି ଟିକେଟ୍ ବୁକିଂ କରିପାରିବେ ଏବଂ ଏନେଇ ପରିଚୟପତ୍ର ଦେବାକୁ ପଡ଼ିବ । ଅନ୍‌ଲାଇନ ବୁକ୍ କରିଥିବା ଦର୍ଶକମାନେ ୮ରୁ ୧୧ ତାରିଖ ମଧ୍ୟରେ ନିଜ ଟିକେଟ ରିଡମ୍ପଶନ କରିପାରିବେ। ତେବେ କେଉଁ ଗ୍ୟାଲେରିରେ କେତେ ଟିକେଟ ଉପଲବ୍ଧ ରହିବ ସେନେଇ ମଙ୍ଗଳବାର ଓସିଏ ପକ୍ଷରୁ ସୂଚନା ଦିଆଯିବ ।

ପ୍ରାୟ ଅଢ଼େଇ ବର୍ଷ ପରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଉଥିବାରୁ ଓଡ଼ିଶା କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି । ମ୍ୟାଚ୍ ଆୟୋଜନ ନେଇ ଉନ୍ନତମାନର ବ୍ୟବସ୍ଥା କରାଯାଉଛି। ଏହି ମ୍ୟାଚ୍ ପାଇଁ ଓସିଏ ପକ୍ଷରୁ ୫୦୦୦ ଟିକେଟ ଅନ୍‌ଲାଇନରେ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି । ଗ୍ୟାଲେରି ନଂ.୧, ୩ ଓ ୫ ଟିକେଟର ମୂଲ୍ୟ ୯୦୦, ଗ୍ୟାଲେରି ନଂ.୨ ଓ ୪ର ମୂଲ୍ୟ ୭୦୦, ଗ୍ୟାଲେରି ନଂ.୭ର ମୂଲ୍ୟ ୬୦୦, ଗ୍ୟାଲେରି ନଂ.୬ର ମୂଲ୍ୟ ୩୦୦ ଟଙ୍କା ରହିଛି । ସ୍ୱତନ୍ତ୍ର ଏନ୍‌କ୍ଲୋଜର ମୂଲ୍ୟ ୫୦୦୦ ହଜାର ଟଙ୍କା, ଏସି ବକ୍ସର ମୂଲ୍ୟ ୭ ହଜାର ଟଙ୍କା, ନୂତନ ପାଭିଲିୟନର ମୂଲ୍ୟ ୮ ହଜାର ଏବଂ କର୍ପୋରେଟ୍ ବକ୍ସ ଟିକେଟ୍‌ର ମୂଲ୍ୟ ୧୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି।

**ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି୨୦**



ଖବରଦାତା ସମ୍ମିଳନୀରେ ସୁବ୍ରତ ବେହେରା ଓ ହରି ଗୁଣ୍ଡାଲପଲି।

## କୁଦରମେତୋଭା କ୍ୱାର୍ଟର ଫାଇନାଲରେ

**ପ୍ୟାରିସ୍, ୩୦ା୫:** ରୁଷିଆର ତଥା ୨୯ତମ ସିଡ୍ ଭେରୋନିକା କୁଦରମେତୋଭା ଫ୍ରେଞ୍ଚ ଓପନ୍ ଟେନିସ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରି-କ୍ୱାର୍ଟରରେ ୨୨ତମ ସିଡ୍ ଆମେରିକାର ମାଡିସନ କିଜ୍‌ଙ୍କୁ ୧-୬, ୬-୩, ୬-୧ରେ ହରାଇ ଦେଇଛନ୍ତି। ଏହା ଦ୍ୱାରା ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ନିଜ ଦେଶର ଦାରିଆ କାସାଟକିନାଙ୍କୁ ଭେଟିବେ। ବିଶ୍ୱର ୨୦ ନମ୍ବର ମାନ୍ୟତାପ୍ରାପ୍ତ କାସାଟକିନା ୨୮ତମ ସିଡ୍ ତଥା ଇଟାଲୀର କାମିଲା ଜିଓର୍ଗିଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୮ ପରେ ସେ ରୋଲାଣ୍ଡ ଗାରୋସ୍‌ଠାରେ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇଛନ୍ତି।


ଭେରୋନିକା କୁଦରମେତୋଭା

ଏହି ୨୫ ବର୍ଷୀୟ ଖେଳାଳି ବର୍ତ୍ତମାନ ଜବରଦସ୍ତ ଫର୍ମରେ ଅଛନ୍ତି। ସେ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳିସାରିଲେଣି। ମାତ୍ର ଗୋଟିଏ ହେଲେ ସେଟ୍‌ରେ ପରାଜିତ ହୋଇନାହାନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ନରୱେର କାସ୍ପର ରୁଡ୍ ୬-୨, ୬-୩, ୩-୬, ୬-୩ ସେଟ୍‌ରେ ପୋଲାଣ୍ଡର ହୁବର୍ଟ ହର୍କାଜ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ଅଦିତି, ଲଳିତ, ସାଇ ସ୍ୱସ୍ତିକ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଟେନିସ୍ ଆସୋସିଏଶନ୍ (ଓଟିଏ) ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଜୁନିୟର୍ ଓପନ୍ ଟେନିସ୍ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଯାଇଛି। ୧୨ ବର୍ଷରୁ କମ୍ ବର୍ଗ ଫାଇନାଲରେ ଜଗତ ଜ୍ୟୋତି ପତିଙ୍କୁ ହରାଇ ସାଇ ସ୍ୱସ୍ତିକ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ସାଇ ସ୍ୱସ୍ତିକଙ୍କୁ ଟ୍ରଫିସହ ୪,୦୦୦ ଓ ଜଗତ ଜ୍ୟୋତିଙ୍କୁ ୨୫୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ଆହାନ ମିଶ୍ର ଓ ଦର୍ଶ ମୋଦିଙ୍କୁ ମଧ୍ୟ ୧୫୦୦ ଟଙ୍କା ଲେଖାଏ ଦିଆଯାଇ ପୁରସ୍କୃତ କରାଯାଇଛି। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ପୁରଭିକା ଚୌଧାରୀଙ୍କୁ ହରାଇ ଅଦିତି ରାୟ ଚାମ୍ପିୟନ ହୋଇଛନ୍ତି। ଦୁହିଁଙ୍କୁ ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ତୁହିନା ରାୟ ଓ ଆୟୁଷୀ ଦାଶ ୨୫୦୦ ଟଙ୍କା ଲେଖାଏ ପାଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଶୁଭ୍ରନିଲ ବର୍ମନଙ୍କୁ ହରାଇ ଲଳିତ ଟୁଡୁ ଟାଇଟଲ ବିଜୟୀ ହୋଇଛନ୍ତି। ଲଳିତ ୬୦୦୦, ଶୁଭ୍ରନିଲ ୪୦୦୦ ଓ ଦୁଇ ସେମିଫାଇନାଲିଷ୍ଟ ସପ୍ତପୂର୍ଣ୍ଣ ଜେନା ଓ ଅଙ୍କିତ ସାହୁ ୨୫୦୦ ଟଙ୍କା ଲେଖାଏ ପୁରସ୍କାର ଆକାରରେ ହାସଲ କରିଛନ୍ତି। ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ନତା, ଅନମୋଲ ଶ୍ରେଷ୍ଠ ସନ୍ତରଣକାରୀ

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୬୨ତମ ଅଲ୍ ଓଡ଼ିଶା ରାଜ୍ୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଜୁନିୟର ଓ ସବ୍‌ଜୁନିୟର ଉଭୟ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ଗତ ୨୭ ତାରିଖରୁ ଆରମ୍ଭ ହୋଇଥିଲା। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩ ଦିନିଆ ପ୍ରତିଯୋଗିତାର ଗ୍ରୁପ-୧ ବର୍ଗରେ ଭୁବନେଶ୍ୱରର ମନ୍ନତା ମିଶ୍ର (୨୧୩୪ ପଏଣ୍ଟ) ଶ୍ରେଷ୍ଠ ବାଳିକା ଓ କଟକର ଅନମୋଲ ମହାନ୍ତି (୨୦୭୮) ଶ୍ରେଷ୍ଠ ବାଳକ ସୁଇମର ବିବେଚିତ ହୋଇଛନ୍ତି। ସେହିପରି ଗ୍ରୁପ୍-୨ରେ ସମ୍ବଲପୁରର ହିତେଶ ମହାରଣା (୧୭୪୨) ଓ ଭୁବନେଶ୍ୱରର ଆଂଶିକା ଆରାଧନା ସାହୁ (୨୦୧୫) ଯଥାକ୍ରମେ ଶ୍ରେଷ୍ଠ ବାଳକ ଓ ବାଳକ ପ୍ରତିଯୋଗୀ ହୋଇଛନ୍ତି। ଗ୍ରୁପ୍-୩ରେ କିଟ୍ ଓ କିସ୍‌ର କାହ୍ନୁ ସୋରେନ (୧୦୧୬) ଶ୍ରେଷ୍ଠ ବାଳକ ଓ ସମ୍ବଲପୁରର ଅର୍ପିତା ସେଠ୍ (୯୨୭) ଶ୍ରେଷ୍ଠ ବାଳିକା ସନ୍ତରଣକାରୀ ପୁରସ୍କାର ପାଇଛନ୍ତି। ସୁଇମିଂ ଚାମ୍ପିୟନଶିପ୍‌ରେ ରାଜ୍ୟର ୨୦ ଜିଲ୍ଲାରୁ ମୋଟ ୨୫୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୭୧ ବାଳିକା ଓ ୧୮୧ ବାଳକ ସାମିଲଥିଲେ। ପ୍ରତି କାଟେଗୋରିରେ ଶ୍ରେଷ୍ଠ ସନ୍ତରଣକାରୀମାନେ ଆସନ୍ତା ଜୁନ୍‌ରେ ରାଜକୋଟରେ ହେବାକୁଥିବା ସବ୍‌ଜୁନିୟର ଏବଂ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ତିମ ଦିବସରେ ସୋମା ମିଶ୍ର, ଗୋଲାପମଣି ମହନ୍ତ, ବିଜୟ କୁମାର ଦିକ୍ଷିତ, ସୁରେନ୍ଦ୍ର କୁମାର ନାଏକ, ଅମରରଞ୍ଜନ ମହାନ୍ତିପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ପୁରସ୍କାର ସହ ଅନମୋଲ ମହାନ୍ତି ଓ ମନ୍ନତା ମିଶ୍ର।

# ବିରଳ କ୍ଲବରେ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ, ୩୦ା୫: ଆଇପିଏଲ୍‌ର ୧୫ତମ ସଂସ୍କରଣ ରବିବାର ଶେଷ ହୋଇଛି। ପଦାର୍ପଣକାରୀ ଗୁଜରାଟ ଟାଇଟନ୍ସ ଫାଇନାଲରେ ପ୍ରଥମ ସଂସ୍କରଣର ଚାମ୍ପିୟନ ରାଜସ୍ଥାନ ରୟାଲ୍ସକୁ ୭ ଉଇକେଟରେ ହରାଇ ଆଇପିଏଲ୍ ଟ୍ରଫି ହାସଲ କରିଛି। ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଟ୍ରଫି ହାତେଇବାରେ ଗୁଜରାଟ ୭ମ ଦଳ। ଏହି ସଂସ୍କରଣରେ ସର୍ବାଧିକ ସଂଖ୍ୟକ ଛକାଠାରୁ ଆରମ୍ଭ କରି ଅନେକ ରେକର୍ଡ ଭାଙ୍ଗିବା ସହ କିଛି ନୂଆ କୀର୍ତ୍ତି ପ୍ରତିଷ୍ଠା ହୋଇଛି।**



ଆଇପିଏଲ୍ ଟ୍ରଫି ସହ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।

**୫ ଆଇପିଏଲ ଫାଇନାଲରେ ୫ ବିଜୟ:** ହାର୍ଦ୍ଦିକ ପାଣ୍ଡ୍ୟା ୫ ଥର ଆଇପିଏଲ ଫାଇନାଲ ଖେଳିଥିବା ବେଳେ ପ୍ରତ୍ୟେକଥର ବିଜୟୀ ହୋଇଛନ୍ତି। ଏଥିସହ ସେ ଆଇପିଏଲ୍ ସଫଳତାରେ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ସର୍ବାଧିକ ସଂଖ୍ୟକ ଆଇପିଏଲ୍ ଫାଇନାଲରେ ଅଂଶଗ୍ରହଣ କରିବା ସତ୍ତ୍ୱେ ପରାଜୟର ସମ୍ମୁଖୀନ ହୋଇ ନ ଥିବା ଖେଳାଳିଙ୍କ ତାଲିକାରେ ରୋହିତ ଶର୍ମା(୬) ଶୀର୍ଷରେ ଅଛନ୍ତି।

**ସର୍ବାଧିକ ସଂଖ୍ୟକ ଛକା:** ଆଇପିଏଲ ୨୦୨୨ ସଂସ୍କରଣରେ ମୋଟ୍ ୧୦୬୨ ଛକା ହୋଇଥିଲା। ହାରାହାରି ପ୍ରତି ୧୬.୨୧ ବଲରେ ଗୋଟିଏ ଛକା ମରାଯାଇଛି। ବଲ ପିଛା ଛକା ହାରରେ ଏହା ଦ୍ୱିତୀୟ ସର୍ବାଧିକ। ୨୦୧୮ରେ ବଲ ପିଛା ଛକା ହାର ୧୫.୮୮ ଥିଲା, ଯାହା ସର୍ବାଧିକ।

**୪ ଶତକ:** ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି ଜୋସ୍ ବଟଲର। ୨୦୧୬ ସଂସ୍କରଣରେ କୋହଲି ୪ ଶତକ ହାସଲ କରି ଟି୨୦ ପ୍ରତିଯୋଗିତାର ଗୋଟିଏ ସିଜନରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ନିଜ ନାମରେ କରିଥିଲେ। ୭୪ ମ୍ୟାଚ୍‌ବିଶିଷ୍ଟ ସଂସ୍କରଣରେ ସର୍ବାଧିକ ୮ ଶତକ ସ୍କୋର ହୋଇଥିଲା। ଏଥିପୂର୍ବରୁ ୨୦୧୬ ସିଜନ(୬୦ ମ୍ୟାଚ୍)ରେ ୭ ଶତକ ହୋଇଥିଲା।

**ସର୍ବାଧିକ ଛକା ବରଣ କରିଥିବା ଦଳ:** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଚଳିତ ସିଜନରେ ସର୍ବାଧିକ ୧୪୭ ଛକା ବରଣ କରିଛି। ଆର୍‌ସିବିର ବୋଲରମାନେ ପ୍ରତି ୧୨.୪୦ ବଲରେ ଗୋଟିଏ ଛକା ଖାଇଥିଲେ, ଯାହା ଚଳିତ ସିଜନରେ ସର୍ବାଧିକ। ମହମ୍ମଦ ସିରାଜ ୩୧ ଛକା ଖାଇଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ୱାନିନ୍ଦୁ ହସରଙ୍ଗା (୩୦ ଛକା)।

**୧୭ରୁ ୨୦ ଓଭରରେ ରନ୍‌ହାର ୧୦.୮୩:** ଚଳିତ ସିଜନରେ ୧୭ରୁ ୨୦ ଓଭରରେ ୧୦.୮୩ ହାରରେ ରନ୍ ସଂଗ୍ରହ କରାଯାଇଛି, ଯାହା ପୂର୍ବ ସମସ୍ତ ସଂସ୍କରଣ ତୁଳନାରେ ସର୍ବାଧିକ। ଏଥିପୂର୍ବରୁ ୨୦୨୦ରେ ଡେଥ୍ ଓଭରରେ ୧୦.୬୨ ହାରରେ ରନ୍ ସଂଗ୍ରହ କରାଯାଇଥିଲା। ମୋଟ୍ ଉପରେ ଏଥର ଓଭର ପିଛା ରନ୍‌ହାର ୮.୫୪ ଥିଲା, ଯାହା କେବଳ ୨୦୧୮ ସିଜନ (୮.୬୪) ପଛରେ।

**ସର୍ବାଧିକ ଷ୍ଟ୍ରାଇକ୍ ରେଟ୍:** ଗୋଟିଏ ସଂସ୍କରଣରେ ୧୦୦ରୁ ଅଧିକ ରନ୍ କରିଥିବା ବ୍ୟାଟରଙ୍କ ମଧ୍ୟରେ ଟିମ୍ ଡେଭିଡ୍ (୨୧୬.୨୭)ଙ୍କ ଷ୍ଟ୍ରାଇକ୍‌ରେଟ୍ ସର୍ବାଧିକ ଥିଲା।

**ସର୍ବାଧିକ ଟସ୍ ପରାଜୟ:** ରାଜସ୍ଥାନ ରୟାଲ୍ସ ଚଳିତ ସିଜନରେ ଖେଳିଥିବା ୧୭ ମ୍ୟାଚ୍ ମଧ୍ୟରୁ ୧୩ଥର ଟସ୍ ଦଳ ସପକ୍ଷରେ ଯାଇ ନ ଥିଲା। ୨୦୧୨ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୧୯ ମ୍ୟାଚ୍‌ରେ ୧୨ ଥର ଟସ୍ ହାରିଥିଲା।

**୨୫ଟି ୪ରୁ ଊର୍ଦ୍ଧ୍ୱ ଉଇକେଟ:** ଆଇପିଏଲ୍ ୨୦୨୨ରେ ୨୫ଟି ୪ରୁ ଊର୍ଦ୍ଧ୍ୱ ଉଇକେଟ ସଫଳତା ଦେଖିବାକୁ ମିଳିଥିଲା, ଯାହା ପୂର୍ବ ସମସ୍ତ ସଂସ୍କରଣଠାରୁ ସର୍ବାଧିକ। ପ୍ରତି ୨.୯୬ ମ୍ୟାଚ୍‌ରେ ବୋଲରମାନେ ୪ ଉଇକେଟ ସଫଳତା ହାସଲ କରିଥିଲେ। ୨୦୧୨ରେ ଏହି ହାର ୪.୧୭ ଥିଲା। ଏହି ସଂସ୍କରଣରେ ୪ଜଣ ବୋଲର ୫ ଉଇକେଟ ସଫଳତା ହାତେଇଥିଲେ, ଯାହାକି ୨୦୧୧ ସିଜନ ସହ ସମାନ।

**ୟୁଜିଙ୍କ ୨୭ ଉଇକେଟ:** ୟୁଜ୍‌ବେନ୍ଦ୍ର ଚହଲ ୨୦୨୨ ସିଜନରେ ସର୍ବାଧିକ ୨୭ ଉଇକେଟ ହାସଲ କରିଥିଲେ, ଯାହା ଆଇପିଏଲର ଯେକୌଣସି ସଂସ୍କରଣରେ ସ୍ପିନରମାନେ ହାସଲ କରିଥିବା ଉଇକେଟ୍‌ଠାରୁ ଅଧିକ। ଏହି ତାଲିକାରେ ଇମ୍ରାନ୍ ତାହିର (୨୦୧୯ରେ ୨୬ ଉଇକେଟ) ଓ ୱାନିନ୍ଦୁ ହସ୍‌ରଙ୍ଗା (୨୦୨୨ରେ ୨୬) ରହିଛନ୍ତି।

**ବଟ୍‌ଲରଙ୍କ ୮୬୩ ରନ୍:** ଜୋଶ୍ ବଟ୍‌ଲର ଚଳିତ ବର୍ଷ ଆଇପିଏଲରେ ୮୬୩ ରନ୍ କରିଥିଲେ, ଯାହା ଆଇପିଏଲର ଯେକୌଣସି ସଂସ୍କରଣରେ ଦ୍ୱିତୀୟ ସର୍ବାଧିକ। କୋହଲି ୨୦୧୬ରେ ସର୍ବାଧିକ ୯୭୩ ରନ୍ କରିଥିଲେ।

**୧୦୭ ବ୍ୟାଟର ଡକ୍(୦)ରେ ଆଉଟ:** ଆଇପିଏଲ ୨୦୨୨ରେ ସର୍ବାଧିକ ୧୦୭ ଜଣ ବ୍ୟାଟର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ପ୍ରତି ୧.୪୫ ମ୍ୟାଚ୍‌ରେ ଜଣେ ବ୍ୟାଟର ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିଅନ ଫେରିଥିଲେ। ଏହିଧାରାରେ ୨୦୦୯ ସଂସ୍କରଣ ୧.୬୫ ହାର ସହିତ ଦ୍ୱିତୀୟ ସ୍ଥାନରେ ରହିଛି।

**ଡଟ୍ ବଲ୍ସ:** ପ୍ରସିଦ୍ଧ କ୍ରିଷ୍ଣା ୧୭ ଇନିଂସ୍‌ରେ ୨୦୦ ଡଟ୍ ବଲ ପକାଇଥିଲେ। ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ସର୍ବାଧିକ। ଏହି ରେକର୍ଡ ଡେଲ ଷ୍ଟେଇନଙ୍କ ନାମରେ ରହିଛି। ସେ ୨୦୧୩ରେ ୧୭ ଇନିଂସ୍‌ରେ ୨୧୯ ଡଟ୍ ପକାଇଥିଲେ।

**ସର୍ବାଧିକ କ୍ୟାଚ୍ ନେଇଥିବା ଖେଳାଳି:** ରିୟାନ ପରାଗ ସର୍ବାଧିକ ୧୭ କ୍ୟାଚ୍ ଧରିଥିଲେ। ଜଣେ ନନ୍ ଉଇକେଟ୍‌କିପର ଫିଲ୍ଡରଙ୍କ ପାଇଁ ଏହା ଦ୍ୱିତୀୟ ସର୍ବାଧିକ। ପୂର୍ବରୁ ଏବି ଡି' ଭିଲିୟର୍ସ ୧୯ କ୍ୟାଚ୍ ଧରିଥିଲେ।

**ଶ୍ରେଷ୍ଠ ଖେଳାଳି ପୁରସ୍କାରରେ ଗୁଜରାଟ ଆଗରେ:** ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଦଳର ୮ ଖେଳାଳି ଏଥର ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତିଥିଲେ।

## ହୁପର୍ସ, ଡଙ୍କର୍ସ ବିଜେତା

**ଭୁବନେଶ୍ୱର, ୩୦ା୫ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ବାସ୍କେଟବଲ କୋର୍ଟ ପରିସରରେ ୬ଷ୍ଠ ମଦର୍ସ ବାସ୍କେଟବଲ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହାର ସିନିୟର ପୁରୁଷ ବର୍ଗରେ ୧୦, ମହିଳା ବର୍ଗରେ ୪ ଓ ଜୁନିୟର ବର୍ଗରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯାଇଥିବା ପ୍ରତିଯୋଗିତାର ପୁରୁଷ ବର୍ଗ ଫାଇନାଲରେ ହୁପର୍ସ ଦଳ ୮୦-୭୧ ପଏଣ୍ଟରେ ଷ୍ଟ୍ରାଇକର୍ସକୁ ଏବଂ ମହିଳା ବିଭାଗ ଫାଇନାଲରେ ଡଙ୍କର୍ସ ଦଳ ୪୩-୩୮ ପଏଣ୍ଟରେ ଆଭେଞ୍ଜର୍ସ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ସେହିପରି ଜୁନିୟର ବର୍ଗ ଫାଇନାଲରେ ଡଙ୍କର୍ସ ଦଳ ୬୧-୩୯ ପଏଣ୍ଟରେ ହୁପର୍ସ ଦଳକୁ ପରାସ୍ତ କରିଥିଲା। ପ୍ରତିଯୋଗିତାର ପୁରୁଷ ବର୍ଗରେ ୧୨୦, ମହିଳାରେ ୪୮ ଓ ଜୁନିୟର ବର୍ଗରେ ୯୦ ଖେଳାଳି ଭାଗ ନେଇଥିଲେ। ମହିଳା ବର୍ଗରେ ମୀନାକ୍ଷି କରନ, ପୁରୁଷରେ ଚିରଞ୍ଜୀତ କରନ ଓ ଜୁନିୟରରେ ଆଶୁତୋଷ ପଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ଅବସରରେ ପ୍ରଶାନ୍ତ କୁମାର ନାୟକ, ପ୍ରକାଶ ଚନ୍ଦ୍ର ସାହୁ ଓ ମହମ୍ମଦ ସହିଦ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ, ମଦର୍ସ ଗ୍ରୁପ୍ ଅଫ୍ ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ ପଟ୍ଟନାୟକ, ବିଦ୍ୟାଳୟର ଅଧ୍ୟକ୍ଷା ପଲ୍ଲୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ମଦର୍ସ ବାସ୍କେଟବଲ ଲିଗ୍ ଶେଷ**


ମଦର୍ସ ବାସ୍କେଟବଲ ଲିଗ୍ ମହିଳା ବର୍ଗ ଚାମ୍ପିୟନ ଡଙ୍କର୍ସ ଦଳ ଅତିଥିଙ୍କ ସହ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ଚାଳକ ଫେରାର



ଜବତ ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ।

**ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ଓ ଗଣିଆ ବନାଞ୍ଚଳରୁ ସାଇଜ କାଠ ଓ ଶାଳ ଲଗ୍ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି । ଚାଳକ ଫେରାର ଅଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ, କଟକ ଜିଲା ନରସିଂହପୁର ଅଞ୍ଚଳକୁ ଏହି କାଠ ଚାଲାଣ ହେଉଥିବା ସମ୍ପର୍କରେ ବନ ବିଭାଗକୁ ସୂଚନା ମିଳିଥିଲା । ନୟାଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବନ ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ନଜର ରଖିଥିଲେ । ରାତି ପ୍ରାୟ ୩ଟା ସମୟରେ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନଟି ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତ ସାପୁଆ ସଂରକ୍ଷିତ ଜଙ୍ଗଲରୁ ଶାଳ ଲଗ୍ ବୋଝେଇ କରି ନରସିଂହପୁର ଅଭିମୁଖେ ଯାଉଥିଲା । ପୂର୍ବରୁ ୩ଟି ସ୍ଥାନରେ ପ୍ରସ୍ତୁତ ରହିଥିବା ବନ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ପିଛା କରି ଗଣିଆ ନିକଟସ୍ଥ କଳାଶିମିଳିଠାରେ ଅଟକାଇବାରେ ସକ୍ଷମ ହୋଇଥିଲେ । ହେଲେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଖସି ଯାଇଥିଲେ । ବନ କର୍ମଚାରୀମାନେ ପିକଅପ୍ ଭ୍ୟାନକୁ ଜବତ କରି ସିଂଘାପଡା ବନ ବିଭାଗ ବିଟ୍ ହାଉସରେ ରଖିଛନ୍ତି । ଜବତ ୯ ଶାଳ ଲଗ୍‌ର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ କହିଛନ୍ତି ।

## ଗାଡ଼ି ଧକ୍କାରେ ଗାଈ ମୃତ

**ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସକା ରାସ୍ତାର କିଆଝର ଗ୍ରାମ ନିକଟରେ ସୋମବାର ଅପରାହ୍ଣ ୪ଟାରେ ଦ୍ରୁତଗତିରେ ଆସୁଥିବା ଗାଡ଼ି ଧକ୍କାରେ ଏକ ଗାଈର ମୃତ୍ୟୁ ଘଟିଛି । ଖଳିସାହିରୁ କୋସକା ଅଭିମୁଖେ ଗାଡ଼ିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଉକ୍ତ ଗାଈଟି କିଆଝର ଗ୍ରାମର କବିରାଜ ମହାନ୍ତଙ୍କର ବୋଲି ଜଣାପଡିଛି ।



ଦୁର୍ଘଟଣାରେ ମୃତ ଗାଈ ।

# ଜଳାଶୟମୁହାଁ ବନ୍ୟପ୍ରାଣୀଙ୍କୁ ଟାର୍ଗେଟ୍

- ଶିକାରୀ ସକ୍ରିୟ, ଚାଲିଛି ଅବାଧ ଶିକାର
- ବ୍ୟବହାର ହେଉଛି ଫାଶ, ବିଦ୍ୟୁତ୍ ତାର,ଗୁଳି,କୁକୁର
- ଗାଁ,ସହରରେ ମିଳୁଛି ଜଙ୍ଗଲୀ ପଶୁଙ୍କ ମାଂସ

**ନୟାଗଡ଼ ଅଫିସ,୩୦।୫**

ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲ ଓ ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ ଅଞ୍ଚଳରେ ଥିବା ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷିତ ନୁହନ୍ତି । ନୟାଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ଶିକାରୀ ସକ୍ରିୟ ହୋଇଥିବାବେଳେ ଅବାଧ ଶିକାର ଚାଲିଛି। ବନ ବିଭାଗ ଏହାର ଟେର୍ ପାଉନାହିଁ । ଶିକାରୀ କେଉଁଠି ଫାଶ ପକାଇ, ବିଦ୍ୟୁତ୍ ତାର ବିଛାଇ ଓ ବନ୍ଧୁକରେ ଶିକାର କରୁଛନ୍ତି । ସେହିପରି କୁକୁର ଲଗାଇ ମଧ୍ୟ ପଶୁ ଶିକାର ଚାଲିଛି। ଅନ୍ୟପକ୍ଷେ ଗ୍ରୀଷ୍ମ ପ୍ରବାହ ସମୟରେ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଜନବସତି ମୁହାଁ ହେଉଥିବା ବନ୍ୟପ୍ରାଣୀଙ୍କୁ ଶିକାର କରିବା ସହଜ ହେଉଛି । ଏଥିପାଇଁ ଶିକାରୀମାନେ ବନ୍ୟପ୍ରାଣୀ ଆସୁଥିବା ବିଭିନ୍ନ ଜଳାଶୟକୁ ଟାର୍ଗେଟ କରୁଛନ୍ତି । ଶିକାର ହେଉଥିବା ବିଭିନ୍ନ ବନ୍ୟପ୍ରାଣୀ ମଧ୍ୟରେ ବାର୍‌ହାଙ୍କ ସଂଖ୍ୟା ଅଧିକ ରହୁଛି।

ମାଳ ସଂରକ୍ଷିତ ଜଙ୍ଗଲର ବନ୍ଧମୁଣ୍ଡା, ଶଙ୍ଖଯୋଡ଼ି, ନେଳିପଡ଼ା, ଭେଟବର, ବଜ୍ରକୋଟ ଅଞ୍ଚଳ ପରି ରଣପୁର ରେଞ୍ଜର ବିଭିନ୍ନ ଜଙ୍ଗଲରେ ଶମ୍ବର, କୁଟୁରା, ହରିଣ, ବାର୍‌ହା ଶିକାର ଚାଲିଛି। ପ୍ରାୟ ୧ମାସ ମଧ୍ୟରେ ମାଳ ସଂରକ୍ଷିତ ଜଙ୍ଗଲରୁ ୩ ଶମ୍ବର, ୨ କୁଟୁରା, ୧ ହରିଣ, ୧୨ ବାର୍‌ହା ଫାଶ, ବିଦ୍ୟୁତ୍ ଓ ଗୁଳିରେ ଶିକାର ହୋଇଥିବା ବେସରକାରୀ ସୂତ୍ରରୁ ସୂଚନା ମିଳିଛି। ସେହିପରି ଓଡ଼ଗାଁ ରେଞ୍ଜର ଗୋଛା, ଗୟଳସିଂହ ଜଙ୍ଗଲରେ ଅନୁରୂପ ଭାବେ ଶିକାର ଚାଲିଛି । ସେଠାରେ ବେଶି ବାର୍‌ହା ଶିକାର ହେଉଛି । ପୁଣି ଗଜେନ୍ଦ୍ରାପଲ୍ଲୀ, ଚୋରାଖୋଲ, ହଳଙ୍ଗାପଲ୍ଲୀ, ଚେମେଡ଼ି, ବାଣ୍ଟପୁର, କୁରାଡ଼ିଘଷା ଅଞ୍ଚଳରେ ଅନୁରୂପ ଭାବେ ଶିକାର ହେଉଛି । ଓଡ଼ଗାଁ ରେଞ୍ଜର ରଙ୍ଗଣୀପାଟଣା ଛକରେ ଜଙ୍ଗଲୀ ମାଂସ ସବୁବେଳେ ମିଳୁଛି । ଏଠାରେ ଗୋଟିଏ ଶିକାରୀ ଦଳ ବହୁ ଦିନ ହେଲା ଅବାଧରେ ଜଙ୍ଗଲ ମାଂସ ବିକ୍ରିକରି ଆସୁଛନ୍ତି । ସେହିପରି ବାଘୁଆ ଛକରେ ଅନୁରୂପ ଭାବେ ଜଙ୍ଗଲୀ ମାଂସ ମିଳୁଛି । ଶରଣକୁଳ ଭଣ୍ଡାର ମୁଣ୍ଡିଆରୁ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଇ ମାଂସ ବିକ୍ରି ହେଉଛି । ଗଞ୍ଜାମରୁ ହରିଣ ମାଂସ ଓଡ଼ଗାଁ, ପଞ୍ଚରିଡ଼ା, ବଡ଼ପୁଟ, ଶରଣକୁଳ ଅଞ୍ଚଳରେ ବିକ୍ରି ହେଉଛି । ଗୋଡିପଡ଼ା ଅଞ୍ଚଳରେ ହରିଣ, ବାର୍‌ହା, ଶମ୍ବର ମାଂସ ବିକ୍ରି ହେଉଛି । ଖୋର୍ଦ୍ଧା ଜିଲାର ବରବରା, ଧୂଆଁନଳୀ ଜଙ୍ଗଲ ସହ ରଣପୁରର ବିଭିନ୍ନ ଜଙ୍ଗଲରୁ ଜଙ୍ଗଲ ମାଂସ ଗୋଡ଼ିପଡ଼ାକୁ ଆସୁଛି । ମହୀପୁର ରେଞ୍ଜର ହାତୀମୁଣ୍ଡା, ପାଲଭାରେ ଶିକାରକୁ ରୋକିବା କାଠିକର ପାଠ ହୋଇଛି । ପୁଣି ରଗଡ଼ିମଡ଼ା, ମିନା ଗାଡିଆ, ଗୁମି, ସିଙ୍ଗାରପୁର, କୋଶଳାଙ୍ଗ ଅଞ୍ଚଳରେ ଅନୁରୂପ ଭାବେ ଶିକାର ହେଉଛି। ଗଣିଆର ବାଇଶିପଲ୍ଲୀ ଅଭୟାରଣ୍ୟ ଭିତରେ ଶିକାର ଚାଲିଛି । ପୁଣି ମଣିଭଦ୍ରା, ସାତପୁରୀ ଜଙ୍ଗଲରୁ ହରିଣ ଶିକାର ବଢ଼ି ଚାଲିଛି । କଟକ ଜିଲା ନରସିଂହପୁର ଅଞ୍ଚଳର କେତେଜଣ ଶିକାରୀ ହରିଣ ଶିକାର କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବା ସହ ନରସିଂହପୁର ଅଞ୍ଚଳରେ ବିକ୍ରି କରୁଥିବାର ଅଭିଯୋଗ ହୋଇଛି।

ଗତ କିଛି ମାସ ତଳେ ଗଣିଆ ନନ୍ଦନ ହୋଟେଲରେ ଜଙ୍ଗଲ ମାଂସ ବିକ୍ରି ହେବା ନଜିର ରହିଛି । ହୋଟେଲର ମାଲିକଙ୍କ ଘରୁ ଜଙ୍ଗଲୀ ମାଂସ ଜବତ ସହ ବାପପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ପୁଣି ଗଣିଆର ବିଞ୍ଝଗିରି ଜଙ୍ଗଲରେ ଶିକାରୀଙ୍କ ରାଜ୍ ବଢ଼ି ଚାଲିଛି । ଛାମୁଣ୍ଡିଆ, ବଡ଼ସିଲିଙ୍ଗା, କରଡ଼ାପଡ଼ା, ବଡ଼ମୂଳରେ ଶିକାର ଚାଲିଛି । ଭାପୁର ବ୍ଲକର ବାଇଗୁଣିଆ, ବାନ୍ଦେରା ଶାଳ ଜଙ୍ଗଲରେ ଚଉଶିଙ୍ଗା, ବାର୍‌ହା, ହରିଣ ଶିକାର ବଢ଼ିଛି । ସେହିଭଳି ଖଣ୍ଡପଡ଼ା ଗୋହିରିଆପଡ଼ା, କିଆଝର ଜଙ୍ଗଲରେ ଅନୁରୂପ ଶିକାର ଚାଲିଛି । ଜିଲାରେ ମୋଟାମାଟି ଭାବେ ଶିକାରୀ ସକ୍ରିୟ ହୋଇ ପଡ଼ିଥିବାବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇପାରୁ ନାହିଁ। ବିଭିନ୍ନ ସମୟରେ ବନ ବିଭାଗ ପକ୍ଷରୁ ଧରପଗଡ଼ ହେଉଛି। ଏପରିକି ଶିକାରୀଙ୍କୁ ଗିରଫ ସହ ଜଙ୍ଗଲ ମାଂସ ଜବତ କରାଯାଇଛି । ହେଲେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଶିକାରୀ ଓ ଶିକାରକୁ ରୋକିପାରୁ ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି । ଏନେଇ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ଚଢ଼ାଉ କରାଯାଇ ଶିକାରୀ ଓ ବନ୍ୟ ପ୍ରାଣୀ ମାଂସ ଜବତ କରାଯାଉଛି । ପୁଣି ବନ୍ଧୁକ ବି ଜବତ ହେଉଛି । ଶିକାରୀଙ୍କୁ ଧରପଗଡ଼ ପାଇଁ ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ପୁଣି ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି ।

## ବନ୍ଧୁକ ଫାଶ ପକାଇ ଶିକାରୀ ଗିରଫ



**ନୟାଗଡ଼ ଅଫିସ,୩୦।୫:** ଜଳାଶୟ ନିକଟରେ ବନ୍ଧୁକ ଫାଶ ପକାଇ ଶିକାର କରିବା ଅଭିଯୋଗରେ ପଞ୍ଚରିଡା ରେଞ୍ଜ ଦର୍ପନାରାୟଣପୁର ଫରେଷ୍ଟର ପକ୍ଷରୁ ଇଟାମାଟି ଥାନା ଆନନ୍ଦାପଲ୍ଲୀ ଗାଁର ତ୍ରିନାଥ ପ୍ରଧାନ(୫୮)ଙ୍କୁ ରବିବାର ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତ୍ରିନାଥଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ତ୍ରିନାଥ ଶୁକରମଲ୍ଲ ଜଙ୍ଗଲରେ ଥିବା ଜଳାଶୟ ନିକଟରେ ବନ୍ଧୁକ ଫାଶ ପକାଇ ବନ୍ୟପ୍ରାଣୀଙ୍କୁ ଅପେକ୍ଷା କରିଥିଲେ । କୌଣସି ପ୍ରାଣୀ ଉକ୍ତ ଫାଶରେ ବନ୍ଧା ହୋଇଥିବା ଦଉଡ଼ିକୁ କୁଦିବାମାତ୍ରେ ବନ୍ଧୁକରୁ ଗୁଳି ଫୁଟିଥାଏ । ସେହି ଗୁଳିରେ ବନ୍ୟପ୍ରାଣ ମରିଥାଏ । ଏ ସଂକ୍ରାନ୍ତରେ ବନବିଭାଗ ସୂଚନା ପାଇବା ପରେ ସେଠାରେ ଚଢ଼ାଉ କରି ଶିକାରୀଙ୍କୁ ଗିରଫ ସହିତ ବନ୍ଧୁକ ଜବତ କରିଛି ।

## ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼



ନୀଳମାଧବ ମନ୍ଦିରରେ ଥିବା ଲକ୍ଷ୍ମୀନାରାୟଣ ପୀଠରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

**ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.)**

ସୋମବାର ସାବିତ୍ରୀ ବ୍ରତ ପାଇଁ ଖଣ୍ଡପଡ଼ା ଓ ତା'ର ଆଖପାଖ ଅଞ୍ଚଳରେ ଥିବା ମନ୍ଦିରରେ ଭୋରୁ ମହିଳାମାନଙ୍କ ଭିଡ଼ ଜମିଥିଲା । ମର୍ଦ୍ଦରାଜପୁର, ବେଣାଗାଡିଆ, ଖଳିସାହି, କୋସକା, ଢୋଲମରା, ସିଧାମୂଳା ଆଦି ଅଞ୍ଚଳର ସଧବା ନାରୀମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଗ୍ରାମ ନିକଟସ୍ଥ ବିଭିନ୍ନ ମନ୍ଦିରକୁ ଯାଇଥିଲେ । ଅନେକ ବ୍ରତଧାରୀ ନୂଆ ଶାଢ଼ି, ଶଙ୍ଖା ଓ ପୂଜା ସାମଗ୍ରୀ ଧରି ଶୈବପୀଠରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ବ୍ରତଧାରୀମାନେ ସ୍ୱାମୀଙ୍କ ସୁରକ୍ଷା ଓ ମଙ୍ଗଳ କାମନା କରିଥିଲେ । କଣ୍ଟିଲୋ ନୀଳମାଧବ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀନାରାୟଣଙ୍କ ମନ୍ଦିରରେ ବି ମହିଳାମାନେ ପୂଜାର୍ଚ୍ଚନା କରିଥିଲେ ।

## ଚୋରି ଘଟଣାରେ ଅଭିଯୁକ୍ତ ଜେଲ ଗଲେ

**ନୟାଗଡ଼ ଅଫିସ,୩୦।୫**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା କ୍ୱାର୍ଟର୍ସରୁ ବିଭିନ୍ନ ଉପକରଣ ଚୋରି କରି ଗିରଫ ହୋଇଥିବା ସଦର ଥାନା କାଦୁଆ ଗାଁର ଆକୁଳି ଜେନା(୨୬)ଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଆକୁଳିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆକୁଳି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦିଅଁ, ରୋଷେଇ ଓ ଶୌଚାଳୟରୁ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଥିଲେ। କେତେଜଣ ଶ୍ରମିକ ଆକୁଳିଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରି ଏକ ମାମଲା (ନଂ.୮୧/୨୨) ରୁଜୁ କରି ତଦନ୍ତ କରିଥିଲା ।

## ଦଶପଲ୍ଲାରେ ସାବିତ୍ରୀ ବ୍ରତ ପାଳିତ

**ଦଶପଲ୍ଲା, ୩୦।୫ (ଡି.ଏନ୍.ଏ.)**

ଦଶପଲ୍ଲା ଓ ତାର ଆଖପାଖ ଅଞ୍ଚଳରେ ଥିବା ମନ୍ଦିରରେ ସୋମବାର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି । ଏଥିପାଇଁ ସକାଳୁ ମହିଳାମାନେ ବିଭିନ୍ନ ଭୋଗସାମଗ୍ରୀ ଧରି ମନ୍ଦିରରେ ପହଞ୍ଚି ଥିଲେ । ସେମାନେ ନିଜ ସ୍ୱାମୀଙ୍କ ଶୁଭ ମନାସୀ ପୂଜାର୍ଚ୍ଚନା କରିବା ସହିତ ବ୍ରତ ଧାରଣ କରିଥିଲେ । ଆଉ କେତେଜଣ ମହିଳା ନିଜ ଘର ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରିବ ସହିତ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

## ପୋତି ହେଲାଣି ଡ୍ରେନ୍, ରାସ୍ତାରେ ଚାଲୁଛି ନର୍ଦ୍ଦମା ପାଣି

- ପଙ୍କ ଉଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉନି
- ମଶାଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଲାଣି

**ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.)**

କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍‌ଗୁଡ଼ିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଗଲାଣି । ଫଳରେ ଅଧିକାଂଶ ସମୟରେ ନାଳ ପାଣି ରାସ୍ତା ଉପରେ ଚାଲିଛି । ଏପରି ସ୍ଥିତିରେ ସେହି ଅଞ୍ଚଳର ପରିବେଶ ପ୍ରଦୂଷିତ ହୋଇପଡିଛି ବୋଲି ଅଭିଯୋଗ ହୋଇଛି । କେତେକ ସ୍ଥାନରେ ଭାରି ବର୍ଜ୍ୟବସ୍ତୁରେ ନାଳଗୁଡ଼ିକ ପୋତି ହୋଇ ପଡିଥିଲେ ମଧ୍ୟ ସଫା କରାଯାଉ ନାହିଁ। ଏଥିଯୋଗୁ ଆବର୍ଜନା ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ମଶାଙ୍କ ସଂଖ୍ୟା ବଢ଼ି ଚାଲିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।

କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ସାହି ବସ୍ତି ଓ ରାସ୍ତା କଡରେ ଥିବା ଡ୍ରେନଗୁଡିକ ସଫା କରାଯାଉନାହିଁ । ବିଶେଷକରି କଣ୍ଟିଲୋ ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବ ପଛପାଖ ତଥା ୨ ଓ ୩ନଂ. ୱାର୍ଡରେ ଥିବା ଡ୍ରେନ୍ ଅଳିଆ ଆବର୍ଜନାରେ ପୋତି ହୋଇପଡିଛି । ଫଳରେ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଛି। କଣ୍ଟିଲୋ ଏକ ପର୍ଯ୍ୟଟନ ସ୍ଥଳ ତଥା କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏଥିପାଇଁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଓ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳକୁ ଆସିଥାନ୍ତି । ନୀଳମାଧବ ଜୀଉ ମନ୍ଦିରକୁ ଯିବାର ରାସ୍ତା ପାର୍ଶ୍ୱରେ ଥିବା ଏହି ପୂତିଗନ୍ଧମୟ ନର୍ଦ୍ଦମା ସେମାନଙ୍କ ମନରେ ଏକ ନକାରାତ୍ମକ ପ୍ରଭାବ ପକାଉଛି । ପଞ୍ଚାୟତ ପକ୍ଷରୁ ଏହି ଆବର୍ଜନା ସଫେଇ ଦିଗରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ଜରୁରୀ ହୋଇପଡିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିମଳ ଶୁଦ୍ଧତା ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଏ ସମ୍ପର୍କରେ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସହ ଯୋଗାଯୋଗ କରିବାରେ ନୂତନ କରି ଗଠନ ହୋଇଥିବା ପଞ୍ଚାୟତ ପାଣ୍ଠିରେ କେତେ ଟଙ୍କା ମହଜୁଦ ଅଛି ଆମକୁ ଅବଗତ କରାଯାଇନାହିଁ । ଗତ ପଞ୍ଚାୟତ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଥିଲେ । ୨୫ ୱାର୍ଡକୁ ନେଇ ଗଠିତ ଉକ୍ତ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଡ୍ରେନ ଥିବାରୁ କେଉଁ ଡ୍ରେନଗୁଡିକ ସଫା କରାଯିବାର ଆବଶ୍ୟକତା ରହିଛି ଏହାକୁ ଅନୁଧ୍ୟାନ କରାଯିବ । ଏଥିପାଇଁ ୭ଜଣ ୱାର୍ଡ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହି କମିଟି ରିପୋର୍ଟ ଦେବା ପରେ ଡ୍ରେନ ସଫା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ଗୋଛି ସୂଚନା ଦେଇଛନ୍ତି ।



ଆବର୍ଜନା ଭର୍ତ୍ତି ନାଳ ସଫା କରାଯାଉନାହିଁ । ରାସ୍ତାରେ ପାଣି ଜମିଛି ।

## ୨ମାସ ହେଲା ବିଏସ୍‌ଏନ୍‌ଏଲ୍ ଟାୱାର ଅଚଳ

- ସେବା ନ ପାଇ ଚିନ୍ତାରେ ଉପଭୋକ୍ତା
- ଡିଜିଟାଲ ଇଣ୍ଡିଆ ଯୋଜନା ଫେଲ୍

**ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଗଡ଼ିଆସାହି ଛକରେ ଥିବା ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାରଟି ଗତ ୨ମାସ ହେଲା ଅଚଳ ଅବସ୍ଥାରେ ରହିଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଅବଗତ ଥିଲେ ମଧ୍ୟ କାର୍ଯ୍ୟକ୍ଷମ ପାଇଁ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ଉପରେ ଗୁରୁତ୍ୱାରୋପ କରୁଥିଲେ ମଧ୍ୟ ଉପରୋକ୍ତ ଅଞ୍ଚଳରେ ଲିଙ୍କ୍ ଫେଲ୍ ଯୋଗୁ ସେହି ଯୋଜନାର ସଫଳ ରୂପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଉପଭୋକ୍ତାମାନେ ବିଏସ୍‌ଏନ୍‌ଏଲ୍‌ରୁ ଆବଶ୍ୟକ ସେବା ନ ପାଇବାରୁ ବାଧ୍ୟହୋଇ ଅନ୍ୟ ନେଟ୍‌ୱର୍କ ଉପରେ ନିର୍ଭର କରୁଛନ୍ତି । ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଜଙ୍ଘାଶୁଣା ଗଡ଼ିଆସାହି, ସିଂଘାପଡ଼ା, କିଆଝର ଅଞ୍ଚଳର ମୋବାଇଲ ଉପଭୋକ୍ତାମାନଙ୍କୁ ସେବା ଯୋଗାଇଦେବାର ମହତ୍ ଲକ୍ଷ୍ୟ ନେଇ ୨୦୧୪ରୁ ଏହି ବିଏସ୍‌ଏନ୍‌ଏଲ୍ ଟାୱାରଟି ପ୍ରତିଷ୍ଠା ହୋଇଥିଲା । ବିଏସ୍‌ଏନ୍‌ଏଲ୍ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ଟାୱାରଟିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।



ଅଚଳ ବିଏସ୍‌ଏନ୍‌ଏଲ୍ ଟାୱାର ।

## ନନ୍ଦିଘୋର ବିଶ୍ୱଶାନ୍ତି ଯଜ୍ଞ କମିଟି ପୁନର୍ଗଠିତ

**ଓଡ଼ଗାଁ,୩୦।୫(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ନନ୍ଦିଘୋର ଗ୍ରାମରେ ସାମୂହିକ ବିଶ୍ୱଶାନ୍ତି ଯଜ୍ଞ କମିଟି ପୁନର୍ଗଠିତ ହୋଇଛି। ମୁଖ୍ୟପୁରୋଧା ଭାଗୀରଥି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ କୈଳାସ ଚନ୍ଦ୍ର ଚୌଧୁରୀ ସଭାପତି, ରାମକୃଷ୍ଣ ପରିଡ଼ା ଉପସଭାପତି, ଗଜେନ୍ଦ୍ର ମହାରଣା ସମ୍ପାଦକ ଓ ବିଜୟ କୁମାର ମଣ୍ଡଳଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ଏହି କମିଟି ଗ୍ରାମବାସୀଙ୍କ ସହଯୋଗକ୍ରମେ ଆଗାମୀ ୫ ବର୍ଷ ନିମନ୍ତେ କାର୍ଯ୍ୟ କରିବ । ଏହି କ୍ରମରେ ଆସନ୍ତା ୧୦ ତାରିଖରୁ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇ ୧୩ରେ ପୂର୍ଣ୍ଣାହୁତି ହେବ ବୋଲି ସମ୍ପାଦକ ମହାରଣା ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟପୁରୋଧା ତ୍ରିପାଠୀ ଯଜ୍ଞ କମିଟିକୁ ୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି ।

**India Tourism Development Corporation Ltd.**
(A Government of India Undertaking)
SCOPE Complex, Core-8, 6th Floor, 7-Lodhi Road, New Delhi-110003

**ଇ-ଟେଣ୍ଡର ବିଜ୍ଞପ୍ତି**

ବିଷୟ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱରଠାରେ ଅଗ୍ନି ଚିହ୍ନଟ ଓ ଅଗ୍ନି ନିର୍ବାପନ ପ୍ରଣାଳୀର ଏସ୍‌ଆଇଟିସି ନିମନ୍ତେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି ।

| | |
|---|---|
| ଅଟକଳ ମୂଲ୍ୟ | : ଟ.୭୫,୬୫,୭୮୬.୦୦ |
| ଇଏମ୍‌ଡି | : ଟ.୧,୫୧,୩୧୬.୦୦ |
| ଟେଣ୍ଡର ବିକ୍ରୟ ଆରମ୍ଭ ତାରିଖ | : ତା୩୧।୦୫।୨୦୨୨ରିଖ |
| ଟେଣ୍ଡର ଦାଖଲର ଶେଷ ତାରିଖ | : ତା୧୪।୦୬।୨୦୨୨ରିଖ, ୧୬.୦୦ ଘଟିକା ପର୍ଯ୍ୟନ୍ତ |
| ଟେଣ୍ଡର ଖୋଲାଯିବା ତାରିଖ | : ତା୧୫।୦୬।୨୦୨୨ରିଖ, ୧୬.୦୦ ଘଟିକାରେ |

ଅଧିକ ବିବରଣୀ ପାଇଁ, ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ:- https://etenders.gov.in/eprocure/app ଏବଂ www.itdc.co.in କିମ୍ବା ଡିଜିଏମ୍ (ଇଂ.): ୦୧୧-୨୪୩୦୭୫୨୯/ମ୍ୟାନେଜର(ଇଆଣ୍ଡଏମ୍): ୦୧୧-୨୪୩୦୭୫୨୬/୫୦୮
ଦ୍ରଷ୍ଟବ୍ୟ: ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରରେ ଉଲ୍ଲିଖିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
One stop solution for all your Travel, Tourism and Hospitality needs

## ଅର୍ଥ ଅଭାବରୁ ଉଚ୍ଚତର ଚିକିତ୍ସାରୁ ବଞ୍ଚିତ ଦମ୍ପତି

- ସ୍ତ୍ରୀ ମଧୁମେହ,ସ୍ୱାମୀ କିଡ୍‌ନୀ ରୋଗରେ ଆକ୍ରାନ୍ତ

**ଦଶପଲ୍ଲା,୩୦।୫(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକ୍ ଘୁଗୁଡ଼ିପଡ଼ା ପଞ୍ଚାୟତ ମର୍ଦ୍ଦାବାଡ଼ି ଗ୍ରାମର ବିଶ୍ୱନାଥ ନାୟକଙ୍କ ଭଲ ଘରଟିଏ ନାହିଁ । ଛପର ନ ଥିବା ବଖରାଏ ଘରେ ତାଙ୍କ ପରିବାର ଦିନ କାଟନ୍ତି । ଦୁଇ ପୁଅ ବିଜୟ ଓ ସଞ୍ଜୟ ପର ପାଖରେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ଘରେ ଚଳେ । ଏପରି ସ୍ଥିତିରେ ବିଶ୍ୱନାଥ ଏବେ ଖଟରେ ପଡ଼ିରହିଛନ୍ତି । ୨୦୧୯ରୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ବିଶ୍ୱନାଥ ଆର୍ଥିକ ଅନଟନ ଯୋଗୁ ଉଚ୍ଚତର ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି । ରୋଗର ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ୨ ପୁଅ ଦଶପଲ୍ଲା, ନୟାଗଡ଼ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଭୁବନେଶ୍ୱର ଓ କଟକ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । ଏମିତି କିଛିଦିନ ଚାଲିବା ପରେ ଘରେ ସଞ୍ଚିତ ଥିବା ଟଙ୍କା ସରିଗଲା । ବାପାଙ୍କୁ ଡାକ୍ତରଖାନା ନେବା ଆଣିବା କରୁଥିବା ୨ ପୁଅ କାମକୁ ନ ଯିବାରୁ ଘରେ ଚୁଲି ଜଳିବା ବନ୍ଦ ହୋଇଯାଇଥିଲା । ଏହାପରେ ବିଶ୍ୱନାଥଙ୍କ ଚିକିତ୍ସାରେ ବାଧା ଉପୁଜିଥିଲା । ଅର୍ଥାଭାବ ଦେଖି ବିଶ୍ୱନାଥ ବି ଭାଗ୍ୟକୁ ଆଦରି ଘରେ ପଡ଼ିରହିବାକୁ ବାଧ୍ୟ ହୋଇଥିଲେ । ଏତିକିରେ ବିଶ୍ୱନାଥଙ୍କ ଦୁଃଖ କାହାଣୀ ସରି ନ ଥିଲା । ବିଶ୍ୱନାଥଙ୍କ ସେବା କରୁଥିବା ସ୍ତ୍ରୀ ଉମା ବି ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ । ଆର୍ଥିକ ସଙ୍କଟ ଯୋଗୁ ତାଙ୍କର ବି ଉପଯୁକ୍ତ ଚିକିତ୍ସା ହୋଇପାରି ନ ଥିଲା । ଫଳରେ ସେଦିନକୁ ଦିନ ଦୁର୍ବଳ ହୋଇପଡ଼ିଥିଲେ । ପରିସ୍ଥିତି ଏପରି ହୋଇଛି ଯେ, ଉମା ନିଜର ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇ ସାରିଲେଣି । ଏହି ଦଳିତ ପରିବାର ଉପରେ ଗୋଟିଏ ପରେ ଗୋଟିଏ ଦୁଃଖ ବୋଝ ଉପରେ ନଳିତା ବିଡ଼ା ପରି ମାଡ଼ି ବସିଛି । ସରକାରୀ ସହାୟତା ମିଳିଲେ ବିଶ୍ୱନାଥ ଓ ଉମାଙ୍କ ଚିକିତ୍ସା ହୋଇପାରିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ମା'ବାପାଙ୍କ ଚିକିତ୍ସା ପାଇଁ ପୁଅ ବିଜୟ ବି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି ଓ ସରକାରୀ ସହାୟତା ନିମନ୍ତେ ନିବେଦନ କରିଛନ୍ତି । ଏହି ପରିବାରକୁ ସହାୟତାର ହାତ ବଢାଇଛି ସାମାଜିକ ଯୁବ ସଙ୍ଗଠନ ଖଣ୍ଡଗିରି । ସଙ୍ଗଠନର କର୍ମକର୍ତ୍ତା ବିଶ୍ୱନାଥଙ୍କ ଘରେ ପହଞ୍ଚି ଚୁଡ଼ା, ଚାଉଳ ସମେତ ବିଭିନ୍ନ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି ।



ଉଚ୍ଚତର ଚିକିତ୍ସା ଅଭାବରୁ ଘରେ ଥିବା ବିଶ୍ୱନାଥ ନାୟକ ।

**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes

- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering

Information Brochure and details of the programmes are available in the Institute Website.

Phone : 0674 - 2653305/2653308
E-mail : admission@iiit-bh.ac.in
Home page : www.iiit-bh.ac.in

IIIT Bhubaneswar, Gothapatna, PO: Malipada
Bhubaneswar-751003, India

## ସଂକ୍ଷେପରେ

### ୩ ଦିନିଆ ଗୀତା ଜ୍ଞାନଯଜ୍ଞ ଶେଷ



**କେନ୍ଦ୍ରାପଡ଼ା ଅଫିସ, ୩୦।୫:** କେନ୍ଦ୍ରାପଡ଼ା ସହର ଚାଟରାପାଟଣାସ୍ଥିତ ରାଧାଗୋବିନ୍ଦ ଜୀଉ ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ୩ଦିନିଆ ଗୀତା ଜ୍ଞାନଯଜ୍ଞ ସୋମବାର ପୂର୍ଣ୍ଣାହୁତି ହୋଇଛି। ଏହି ଗୀତା ଜ୍ଞାନଯଜ୍ଞକୁ ହରିହରାନନ୍ଦ ଗୁରୁକୁଳମ୍‌ର ବରିଷ୍ଠ ସନ୍ଥ ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ପ୍ରଦୀପ ଶୁଭାରମ୍ଭ କରିଥିଲେ। ସ୍ୱାମୀ ସୁଗୀତାନନ୍ଦ ଗିରି ଗୀତାର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଭଗବତ୍ ଗୀତା ଏକ ମାର୍ଗଦର୍ଶିକା ଭାବେ ଆମ ଜୀବନକୁ ଗତିଶୀଳ କରିବା ପାଇଁ ପ୍ରଜୁଜ୍ୟ ବୋଲି ମତ ଦେଇଥିଲେ। ପ୍ରମୁଖ ପ୍ରବକ୍ତା ସ୍ୱାମୀ ଦେବପ୍ରୀୟାନନ୍ଦ ଗିରି ଧର୍ମ ଶବ୍ଦରୁ ଭଗବତ୍ ଗୀତାର ଆରମ୍ଭ ବୋଲି ସୂଚାଇ ଦେଇ ମଣିଷ ଜୀବନର ପ୍ରକୃତ ଧନ ହେଉଛି ଧର୍ମ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଭଗବତ୍ ଗୀତା ଏକ ଯୋଗ ଶାସ୍ତ୍ର ବୋଲି ସୂଚନା ଦେଇ ମଣିଷ ଶରୀରର ଏକ ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିନୋଦ ବିହାରୀ ଜୀଉ ଭଜନ କମିଟି ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ଆର୍ଶିବଚନ ପ୍ରଦାନ କରିଥିଲେ। ୩ ଦିନିଆ ଗୀତା ଜ୍ଞାନଯଜ୍ଞକୁ ସ୍ୱାମୀ ବ୍ରହ୍ମାନନ୍ଦ ଗିରି ପରିଚାଳନା କରିଥିଲେ। ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି, ପ୍ରସନ୍ନ ମଲ୍ଲ, ଉମାକାନ୍ତ ପରିଡା, କୁଳମଣୀ ଦାସ, ଶ୍ରୀକାନ୍ତ ରାଉତ, ସୁଜିତ୍ ପାତ୍ର, ବ୍ରହ୍ମଚାରୀ ତତ୍ତ୍ୱାନନ୍ଦ, ବ୍ରହ୍ମଚାରୀ ଦିବ୍ୟାନନ୍ଦ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ



**ଡେରାବିଶ, ୩୦।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗଠାରେ ଥିବା ମା' ପଙ୍ଗଳେଶ୍ୱରୀଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଏହି ଅବସରରେ ବୁଧବାର ଶୁଭାଧିବାସ ପରେ ଗୁରୁବାର ସକାଳେ ନିକଟସ୍ଥ ଗୋବରୀ ନଦୀରୁ ୧୦୮ କଳସ ପୂଜା କରାଯାଇ ଶୋଭାଯାତ୍ରା ମଧ୍ୟରେ ଆସି ଯଜ୍ଞମଣ୍ଡପରେ ସ୍ଥାପନା କରାଯାଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋପୂଜା ଓ ଚଣ୍ଡୀପାଠ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସଙ୍କୀର୍ତ୍ତନ ମା'ଙ୍କ ପୀଠକୁ ଭକ୍ତିମୟ କରିଥିଲା। ସୋମବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାଧୁ ଶ୍ରୀଧର ଦାସଙ୍କ ସମେତ ତିଲଙ୍ଗ ଗ୍ରାମବାସୀ ଏହି ଧର୍ମୀୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ଗ୍ରାମର ସୁଧୀର ସାହୁ ଓ ପ୍ରାଚୀସ୍ମିତା କର୍ତ୍ତାକର୍ତ୍ତ୍ରୀ ଭାବେ, ଅନନ୍ତ କିଶୋର ରାଉତ, ଅନ୍ନପୂର୍ଣ୍ଣା ଉପକର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଏନ୍‌ଜିଟି ନିୟମ ମାନୁନାହାନ୍ତି ବ୍ୟବସାୟୀ

କେନ୍ଦ୍ରାପଡ଼ା ଅଫିସ, ୩୦।୫

- ବିନା ଏନ୍‌ଓସିରେ ଚାଲିଛି ଇଟାଭାଟି
- ଲଘୁ ଖଣିଜ ସମ୍ପଦ ଚୋରି ହେଉଥିବା ଅଭିଯୋଗ
- ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି ଇଟାଭାଟି ତାତି

କେନ୍ଦ୍ରାପଡ଼ା ଜିଲାରେ ଇଟାଭାଟି ଓ ବାଲି ଚୋରାଚାଲାଣ ଲାଗି ନଦୀଶଯ୍ୟାକୁ ଖୋଳାଯାଉଛି। ଏନ୍‌ଓସି ନ ଥାଇ ଅବାଧରେ ବାଲି ଚାଲାଣ ହେଉଛି। ବେଆଇନ ଲଘୁ ଖଣିଜ ସମ୍ପଦ ଚାଲାଣ ଯୋଗୁ ରାଜକୋଷକୁ ରାଜସ୍ୱ ମିଳୁ ନ ଥିବା ବେଳେ ଏନ୍‌ଓସି ବିନା ଶତାଧିକ ଇଟାଭାଟି ପ୍ରସ୍ତୁତ ହେଉଛି। ଶିଶୁ ଶ୍ରମିକ ନିୟୋଜନ, ବାୟୁ ପ୍ରଦୂଷଣ ପ୍ରତି କାହାରି ଧ୍ୟାନ ନାହିଁ। ଏପରି କି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ ଭାବେ ମାଲିକମାନେ ଇଟାଭାଟି ପ୍ରସ୍ତୁତ କରୁଛନ୍ତି। ଖରା ସହ ଇଟାଭାଟି ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ଦର୍ଶାଇ ଗତ ୨୭ରେ ହେନ୍ତାଳ ବନ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି।

ଏ ସମ୍ପର୍କରେ ସଙ୍ଗଠନ ସଭାପତି ସତ୍ୟପ୍ରକାଶ ମହାନ୍ତି କହିଛନ୍ତି, ଜିଲାର ନଦୀଶଯ୍ୟା ଏହି ବ୍ୟବସାୟୀଙ୍କ ନଜରରେ ଅଛି। ମାଟି, ବାଲି ପରି ଲଘୁ ଖଣିଜ ସମ୍ପଦ ପ୍ରତ୍ୟହ ଚୋରି ହେଉଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ଆଇନ ୧୯୮୬, ଅଗ୍ନିଶମ ବିଭାଗ, ଶ୍ରମ ବିଭାଗ, ରାଜସ୍ୱ ବିଭାଗ ଆଦି ଏହି ବେଆଇନ ଇଟାଭାଟି ଉପରେ ରୋକ ଲଗାଇ ପାରୁନାହାନ୍ତି।



କେନ୍ଦ୍ରାପଡ଼ା ବ୍ଲକ ଦୂତିଆଳରେ ଏକ ଇଟାଭାଟିରୁ ଧୂଆଁ ବାହାରୁଛି।

ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ବିନା ଅନୁମତିରେ ମାଟି ଇଟା ପ୍ରସ୍ତୁତ କରିବା ଓ ପୋଡ଼ିବା ବେଆଇନ। ଏହାସତ୍ତ୍ୱେ ଶତାଧିକ ଇଟାଭାଟି ଯୋଗୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହେଉଛି। ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କହିଛନ୍ତି, ଖରା ସହ ଇଟାଭାଟି ତାତି ଲୋକଙ୍କୁ ଅସହ୍ୟ କରୁଛି। ଇଟାଭାଟିର ନିଆଁ, ଧୂଆଁ ଯୋଗୁ ତାତି ବଢୁଛି। ଧୂଆଁ ଯୋଗୁ ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି। ଏସବୁ ମିଶି ସ୍ଥାନୀୟ ଅଞ୍ଚଳରେ ବିଷମୟ ପରିବେଶ ସୃଷ୍ଟି କରୁଛି। ଡେରାବିଶ ବ୍ଲକ ବନ୍ଧପଡ଼ା ଗାଁର ଅକ୍ଷୟ ବେହେରା କହିଛନ୍ତି, କିଛିଦିନ ପୂର୍ବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଏକ ଅଭିଯୋଗପତ୍ର ଦିଆଯାଇଛି। ଅଭିଯୋଗ ମୁତାବକ, ତରଜଙ୍ଗା (ବାଲିଦିଆପାଟଣା)ର ଗୋଚର ଜମିରୁ କେତେଜଣ ବ୍ୟକ୍ତି ମାଟି ଉଠାଇ ଇଟା ପ୍ରସ୍ତୁତ କରିଛନ୍ତି। ଫଳରେ ଏହି ସ୍ଥାନରେ ପ୍ରାୟ ୩ରୁ ୪ ଫୁଟ ଗର୍ତ୍ତ ହୋଇଥିବାରୁ ଗୋଚାରଣରେ ସମସ୍ୟା ହେଉଛି। କେନ୍ଦ୍ରାପଡ଼ାର ଶୁଭେନ୍ଦୁ କୁମାର ଦାସ କୁହନ୍ତି, ଗୋଚର, ଅନାବାଦୀ, ବଗଚର, ନୟନଯୋରି, ନଦୀପଠା ଆଦିରୁ ଇଟାଭାଟି ମାଲିକମାନେ ମାଟି ଉଠାଉଛନ୍ତି। ତହସିଲଦାରଙ୍କ ନଜରକୁ ଏସବୁ ଆସୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ବାଲି, ମାଟି ବାବଦ ରାଜସ୍ୱ ରାଜକୋଷକୁ ମିଳୁନାହିଁ। ଇନ୍ଦୁପୁରର ଦେବାଶିଷ ଜେନା କୁହନ୍ତି, ଜିଲା ମଧ୍ୟ ଦେଇ ଯାଇଥିବା ନଦୀର ପଠା ଏବେ ଏପରି ବ୍ୟବସାୟୀଙ୍କ ପେଣ୍ଠସ୍ଥଳ ପାଲଟିଛି। ପଠା ଆଖପାଖରେ ବାଲିଆ ଦୋରସା ମାଟି ମିଳୁଥିବାରୁ ନଦୀଶଯ୍ୟା ଖଲଖମାରେ ପରିଣତ ହୋଇଛି। ଇଟାଭାଟି ମାଲିକମାନେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, କଲିକତାର ମେଦିନାପୁର, ବିହାରର ଛାପ୍ରା ଅଞ୍ଚଳର ଲୋକଙ୍କୁ ଏହି କାର୍ଯ୍ୟରେ ଲଗାଉଛନ୍ତି। ଏଥିରେ ଶିଶୁ ଶ୍ରମିକଙ୍କୁ ଦେଖିବାକୁ ମିଳୁଛି।

ଜଣୈକ ଇଟାଭାଟି ମାଲିକ କହିଛନ୍ତି, ଘର ନିର୍ମାଣ ପାଇଁ ଫ୍ଲାଇ ଆଶ୍ ଇଟା ଫ୍ୟାକ୍ଟ୍ରି ଜିଲାରେ କମ୍ ଥିବାରୁ ମାଟିନିର୍ମିତ ପୋଡ଼ା ଇଟାକୁ ସମସ୍ତେ ଆଦର କରୁଛନ୍ତି। ଏହାକୁ କୁଟିରଶିଳ୍ପର ମାନ୍ୟତା ମିଳିଲେ ଯୁବ ଶିଳ୍ପୋଦ୍ୟୋଗୀ ବାହାରିବା ସହ ଶ୍ରମିକଙ୍କ କର୍ମନିଯୁକ୍ତି ସମସ୍ୟାର ଆଶୁ ସମାଧାନ ହୋଇପାରିବ। ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଏନ୍‌ଜିଟିର ବାରଣ ସତ୍ତ୍ୱେ ବେଆଇନ ଇଟାଭାଟି ନିର୍ମାଣ ଚାଲିଛି। ପ୍ରଦୂଷଣ ବୋର୍ଡର ୧୯୮୬ ଆଇନ, ୨୦୦୫ରେ ନଦୀଶଯ୍ୟାର ୫୦୦ ମିଟର ମଧ୍ୟରେ ବାଲିଉଠାକୁ ବନ୍ଦ କରାଯାଇଛି। ଏ ନେଇ ଏକ ଜନସ୍ୱାର୍ଥ ମାମଲା କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

## ୭ ସମିତିରେ ନାମାଙ୍କନପତ୍ର ଦାଖଲ ଶେଷ

### ଡେରାବିଶରେ ସମବାୟ ସମିତି ନିର୍ବାଚନ

ଡେରାବିଶ, ୩୦।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ସୋମବାର ୭ଟି ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ପ୍ରତି ସମବାୟ ସମିତିରେ ୧୫ଟି ଲେଖାଏ ଜୋନ୍ ରହିଛି। ଏହିକ୍ରମରେ କାଉପଡ଼ା ସମବାୟ ସମିତିରେ ୧୭ ଜଣ ସଭ୍ୟ, ଦାନପୁରରେ ୩୪ଜଣ ସଭ୍ୟ, କୁଣିଆପାଳ ସମବାୟ ସମିତିରେ ୩୦ ଜଣ ସଭ୍ୟ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ରତାଦିଆ ଖଣ୍ଡସାହି ସମିତିରେ ୩୩ ଜଣ, ଗୋଲରାହାଟରେ ୩୫ ଜଣ, ରଘୁଦେଇପୁରରେ ୩୦ ଜଣ, ଏଣ୍ଡରରେ ୧୭ ଜଣ ସଭ୍ୟ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ଜିଲା ସମବାୟ ବିଭାଗ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି। ସମବାୟ ସମିତିରେ ଜୁନ୍ ୧୯ ତାରିଖରେ ନିର୍ବାଚନ ହେବା ପାଇଁ ତାରିଖ ଘୋଷଣା କରାଯାଇଛି। ୧୯ ତାରିଖ ନିର୍ବାଚନ ପାଇଁ ଦାଖଲ କରାଯାଇଥିବା ପ୍ରାର୍ଥୀପତ୍ରର ଯାଞ୍ଚ ପାଇଁ ଜୁନ୍ ୨ ତାରିଖ ଧାର୍ଯ୍ୟ କରାଯାଇଛି। ଜୁନ୍ ୫ରେ ପ୍ରାର୍ଥୀପତ୍ର ପ୍ରତ୍ୟାହର ପାଇଁ ତାରିଖ ଘୋଷଣା କରାଯାଇଛି।

# କାଳବୈଶାଖୀ ତାଣ୍ଡବରେ ଭାଙ୍ଗିଲା ଘର

ଆଳି,୩୦।୫(ଡି.ଏନ୍.ଏ.)

ଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ବିଳମ୍ବିତ ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହା ଏତେ ତୀବ୍ର ଥିଲା ଯେ, ଲୋକମାନଙ୍କ ଚାଳଛପର ଘର ଉଡାଇ ନେବା ସହିତ ଘର ଉପରୁ ଆଜ୍‌ବେଷ୍ଟସ ଭାଙ୍ଗି ଦେଇଛି। ଅନେକ ବଡ଼ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିରହିବା ସମେତ ବିଭିନ୍ନ ଲୋକଙ୍କ ଘର ଉପରେ ପଡିଛି। ପ୍ରଭାବରେ ଆଳି ବ୍ଲକ ନୂଆପଡା ପଞ୍ଚାୟତର ସନାତନ ସାମଲ, ରାଧୁଆ ସେଠୀ, ଶିଶିର ସାହୁ, ଶତ୍ରୁଘ୍ନ ବେହେରାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସୋମବାର ସକାଳେ ନୂଆପଡା ସରପଞ୍ଚ ପ୍ରତିନିଧି ରଞ୍ଜିତ ବେହେରା ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଲୋକମାନଙ୍କ ଘର ଉପରେ ଭାଙ୍ଗି ପଡ଼ିଥିବା ବଡ଼ବଡ଼ ଗଛ କାଟିବାର ବ୍ୟବସ୍ଥା କରିଥିଲେ। ଏଥିସହ ରାସ୍ତା ଘାଟରେ ପଡ଼ିଥିବା ଗଛ କାଟି ସଫା କରାଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଏହି ପରିବାରକୁ ଆବାସ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।



କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡ଼ିଯାଇଛି।

## ବଜ୍ରପାତରେ ୨ ବଖରା ଜଳିଗଲା

ବରୀ,୩୦।୫(ଡି.ଏନ.ଏ.)

ବରୀ ତହସିଲ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତର ଖରିପଡ଼ିଆ ଗାଁରେ ରବିବାର ରାତିରେ ବଜ୍ରପାତ ଘଟି ହୃଷୀକେଶ ସାହୁ ଓ ବିଶ୍ୱନାଥ ସାହୁଙ୍କ ୨ ବଖରା ଘର ଜଳିଯାଇଛି। ପରିବାର ସଦସ୍ୟମାନେ ଅନ୍ୟ ଘରେ ଶୋଇଥିବା ବେଳେ ବଜ୍ରପାତ ଘଟିଥିଲା। ଫଳରେ ଏକ ନଡ଼ିଆ ଗଛରୁ ନିଆଁପଡ଼ି ଘର ଜଳି ଯାଇଥିଲା। ପରିବାର ସଦସ୍ୟମାନେ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବାବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରି ସାରିଥିଲେ। ହେଲେ ଘରେ ଥିବା ଧାନ, ମୁଗ, ବିରି ଓ ଅନ୍ୟ ଶସ୍ୟ ସହିତ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା।

# ଗଣକବି ଗୋପାଳ ଦାଶ, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ




ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୩୦।୫(ସ୍ୱ.ପ୍ର.)

ଓଡ଼ିଶାର ସର୍ବବୃହତ୍ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳାମନ୍ଦିର ପରିସରରେ ସୋମବାର ୧୪୭ତମ ଗଣକବି ଗୋପାଳ ଦାଶ ଜୟନ୍ତୀ ଓ ୯୪ତମ ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ ଏକତ୍ର ପାଳିତ ହୋଇଯାଇଛି। ଉଭୟ ଓଡ଼ିଶାର ବରପୁତ୍ର ଓ ପ୍ରାତଃସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସଙ୍ଗୀତ ନାଟକ ଓ କଳା ପ୍ରତି ଉଭୟଙ୍କ ଅବଦାନ ଅତୁଳନୀୟ ଥିଲା। ଗଣକବି ଗୋପାଳ ଦାଶ ଓଡ଼ିଆ ଗଣନାଟ୍ୟ ଜଗତର ମୁକୁଟବିହୀନ ସମ୍ରାଟ୍ ଭାବେ ପରାଧୀନ ଭାରତବର୍ଷରେ ନିରବଚ୍ଛିନ୍ନ ୪୦ ବର୍ଷକାଳ ସ୍ୱରଚିତ ୭୨ଟି ଗୀତିନାଟ୍ୟ ପରିବେଷଣ କରି ଆମ ଭାଷା ଓ ଜାତିର ଟେକ ରଖିଛନ୍ତି। ସେହିପରି ଭଜନ ସମ୍ରାଟ୍ ଭିକାରୀ ବଳ ଦୀର୍ଘ ୬ ଦଶନ୍ଧି କାଳ ନିଜର ଗୁରୁ ଗମ୍ଭୀର ସ୍ୱରରେ ଜଗନ୍ନାଥ ଭଜନ ଗାନକରି କିମ୍ବଦନ୍ତୀ ପାଲଟିଛନ୍ତି। ଉଭୟ କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ହୋଇଥିବାବେଳେ ସମଗ୍ର ଓଡ଼ିଆ ଜାତିର ଗର୍ବ ଓ ଗୌରବ ପାଲଟିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ କଳାମନ୍ଦିର ଅଧ୍ୟକ୍ଷ ଗୁରୁ ରମେଶ କୁମାର ଦେ, ତାଳବାଦ୍ୟ ଗୁରୁ ସମୀର ରଞ୍ଜନ ଦାସ, ସଙ୍ଗୀତ ଗୁରୁମା' ଇନ୍ଦୁମତୀ ପରିଡ଼ା, ସହକାରୀ ଶିକ୍ଷକ ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଧ୍ରୁବଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶ୍ରୀ ସ୍ମୃତିପ୍ରିୟା ପ୍ରଧାନ, ବୈଶାଖୀ ରାଉତ, ଈପ୍‌ସିତା ମହାନ୍ତି, ପ୍ରିୟଦର୍ଶିନୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀପତ୍ର ଦାଖଲ କଲେ ୮୫ ପ୍ରାର୍ଥୀ

ଆଳି, ୩୦।୫(ଡି.ଏନ୍.ଏ.)

**ଆଳି ସମବାୟ ନିର୍ବାଚନ**

ଆଳି ବ୍ଲକରେ ଥିବା ୧୧ଟି ସମବାୟ ସମିତି ମଧ୍ୟରୁ ଜୁନ୍ ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ୬ଟି ସମିତିର ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଭୂଇଁପୁର, ବାଟିପଡା, ପତ୍ରପୁର, ସିଙ୍ଗିରି, ଦେସାହି, ମହୁ ସେବା ସମବାୟ ସମିତିରେ ନିର୍ଦ୍ଦେଶକ ପଦବୀ ନିମନ୍ତେ ୮୫ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ସୂଚନା ମିଳିଛି। ବାଟିପଡା ସମିତିରେ ଅଜିତ୍ ନାୟକଙ୍କ ସମେତ ୧୬ ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ଭୂଇଁପୁର ସମବାୟ ସମିତିରେ ଦିବାକର ପଣ୍ଡାଙ୍କ ସମେତ ୧୦, ଦେସାହି ସମବାୟ ସମିତିରେ ପୁରୁଷୋତ୍ତମ ପଲାଇଙ୍କ ସମେତ ୧୫, ମହୁ ସମବାୟ ସମିତିରେ ରତ୍ନାକର ପାତ୍ରଙ୍କ ସମେତ ୧୫, ପତ୍ରପୁର ସେବା ସମବାୟରେ ସୁବ୍ରତ ବେହୁରାଙ୍କ ସମେତ ୧୫ ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସିଙ୍ଗିରିରେ ସନାତନ ମିଶ୍ର ଓ ପତିତପାବନ ସାହୁଙ୍କ ସମେତ ୧୪ ଜଣ ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି। ଭୂଇଁପୁର ସମିତିରେ ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ ପ୍ରଧାନ, ବାଟିପଡାରେ ଅଲେଖ ପ୍ରଧାନ, ମହୁରେ ପ୍ରମୋଦ କୁଣ୍ଡ, ପତ୍ରପୁରରେ ସନ୍ତୋଷ ନାୟକ, ସିଙ୍ଗିରିରେ ଗୁରୁଚରଣ ସାମଲ, ଦେସାହିରେ କୁଞ୍ଜବିହାରୀ ବେହେରା ନିର୍ବାଚନ କାର୍ଯ୍ୟ ପରିଚାଳନା କରୁଛନ୍ତି। ଭୂଇଁପୁର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର, ବାଟିପଡା ସମ୍ପାଦକ ଦେବାନନ୍ଦ ସେଠୀ, ପତ୍ରପୁର ସମ୍ପାଦକ ଅନନ୍ତ ଚରଣ ନାୟକ, ସିଙ୍ଗିରି ସମ୍ପାଦକ ଅମରେନ୍ଦ୍ର ରାଉଳ, ମହୁ ସମ୍ପାଦକ ଧୀରେନ୍ଦ୍ର ମହାନ୍ତି, ଦେସାହି ସମ୍ପାଦକ ଅଶ୍ୱିନୀ ବେହୁରିଆ ସହଯୋଗ କରିଥିଲେ।



ନିର୍ବାଚନ ଅଧିକାରୀଙ୍କୁ ଜଣେ ବ୍ୟକ୍ତି ପ୍ରାର୍ଥୀପତ୍ର ପ୍ରଦାନ କରୁଛନ୍ତି।

# ରାଜନଗର ୧୦୫ ନିର୍ଦ୍ଦେଶକ ପଦ ପାଇଁ ୧୯୯ ପ୍ରାର୍ଥୀ

ରାଜନଗର, ୩୦।୫(ଡି.ଏନ୍.ଏ.)

ସମବାୟ ସମିତି ନିର୍ବାଚନ ପାଇଁ ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ଜୁନ୍ ୧୯ରେ ଓସ୍ତିଆ, କୋଇଲିପୁର, ତାଳଚୁଆ, ଚାନ୍ଦିବାଉଁଶମୂଳ, ନୋଧାବସନ୍ତ, ବଡ଼ନାଉକୋଣା ଓ ବାଲିସାହି ପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବ। ୭ଟି ସେବା ସମବାୟ ସମିତିର ୧୦୫ ନିର୍ଦ୍ଦେଶକ ପଦ ପାଇଁ ସୋମବାର ନାମାଙ୍କନ ହୋଇଛି। ସକାଳ ୧୦ଟାରୁ ଅପରାହ୍ନ ୩ଟା ଯାଏଁ ସମିତି କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ହୋଇଥିଲା। ୧୦୫ ନିର୍ଦ୍ଦେଶକ ପଦ ପାଇଁ ୧୯୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଓସ୍ତିଆ ସେବା ସମବାୟ ସମିତିରେ ୨୮ଜଣ, କୋଇଲିପୁରରେ ୨୯ଜଣ, ତାଳଚୁଆରେ ୩୦ଜଣ, ଚାନ୍ଦିବାଉଁଶମୂଳରେ ୩୨ଜଣ, ନୋଧାବସନ୍ତରେ ୧୫ଜଣ, ବଡନାଉକୋଣାରେ ୨୯ଜଣ ଓ ବାଲିସାହିପାଟଣାରେ ସର୍ବାଧିକ ୩୬ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନୋଧାବସନ୍ତ ସେବା ସମବାୟ ସମିତିରେ ସମସ୍ତ ୧୫ଜଣ ନିର୍ଦ୍ଦେଶକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ପ୍ରତ୍ୟେକ ଜୋନ୍ ପାଇଁ ଜଣେ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧ ନଂ. ଜୋନରେ ରତ୍ନାକର ଦାସ, ୨ ନଂ.ରେ ରବୀନ୍ଦ୍ର ମଳିକ, ୩ ନଂ. ନିରଞ୍ଜନ ସ୍ୱାଇଁ, ୪ ନଂ. ଗଗନ ବେହେରା, ୫ନଂ. ସୁକାନ୍ତ କୁମାର ଦାସ, ୬ନଂ. ବିଜୟ କୁମାର ବଳ, ୭ନଂ. ସୂର୍ଯ୍ୟମଣି ଜେନା, ୮ନଂ. ସନ୍ନ୍ୟାସୀ ରାଉତ, ୯ନଂ. ବାଇଧର ସାମଲ, ୧୦ନଂ. ରବୀନ୍ଦ୍ର ଦାସ, ୧୧ ନଂ. ଶୈଳବାଳା ରାଉତ, ୧୨ନଂ. ପୁଷ୍ପିତା ପାଣି, ୧୩ନଂ. ବସନ୍ତ କୁମାର ରାଉତ, ୧୪ନଂ. ମିହିର ଦାସ, ୧୫ନଂ. ଜୋନରେ ସଙ୍ଗୀତା ବଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଓସ୍ତିଆ ସେବା ସମବାୟ ସମିତିରେ ୨ଜଣ, କୋଇଲିପୁର ସେବା ସମବାୟ ସମିତିରେ ୩ଜଣ, ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ଜଣେ, ବଡ଼ନାଉକୋଣା ସେବା ସମବାୟ ସମିତିରେ ୨ଜଣ ଏବଂ ବାଲିସାହିପାଟଣା ସେବା ସମବାୟ ସମିତିରେ ଜଣେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।



ନିର୍ବାଚନ ଅଧିକାରୀଙ୍କ ସମିତିର ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରଦାନ କରୁଛନ୍ତି।

# ଗାଁରେ ଏବେ ବି ବଞ୍ଚିଛି ଚାଟଶାଳୀ

ମହାକାଳପଡ଼ା,୩୦।୫ (ଡି.ଏନ୍.ଏ.)

- ଶିକ୍ଷକତାର ମାଇଲ ଖୁଣ୍ଟ ଦିବ୍ୟାଙ୍ଗ ରାମ ଅବଧାନେ
- ଚାଟଶାଳୀରୁ ପଢ଼ି ଦେଶ ବିଦେଶର ପିଲାମାନେ ପ୍ରତିଷ୍ଠିତ
- ଅବିବାହିତ ରହି ଯୋଗାଉଛନ୍ତି ଶିକ୍ଷା

କେନ୍ଦ୍ରାପଡ଼ା ଜିଲା ନଦୀନାଳଘେରା ମହାକାଳପଡ଼ା ବ୍ଲକ ସ୍ଥାନୀୟ ବାରଡାଙ୍ଗ ଗାଁରେ ବଞ୍ଚି ରହିଛି ୫୮ ବର୍ଷର ଚାଟଶାଳୀ। ସାରାଜୀବନ ଅବିବାହିତ ରହି ଅବଧାନେ ରାମଚନ୍ଦ୍ର ଭୋଳ (୭୨) ପିଲାଙ୍କୁ ପାଠ ପଢ଼ାଉଛନ୍ତି। ସେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହୋଇଥିବାରୁ ଶାରୀରିକ ଅକ୍ଷମତା ଯୋଗୁ କାମ କରିବା ତାଙ୍କ ପକ୍ଷେ ସମ୍ଭବ ନ ହେବାରୁ ଗ୍ରାମାଞ୍ଚଳ ଶିକ୍ଷାର ବିକାଶ କ୍ଷେତ୍ରରେ ମନୋନିବେଶ କରିବାକୁ ମନସ୍ଥ କରିଥିଲେ।

ଭାରତ ସ୍ୱାଧୀନତା ପରେ ମହାକାଳପଡ଼ା ଭଳି ଉପକୂଳ ଅନଗ୍ରସର ଅଞ୍ଚଳରେ ଶିକ୍ଷାର ସୁଦୂରପ୍ରସାର ନିମନ୍ତେ ସେଭଳି କିଛି ବ୍ୟବସ୍ଥା ନ ଥିଲା। ଗାଁର ଅଭାବୀ ଶ୍ରେଣୀର ଲୋକମାନେ ନିଜ ପିଲାମାନଙ୍କୁ ଦୂରଦୂରାନ୍ତକୁ ପାଠ ପଢ଼ାଇବାକୁ ଛାଡ଼ିପାରୁ ନ ଥିଲେ। ଗୋଟେପଟେ ଦାରିଦ୍ର୍ୟ ଓ ଅନ୍ୟପକ୍ଷେ ଗମନାଗମନ ସମସ୍ୟା ଯୋଗୁ ଗାଁର ଅଧିକାଂଶ ପିଲା ପାଠ ପଢ଼ି ନ ପାରି ବୁଲାବୁଲି କରୁଥିଲେ। ଏହା ଦେଖି ରାମ ସାର୍ ପାଠ ପଢ଼ାଇବାକୁ ମନସ୍ଥ କରି ୧୯୬୪ ମସିହାରେ ଏକ ନୂଆଣିଆ ଝୁମ୍ପୁଡ଼ି ଚାଳଘରେ ଆରମ୍ଭ କରିଥିଲେ ଚାଟଶାଳୀ। ପ୍ରଥମେ ୨୫ ଜଣ କୋମଳମତି ଶିଶୁଙ୍କୁ ନେଇ ନିଃଶୁଳ୍କ ଶିକ୍ଷାଦାନ ଚାଟଶାଳି ମାଧ୍ୟମରେ ଆରମ୍ଭ କରିଥିଲେ। ଦୀର୍ଘ ୫୮ ବର୍ଷ ଧରି ନିଜ ଶିକ୍ଷାଦାନ କ୍ଷେତ୍ରରେ କେବେବି ହାର୍ ମାନିନାହାନ୍ତି ସେ। ଅଭାବ ଅସୁବିଧା ସତ୍ତ୍ୱେ କୋମଳମତି ଶିଶୁମାନଙ୍କୁ ଦେଖିଦେବା ପରେ ସବୁକିଛି ଭୁଲିଯାଆନ୍ତି ସାର। ଏଠାରେ ଏକ ମାହାତ୍ମ୍ୟ ରହିଛି। ଗାଁର ପ୍ରତ୍ୟେକ ଶିଶୁଙ୍କ ଖଡ଼ି ଛୁଇଁବା ବା ଅନୁକୂଳ ରାମ ସାରଙ୍କ ଚାଟଶାଳିରେ ହିଁ ହୋଇଥାଏ। ଅବଧାନ ରାମ ସାର୍‌ଙ୍କ ଚାଟଶାଳୀରେ ଶୈକ୍ଷିକ, ଗୁଣାତ୍ମକ ଶିକ୍ଷା ସହ ମହାପୁରୁଷଙ୍କ ଜୀବନୀ ତଥା ନୀତି ଆଦର୍ଶ ଉପରେ ପ୍ରତିଦିନ ପିଲାମାନଙ୍କୁ ଶିକ୍ଷାଦାନ ଦିଆଯାଏ। କେବଳ ବାରଡାଙ୍ଗ ନୁହେଁ, ବ୍ଲକର ବିଭିନ୍ନ ଗାଁରୁ ପିଲାମାନେ ପଢ଼ିବାକୁ ରାମ ସାରଙ୍କ ଚାଟଶାଳୀକୁ ଧାଇଁ ଆସନ୍ତି। ଏହି ଚାଟଶାଳିରେ ଶିକ୍ଷାଦାନ ଖୁବ୍ ଉଚ୍ଚକୋଟୀର ବୋଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ କହିଛନ୍ତି। ଏହି ଚାଟଶାଳିରେ ପଢ଼ିଥିବା ବହୁ ଚାଟ ଦେଶ ବିଦେଶରେ ଖୁବ୍ ଉଚ୍ଚ ପଦପଦବୀରେ ଅବସ୍ଥାପିତ ଅଛନ୍ତି ବୋଲି କହିଛନ୍ତି ରାମ ସାର। ଆଜିକା ଦିନରେ ରାମ ସାର ଶିକ୍ଷାଦାନ କ୍ଷେତ୍ରରେ କେବେବି ହାରିନାହାନ୍ତି। ବୟସ ଅଧିକ ହୋଇଥିବାରୁ ଆଗ ଅପେକ୍ଷା ଶାରୀରିକ ଅସୁସ୍ଥ ହେଉଥିଲେ ମଧ୍ୟ ପିଲାମାନଙ୍କୁ ଖୁବ୍ ସ୍ନେହ ଶ୍ରଦ୍ଧା କରିଥାନ୍ତି। ଶିକ୍ଷାକ୍ଷେତ୍ରରେ ରାମ ସାର୍‌ଙ୍କ ଅବଦାନ ଅତୁଳନୀୟ। ସମାଜ ପାଇଁ ଏହି ଦିବ୍ୟାଙ୍ଗ ଶିକ୍ଷକଙ୍କ ଅବଦାନ ରହିଛି ବୋଲି ଶିକ୍ଷାବିତ୍ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଚାଟଶାଳୀ ଅବଧାନେଙ୍କୁ ସମ୍ମାନିତ କରାଗଲେ ଅବଶିଷ୍ଟ ଜୀବନ ଶିକ୍ଷାକ୍ଷେତ୍ରରେ ଉତ୍ସର୍ଗ କରିବାକୁ ପ୍ରେରଣା ଦେବ ବୋଲି ଶିକ୍ଷାବିତ୍ ଦାସ କହିଛନ୍ତି।



ଚାଟଶାଳିରେ ଶିକ୍ଷାଦାନ କରୁଛନ୍ତି ରାମ ଅବଧାନେ।

## ସଂକ୍ଷେପରେ

### ୧୨ ନଂ. ୱାର୍ଡ ରାସ୍ତା ପାର୍ଶ୍ୱରୁ ହଟୁନି ଆବର୍ଜନା କାଶୀନଗର ଏନ୍ଏସି

**କାଶୀନଗର,୩୦।୫:** କାଶୀନଗର ଏନ୍ଏସିର ମୁଖ୍ୟରାସ୍ତା ପାରଳାଖେମୁଣ୍ଡି-କାଶୀନଗର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଓ ପଲିଥିନ ପଡ଼ି ପରିବେଶ ଦୂଷିତ କରୁଛି। ଏନ୍ଏସି କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉନାହାନ୍ତି। ସହରରେ ଅବାଧରେ ପଲିଥିନ ବିକ୍ରି ଓ ବ୍ୟବହାର ହେଉଛି। ଅଳିଆ ଆବର୍ଜନା ସବୁ ଉଡିବୁଲି ଘରେ ପଶୁଛି ବୋଲି ରାସ୍ତାପାର୍ଶ୍ୱ ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଅଳିଆ ଆବର୍ଜନାକୁ ସେଠାରୁ ହଟାଯାଇ ଦୂର ସ୍ଥାନକୁ ନେବା ଏବଂ ନିୟମିତ ସଫେଇ କରିବାକୁ ଦାବି ହୋଇଛି।

### ଗଞ୍ଜାମରେ ଉନ୍ନୟନ କାର୍ଯ୍ୟ ଦେଖିବେ ୩୮ ପ୍ରୋବେସନ୍ ଆଇଏଏସ୍

**ଗୋପାଳପୁର,୩୦।୫(ଡି.ଏନ.ଏ.):** ଗଞ୍ଜାମ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ପାଇଁ ୩୮ ଜଣ ପ୍ରୋବେସନ୍ ଆଇଏଏସ୍ ଗଞ୍ଜାମ ଜିଲାକୁ ଆସିଛନ୍ତି। ମଙ୍ଗଳବାର ସେମାନେ ଗୋପାଳପୁର ପୋର୍ଟ, ବେଳାଭୂମି ଓ ଟାଟା ପେକିଙ୍ଗ ୟୁନିଟର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ବୁଧବାର ରଙ୍ଗେଇଲୁଣ୍ଡା ବ୍ଲକ ଚାନ୍ଦପୁର ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ମିଶନ ଶକ୍ତି ଗୃହ, ରୁରାଲ ପାର୍କ, ଛତୁ ଚାଷ ବୁଲି ଦେଖିବା ସହ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ସେମାନଙ୍କ ଇଣ୍ଟରଏକ୍ସନ କାର୍ଯ୍ୟକ୍ରମ ରହିଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ଚାନ୍ଦପୁରରେ ପ୍ରସ୍ତୁତି ଚାଲିଥିବା ବିଡିଓ ପ୍ରସନ୍ନ ପାତ୍ର କହିଛନ୍ତି।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

**ଗୋପାଳପୁର,୩୦।୫(ଡି.ଏନ.ଏ.):** ସ୍ତ୍ରୀଙ୍କୁ ମରଣାନ୍ତକ ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ସୋମବାର ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ରଣ୍ଡା ଦଳିତ ସାହିର ରମେଶ ଦାସ ବୋଲି ପୋଲିସ ସୂଚନା ଦେଇଛି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ରଣ୍ଡା ଦଳିତ ସାହିରେ ରହୁଥିବା ରମେଶ ଓ ସ୍ତ୍ରୀ ସୁଲୋଚନା ଦାସଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ପ୍ରତିଦିନ କହଳ ଲାଗି ରହୁଥିଲା। ଗତ ୨୮ ତାରିଖ ରାତି ପ୍ରାୟ ୮ଟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସୁଲୋଚନାଙ୍କୁ ରମେଶ ମାଡ଼ ମାରିବା ସହ ଏକ ନାଳକୁ ଠେଲି ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ରବିବାର ଏନେଇ ସୁଲୋଚନା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୭୬/୨୨ ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସୋମବାର ରମେଶ ଗ୍ରାମରେ ବୁଲୁଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି କାବୁ କରିବା ସହ ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ନେଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ଜମିଜମା ବିବାଦ:୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୩ ଗୁରୁତର, ଜଣେ ଅଟକ

**ଆର.ଉଦୟଗିରି,୩୦।୫(ଡି.ଏନ.ଏ.):** ବଚସାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ। ପରସ୍ପର ପ୍ରତି ଆକ୍ରମଣ ଯୋଗୁ ଉଭୟ ପକ୍ଷର ୩ ଜଣ ଗୁରୁତର ହୋଇ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମର ରାମଚନ୍ଦ୍ର ବଡ଼କୁମର, ଜଗଦୀଶ ପାଣିଗ୍ରାହୀ ଏବଂ ସୁଶାନ୍ତ କୁମାର ଦୋରା। ରବିବାର ରାତିରେ ଚନ୍ଦ୍ରଗିରି ଜଗନ୍ନାଥ ମନ୍ଦିର ନିକଟ ମୁଖ୍ୟ ବଜାରରେ ଗ୍ରାମର ଗୋଟିଏ ପକ୍ଷ ରାମଚନ୍ଦ୍ର ଏବଂ ଉତ୍କଳ ମେଡିକାଲ ଷ୍ଟୋର୍ ମାଲିକ ଜଗଦୀଶ ଏବଂ ଅନ୍ୟପକ୍ଷ ସୁଶାନ୍ତ କୁମାର ଦୋରା ଓ ତାଙ୍କ ପୁତୁରା ସଞ୍ଜୟ କୁମାର ଦୋରାଙ୍କ ମଧ୍ୟରେ ଜମିଜମା ବିବାଦକୁ ନେଇ ବଚସା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ସୁଶାନ୍ତ ଧାରୁଆ ଅସ୍ତ୍ରରେ ରାମଚନ୍ଦ୍ର ଓ ଜଗଦୀଶଙ୍କୁ ଆକ୍ରମଣ କରିଲେ। ସେମାନଙ୍କ ପ୍ରତ୍ୟାକ୍ରମଣରେ ସୁଶାନ୍ତଙ୍କ ଗୋଡ଼ରେ ଆଘାତ ଲାଗିଛି। ତେବେ ୩ ଜଣ ପ୍ରଥମେ ଚନ୍ଦ୍ରଗିରି ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ପକ୍ଷରୁ ଥାନାରେ ଅଭିଯୋଗ ପରେ ଜଣଙ୍କୁ ମୋହନା ଥାନାରେ ଅଟକ ରଖି ତଦନ୍ତ ଚାଲିଥିବା ପ୍ରକାଶ।

# ରାଜନୈତିକ ଶତ୍ରୁତାରୁ ହତ୍ୟାକାଣ୍ଡ, ଅଭିଯୁକ୍ତ ଅଟକ

**ଦିଗପହଣ୍ଡି,୩୦।୫(ଡି.ଏନ.ଏ.)**

**ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍ପି**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପାଳଝାଡି ଗାଁରେ ରାଜନୈତିକ ଶତ୍ରୁତାରୁ ୨ ବିଜେଡ଼ି ନେତାଙ୍କୁ ହତ୍ୟା ଘଟଣାର ମନରୁ ନ ଯାଉଣୁ ପୁଣି ଏକ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ବ୍ଲକ ଅନ୍ତର୍ଗତ ଆଙ୍କୋରଡା ପଞ୍ଚାୟତ ନବରଙ୍ଗପୁର ଗାଁରେ ଲାଗିରହିଥିବା ରାଜନୈତିକ ତିକ୍ତତାରୁ ରବିବାର ରାତିରେ ଜଣେ ଯୁବ ବିଜେଡ଼ି ସଙ୍ଗଠକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବାବୁ ଗୌଡ଼। ବାବୁ ଓ ତାଙ୍କ ସହଯୋଗୀ ପ୍ରଦୀପ କୁମାର ସାହୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ଉଭୟଙ୍କୁ ଅଭିଯୁକ୍ତ ଏକାଧିକ ଥର ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ରକ୍ତ ଜୁଡୁବୁଡୁ ହୋଇପଡିଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଙ୍କ ମୃତ୍ୟୁ ଘଟିଛି। ପ୍ରଦୀପଙ୍କୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି। ଅଭିଯୁକ୍ତ ଜଣକ ଦିଗପହଣ୍ଡି ରାଣୀ ସାହିର ଜଣେ ବ୍ୟକ୍ତିଙ୍କ ଘରେ ଲୁଚିଥିବା ଖବରପାଇ ପୋଲିସ ତାଙ୍କୁ ରାତାରାତି ଥାନାକୁ ଉଠାଇ ନେଇଛି। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଛୁରୀ ଏବଂ ରକ୍ତ ଲାଗିଥିବା ସାର୍ଟ ଜବତ ହୋଇଛି। ସୋମବାର ସକାଳେ ମୃତ ବାବୁଙ୍କ ଭାଇ ଆପନା ଗୌଡ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନାରେ ନଂ.୧୮୫/୨୨ରେ ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ଏସ୍ପି ଶ୍ରବଣ ବିବେକ ଏମ୍. ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ପରେ ଏସ୍ପି ଦିଗପହଣ୍ଡି ଥାନାକୁ ଯାଇ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ମଧ୍ୟ ତଦନ୍ତ କରିଛି।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ବାବୁଙ୍କ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ହାରି ଯାଇଥିଲେ। ଅଭିଯୁକ୍ତଙ୍କ ପ୍ରାର୍ଥିନୀ ବିଜୟୀ ହୋଇଥିଲେ। ଅଭିଯୁକ୍ତ ଓ ତାଙ୍କ କେତେଜଣ ସମର୍ଥକ ବାବୁଙ୍କୁ ମର୍ଡର କରିବେ ବୋଲି ଏକାଧିକ ଥର ଧମକ ଦେଇଥିଲେ। ଏପରକି ବାବଙ୍କୁ ମାରିବା ନିମନ୍ତେ ଅଭିଯୁକ୍ତ ପାଖରେ ଏକ ଛୁରୀ ଧରି ବୁଲୁଥିଲେ। ବାବୁ ଏବଂ ପ୍ରଦୀପ ସନ୍ଧ୍ୟାରେ ଗାଁ ପୋଖରୀରୁ ଗାଧୋଇ ଘରକୁ ଫେରିବା ବେଳେ ତାଙ୍କ ସହ ମୁହାଁମୁହିଁ ହୋଇଥିଲା। ରାତିରେ ଉଭୟେ କୌଣସି କାମରେ ଦିଗପହଣ୍ଡି ଯାଇ ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ ଅଭିଯୁକ୍ତ ଉଭୟଙ୍କୁ କମେଣ୍ଟ ମାରିଥିଲେ। ବାବୁ ପ୍ରତିବାଦ କରିବାରୁ ସେ ଧରିଥିବା ଛୁରୀରେ ତାଙ୍କ ବେକ, ଛାତି ଓ ପେଟକୁ ବାରମ୍ବାର ଭୁଶି ଦେଇଥିଲେ। ପ୍ରଦୀପ ଛଡ଼ାଇବାକୁ ଯିବାରୁ ତାଙ୍କ ପେଟକୁ ମଧ୍ୟ ଏକାଧିକ ଥର ଛୁରା ମାଡ଼ କରି ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ୨ ବଖରା ସହ ଗୁହାଳ ପୋଡ଼ିଗଲା

**ବୁଗୁଡ଼ା,୩୦।୫(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଟାକରଡ଼ା ପଞ୍ଚାୟତ ଢେଙ୍ଗାବାଡ଼ି ଗ୍ରାମରେ ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର, ୨ଟି ଗୁହାଳ ପୋଡ଼ଯାଇଛି। ଗୁହାଳରେ ଥିବା ୩ଟି ଗାଈ ଆହତ ହୋଇଛନ୍ତି। ଗ୍ରାମର ସୁଶାନ୍ତ ପ୍ରଧାନ ଓ ନାରାୟଣ ପ୍ରଧାନଙ୍କ ଗୋଟିଏ ଲେଖାଏ ବଖରା ପୋଡ଼ିଯିବା ସହ ଲକ୍ଷାଧିକ ଟଙ୍କାର ଜିନିଷ ମଧ୍ୟ ଭସ୍ମୀଭୂତ ହୋଇଛି। ସେହିପରି ଟୁନା ସେନାପତି ଓ ବିଦ୍ୟାଧର ସେନାପତିଙ୍କ ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ୨ ଜଣଙ୍କ ଗୁହାଳରେ ବନ୍ଧାଯାଇଥିବା ୩ ଗାଈ ପୋଡ଼ି ହୋଇଛନ୍ତି। ବୁଗୁଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

### ମାରୱାଡ଼ି ମହିଳା ସମିତିର ପଣା ବଣ୍ଟନ

**ରମ୍ଭା,୩୦।୫**

ଓଡ଼ିଶା ଅଖିଳ ଭାରତୀ ମାରୱାଡି ମହିଳା ସମିତି ଆହ୍ୱାନକ୍ରମେ ରମ୍ଭା ମାରୱାଡି ମହିଳା ସମିତି ପକ୍ଷରୁ ସ୍ଥାନୀୟ ପାନ୍ଥନିବାସ ଛକ ପାର୍ଶ୍ୱରେ ଭିନ୍ନ ଭିନ୍ନ ପ୍ରକାର ପଣା ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ନ କମିବା ପର୍ଯ୍ୟନ୍ତ ଏଭଳି ଉଦ୍ୟମ ଚାଲୁ ରହିବ ବୋଲି ରମ୍ଭା ମାରୱାଡି ମହିଳା ସମିତିର ଆଶା ବାଜାଜ ପ୍ରକାଶ କରିଛନ୍ତି। ଏଥିସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଭିନ୍ନ ସାମଗ୍ରୀ ବଣ୍ଟନ ଚାଲିଛି। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସୀମା ଚୌଧୁରୀ, ସମ୍ପାଦକ ସୁମନ ସରାଫ, ରଜନୀ ଶର୍ମା, ହାପି ଯୋଶୀ, ପୁଷ୍ପା ଝହାରଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇ ସହଯୋଗ କରିଥିଲେ।

# ନୟାଗଡ଼ ଜିଲାରୁ ଦୁଇ ଜଣଙ୍କୁ ସହାୟତା

**ନୟାଗଡ଼ ଅଫିସ,୩୦।୫**

**ପିଏମ୍ କେୟାର୍ସ ଯୋଜନା ବୈଠକ**


ବୈଠକରେ ଅତିରିକ୍ତ ଜିଲାପାଳ ଓ ପିଡି ଡିଆଡିଏ ଯୋଜନା ସମ୍ପର୍କରେ ସୂଚନା ଦେଉଛନ୍ତି।

ପିଏମ୍ କେୟାରର୍ସ ଫର୍ ଚିଲଡ୍ରେନ ଯୋଜନାର ଏକ ବୈଠକ ଜିଲାପାଳଙ୍କ ସଦ୍ଭାବନା ସଭାକକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ସମୟରେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଅନାଥ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ହୋଇଥିବା ଏହି ଯୋଜନାରେ ନୟାଗଡ଼ ଜିଲାର ୨ ଶିଶୁ ଉପକୃତ ହୋଇଥିବା ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କହିଛନ୍ତି।

ଅତିରିକ୍ତ ଜିଲାପାଳଙ୍କ ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ୧୫ ଓ ୧୭ ବର୍ଷର ଦୁଇ ଶିଶୁଙ୍କୁ ପିଏମ୍ କେୟାରର୍ସ ଫର ଚିଲଡ୍ରେନ ଯୋଜନାରେ ୧୦ ଲକ୍ଷ ଟଙ୍କା ପୋଷ୍ଟ ଅଫିସରେ ଜମା କରାଯାଇଛି । ଉଭୟ ଶିଶୁଙ୍କ ବୟସ ୧୮ ବର୍ଷ ହେଲେ ୧୦ ଲକ୍ଷ ଟଙ୍କାର ସୁଧ ଷ୍ଟାଇପେଣ୍ଡ ଆକାରରେ ମିଳିବ । ସେମାନଙ୍କୁ ୨୩ ବର୍ଷ ହେଲେ ନିଜେ ୧୦ ଲକ୍ଷ ଟଙ୍କା ଉଠାଇ ପାରିବେ । ପୁଣି ଏହି ଦୁଇ ଶିଶୁଙ୍କୁ ରାଜ୍ୟ ସରକାର ୫୦ ହଜାର ଟଙ୍କା ଯୋଗାଇ ଦେଇଛନ୍ତି । ଦୁଇ ଶିଶୁ ସେମାନଙ୍କ ରକ୍ତ ସମ୍ପର୍କୀୟଙ୍କ ପାଖରେ ଲାଳନପାଳନ ହେଉଛନ୍ତି । ଏଥିପାଇଁ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ମାସକୁ ୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ତେବେ ଯୋଜନାର ରୂପାନ୍ତିକରଣ ଅନୁସାରେ ଏପ୍ରିଲରୁ ୪ ହଜାର ଟଙ୍କା ମିଳିବ ବୋଲି ସୂଚନା ମିଳିଛି । ସେହିଭଳି ସେମାନେ ବାର୍ଷିକ ୨୦ ହଜାର ଟଙ୍କା ସ୍କଲାରସିପ୍ ପାଇବେ । ଉଚ୍ଚ ଶିକ୍ଷା ନିମନ୍ତେ ଇଚ୍ଛା କଲେ ଶିକ୍ଷା ଋଣ ଯୋଗାଇ ଦିଆଯିବ । ପିଏମ କେୟାରର୍ସ ଫର ଚିଲଡ୍ରେନ ଯୋଜନାରେ ସମସ୍ତ ଟଙ୍କା ପରିଶୋଧ କରାଯିବ । ପୁଣି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଉଭୟେ ସାମିଲ ହୋଇଛନ୍ତି । ଏଥିରେ ୫୦ ହଜାର ଟଙ୍କା ଇନ୍ସୁରାନ୍ସ ରହିଛି । ସରକାର ଶିଶୁଙ୍କ ବୟସ ୨୩ ବର୍ଷ ହେବା ପର୍ଯ୍ୟନ୍ତ ପ୍ରିମିୟମ ବହନ କରିବେ । ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଆର୍ଶୀବାଦ ଯୋଜନାରେ ପ୍ରତି ମାସରେ ୨୫୦୦ ଟଙ୍କା ଦିଆଯାଉଛି। ମଧୁବାବୁ ପେନଶନ ଯୋଜନାରେ ପ୍ରତି ମାସରେ ୫ ଶହ ଟଙ୍କା ଦିଆଯାଉଛି । ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇଛି ବୋଲି ସେ ବୋଲି କହିଛନ୍ତି ।

# ଜଙ୍ଗଲ ଜମିରେ ମୋ ପୋଖରୀ

**ନୟାଗଡ଼ ଅଫିସ/ଭାପୁର, ୩୦।୫ (ଡି.ଏନ୍.ଏ.)**

- ଜିଓ ଟ୍ୟାଗିଂରେ ଜିଆରଏସ୍‌ଙ୍କ ଅନୁକମ୍ପା
- ବିଲ୍ କରି ଉଠାଣ ହୋଇଛି ୧.୬୬ ଲକ୍ଷ

ମୋ ପୋଖରୀ ଯୋଜନାରେ ଜଙ୍ଗଲ ଜମିରେ ଦୁଇ ପୋଖରୀ ଖୋଳି ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତର ନୂଆପଲ୍ଲୀ ଗାଁର ବାପ ଓ ପୁଅ ୧ .୬୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ଜଙ୍ଗଲ ଜମିରେ ପୋଖରୀ ଖୋଳା ମନା ରହିଛି । ତେବେ ଏହି ଅନିୟମିତତାର ପ୍ରମାଣ ପାଇବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଜଙ୍ଗଲ ଜମିରେ ପୋଖରୀ ଖେଳିବା ନେଇ ଜିଓ ଟ୍ୟାଗିଂରେ ଧରା ପଡିଥିଲେ ମଧ୍ୟ ଜିଆରଏସ୍ ଅନୁକମ୍ପା ଦେଖାଇ ଜବ୍‌କାର୍ଡରେ ମଷ୍ଟରରୋଲ କରି ଅର୍ଥ ଆତ୍ମସାତ୍ କରିବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ବୋରଗାଁର ୧୮ ଓ ୨୧ ନଂ. ପ୍ଲଟ ହେଉଛି ଜଙ୍ଗଲ ଜମି। ଏହି ଜଙ୍ଗଲ ଜମିରେ ସୁଦର୍ଶନ ଦଳେଇ ଓ ତାଙ୍କ ପୁଅ ଗୟାଧର ଦଳେଇ ଦୁଇଟି ପୋଖରୀ ଖୋଳିଛନ୍ତି । ଗୋଟିଏ ପୋଖରୀ ପିଛା ୮୩ ହଜାର ଟଙ୍କା ବିଲ୍ ଉଠାଇଛନ୍ତି। ସେହିପରି ଜବ୍‌କାର୍ଡଧାରୀଙ୍କ ନାମରେ ବିଲ୍ ହୋଇଥିଲେ ହେଁ ମେଶିନ ଲଗାଇ ପୋଖରୀ ଖନନ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଜିଆରଏସ୍ ସ୍ୱାଗତିକା ପଟ୍ଟନାୟକଙ୍କୁ ପଚାରିବାରୁ କହିଥିଲେ ହିତାଧିକାରୀ ଯେଉଁଠି ଜମି ଚିହ୍ନଟ କଲେ ସେଠାରେ ପୋଖରୀ ଖୋଳା ହୋଇଛି । ମୋ ତରଫରୁ କିଛି ଭୁଲ ହୋଇନି । ଭାପୁର ବିଡିଓ ଜନ୍ମେଜୟ ସାହୁଙ୍କୁ ପଚାରିବାରୁ କିଛି ନ କହି ଏହି ଅଭିଯୋଗକୁ ଏଡାଇ ଯାଇଥିଲେ।


ଜଙ୍ଗଲ ଜମିରେ ଖୋଳା ଯାଇଥିବା ପୋଖରୀ।

### ବିଦ୍ୟୁତ୍ ଆଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

#### ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ବନ୍ଦ

**ଭଞ୍ଜନଗର,୩୦।୫(ଡି.ଏନ୍.ଏ.)**

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ ରବିବାର ରାତିରେ ବିଦ୍ୟୁତ ଆଘାତରେ ଜଣେ ବ୍ୟବସାୟୀ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରର ଏସ. ଶିବା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଆୟୋଜକ ସଂସ୍ଥାର ଜଣେ କର୍ମକର୍ତ୍ତାଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ସୋମବାର ମେଳା ବନ୍ଦ ରହିଛି। ପ୍ରକାଶ ଯେ, ରବିବାର ରାତି ପ୍ରାୟ ସାଢେ ୧୦ଟାରେ ମେଳା ବନ୍ଦ ସମୟ ହେବାରୁ ଖେଳଣା ବିକ୍ରି କରୁଥିବା ଶିବା ତାଙ୍କ ଦୋକାନ ସମ୍ମୁଖ ପାଲକୁ ସିଡିରେ ଚଢି ଘୋଡ଼ାଉଥିଲେ। ଏହି ସମୟରେ ଦୋକାନ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶିବା ଗୁରୁତର ହୋଇ ତଳେ ପଡି ଯାଇଥିଲେ। ତାଙ୍କୁ ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏନେଇ ଥାନା ଅଧିକାରୀଙ୍କ ସହ ଯୋଗଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିବାରୁ ମତାମତ ନିଆଯାଇ ପାରିନାହିଁ।

# ସୌରବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ


ସୌରବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

**ନୟାଗଡ଼ ଅଫିସ,୩୦।୫**

ଶାକ ଦୀପ ସୌର ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ସଭା ଓ ଜ୍ୟୋତିଷ ସମ୍ମିଳନୀ ନୟାଗଡ଼ ବ୍ଲକ ବାଉଁଶିଆପଡାଠାରେ ୨ଦିନ ଧରି ଅନୁଷ୍ଠିତ ହୋଇଅଛି। ନୟାଗଡ଼ ଜିଲା ସୌର ବ୍ରାହ୍ମଣ ସମାଜର ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏହି ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ଗାଁ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟଅତିଥି ଓ ରାଜ୍ୟ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ସଭାପତି ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ । ଉପସଭାପତି ରମାକାନ୍ତ ମହାପାତ୍ର, ଲୋକସମ୍ପର୍କ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ନୟାଗଡ଼ ମଣ୍ଡଳ ସଭାପତି ପ୍ରଫୁଲ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ରତ୍ନାକର ନାୟକ ବିବରଣୀ ପାଠ କରିଥିଲେ। ଶିଶିର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜ୍ୟୋତିଷ ଶାସ୍ତ୍ର ଉପରେ ଆଲୋକପାତ ଓ ସମୂହ ବ୍ରତପେନୟନ, ଶାମ୍ବଦଶମୀ ଦିନ ସୂର୍ଯ୍ୟପୂଜା ଓ ହୋମ ଯଜ୍ଞ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

### ନୟାଗଡ଼ରେ ରକ୍ତଦାନ ଶିବିର

**ନୟାଗଡ଼ ଅଫିସ,୩୦।୫**

ୟୁନିଟେକ୍ ମହାବିଦ୍ୟାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଚେୟାରମ୍ୟାନ ପ୍ରଦୀପ କୁମାର ପୃଷ୍ଟି ଓ ରୋଟାରୀ କ୍ଲବ୍ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ୭୦ଜଣ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ ବୋଲି ସୂଚନା ମିଳିଛି।

### ମହିଳାଙ୍କୁ ଅସଦାଚରଣ: ଜେଲ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୩୦।୫(ଡି.ଏନ.ଏ.)**

ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ଆକ୍ରମଣ କରିବ ଓ ତାଙ୍କ ସତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ପାଟପୁର ଥାନା ଧରମପୁରର କାମେଶ୍ୱର ପ୍ରଧାନ ଓରଫ ନାୟକ। ଥାନା ମାମଲା ନଂ.୧୮୪/୨୨ରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ରବିବାର ଏକ ଦମ୍ପତି ସାବିତ୍ରୀ ପାଇଁ ଡେଙ୍ଗାଓସ୍ତା ବଜାରରେ କିଣାକିଣି କରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାମେଶ୍ୱର ଠେଙ୍ଗାରେ ମହିଳାଙ୍କ ସ୍ୱାମୀଙ୍କୁ ପିଟିଥିଲେ।

# ବ୍ଲକସ୍ତରୀୟ ହକି ପ୍ରଶିକ୍ଷଣ ଶିବିର



ବ୍ଲକସ୍ତରୀୟ ହକି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ।

**ରାଇକିଆ,୩୦।୫(ଡି.ଏନ୍.ଏ.)**

ରାଇକିଆ ବିଜୟ ହାଇସ୍କୁଲ ଠାରେ ସୋମବାର ବ୍ଲକସ୍ତରୀୟ ହକି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ବିଦ୍ୟାଳୟସ୍ତରରୁ ଅଲମ୍ପିକ୍ସ ଖେଳ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ସହ ବିଭିନ୍ନ କ୍ରୀଡାରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ପ୍ରାଥମିକ ଭାବେ ରାଇକିଆ ବିଜୟ ହାଇସ୍କୁଲ ଠାରେ ହକି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୭ଟି ହାଇସ୍କୁଲର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ହକି ସମ୍ପର୍କିତ ବିଭିନ୍ନ କୌଶଳ, ନିୟମାବଳୀ ସମ୍ପର୍କରେ ସେମାନଙ୍କୁ ତାଲିମ ଦିଆଯାଇଥିଲା। ହକି ପାଇଁ ସ୍ୱତନ୍ତ୍ର ତାଲିମଦାତା ଭୁବନେଶ୍ୱରରୁ ଆସିଥିଲେ। ଜିଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର ମହାକୁଡ, ଜିଲା କ୍ରୀଡ଼ା ନିରୀକ୍ଷକ କୈଳାଶ ବେହେରା, ବିଜୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ, କ୍ରୀଡା ଶିକ୍ଷକ କାର୍ତ୍ତିକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବଢ଼ିଚାଲିଛି ଦୁର୍ଘଟଣା: ଡିଭାଇଡର ନେଲା ପୁଣି ଜଣଙ୍କ ଜୀବନ

**ପୁରୁଷୋତ୍ତମପୁର,୩୦।୫(ଡି.ଏନ.ଏ.)**



ମୁଖ୍ୟ ରାସ୍ତାର ଡିଭାଇଡର ଖୋଲା ଥିବା ସ୍ଥାନ ।

ପୁରୁଷୋତ୍ତମପୁର ଏନ୍ଏସିର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା କୁମାରୀଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଛକ ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତା ମଝିରେ ଲାଇଟ୍ ଲଗାଇବା ଲାଗି ଡିଭାଇଡରରେ ଥିବା ଖୋଲା ସ୍ଥାନ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହା ଦ୍ୱାରା ଗୋଟିଏ ପରେ ଗୋଟିଏ ମୁଣ୍ଡ ମୁଣ୍ଡ ଗଡି ଲୋକେ ମୃତ୍ୟୁ ମୁଖରେ ପଡୁଥିବା ବେଳେ ବହୁ ବ୍ୟକ୍ତି ଆହତ ହେଉଛନ୍ତି। ହେଲେ ଏଥିପ୍ରତି ଏନ୍ଏସି କି ପୂର୍ତ୍ତ ବିଭାଗ କାହାରି ହେଲେ ନିଘା ନାହିଁ। ଇତି ମଧ୍ୟରେ ପୁଣି ଦୁର୍ଘଟଣାରେ ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କୁମାରୀର ନକୁଳ ଦାସ। ନକୁଳଙ୍କ ଭଳି ଗତ ୨୦ତାରିଖରେ ପ୍ରସନ୍ନ ରାଉଳଙ୍କ ମୃତ୍ୟୁ ଘଟିଥିବା ବେଳେ ଗତ ବର୍ଷ ଫେବୃଆରୀ ୨୦ରେ କାଶୀନାଥ ପଣ୍ଡା ଓ ଏପ୍ରିଲ ୫ ରେ ଶିଶୁ ଗୋପାଳ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଥିଲା। ଏହା ସହ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ସହର ଦେଇ ଯାଇଥିବା ଆସ୍କା-ହୁମ୍ମା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ଶେଷ ହୋଇଥିଲେ ମଧ୍ୟ ଏହି ନବନିର୍ମିତ ଚାରି ଥାକିଆ ବିଶିଷ୍ଟ ରାସ୍ତା ମଝିରେ ଥିବା ଡିଭାଇଡରର ୮୭ ଗୋଟି ସ୍ଥାନରେ ଲାଇଟ୍ ଲଗାଇବା ଲାଗି ସ୍ଥାନ ଖୋଲା ଛଡାଯାଇଛି। ହେଲେ ସେଥି ମଧ୍ୟରେ ଏଯାବତ ଲାଇଟ୍ ଲଗାଯାଇ ନାହିଁ। ଫଳରେ ଉଭୟ ପାର୍ଶ୍ୱ ରାସ୍ତା ମଧ୍ୟରେ ଡିଭାଇଡର ଖୋଲା ପଡିଛି। ଏ ନେଇ ଦୀର୍ଘ ଦିନ ହେଲା ସହରବାସୀ ଏନ୍ଏସି ପ୍ରଶାସନ ଓ ପୂର୍ତ୍ତ ବିଭାଗ ଠାରେ ଦାବି କରୁଥିଲେ ମଧ୍ୟ କେହି ପଦକ୍ଷେପ ନେଉନାହାନ୍ତି। ଏହାକୁ ନେଇ ଏଠାରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗତ ୧୧ତାରିଖରେ ନବନିର୍ବାଚିତ ଜନ ପ୍ରତିନିଧିମାନେ ଏନ୍ଏସି କାଉନସିଲ ବୈଠକରେ ଏହାକୁ ନେଇ ଅଭିଯୋଗ ଉଠାଇ ସେଥିରେ ଲାଇଟ୍ ଲଗାଇବାକୁ ଦାବି କରିଥିଲେ। ଲାଇଟ୍ ଲଗାଇବା ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, ଏହି ଲାଇଟ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଇ ଏନ୍ଏସିକୁ ହସ୍ତାନ୍ତର କରାଯିବ। ଏନଏସି ଏହାର ରକ୍ଷଣାବେକ୍ଷଣ କରିବେ ଓ ବିଦ୍ୟୁତ ବିଲ ପୈଠ କରିବେ। ଏଥିନେଇ ଏନ୍ଏସି ଅଧିକାରୀ କୌଣସି ଲିଖିତ ଆକାରରେ ପ୍ରଦାନ କରୁନଥିବା ହେତୁ ଖୁଣ୍ଟ ପୋତି ଲାଇଟ ଲଗାଇବା ବିଳମ୍ବ ଘଟୁଛି। ଏହାକୁ ନେଇ ପିଡି ଡୁଡାଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାର କହିଥିବା ବେଳେ ଏନ୍ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ପଚାରିବାରେ ପୂର୍ତ୍ତ ବିଭାଗକୁ ଲାଇଟ୍ ଲଗାଇବା ସମ୍ପର୍କରେ ଗତ ଜାନୁଆରୀରେ ଏକ ଚିଠି ଦିଆଯାଇଥିବା ବେଳେ ପୁଣି ଏକ ଚିଠି ଚାରିଦିନ ତଳେ ଦିଆଯାଇଛି। ୧୫ ଦିନ ମଧ୍ୟରେ ଡିଭାଇଡରରେ ଲାଇଟ୍ ଲଗାଇ ଦିଆଯିବ ବୋଲି କହିଛନ୍ତି।